# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୯/୨୦୨୦ (୨୦ ପୃଷ୍ଠା) | Bhubaneswar, Monday, March 9/2020 | ★★★★

୪୬ଶ ଭାଗ ୧୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


### ହୋଲି ଶୁଭେଚ୍ଛା

ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

### ଧରିତ୍ରୀର ଛୁଟି

ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୦୯ ଓ ୧୦ ତାରିଖ ସୋମବାର ଏବଂ ମଙ୍ଗଳବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୧୨ ତାରିଖ ଗୁରୁବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

ଆଜି 'ୟେସ୍'
କାଲି 'ନୋ'

### ଆଜିର ମନ୍ତବ୍ୟ

"ମହିଳାମାନେ ସମାଜର ସ୍ତମ୍ଭ। ସେମାନେ ଆମର ଗର୍ବ।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଦେଶର ପୁଞ୍ଜିବଜାରରୁ ବିଦେଶୀ ନିବେଶକମାନେ ବର୍ତ୍ତମାନ ସୁଦ୍ଧା ୧୩,୧୫୭ କୋଟି ଟଙ୍କା ପ୍ରତ୍ୟାହାର କରିନେଇଛନ୍ତି। କରୋନା ଭାଇରସ ଯୋଗୁ ବିଦେଶୀ ନିବେଶକଙ୍କ ୬ ମାସର ନିବେଶ ଧାରା ଉପରେ ସାମାନ୍ୟ ପ୍ରଭାବ ପରିଲକ୍ଷିତ ହୋଇଛି।

ଷ୍ଟକ ବଜାର ଡିପୋଜିଟୋରୀ ଡାଟା















ମୁଁ କୌଣସି ଧର୍ମରେ ବିଶ୍ୱାସ କରେନି। ଧର୍ମ କେବଳ ଗୋଟିଏ, ତାହା ଭାରତୀୟ। ମୁଁ କେବଳ ଭାରତୀୟତାରେ ବିଶ୍ୱାସ କରେ। ଆଗାମୀ ଚଳଚ୍ଚିତ୍ର 'ସୂର୍ଯ୍ୟବଂଶୀ'ରେ ତାହା ପ୍ରତିଫଳିତ ହୋଇଛି।
-ଅକ୍ଷୟ କୁମାର, ବଲିଉଡ୍ ସୁପର ଷ୍ଟାର



# ଗାନ୍ଧୀ ପରିବାର ସହ ରାଣାଙ୍କ ସମ୍ପର୍କ

**ନୂଆଦିଲ୍ଲୀ,୮।୩**

ମନିଲଣ୍ଡରିଂ ନିବାରଣ ଆଇନ ବଳରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ରବିବାର ଭୋର ୩ଟାରେ ଗିରଫ ହୋଇଥିବା ୟେସ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁରଙ୍କୁ ନେଇ ଅନେକ ରୋଚକ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ରାଣା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଏକ ପେଣ୍ଟିଂକୁ ୨ କୋଟି ଟଙ୍କାରେ କିଣିଥିଲେ। ଆୟକର ବିଭାଗ ପକ୍ଷରୁ ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ ହେବା ପରେ ଗାନ୍ଧୀ ପରିବାର ସହ ତାଙ୍କ ସମ୍ପର୍କ ପଦାରେ ପଡ଼ିଛି। ଏହାକୁ ନେଇ ଭାଜପା-କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହେବା ସହ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି।

୬୨ ବର୍ଷୀୟ ୟେସ ବ୍ୟାଙ୍କ ପ୍ରମୋଟର ରାଣା କପୁରଙ୍କୁ ଆର୍ଥିକ ଅନିୟମିତତା ଅଭିଯୋଗରେ ଇଡି ଶୁକ୍ରବାରଠାରୁ ୩୦ ଘଣ୍ଟା ଧରି ଜେରା କରିଥିଲା। ମୁମ୍ବାଇ ଅଫିସରେ ପଚରାଉଚରା ବେଳେ ମିଳିଥିବା ସୂଚନାନୁସାରେ ଗାନ୍ଧୀ ପରିବାରର ଅନ୍ୟତମ ଦାୟାଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ରାଣାଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି। ପ୍ରିୟଙ୍କାଙ୍କଠାରୁ ରାଣା ଏକ ପେଣ୍ଟିଂକୁ ୨ କୋଟି ଟଙ୍କାରେ କିଣିଥିଲେ। ତେବେ ଭାରତୀୟ ରାଜନୀତିର ଏହି ବିଶିଷ୍ଟ ପରିବାର ସହ ରାଣା ଆଉ କ'ଣ ସବୁ କାରବାର କରିଥିଲେ ତାହା ସ୍ପଷ୍ଟ କରିବା ଲାଗି ତଦନ୍ତକାରୀ ସଂସ୍ଥାଗୁଡ଼ିକ ତନାଘନା ଚଳାଇଛନ୍ତି। ୟେସ ବ୍ୟାଙ୍କ ସଙ୍କଟକୁ ନେଇ କେନ୍ଦ୍ର ସରକାରଙ୍କୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରୁଥିବାବେଳେ ସଦ୍ୟ ପ୍ରଘଟ ଗାନ୍ଧୀ ପରିବାରକୁ ଅଡ଼ୁଆରେ ପକାଇଛି। ଭାରତର ସମସ୍ତ ଆର୍ଥିକ ଅପରାଧ ସହ ଗାନ୍ଧୀ ପରିବାରର ଗଭୀର ସମ୍ପର୍କ ରହିଛି ବୋଲି ଭାଜପା ନେତା ଅମିତ ମାଲବ୍ୟ ଟୁଇଟ୍ କରିଛନ୍ତି। ଭାଜପାର ସୂଚନା ଓ ପ୍ରଯୁକ୍ତିବିଦ୍ୟା ଶାଖା ପ୍ରଭାରୀ ମାଲବ୍ୟ ଅଭିଯୋଗ ଆଣିଛନ୍ତି ଯେ କିଙ୍ଗ୍‌ଫିଶର ଏୟାରଲାଇନ୍ସର ମାଲିକ ତଥା ମଦ ବ୍ୟବସାୟୀ ବିଜୟ ମାଲ୍ୟା କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ଫ୍ଲାଇଟ୍ ଟିକେଟ ପଠାଉଥିଲେ। ଏପରି କି ମନମୋହନ ସିଂ (ଏମ୍‌ଏମ୍‌ଏସ୍) ଏବଂ ପି. ଚିଦାମ୍ବରମ (ପିସି)ଙ୍କ ସହ ମଧ୍ୟ ପଳାତକ ମାଲ୍ୟାଙ୍କ ସମ୍ପର୍କ ଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପଳାତକ ଅଳଙ୍କାର ବ୍ୟବସାୟୀ ନୀରବ ମୋଦିଙ୍କ ବ୍ରାଇଡାଲ ଜୁଏଲେରି କଲେକ୍ସନ୍‌ର ଉଦ୍‌ଘାଟନ କରିଥିଲେ। ଏବେ ପ୍ରିୟଙ୍କାଙ୍କ ପେଣ୍ଟିଂକୁ ରାଣା କିଣିଥିବା ବିଷୟ ସାମ୍ନାକୁ ଆସିଛି ବୋଲି ମାଲବ୍ୟ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଭାଜପାର ଏହି ଅଭିଯୋଗକୁ କଂଗ୍ରେସ ପକ୍ଷରୁ ଖଣ୍ଡନ କରାଯାଇଛି।

## ୨ କୋଟିରେ କିଣିଥିଲେ ପ୍ରିୟଙ୍କାଙ୍କ ପେଣ୍ଟିଂ



ରାଣା କପୁର



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

## ଖଣ୍ଡନ କଲା କଂଗ୍ରେସ



ଅଭିଷେକ ମନୁ ସିଂଘଭୀ

**ନୂଆଦିଲ୍ଲୀ,୮।୩:** ଭାଜପା ପକ୍ଷରୁ ଗାନ୍ଧୀ ପରିବାର ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ବରିଷ୍ଠ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭୀ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ସରକାର ନିଜ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏଭଳି କୌଶଳ ଅବଲମ୍ବନ କରୁଛନ୍ତି। ୨୦୧୪ ମାର୍ଚ୍ଚରେ ୟେସ ବ୍ୟାଙ୍କର ଋଣ ୫୫,୬୩୩ କୋଟି ଟଙ୍କାରେ ପହଞ୍ଚିଥିଲା। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରଠୁ ୨୦୧୯ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ପରିମାଣ ୨,୪୧,୪୯୯ କୋଟି ଟଙ୍କାରେ ପହଞ୍ଚିଥିଲା। ବିମୁଦ୍ରୀକରଣର ଦୁଇବର୍ଷ ପରେ ଲୋନ୍ ବୁକ୍‌ରେ ୧୦୦% କାହିଁକି ବୃଦ୍ଧି ପାଇଲା? ୨୦୧୬ ମାର୍ଚ୍ଚରେ ବ୍ୟାଙ୍କର ଋଣ ପରିମାଣ ୯୮,୨୧୦ କୋଟି ଟଙ୍କା ଥିବାବେଳେ ୨୦୧୮ ମାର୍ଚ୍ଚରେ ଏହା ୨,୦୩,୫୩୪ କୋଟିରେ ପହଞ୍ଚିଥିଲା। ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଶୋଇଥିଲେ କି ? ଯଦି ଶୋଇ ନ ଥିଲେ ତେବେ ଜାଣିଶୁଣି ବ୍ୟାଙ୍କକୁ ପ୍ରଶ୍ରୟ ଦେଉଥିଲେ କି ବୋଲି ସିଂଘଭୀ ପ୍ରଶ୍ନ କରିଛନ୍ତି। ସେହିପରି ପ୍ରିୟଙ୍କାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ ସିଂଘଭୀ କହିଛନ୍ତି, ପ୍ରଖ୍ୟାତ ଚିତ୍ରକର ଏମ୍.ଏଫ୍. ହୁସେନ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପାଇଁ ଏକ ପେଣ୍ଟିଂ କରିଥିଲେ। ରାଜୀବଙ୍କ ଝିଅ ପ୍ରିୟଙ୍କା ଉକ୍ତ ପେଣ୍ଟିଂକୁ ରାଣା କପୁରଙ୍କୁ ୨ କୋଟି ଟଙ୍କାରେ ବିକ୍ରି କରିଥିଲେ। କଂଗ୍ରେସ ନେତ୍ରୀ ଏହି ଅର୍ଥ ଚେକ୍ ଆକାରରେ ନେଇଥିଲେ। ୨୦୧୦ରେ ପ୍ରିୟଙ୍କା ଆୟକର ରିଟର୍ନ ଦାଖଲ ବେଳେ ଏନେଇ ବିଭାଗକୁ ଜଣାଇଥିଲେ। ତେଣୁ ଭାଜପା ପକ୍ଷରୁ ଅଣାଯାଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ।




ଅନ୍ତର୍ଜାତୀୟ ମହିଳା ଦିବସରେ ମେହେନ୍ଦିରେ ନିଜ ପାପୁଲିରେ ସିଏଏ, ଏନ୍‌ଆରସି, ଏନ୍‌ପିଆର ବିରୋଧୀ ସ୍ଲୋଗାନ ଲେଖାଉଛନ୍ତି ବେଙ୍ଗାଲୁରୁସ୍ଥିତ ବିଲାଲ୍ ବାଗର ଜଣେ ଯୁବତୀ।

## ସଂକ୍ଷେପରେ

### ୭୦୦ ମାମଲା, ୨୪୦୦ ଗିରଫ

**ନୂଆଦିଲ୍ଲୀ,୮।୩(ପି.ଟି.):** ଦିଲ୍ଲୀରେ ନିକଟରେ ସିଏଏକୁ ନେଇ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାରେ ୭୦୨ ମାମଲା ଦାଏର କରାଯାଇଛି। ସେଥିରୁ ୪୯ ହେଉଛି ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା ମାମଲା। ଏହାସହ ହିଂସାକାଣ୍ଡ ଭିଆଇବା ଅଭିଯୋଗରେ ବିଭିନ୍ନ ସ୍ଥାନରୁ ୨,୪୦୦ ଜଣଙ୍କୁ ଅଟକ କିମ୍ବା ଗିରଫ କରାଯାଇଛି। ଉତ୍ତର-ପୂର୍ବ ଦିଲ୍ଲୀର ଦଙ୍ଗା ପ୍ରଭାବିତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ୨୮୩ ଅମନ କମିଟି ଗଠନ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ଚାକିରି ମାଗିବାରୁ ଲାଠିମାଡ଼



**ପଟିଆଲା,୮।୩(ଆଇଏଏନ୍‌ଏସ୍):** ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ରାଜ୍ୟର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ଦର୍ଶାଇ ରବିବାର ପଟିଆଲାସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିଯୁକ୍ତି ଦାବିରେ ବହୁସଂଖ୍ୟକ ଯୁବତୀଯୁବକ ବିକ୍ଷୋଭ କରୁଥିବାବେଳେ ସେମାନଙ୍କ ଉପରେ ପୋଲିସ ଲାଠିମାଡ଼ କରିଛି। ଏଥିରେ ଅନେକେ ଆହତ ହୋଇଛନ୍ତି। ଏପରି କି ପୋଲିସ ଅନେକ ମହିଳା ବିକ୍ଷୋଭକାରୀଙ୍କ ଚୁଟିଟାଣି ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗ ହୋଇଛି।

# 'ସୌଦି ରାଜା ମୃତ କିମ୍ବା ମୃତ୍ୟୁଶଯ୍ୟାରେ'

**ରିୟାଧ,୮।୩(ଆଇଏଏନ୍‌ଏସ୍)**



ସୌଦି ଆରବରେ ବିଦ୍ରୋହ ଉଦ୍ୟମ ଅଭିଯୋଗରେ ରାଜ ପରିବାରର ୩ ଜଣଙ୍କୁ ଅଟକ ରଖାଯିବା ପରେ ୮୪ ବର୍ଷୀୟ ରାଜାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଫଳରେ ରବିବାର ରାଜା ସଲ୍‌ମାନଙ୍କ ଫଟୋ ଛଡ଼ାଯାଇଛି। ଫଟୋରେ ରାଜା ୟୁକ୍ରେନ ଓ ଉରୁଗୁଏ ପାଇଁ ନିଯୁକ୍ତ ନୂଆ ରାଷ୍ଟ୍ରଦୂତଙ୍କ ଶପଥ ଉତ୍ସବରେ ପୌରୋହିତ୍ୟ କରୁଥିବା ଦେଖାଯାଇଛି। ଅନ୍ୟପକ୍ଷରେ ରାଜା ସମ୍ଭବତଃ ମୃତ କିମ୍ବା ମୃତ୍ୟୁଶଯ୍ୟାରେ ବୋଲି ଟୁଇଟର ଆକ୍ଟିଭିଷ୍ଟ ତଥା ସୌଦି ହ୍ୱିସିଲ୍‌ବ୍ଲୋୟର ମୁଜ୍‌ତାହିଦ ଦାବି କରିଛନ୍ତି। ଇରାନର ଏକ ଗଣମାଧ୍ୟମ ଏହା ପ୍ରକାଶ କରିଛି। ବିଦ୍ରୋହ ଆଶଙ୍କାରେ ଶନିବାର ରାଜାଙ୍କ ଭାଇ ପ୍ରିନ୍ସ ଅହମଦ ବିନ୍ ଅବଦୁଲାଜିଜ୍ ଅଲ୍-ସୌଦ୍ ଏବଂ ପୁତୁରା ପ୍ରିନ୍ସ ମହମ୍ମଦ ବିନ୍ ନାୟେଫ୍‌ଙ୍କ ସମେତ ୩ ଜଣଙ୍କୁ ସୌଦି କର୍ତ୍ତୃପକ୍ଷ ଅଟକ ରଖିବା ଖବର ପ୍ରକାଶ ପାଇବା ପରେ ମୁଜତାହିଦ ଉପରୋକ୍ତ ପୋଷ୍ଟ କରିଛନ୍ତି। ରାଜାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ସେ ବାହାରକୁ ଯାଇପାରୁନାହାନ୍ତି ବୋଲି ରାଜପ୍ରାସାଦ କର୍ମଚାରୀ ଓ ସୁରକ୍ଷା କର୍ମୀଙ୍କଠାରୁ ଜଣାପଡିଛି। ତେଣୁ ରାଜାଙ୍କ ତରଫରୁ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ରାଜାଙ୍କ ପଦତ୍ୟାଗ ଓ ନିଜକୁ ତାଙ୍କର ଉତ୍ତରାଧିକାରୀ ଘୋଷଣା କରିପାରନ୍ତି ବୋଲି ହ୍ୱିସିଲ୍‌ବ୍ଲୋୟର କହିଛନ୍ତି।

# ୧୫ ମହିଳାଙ୍କୁ ମିଳିଲା ନାରୀଶକ୍ତି ପୁରସ୍କାର

**ନୂଆଦିଲ୍ଲୀ,୮।୩(ପି.ଟି.)**



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ନାରୀ ଶକ୍ତି ପୁରସ୍କାର ଗ୍ରହଣ କରୁଛନ୍ତି କ୍ଲାସିକାଲ ଭୋକାଲିଷ୍ଟ କୌଶିକୀ ଚକ୍ରବର୍ତ୍ତୀ। ପାଖରେ ଅଛନ୍ତି ଫାଷ୍ଟ ଲେଡି ସବିତା କୋବିନ୍ଦ ଓ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦେଶର ୧୫ ଜଣ ମହିଳାଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନାରୀ ଶକ୍ତି ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି ମହିଳାମାନେ ସେମାନଙ୍କ ଅବଦାନ ବଳରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିଛନ୍ତି। ମହିଳା ସଶକ୍ତିକରଣ ଓ ସାମାଜିକ କଲ୍ୟାଣ ଲାଗି ଅନବରତ ସେବାର ସ୍ୱୀକୃତି ସ୍ୱରୂପ ପ୍ରତିବର୍ଷ ସରକାର ନାରୀଶକ୍ତି ପୁରସ୍କାର ପ୍ରଦାନ କରିଥାନ୍ତି।

ଛତୁଚାଷକୁ ଲୋକପ୍ରିୟ କରି 'ମସ୍‌ରୁମ ମହିଳା'ର ପରିଚୟ ହାସଲ କରିଥିବା ବୀଣା ଦେବୀଙ୍କୁ ପୁରସ୍କୃତ କରାଯାଇଛି। ସରପଞ୍ଚ ଥିବା ବୀଣା ଦେବୀ କୃଷକମାନଙ୍କୁ ଛତୁଚାଷ, ଜୈବ କୃଷି ତାଲିମ ଦେବା ସହ ଘରେ କିପରି ଜିଆଖତ, ଜୈବ କୀଟନାଶକ ଉତ୍ପାଦନ କରିହେବ ତାହା ଶିଖାଇଥାନ୍ତି। ସେହିପରି 'ଚଣ୍ଡିଗଡ଼ର ବିସ୍ମୟ' ଭାବେ ପରିଚିତ ୧୦୩ ବର୍ଷୀୟ ମାନ୍ କୌରଙ୍କୁ ନାରୀଶକ୍ତି ପୁରସ୍କାର ମିଳିଛି। ସେ ୯୩ ବର୍ଷ ବୟସରେ କ୍ରୀଡାରେ କ୍ୟାରିୟର ଆରମ୍ଭ କରି ପୋଲାଣ୍ଡରେ ଖେଳାଯାଇଥିବା ବିଶ୍ୱ ମାଷ୍ଟର୍ସ ଆଥଲେଟିକ ଚାମ୍ପିୟନ୍‌ଶିପ୍‌ରେ ୪ଟି ସ୍ୱର୍ଣ୍ଣ ଜିତିଛନ୍ତି। ୨୦୧୬ ଆମେରିକୀୟ ମାଷ୍ଟର୍ସ ଗେମ୍‌ରେ ସେ ବିଶ୍ୱର ଦ୍ରୁତତମ ଶତାୟୁ ଧାବିକା ହେବାର ରେକର୍ଡ ଅର୍ଜନ କରିଥିଲେ। ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ସହ ସେ ନିଜକୁ ସାମିଲ କରିଛନ୍ତି। ପୁରସ୍କୃତ ଅନ୍ୟ ଜଣେ ମହିଳା ହେଲେ ରାଜମିସ୍ତ୍ରି କଳାବତୀ ଦେବୀ। ଉତ୍ତରପ୍ରଦେଶର କାନପୁରରେ ବାହ୍ୟ ମଳତ୍ୟାଗ ରୋକିବାରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ସେ ୪୦୦୦ରୁ ଅଧିକ ପାଇଖାନା ନିର୍ମାଣ କରିବା ସହ ଘରକୁ ଘର ଯାଇ ପାଇଖାନା ବ୍ୟବହାର ନିମନ୍ତେ ସଚେତନତା ସୃଷ୍ଟି କରିଛନ୍ତି।

ଆଦିବାସୀ ମହିଳାମାନଙ୍କ ପାଇଁ କାର୍ଯ୍ୟ କରୁଥିବା ପାଦଲା ଭୂଦେବୀ, ହଜିଯାଇଥିବା ନୁମ୍‌ଧା ହସ୍ତଶିଳ୍ପ କଳାକୁ ଫେରାଇ ଆଣିଥିବା କଶ୍ମୀରର ଆରିଫା ଜାନ୍, ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ଝାଡ଼ଖଣ୍ଡର ଲେଡି ଟାର୍ଜନ ଭାବେ ପରିଚିତ ଚାମି ମୁର୍ମୁ, ଆଲ୍‌ଚି କିଚେନ ରେଷ୍ଟୁରାଣ୍ଟ ଚଳାଉଥିବା ନିଲଜା ୱାଙ୍ଗମୋ, ଅଟୋମୋଟିଭ ପେସାଦାର ରଶ୍ମି ଊର୍ଦ୍ଧ୍ୱାର୍ଦ୍ଦେଶ, ଏଭରେଷ୍ଟ ଆରୋହଣ କରିଥିବା ପ୍ରଥମ ଯମଜ ମହିଳା ଉତ୍ତରାଖଣ୍ଡର ତାଷୀ ଓ ନୁଙ୍ଗ୍‌ଶୀ ମଲିକ, କ୍ଲାସିକାଲ ଭୋକାଲିଷ୍ଟ କୌଶିକି ଚକ୍ରବର୍ତ୍ତୀ, ବାୟୁସେନାରେ ପ୍ରଥମ ମହିଳା ଯୋଦ୍ଧା ଅବନୀ ଚତୁର୍ବେଦୀ, ଭାୱାନା କାନ୍ତ, ମୋହନା ସିଂ ଜିତରୱାଲ ପୁରସ୍କୃତ ହୋଇଛନ୍ତି। ସେହିପରି ୧୦୫ ବର୍ଷରେ ଚତୁର୍ଥ ଶ୍ରେଣୀ ପାସ୍ କରିଥିବା ଭାଗୀରଥି ଆମ୍ମା ଓ ୯୮ ବର୍ଷୀୟା କାର୍ତ୍ୟାୟିନୀ ଆମ୍ମା ମଧ୍ୟ ପୁରସ୍କୃତ ହୋଇଛନ୍ତି।

## ନୂଆ ଦଳ ଗଢ଼ିଲେ ଅଲ୍‌ତାଫ ବୁଖାରୀ

**ଶ୍ରୀନଗର,୮।୩(ପି.ଟି.)**

ଜମ୍ମୁ-କଶ୍ମୀରର ପୂର୍ବତନ ଅର୍ଥମନ୍ତ୍ରୀ ଅଲ୍‌ତାଫ ବୁଖାରୀ ରବିବାର 'ଜମ୍ମୁ-କଶ୍ମୀର ଅପ୍‌ନି ପାର୍ଟି' (ଜେକେଏପି) ନାମରେ ନୂଆ ରାଜନୈତିକ ଦଳ ଗଠନ କରିଛନ୍ତି। ଏଥିରେ ବିଭିନ୍ନ ଆଞ୍ଚଳିକ ଓ ଜାତୀୟ ଦଳରୁ ୩୦ ଜଣ ନେତା ଯୋଗଦେଇଛନ୍ତି। ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ଫେରାଇଆଣିବା ଏବଂ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସ୍ଥାୟୀ ବାସିନ୍ଦା ଅଧିକାର ପ୍ରଦାନ କରିବା ନୂଆ ଦଳ ଗଠନର ଲକ୍ଷ୍ୟ ରଖାଯାଇଛି। ଏହି ଦଳ ସାଧାରଣ ଲୋକଙ୍କର, ସେମାନଙ୍କ ଦ୍ୱାରା ଓ ସେମାନଙ୍କ ପାଇଁ ବୋଲି ପୂର୍ବତନ ପିଡିପି ନେତା ବୁଖାରୀ କହିଛନ୍ତି। ତାଙ୍କ ଦଳ କାହାକୁ ମିଥ୍ୟା ପ୍ରତିଶ୍ରୁତି ଦେବ ନାହିଁ, କେବଳ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ବିଭକ୍ତ କରିଥିଲେ। ରାଜ୍ୟର ପୂର୍ବ ମାନ୍ୟତା ଓ ଗୌରବ ଫେରାଇ ଆଣିବା ଜେକେଏପିର ଲକ୍ଷ୍ୟ।

# ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଚଳାଇଲେ ୭ ମହିଳା

**ନୂଆଦିଲ୍ଲୀ,୮।୩(ପି.ଟି.)**

ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ଥିବା ୭ ଜଣ ମହିଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ବ୍ୟବହାର କରିବା ସୁଯୋଗ ପାଇଛନ୍ତି। ଜଳ ସଂରକ୍ଷଣଠାରୁ ଆରମ୍ଭ କରି ଭିନ୍ନକ୍ଷମମାନଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା ମହିଳାମାନଙ୍କୁ ଏହି ସୁଯୋଗ ମିଳିଛି। ପ୍ରଧାନମନ୍ତ୍ରୀ ସେମାନଙ୍କର ଏକ ଭିଡିଓ ଟୁଇଟର ଓ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଶେୟାର କରିବା ସହ ସେମାନଙ୍କ ସଫଳତାକୁ ନିଜ ଫେସ୍‌ବୁକ୍ ପେଜ୍‌ରେ ଶେୟାର କରିଛନ୍ତି। ଉକ୍ତ ମହିଳାମାନଙ୍କ ମଧ୍ୟରେ ଅଛନ୍ତି ସ୍ନେହା ମୋହନଦୋସ୍, ମାଳବିକା ଆୟେର, ଆରିଫା ଜାନ୍, କଳ୍ପନା ରମେଶ, ବିଜୟା ପାୱାର, କଳାବତୀ ଦେବୀ ଏବଂ ବୀଣା ଦେବୀ।

ଦେଶରୁ କ୍ଷୁଧା ଦୂର କରିବା ଲାଗି ସ୍ନେହା ଦେଶବିଦେଶର ସ୍ୱେଚ୍ଛାସେବୀମାନଙ୍କ ସହ ମିଶି ଫୁଡ୍‌ବ୍ୟାଙ୍କ ଇଣ୍ଡିଆ ଚଳାଉଛନ୍ତି। ୧୩ ବର୍ଷ ବୟସରେ ବୋମା ବିସ୍ଫୋରଣରେ ହାତ ପାଦ ହରାଇଥିବା ମାଳବିକା ନିଜର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ପାଇଁ ଜଣେ ପ୍ରେରଣାଦାୟକ ବକ୍ତା, ଭିନ୍ନକ୍ଷମ କର୍ମୀ ଓ ମଡେଲ ହୋଇପାରିଛନ୍ତି। କଶ୍ମୀରରେ ହଜିଯାଇଥିବା ପାରମ୍ପରିକ ହସ୍ତକଳାର ପୁନରୁଦ୍ଧାର କରିଥିବା ଆରିଫା, ଜଳ ସଂରକ୍ଷକ କଳ୍ପନା, ହସ୍ତଶିଳ୍ପର ପ୍ରସାରକ ବିଜୟା, ବାହ୍ୟ ମଳମୁକ୍ତ ସଚେତନତା ସୃଷ୍ଟି କରିଥିବା ମହିଳା ରାଜମିସ୍ତ୍ରି କଳାବତୀ, ଛତୁଚାଷର ପ୍ରସାର କରାଇଥିବା ବୀଣା ଦେବୀଙ୍କୁ ପ୍ରଧାନମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ବ୍ୟବହାର ପାଇଁ ପ୍ରଦାନ କରିଛନ୍ତି।

## ଦୁର୍ଘଟଣାରେ ୭ ମୃତ

**ଯୋଧପୁର,୮।୩**

ରାଜସ୍ଥାନର ଯୋଧପୁର ଜିଲାରେ ରବିବାର ଦୁଇଟି ମର୍ମନ୍ତୁଦ ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଛନ୍ତି। ଆଜମେର ଯାଉଥିବା ଏକ ବସ୍‌କୁ ଟ୍ରକ୍ ଧକ୍କା ଦେବାରୁ ୨ ମହିଳା ଯାତ୍ରୀଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି ଓ ୧୪ ଆହତ ହୋଇଛନ୍ତି। ଯୋଧପୁର-ଜୟପୁର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଥିଲା। ଆଜମେର-ଜୟପୁର ଜାତୀୟ ରାଜପଥରେ ଏକ ବସ୍ ଓଲଟି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ହେବା ସହ ୧୮ ଆହତ ହୋଇଛନ୍ତି। ବସ୍‌ଟି ଅହମଦାବାଦରୁ ଜୟପୁର ଯାଉଥିଲା।

## ଇତିହାସର ଆଇନାରେ

### ମାର୍ଚ୍ଚ ୯ର ପ୍ରମୁଖ ଘଟଣା

**ୟୁରୀ ଗାଗାରିନ୍‌ଙ୍କ ଜନ୍ମ**

୧୯୩୪ ମାର୍ଚ୍ଚ ୯ରେ ବିଶ୍ୱର ପ୍ରଥମ ମହାକାଶ ଯାତ୍ରୀ ସୋଭିଏତ୍ ରୁଷ୍‌ର ବାୟୁସେନା ପାଇଲଟ ୟୁରୀ ଗାଗାରିନ୍‌ଙ୍କ ଜନ୍ମ। ୧୯୬୧ ଏପ୍ରିଲ ୧୨ରେ ତାଙ୍କର ଭୋସ୍ତକ୧ ମହାକାଶ ଯାନ ପୃଥିବୀ ପରିକ୍ରମା କରିଥିଲା। ଏଥିପାଇଁ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ 'ହିରୋ ଅଫ୍ ଦି ସୋଭିଏତ୍ ୟୁନିୟନ'ରେ ସମ୍ମାନିତ କରାଯାଇଥିଲା।

**ଟୋକିଓ ଉପରେ ବୋମାମାଡ଼**

୧୯୪୫ ମାର୍ଚ୍ଚ ୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବାବେଳେ ଟୋକିଓ ଉପରେ ଆମେରିକା ପ୍ରଥମ ବୋମା ପକାଇଥିଲା। ଏହି ସିରିଜ ବୋମାମାଡ଼ରେ ଟୋକିଓର ୪୧ ବର୍ଗ କିଲୋମିଟର ଅଞ୍ଚଳ ଧ୍ୱଂସ ହେବା ସହ ଲକ୍ଷେ ଲୋକଙ୍କ ମୃତ୍ୟୁ ଘଟିଥିଲା। ୧୦ ଲକ୍ଷ ଲୋକ ବାସହରା ହୋଇଥିଲେ।

# କରୋନା: ବିଦେଶୀଙ୍କୁ ଅରୁଣାଚଳ ମନା

**ଥିରୁଭାନନ୍ତପୁରମ୍,୮।୩(ପି.ଟି.)**

କେରଳରୁ ଆଉ ୫ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଦେଶରେ ରୋଗୀସଂଖ୍ୟା ୩୯କୁ ବୃଦ୍ଧି ପାଇଛି। କେରଳର ପଥନାମଥିଟ୍ଟା ଜିଲାରୁ ଚିହ୍ନଟ ୫ ରୋଗୀଙ୍କ ମଧ୍ୟରୁ ୩ ଜଣ ଫେବୃୟାରୀ ୨୯ରେ ଇଟାଲୀରୁ ଫେରିଥିଲେ। ଅନ୍ୟ ଦୁଇଜଣ ସେମାନଙ୍କ ସମ୍ପର୍କୀୟ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜା କହିଛନ୍ତି। ୫ ଜଣଙ୍କୁ ପଥନାମଥିଟ୍ଟା ଜେନେରାଲ ହସ୍ପିଟାଲରେ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଭାରତରେ ପ୍ରଥମ ୩ କରୋନା ରୋଗୀ କେରଳରୁ ଚିହ୍ନଟ ହୋଇଥିଲେ। ସେମାନେ ଚାଇନାର ଉହାନରେ ଡାକ୍ତରୀ ପାଠ ପଢୁଥିଲେ। ଏବେ ସେମାନେ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଦେଶରେ କରୋନା ସଂକ୍ରମଣ ବଢୁଥିବାରୁ ଅରୁଣାଚଳପ୍ରଦେଶ ସରକାର ରାଜ୍ୟରେ ବିଦେଶୀ ପ୍ରବେଶ ଉପରେ ସାମୟିକ ଭାବେ କଟକଣା ଲାଗୁ କରିଛନ୍ତି। ଚାଇନା ସୀମାକୁ ଲାଗିଥିବା ଏହି ରାଜ୍ୟରେ ପ୍ରବେଶ ପାଇଁ ବିଦେଶୀଙ୍କୁ ସୁରକ୍ଷିତ ଅଞ୍ଚଳ ଅନୁମତି (ପିଏପି) ଆବଶ୍ୟକ ପଡ଼ିଥାଏ। ଏବେ ପିଏପି ଇସ୍ୟୁ ବନ୍ଦ କରିବାକୁ କୁହାଯାଇଛି।

## କେରଳରେ ଆଉ ୫ ସଂକ୍ରମିତ



ପଞ୍ଜାବର ଅମୃତସରରେ ଫ୍ୟାକ୍ଟ୍ରି କର୍ମଚାରୀମାନେ ମାସ୍କ ପିନ୍ଧିଛନ୍ତି।

## ନ୍ୟୁୟର୍କରେ ସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଜାରି

**ଲସ୍ ଆଞ୍ଜେଲ୍ସ,୮।୩(ପି.ଟି.)**

ଆମେରିକାରେ କରୋନା ରୋଗୀ ସଂଖ୍ୟା ୪୦୦ ଟପିଥିବାବେଳେ ୧୯ ଜଣଙ୍କ ମୃତ୍ୟୁ ହେଲାଣି। ନ୍ୟୁୟର୍କ ପକ୍ଷରୁ ସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଘୋଷଣା କରାଯାଇଛି। କରୋନା ସଂକ୍ରମିତ ହୋଇଥିବା ଆମେରିକାର ଗ୍ରାଣ୍ଡ ପ୍ରିନ୍ସେସ୍ ଜାହାଜ ସାନ୍ ଫ୍ରାନ୍ସିସ୍କୋ ଉପକୂଳଠାରୁ କିଛି ଦୂରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜାହାଜରେ ୨୧ ଜଣ କରୋନା ସଂକ୍ରମିତ ଥିବା ଜଣାପଡିଛି। ଏହା ଅକଲାଣ୍ଡ ନ ଯାଇ ସଂକ୍ରମିତ ରୋଗୀଙ୍କୁ ଚିକିତ୍ସା ପାଇଁ ପଠାଯିବ ବୋଲି ଜାହାଜ କର୍ତ୍ତୃପକ୍ଷ କହିଛନ୍ତି।

## ହୋଟେଲ ଭୁଶୁଡ଼ି ୧୦ ମୃତ



**ବେଜିଂ,୮।୩:** ଚାଇନାର ଫୁଜିଆନ ପ୍ରଦେଶରେ ଏକ ହୋଟେଲ ଭୁଶୁଡ଼ି ପଡ଼ିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଏହି ହୋଟେଲକୁ କରୋନା ସନ୍ଦିଗ୍ଧଙ୍କ ନିମନ୍ତେ କ୍ୱାରାଣ୍ଟାଇନ କେନ୍ଦ୍ର ଭାବେ ବ୍ୟବହାର କରାଯାଉଥିଲା। କୁଆନ୍‌ଝୋଉ ସହରରେ ଥିବା ଉକ୍ତ ହୋଟେଲ ଶନିବାର ରାତିରେ ଭୁଶୁଡ଼ି ପଡ଼ିବାରୁ ଭଗ୍ନାବଶେଷ ତଳେ ପାଖାପାଖି ୭୧ ଜଣ ଫସି ରହିଯାଇଥିଲେ। ସେମାନଙ୍କର ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କଠାରେ କରୋନା ଭୂତାଣୁ ନ ଥିବା ପରୀକ୍ଷାରୁ ଜଣାପଡିଛି। ହୋଟେଲ ମାଲିକଙ୍କୁ ଅଟକ ରଖାଯାଇଛି।

## ଇରାନରେ ଦିନକରେ ୪୯ ମୃତ

**ତେହେରାନ,୮।୩(ଏଏଫ୍‌ପି):** ଇରାନରେ ଗତ ୨୪ ଘଣ୍ଟା ମଧ୍ୟରେ ୪୯ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଦିନରେ ଏହା ସର୍ବାଧିକ ମୃତ୍ୟୁ। ଏହାକୁ ମିଶାଇ ସେଠାରେ ମୃତ୍ୟୁସଂଖ୍ୟା ୧୯୪ରେ ପହଞ୍ଚିଛି, ଯାହାକି ଚାଇନା ପରେ ଦ୍ୱିତୀୟ ସର୍ବାଧିକ। ଇରାନର ୩୧ ପ୍ରଦେଶରେ ମୋଟ ରୋଗୀ ସଂଖ୍ୟା ୬୫୬୬ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୯/୨୦୨୦ | Bhubaneswar, Monday, March 9/2020 | ପୃଷ୍ଠା-୧



**ଭାଗନେବାକୁ ପ୍ରମୋଦ ଆଶାୟୀ**
ବିଶ୍ୱ ର୍ୟାଙ୍କିଙ୍ଗ୍ ଓ ନିଜ ପଏଣ୍ଟ ଦୃଷ୍ଟିରୁ ଆଗାମୀ ଟୋକିଓ ପାରା ଅଲିମ୍ପିକ୍ସରେ ଭାଗନେବାକୁ ଦୃଢ଼ ଆଶା ପୋଷଣ କରିଛନ୍ତି ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ। ୧୭

୦୭ **ଧର୍ମେନ୍ଦ୍ରଙ୍କ 'ହି-ମ୍ୟାନ୍' ରେଷ୍ଟୁରାଣ୍ଟ ସିଲ୍**
ଅଭିନେତା ଧର୍ମେନ୍ଦ୍ରଙ୍କ ହରିୟାଣାର କରନାଲସ୍ଥିତ 'ହି-ମ୍ୟାନ୍' ରେଷ୍ଟୁରାଣ୍ଟକୁ ବେଆଇନ ଭାବେ ଗଢ଼ାଯାଇଥିବା ଦର୍ଶାଇ ସିଲ୍ କରିଦିଆଯାଇଛି।



# ମହିଳାଙ୍କୁ ଉତ୍ସର୍ଗ ମିଶନ ଶକ୍ତି

- ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ମହିଳା ଓ ଶିଶୁ ବିକାଶଠାରୁ ଅଲଗା ହୋଇ ସ୍ୱତନ୍ତ୍ର ବିଭାଗ ହେଲା
- ସଶକ୍ତୀକରଣ ସହ ପୋଷଣକୁ ଗୁରୁତ୍ୱ

ଭୁବନେଶ୍ୱର,୮।୩(ବ୍ୟୁରୋ)

ବିଗତ ଦୁଇ ଦଶନ୍ଧିରେ ଓଡ଼ିଶା ନାରୀ ସଶକ୍ତୀକରଣ ସମ୍ପର୍କିତ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ବିଶେଷ କରି ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ଗଠନ ଏବଂ ମମତା, ଖୁସି ପରି ଯୋଜନା ଓଡ଼ିଆ ନାରୀଙ୍କୁ ଭିନ୍ନ ପରିଚୟ ଦେଇଛି। ଏହି ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ହୋଇ ଆସୁଥିଲା। ହେଲେ ଏବେ ରାଜ୍ୟର କୋଟି କୋଟି ମହିଳାଙ୍କ ସଶକ୍ତୀକରଣକୁ ଲକ୍ଷ୍ୟ ରଖି 'ମିଶନ ଶକ୍ତି' ବିଭାଗକୁ ସ୍ୱତନ୍ତ୍ର ବିଭାଗ ଭାବେ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଲୋକସେବା ଭବନର କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ସ୍ୱୟଂ ସହାୟିକା ଏବଂ ସବୁ ବର୍ଗର ମହିଳାଙ୍କ ପାଇଁ ମିଶନ ଶକ୍ତିକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରି ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯିବା ସାରା ଦେଶରେ ପ୍ରଥମ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଦ୍ୱାରା ମିଶନ ଶକ୍ତି ବିଭାଗ ମହିଳା ଓ ଶିଶୁ କଲ୍ୟାଣ ବିଭାଗଠାରୁ ଅଲଗା ହୋଇଛି।

ମହିଳା ଦିବସ ଅବସରରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହିଳା ସଶକ୍ତୀକରଣରେ ଓଡ଼ିଶା ଏକ ଆଗୁଆ ରାଜ୍ୟ। ବିକାଶ କ୍ଷେତ୍ରରେ ମା' ମାନେ ସବୁଠୁ ଆଗରେ। ମା' ମାନଙ୍କର ସଂଗ୍ରାମ, ଆତ୍ମବିଶ୍ୱାସ ଓ ସଫଳତା ସମସ୍ତଙ୍କୁ ଆହ୍ଲାଦିତ କରିଛି। ୭୦ ଲକ୍ଷ ମା' ମାନଙ୍କୁ ନେଇ ମିଶନ୍ ଶକ୍ତି, ମମତା କାର୍ଯ୍ୟକ୍ରମ ଓ ପଞ୍ଚାୟତିରାଜ ନିର୍ବାଚନ ବ୍ୟବସ୍ଥାରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରାଜ୍ୟର ନାରୀମାନଙ୍କ ସାମାଜିକ ଓ ଅର୍ଥନୈତିକ ଉତ୍ଥାନରେ ସହାୟକ ହୋଇଛି। କ୍ରୀଡ଼ାଠାରୁ ଆରମ୍ଭ କରି ଉଦ୍ୟୋଗ ସବୁଥିରେ ମା' ମାନଙ୍କ ସଫଳତା ପ୍ରେରଣାଦାୟୀ। ସରକାର ସବୁବେଳେ ନାରୀ ସଶକ୍ତୀକରଣକୁ ଗୁରୁତ୍ୱ ଦେଇଛନ୍ତି। ସରକାର ନୂତନ ଭାବେ ସ୍ୱତନ୍ତ୍ର ପୋଷଣ ବଜେଟ୍ ଆଗତ କରିଛନ୍ତି। ମା ଓ ଶିଶୁମାନଙ୍କ ପୋଷଣ ବିକାଶରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆଇ ଆମ୍ ଜେନେରେଶନ୍ ଇକ୍ୱାଲିଟି ; ରିଅଲାଇଜିଂ ୱେମନ୍ସ ରାଇଟ୍'। ଓଡ଼ିଶାର ଝିଅ ଓ ମା'ମାନେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ଦୂତୀ ଚାନ୍ଦ, ପ୍ରତିଭା ରାୟ ଓ ନନ୍ଦିତା ଦାସଙ୍କ ଭଳି ମହିଳାମାନେ ଦେଶ ବିଦେଶରେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହି ମହିଳାମାନେ ସାରା ଦେଶର ନାରୀମାନଙ୍କ ପାଇଁ ଆଦର୍ଶ। ମା' ମାନଙ୍କ ଅଧିକାର, ହକ୍ ଓ ମା' ମାନଙ୍କ କଲ୍ୟାଣ ପାଇଁ ସରକାର ପ୍ରତିବଦ୍ଧତା ସହ କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩ଟି ଶ୍ରେଷ୍ଠ ଆଇସିଡିଏସ୍ ଭାବେ ମୟୂରଭଞ୍ଜ,ଢେଙ୍କାନାଳ ଓ ଗଜପତି ଜିଲାକୁ ପୁରସ୍କୃତ କରାଯାଇଥିଲା। ଏହା ବ୍ୟତୀତ ଶ୍ରେଷ୍ଠ ସ୍ୱୟଂ ସହାୟିକା ଗୋଷ୍ଠୀ, ଶ୍ରେଷ୍ଠ ବ୍ୟାଙ୍କ(ଏସ୍‌ବିଆଇ, ରାଜ୍ୟ ସମବାୟ ବ୍ୟାଙ୍କ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ)କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତି ବେହେରା, ବିଭାଗୀୟ ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଉପଦେଷ୍ଟା ସୁଲତା ଦେଓ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ମହିଳା ଓ ଶିଶୁ ବିକାଶ ସଚିବ ଅନୁ ଗର୍ଗ, ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ପ୍ରମୁଖ ଉପସ୍ଥିତ ରହିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଲ୍ଲେଖନୀୟ ଅବଦାନ ପାଇଁ ଜଣେ ମହିଳାଙ୍କୁ ପୁରସ୍କୃତ କରୁଛନ୍ତି।

## ଦିଲ୍ଲୀକୁ ଲମ୍ବିଛି ଆଇଏସ୍ ଚେର



ହିନା ବଶିର ବେଗ୍



ଜାହାନଜେବ ସାମି

### କଶ୍ମୀରୀ ଦମ୍ପତି ଗିରଫ

ନୂଆଦିଲ୍ଲୀ,୮।୩

ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସହ ସମ୍ପୃକ୍ତି ଅଭିଯୋଗରେ ଦିଲ୍ଲୀର ଏକ କଶ୍ମୀରୀ ଦମ୍ପତି ଗିରଫ ହୋଇଛନ୍ତି। ସେମାନେ ହେଲେ ଜାହାନଜେବ ସାମି ଓ ତାଙ୍କ ସ୍ତ୍ରୀ ହିନା ବଶିର ବେଗ୍। ସୁରକ୍ଷା ସଂସ୍ଥାଗୁଡ଼ିକ ଦକ୍ଷିଣ-ପୂର୍ବ ଦିଲ୍ଲୀସ୍ଥିତ ଜାମିଆ ନଗରର ଓଖ୍‌ଲାରୁ ଦୁହିଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି।

ପୋଲିସଠାରୁ ମିଳିଥିବା ସୂଚନାନୁସାରେ କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଜାହାନଜେବ ଓ ହିନା ଶାହିନବାଗ ଅଞ୍ଚଳର ଲୋକଙ୍କୁ ବିକ୍ଷୋଭ ପ୍ରଦର୍ଶନ ପାଇଁ ଉସୁକାଉଥିଲେ। କେବଳ ଏତିକି ନୁହେଁ, ଦିଲ୍ଲୀର କେତେକ ସ୍ଥାନରେ ଆକ୍ରମଣ ପାଇଁ ମଧ ଏମାନେ ଷଡ଼ଯନ୍ତ୍ର ରଚୁଥିଲେ। ଦୁହିଙ୍କ ନିକଟରୁ ବିପୁଳ ପରିମାଣର ଜେହାଦୀ ଦସ୍ତାବିଜ ଓ ଆପତ୍ତିଜନକ ଲେଖା ଥିବା କାଗଜପତ୍ର ଜବତ ହୋଇଛି। ବିଦେଶରେ ଥିବା ଆଇଏସ୍-ଖୋରାସାନ ମୋଡ୍ୟୁଲ୍‌ର ବରିଷ୍ଠ ସଦସ୍ୟମାନଙ୍କ ସହ ଉଭୟେ ଯୋଗସୂତ୍ରରେ ଥିଲେ ବୋଲି ଗିରଫ ପରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ପକ୍ଷରୁ କୁହାଯାଇଛି। ପୋଲିସ ଏବେ ଦୁହିଙ୍କୁ ଜେରା କରିବା ସହ ସେମାନଙ୍କ ମୋବାଇଲ୍ ଫୋନ୍‌କୁ ସ୍କାନ୍ କରୁଛି। ଏହି ନେଟୱର୍କରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି।

## ଦୁଇ ବାଇକ୍ ଧକ୍କା: ୩ ମୃତ



ଦୁର୍ଘଟଣାଗ୍ରସ୍ତ ଦୁଇଟି ବାଇକ।

ବାଲିଆପାଳ, ୮।୩ (ଡି.ଏନ.ଏ./ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ-ବସ୍ତା ମୁଖ୍ୟ ରାସ୍ତାର ଖାଣମୁହାଣି ନିକଟରେ ରବିବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଛି। ଏ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ରବିବାର ସକାଳେ ବାଲିଆପାଳ ଥାନା ସାନମହିଷାଡ଼ି ଗ୍ରାମର ଶଙ୍କର ପଣ୍ଡିତ (୨୩) ଓ ଗଙ୍ଗାଧର ପାତ୍ର (୩୬) ବାଇକ୍ ଯୋଗେ ନେପୁରା ଗ୍ରାମର ଜଣେ ଝିଆରୀଙ୍କ ଘରକୁ ବାଇକ୍‌ରେ ଯାଉଥିଲେ। ଖାଲମୁହାଣି ଗ୍ରାମର ହଲର ମେଶିନ ନିକଟରେ ବିପରୀତ ଦିଗରୁ ବାଇକରେ ଆସୁଥିବା ଜଳେଶ୍ୱର ଥାନା ଶାଳୀକେଠା ଗ୍ରାମର ରାଜେଶ ବେହେରା(୩୨)ଙ୍କ ସହ ଧକ୍କା ହୋଇଥିଲା। ଉଭୟ ବାଇକ୍‌ରେ ଥିବା ୩ଜଣ ରାସ୍ତାରେ ଛିଟିକି ପଡ଼ିଥିଲେ। ଫଳରେ ସେମାନଙ୍କର ମୁଣ୍ଡ ଏବଂ ଛାତିରେ ଗୁରୁତର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ରାଜେଶଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ବାଲିଆପାଳ ସିଏଚ୍‌ସିକୁ ନିଆଯାଇଥିଲା। ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବାଲିଆପାଳ ପୋଲିସ ପହଞ୍ଚି ଗୋଟିଏ ନମ୍ବର ନ ଥିବା ବାଇକ ଏବଂ ଅନ୍ୟ ଏକ ବାଇକ(ନଂ. ଓଡି୦୧ଡବ୍ଲ୍ୟୁ୫୦୭୮) କୁ ଜବତ କରି ମାମଲା ରୁଜୁ କରିଛି।

Vencobb
Taste the difference!
FRESH CHICKEN
08.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply
Issued in the Interest of Consumers

## ହୋଲିରେ ବର୍ଷା

- ୧୦ରୁ ୧୨ପର୍ଯ୍ୟନ୍ତ ବର୍ଷା ସହ ଝଡ଼ତୋଫାନ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ହୋଲିକୁ ଫିକା କରିଦେବ ବର୍ଷା। ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୧୦ରେ କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, କୋରାପୁଟ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ମୟୂରଭଞ୍ଜ, କେନ୍ଦୁଝର, ନୂଆପଡ଼ା, ନବରଙ୍ଗପୁରରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିଦିନ କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, କୋରାପୁଟ, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ବରଗଡ଼ ଓ ମୟୂରଭଞ୍ଜ ଆଦି ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ତେଣୁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୧ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲା ସମେତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ସୋନପୁର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର ଓ ନୂଆପଡ଼ାରେ ବର୍ଷା ହେବ। ଉକ୍ତଦିନ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ସୋନପୁର, ବଲାଙ୍ଗୀର, କନ୍ଧମାଳ ଓ ବାଲେଶ୍ୱରରେ ୩୦ରୁ ୪୦କିମି ବେଗରେ ପବନ ବହିବା ସହିତ ବଜ୍ରପାତ ହେବ। ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୨ତାରିଖ ଦିନ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ବଲାଙ୍ଗୀର, ସୋନପୁର, ନୂଆପଡ଼ା, ବୌଦ୍ଧ, ବାଲେଶ୍ୱର ଓ ରାଜ୍ୟର ଆଉକିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି। ଏଥିସହ ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କନ୍ଧମାଳ ଓ କଳାହାଣ୍ଡି ଆଦି ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ଏସବୁ ସ୍ଥାନରେ ୩୦ରୁ ୪୦କିମି ବେଗରେ ପବନ ବହିବ। ସେଥିପାଇଁ ଏ ସମସ୍ତ ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ଅନ୍ୟପଟେ ସୋମବାର ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା ଗିରଫ

- ୧୧ ଯାଏ ରିମାଣ୍ଡରେ ନେଲା ଇଡି
- ପିଏମ୍‌ଏଲ୍‌ଏରେ କାର୍ଯ୍ୟାନୁଷ୍ଠାନ
- ତଦନ୍ତରେ ସହଯୋଗ କରୁ ନ ଥିବା ଇଡିର ଅଭିଯୋଗ
- ଅସହଯୋଗ ଅଭିଯୋଗକୁ ଖଣ୍ଡନ
- ପୂର୍ଣ୍ଣ ସହଯୋଗ କରୁଥିବା କହିଲେ ରାଣା
- ଡିଏଚ୍‌ଏଫ୍‌ଏଲ୍‌କୁ ଋଣ ଦେଇ ଫସିଲେ



ରାଣା କପୁରଙ୍କୁ ଗିରଫ କରି ନେଉଛି ଇଡି।

ମୁମ୍ବାଇ,୮।୩

ୟେସ୍ ବ୍ୟାଙ୍କର ପ୍ରତିଷ୍ଠାତା ରାଣା କପୁରଙ୍କୁ ବେଆଇନ ଅର୍ଥ କାରବାର ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରବିବାର ଗିରଫ କରିଛି। ମାର୍ଚ୍ଚ ୧୧ ଯାଏ ଇଡି ତାଙ୍କୁ ରିମାଣ୍ଡରେ ନେଇଥିବା ଜଣାପଡିଛି। ୬୨ ବର୍ଷୀୟ ୟେସ୍ ବ୍ୟାଙ୍କର ପୂର୍ବତନ ସିଇଓ ରାଣାଙ୍କୁ ବେଆଇନ ଅର୍ଥ କାରବାର ନିରୋଧୀ ଆଇନ(ପିଏମ୍‌ଏଲ୍‌ଏ) ଅଧୀନରେ ଗିରଫ କରାଯାଇଛି। ତଦନ୍ତରେ ସେ ସହଯୋଗ କରୁ ନ ଥିବା ଏଜେନ୍ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୟେସ୍ ବ୍ୟାଙ୍କରେ ବିଭିନ୍ନ ଆର୍ଥିକ ଅନିୟମିତତା ଏବଂ ପରିଚାଳନାରେ ତ୍ରୁଟି ଯୋଗୁ ଏହାର ସ୍ଥିତି ବର୍ତ୍ତମାନ ବିଗିଡିଛି। ବ୍ୟାଙ୍କର ସ୍ଥିତିକୁ ସୁଧାରିବା ଲାଗି ରିଜର୍ଭ ବ୍ୟାଙ୍କ ଏବଂ କେନ୍ଦ୍ର ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ରାଣାଙ୍କୁ ପ୍ରଥମେ ମୁମ୍ବାଇର ହଲିଡେ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ପରିବାର ସଦସ୍ୟଙ୍କ ପକ୍ଷରୁ ପରିଚାଳିତ କେତେକ କମ୍ପାନୀର କାର୍ଯ୍ୟକଳାପ ଉପରେ ମଧ ଏହି ତଦନ୍ତକାରୀ ଏଜେନ୍ସି ନଜର ରଖିଛି। ଏହି ବ୍ୟକ୍ତିବିଶେଷଙ୍କ ଭୂମିକା ସନ୍ଦେହ ଘେରରେ ରହିଥିବା ଇଡି ପକ୍ଷରୁ ନ୍ୟାୟାଳୟଙ୍କୁ କୁହାଯାଇଛି।

ମାତ୍ର ଇଡିର ଏହି ଅଭିଯୋଗକୁ ପ୍ରତିପକ୍ଷ ଓକିଲ ଖଣ୍ଡନ କରିଛନ୍ତି। ପ୍ରତିପକ୍ଷ ଓକିଲ କହିଛନ୍ତି ଯେ, ଇଡି ପକ୍ଷରୁ ରାଣାଙ୍କୁ ଟାର୍ଗେଟ କରାଯାଇଛି ଏବଂ ସେ ତଦନ୍ତ ପ୍ରକ୍ରିୟାରେ ପୂର୍ଣ୍ଣ ସହଯୋଗ କରୁଛନ୍ତି। ମାମଲାରେ ଆଇନଗତ ଦିଗ ଅନୁସାରେ ଇଡି ଚାହୁଁଥିବା ସବୁ ଦସ୍ତାବିଜ ପ୍ରଦାନ କରାଯିବ। ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହାୟତା କରିବେ ବୋଲି ନିଜେ ରାଣା କୋର୍ଟଙ୍କ ସାମ୍ନାରେ କହିଥିବା ଜଣାପଡିଛି। ଠକେଇ ଦ୍ୱାରା ପ୍ରଭାବିତ ଦିୱାନ ହାଉସିଂ ଫାଇନାନ୍ସ ଲିମିଟେଡ (ଡିଏଚ୍‌ଏଫ୍‌ଏଲ୍) ସହ ସମ୍ପର୍କ ରଖିଥିବା ଏକ ଫାର୍ମଠାରୁ ରାଣାଙ୍କ ପାରିବାରିକ କମ୍ପାନୀ ୬୦୦ କୋଟି ଟଙ୍କାର ଲାଭ କରିଥିବା ଅଭିଯୋଗ ଆସିଛି ବୋଲି ତଦନ୍ତ କରୁଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପ୍ରାଥମିକ ଭିତ୍ତିରେ ଏହି ମାମଲାରେ ରାଣା, ତାଙ୍କ ସ୍ତ୍ରୀ ଏବଂ ୩ ଝିଅ ଇଡି ନଜରରେ ରହିଥିବା ଜଣାପଡିଛି। ୟେସ୍ ବ୍ୟାଙ୍କ ଡିଏଚ୍‌ଏଫ୍‌ଏଲ୍‌କୁ ୩ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦେଇଥିଲା। ରାଣାଙ୍କ ପରିବାର ସହ ସମ୍ପର୍କ ଥିବା ଫାର୍ମ ଡିଓଆଇଟି ଅର୍ବାନ ଭେଞ୍ଚର (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ ଅନୁକମ୍ପା ରାଶି ଲାଭ କରିଥିବା ଅଭିଯୋଗ ଆସିଛି। ୟେସ୍ ବ୍ୟାଙ୍କରୁ ଋଣ ନେଇ ଏହାକୁ ଆର୍ଥିକ ହେରଫେର ☞ପୃଷ୍ଠା-୧୩

## ରାଜ୍ୟ ସଭା ନିର୍ବାଚନ
# ଚତୁର୍ଥ ଆସନ ପାଇଁ ବାଟ ଫିଟୁଛି

ଭୁବନେଶ୍ୱର,୮।୩(ବ୍ୟୁରୋ)

ଓଡିଶାରେ ଖାଲି ହେବାକୁ ଥିବା ୪ ରାଜ୍ୟ ସଭା ଆସନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇସାରିଥିବା ବେଳେ ଆସନ୍ତା ୨୬ରେ ନିର୍ବାଚନ ହେବ। ଇତି ମଧ୍ୟରେ ବିଜେଡି ଏହି ସମସ୍ତ ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା କରି ଦେଇଛି। ଭାଜପା ପ୍ରାର୍ଥୀ ଦେବ ନା ନାହିଁ ସେନେଇ କୌଣସି ସୂଚନା ଦଳ ପକ୍ଷରୁ ଦିଆଯାଉନାହିଁ। ସଂଖ୍ୟା ହିସାବ ଦେଖିଲେ ଭାଜପା ପ୍ରାର୍ଥୀ ଦେଇ ନ ପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେବାରେ ଲାଗିଛି। ଅପରପକ୍ଷରେ ଆବଶ୍ୟକ ସଂଖ୍ୟା ନଥିବା କାରଣରୁ କଂଗ୍ରେସ ଭୋଟିଂ ପ୍ରକ୍ରିୟାରୁ ବିରତ ରହିବ ବୋଲି ଶନିବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେବା ପରେ ବିଜେଡିର ଚତୁର୍ଥ ଆସନର ବିଜୟ ଏକ ପ୍ରକାର ନିଶ୍ଚିତ ହୋଇଯାଇଛି।

ରାଜ୍ୟ ସଭା ଗଣିତ ଅନୁଯାୟୀ ବିଧାୟକଙ୍କ ଭୋଟ ସଂଖ୍ୟା (୧୪୭x୧୦୦/୪+୧)+୧ ଅଟେ। ସେହି ଅନୁସାରେ ଦେଖିଲେ ଏଠାରେ ୧୪୭ ବିଧାୟକ ହେଉଛନ୍ତି ଭୋଟର। ଆସନ ସଂଖ୍ୟା ହେଉଛି ୪। ଅର୍ଥାତ୍ ହିସାବ ଅନୁଯାୟୀ ଜଣେ ପ୍ରାର୍ଥୀଙ୍କୁ ୨୯୪୧ ଭୋଟ ଆବଶ୍ୟକ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗୋଟିଏ ଭୋଟକୁ ୧୦୦ ବୋଲି ହିସାବ କରାଯିବ। ଅର୍ଥାତ୍ ଜଣେ ପ୍ରାର୍ଥୀକୁ ୩୦ଜଣଙ୍କ ଭୋଟ ଆବଶ୍ୟକ ରହିଛି। ଏହି ଅନୁସାରେ ବିଜେଡିର ୩ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଯିବେ। ୪ର୍ଥ ପ୍ରାର୍ଥୀ ପାଇଁ ଆବଶ୍ୟକ ଭୋଟ ଶାସକ ଦଳ ପାଖରେ ନାହିଁ। ବିଧାନସଭାରେ ଶାସକ ଦଳର ମୋଟ ବିଧାୟକଙ୍କ ସଂଖ୍ୟା ୧୧୩ ଥିବାବେଳେ ୪ର୍ଥ ପ୍ରାର୍ଥୀ ପାଇଁ ମାତ୍ର ୨୩ଟି ଭୋଟ ରହିବ, ଆବଶ୍ୟକ ୭ ଭୋଟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ଭାଜପାର ବିଧାନସଭା ସଂଖ୍ୟା ୨୩ ରହିଛି, ତେଣୁ ଯଦି ମୁଖ୍ୟ ବିରୋଧୀ ଦଳ ତରଫରୁ ପ୍ରାର୍ଥୀ ଦିଆଯାଏ ସେମାନଙ୍କୁ ମଧ ୭ଟି ଭୋଟର ଆବଶ୍ୟକତା ରହିବ। ଅପରପକ୍ଷରେ କଂଗ୍ରେସ ୯ଜଣ ବିଧାୟକ ଥିବାବେଳେ ଏମାନଙ୍କ ଭୋଟ ବହୁ ଗୁରୁତ୍ୱ ବହନ କରିବ। ହେଲେ ଦଳ ପ୍ରାର୍ଥୀ ଦେଉ ନ ଥିବାରୁ ଭୋଟିଂ ପ୍ରକ୍ରିୟାରୁ ବିରତ ରହିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ନିରଞ୍ଜନଙ୍କ ଏପରି ସୂଚନା ଶାସକ ଦଳକୁ ବେଶ୍ ସୁହାଇବ ବୋଲି ସଂଖ୍ୟା ହିସାବରୁ ଜଣାପଡୁଛି। ଅନ୍ୟପଟେ ସିପିଆଇ(ଏମ୍) ଏବଂ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଏକ ପ୍ରକାର ବିଜେଡି ସପକ୍ଷରେ ରହିବ ବୋଲି କୁହାଯାଉଥିବା ବେଳେ ଉଭୟ ଏ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନ ଥିବା ଧରିତ୍ରୀକୁ କହିଛନ୍ତି। ଯଦିଓ ବିଜେଡି ସପକ୍ଷରେ ଅନ୍ୟ ଦଳର ଭୋଟ ପଡ଼ିବାର ସମ୍ଭାବନା ରହିଛି ଭାଜପା କ୍ଷେତ୍ରରେ ସେଭଳି ଆଶା କମ୍। ଅନ୍ୟପଟେ ବିଜେଡି ଏବଂ ଭାଜପାର ସମାନ ସମାନ ଭୋଟ ହେଲେ ମଧ ଦ୍ୱିତୀୟ ପସନ୍ଦ ଭୋଟରେ ବିଜେଡିର ୪ର୍ଥ ପ୍ରାର୍ଥୀ ନିଶ୍ଚିତ ବିଜୟୀ ହେଉଥିବା ଜଣାପଡିଛି।

ଅନ୍ୟପଟେ ଦେଖିଲେ ସିପିଆଇ(ଏମ୍) ବିଧାୟକ ପୂର୍ବରୁ ଭୋଟିଂରେ ଭାଗ ନେବ ନାହିଁ ବୋଲି କହିବାପରେ କଂଗ୍ରେସ ମଧ ଏହି ପ୍ରକ୍ରିୟାରୁ ଓହରିଛି। ପ୍ରାର୍ଥୀ ଦେବାକୁ ହେଲେ ଗୋଟିଏ ଦଳକୁ ସର୍ବନିମ୍ନ ୧୦ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ପଡେ। ଯେହେତୁ ସିପିଆଇ(ଏମ୍) ରାଜି ହେଲାନାହିଁ ସେହି ଅନୁଯାୟୀ ୯ଜଣ ବିଧାୟକରେ କଂଗ୍ରେସ ପ୍ରାର୍ଥୀ ଦେବାରୁ ଅସମର୍ଥ ହୋଇ ଏଭଳି ନିଷ୍ପତ୍ତି ନେଇଛି। ଯଦି ୧୦ଜଣ ବିଧାୟକଙ୍କ ଭୋଟ ନ ଦିଅନ୍ତି, ସେକ୍ଷେତ୍ରରେ ରାଜ୍ୟ ସଭା ଅଙ୍କରେ ପରିବର୍ତ୍ତନ ହେବ। ଭୋଟର ସଂଖ୍ୟା ୧୩୭ଜଣ ହୋଇଯିବ, ସେହି ଦୃଷ୍ଟିରୁ ହିସାବ କରାଗଲେ ଜଣେ ପ୍ରାର୍ଥୀକୁ ବିଜୟୀ ହେବାକୁ ୨୮ଟି ଭୋଟର ଆବଶ୍ୟକତା ପଡିବ। ଏମିତି ହେଲେ ୪ଜଣ ପ୍ରାର୍ଥୀ ଜିତିବାକୁ ବିଜେଡିକୁ ୧୧୨ଟି ଭୋଟର ଆବଶ୍ୟକତା ପଡିବ, ଯାହା ଶାସକ ଦଳ ନିକଟରେ ରହିଛି। ଏହାବାଦ୍ ବିଜେଡି ପାଖରେ ଆଉ ଗୋଟିଏ ଭୋଟ ବଳକା ପଡ଼ିବ।

ସେହିପରି ଭାଜପା ନିକଟରେ ଆବଶ୍ୟକ ସଂଖ୍ୟା ନ ଥିବାବେଳେ ଦଳ ତରଫରୁ ପ୍ରାର୍ଥୀ ଦିଆଯିବ ନା ନାହିଁ ସେନେଇ କିଛି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ☞ପୃଷ୍ଠା-୧୩

## ମେଳଣ ସାରି ଫେରିବାବେଳେ ବୁଡ଼ିଲା ଡଙ୍ଗା: ଜଣେ ଛାତ୍ର ମୃତ

ସାଲେପୁର, ୮।୩(ଡି.ଏନ୍.ଏ.)

ମେଳଣ ସାରି ଭକ୍ତଙ୍କୁ ନେଇ ବିରୂପା ନଦୀରେ ଫେରୁଥିବା ବେଳେ ଗୋଟିଏ ଡଙ୍ଗା ରବିବାର ସାଲେପୁର ବ୍ଲକ ନରଦା ପଞ୍ଚାୟତ ଅନ୍ତର୍ଗତ ହରିପୁର ଘାଟ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ଜଣେ ଯୁକ୍ତ ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତସ୍ଥିତ ଗୋଠଦାର କୁଣ୍ଡିକୂଳ ଗ୍ରାମର ବିଭୁ ବେହେରାଙ୍କ ପୁତ୍ର ରଶ୍ମିରଞ୍ଜନ (୧୮)। ସୌଭାଗ୍ୟବଶତଃ ଡଙ୍ଗାରେ ଥିବା ଅନ୍ୟ ୨୯ ଜଣ ବର୍ତ୍ତିଯାଇଛନ୍ତି। ପ୍ରତିବର୍ଷ ଭଳି ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ସିଦ୍ଧଗିରି ଦୋଳମେଳଣରେ ସାଲେପୁର ବ୍ଲକ ଅନ୍ତର୍ଗତ ଲେଖନପୁର ଓ ନରଦା ପଞ୍ଚାୟତ ସମେତ ଅନ୍ୟ କିଛି ଅଞ୍ଚଳର ପ୍ରାୟ ୩୦ଜଣ ଭକ୍ତ ☞ପୃଷ୍ଠା-୧୩

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସଦିଚ୍ଛା
ପରିବାରବର୍ଗ


ତନ୍ମୟ ତଥାଗତ
ପରିବାରବର୍ଗ


କଶ୍ୟପ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଶେରଗଡ଼,୮।୩(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅଣ୍ଡରସିଙ୍ଗି ଗ୍ରାମର ଜଣେ ଶ୍ରମିକଙ୍କ ଚେନ୍ନାରେ ମୃତ୍ୟୁ ଘଟିଛି। ସେ ହେଲେ ପପୁନ ପରିଡା। ପ୍ରକାଶ ଯେ, କିଛିଦିନ ତଳେ ଅଣ୍ଡରସିଙ୍ଗି ଗ୍ରାମର ୧୬ଜଣ କାମ କରିବାକୁ ଚେନ୍ନାଇ ଯାଇଥିଲେ। ସେଠାରେ କୋୟମ୍ବାଟୁର ଅଞ୍ଚଳରେ ଏକ କୋଠା ନିର୍ମାଣ କାମରେ ଏମାନେ ନିୟୋଜିତ ଥିଲେ। କିଛିଦିନତଳେ ପପୁନଙ୍କ ଦେହ ଖରାପ ହୋଇଥିଲା। ସେ ରବିବାର ଘରକୁ ଫେରିବାକୁ କୋୟମ୍ବାଟରୁ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ବସିଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ରେଳବାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।



## ଜିଲା ଚିଠି
## ବଲାଙ୍ଗୀର

# ବନ୍ୟା ପାଣିରେ ନିଆଁ

ବଲାଙ୍ଗୀର ସହର ନିକଟରେ କୌଣସି ନଦୀ ପ୍ରବାହିତ ହୋଇନାହିଁ। ସହର ମଧ୍ୟଦେଇ ଅଙ୍କାବଙ୍କା ହୋଇ ଲକ୍ଷ୍ମୀଯୋର ପ୍ରବାହିତ ହେଉଛି। ସାଧାରଣତଃ ସହରରେ ବନ୍ୟା ପ୍ରଭାବ ଦେଖାଯାଏ ନାହିଁ। ମାତ୍ର ୨୦୧୯ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ମୂଷଳ ଧାରାରେ ବର୍ଷା ଫଳରେ ବଲାଙ୍ଗୀର ସହର ଓ ଆଖପାଖ ଅଞ୍ଚଳରେ ପ୍ରଳୟଙ୍କରୀ ବନ୍ୟା ଦେଖାଦେଇଥିଲା। ଏହି ବନ୍ୟା ଯୋଗୁ ସହର ତଥା ଆଖପାଖ ଗାଁର ଅଧାରୁ ଅଧିକ ଅଞ୍ଚଳ ଜଳମଗ୍ନ ହୋଇଯାଇଥିଲା। ଶତାଧିକ ଲୋକଙ୍କ ଘରଦ୍ୱାର, ଧନସମ୍ପତ୍ତି, ଖାଦ୍ୟଦ୍ରବ୍ୟ, ଆସବାବପତ୍ର, ରାସ୍ତାଘାଟ, ଜଳାଶୟ, ଜଳପ୍ରକଳ୍ପ ଓ ପଶୁ ସମ୍ପଦ ବନ୍ୟାପାଣିରେ ନଷ୍ଟ ହୋଇଯାଇଥିଲା। ସହରର ଗରିବ ଲୋକେ ସବୁଠୁ ବେଶି ପ୍ରଭାବିତ ହୋଇଥିଲେ। ଘରକାନ୍ଥ ପଡି କେତେକ ସ୍ଥାନରେ ଲୋକେ ଆହତ ହୋଇଥିବା ବେଳେ ବିଷ୍ଣୁମୁଣ୍ଡାଠାରେ ଜଣେ ବାଳକର ମୃତ୍ୟୁ ହୋଇଥିଲା। ଦୀର୍ଘଦିନ ଧରି ପ୍ରଶାସନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ ଓ ରିଲିଫ ବଣ୍ଟନ କରାଯାଇଥିଲା। କହିବାକୁ ଗଲେ ବହୁ ଦିଗରୁ ବନ୍ୟା ସହ ଅପରିଚିତ ଥିବା ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବନ୍ୟା ପରେ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ରାଜସ୍ୱ ମନ୍ତ୍ରୀ, ସ୍ଥାନୀୟ ମନ୍ତ୍ରୀ, ଏମ୍‌ପି, ବିଧାୟକ, ସ୍ୱତନ୍ତ୍ର ରିଲିଫ୍ କମିଶନର, ବରିଷ୍ଠ ବିଭାଗୀୟ ପ୍ରଶାସକ, ଜିଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନେ ସମୀକ୍ଷା ବୈଠକ କରିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉଚିତ କ୍ଷତିପୂରଣ ଦିଆଯିବା ଉପରେ ଗୁରୁତ୍ୱାରୋପ କରିବା ସହ ଧୋଇ ହୋଇଯାଇଥିବା ରାସ୍ତାଘାଟ, ଜଳାଶୟ ଓ ଜଳପ୍ରକଳ୍ପଗୁଡିକର ଶୀଘ୍ର ମରାମତି ଓ ଉନ୍ନତି ଉପରେ ଜୋର ଦିଆଯାଇଥିଲା। ନଷ୍ଟ ହୋଇଥିବା ସମ୍ପତ୍ତି ସବୁର ଭିଡିଓ ରେକର୍ଡିଂ ମାଧ୍ୟମରେ ସର୍ଭେ କରି କ୍ଷତିଗ୍ରସ୍ତଙ୍କୁ କିପରି ଉଚିତ୍ କ୍ଷତିପୂରଣ ଦିଆଯିବ ତା'ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପ୍ରଳୟଙ୍କରୀ ବନ୍ୟାକୁ ଇତିମଧ୍ୟରେ ୬ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଛି। ମାତ୍ର ବନ୍ୟା ପାଣି ମାଡରେ କ୍ଷତିଗ୍ରସ୍ତ ଲୋକଙ୍କ ଭିତରେ ଏବେ ଆକ୍ରୋଶର ବହ୍ନି ଜଳିବାକୁ ବସିଲାଣି। ବନ୍ୟା କ୍ଷୟକ୍ଷତି ଆକଳନ ଓ ସହାୟତା ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଯେଉଁ ପରିବାର ବନ୍ୟାରେ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ କମ୍ କ୍ଷତିପୂରଣ ଓ ଯେଉଁମାନଙ୍କ କମ୍ କ୍ଷତି ହୋଇଥିଲା ସେମାନଙ୍କୁ ଅଧିକ ସହାୟତା ମିଳିଥିବା କ୍ଷତିଗ୍ରସ୍ତ ଲୋକେ ଅଭିଯୋଗ କରୁଛନ୍ତି। ମ୍ୟୁନିସିପାଲିଟି, ତହସିଲ ପ୍ରଶାସନର କେତେକ କର୍ମଚାରୀଙ୍କୁ ହାତ କରି କେତେଜଣ ଲୋକ ଲକ୍ଷାଧିକ ଟଙ୍କାର ସରକାରୀ ସହାୟତା ଆତ୍ମସାତ୍ କରିଥିବା ଅଭିଯୋଗ ଉଠିଲାଣି। ଏହା ସହିତ କ୍ଷତିଗ୍ରସ୍ତ ହୋଇ ନ ଥିବା ସତ୍ତ୍ୱେ ଜାଲ କାଗଜପତ୍ର ତିଆରି କରି କେତେକ ବ୍ୟକ୍ତି ସରକାରୀ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହେଲାଣି। ବନ୍ୟା ସହାୟତା ଟଙ୍କା ବଣ୍ଟନ ପ୍ରକ୍ରିୟାରେ ଘୋର ଅନିୟମିତତା ହୋଇଥିବା ନେଇ କିଛିଦିନ ତଳେ ଅନୁଷ୍ଠିତ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ ମଧ୍ୟ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଏଭଳି କ୍ଷେତ୍ରରେ ବଲାଙ୍ଗୀରରେ ପୁଣିଥରେ ଏକ ବଡଧରଣର ଅନିୟମିତତା ଓ ଦୁର୍ନୀତି ହୋଇଥିବା ଜଣାପଡିଲାଣି। କେତେଜଣ ସରକାରୀ କର୍ମଚାରୀ, ମଧ୍ୟସ୍ଥ ଓ ଖଳ ପ୍ରକୃତିର ଲୋକ ବିଭିନ୍ନ ଜାଲିଆତି କରି ସରକାରୀ ବନ୍ୟା ସହାୟତା ଟଙ୍କା ହଡ଼ପ କରିଥିବା ଏବେ ଖୋଲାଖୋଲି ଚର୍ଚ୍ଚାର ବିଷୟ ହୋଇଛି। ଏହି ଅନିୟମିତତା ଓ ଦୁର୍ନୀତିକୁ ନେଇ ବିଭିନ୍ନ ପଡାରେ ପ୍ରଭାବିତ ଓ ବଞ୍ଚିତ ବର୍ଗ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଲାଣି। ଏନେଇ ବିଧିବଦ୍ଧ ତଦନ୍ତ କରାଗଲେ ବନ୍ୟା ପାଣିରେ ଲଗାଯାଇଥିବା ଦୁର୍ନୀତି ନିଆଁ ଖୁବ୍‌ଶୀଘ୍ର ଉଜାଗର ହେବ ବୋଲି ଚର୍ଚ୍ଚା ଜୋର ଧରିଛି।

– ବୀରେନ୍ଦ୍ର କୁମାର ଝାଙ୍କର

# ଓଡ଼ିଶାରେ ଆରମ୍ଭ ହେଲା କରୋନା ପରୀକ୍ଷା

**ଭୁବନେଶ୍ୱର, ୮।୩(ବ୍ୟୁରୋ)**

ଏଣିକି ଓଡ଼ିଶାରେ ହୋଇପାରିବ କରୋନା ଭାଇରସ୍ ପରୀକ୍ଷା। ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍‌ଏମ୍‌ଆର୍‌ସି)ରେ ଏହି ବ୍ୟବସ୍ଥା ଶନିବାରଠାରୁ ଆରମ୍ଭ ହୋଇଛି। ପୂର୍ବରୁ ପୁଣେକୁ ନମୁନା ପରୀକ୍ଷା ପାଇଁ ପଠାଯାଉଥିଲା। ସେଥିପାଇଁ କିଛିଦିନ ଅପେକ୍ଷା କରିବାକୁ ପଡୁଥିଲା। ଏବେ କିନ୍ତୁ ଆର୍‌ଏମ୍‌ଆର୍‌ସିରେ ସ୍ଥାପନ କରାଯାଇଥିବା ସ୍ୱତନ୍ତ୍ର ଲାବ୍‌ରୁ ଶୀଘ୍ର ରିପୋର୍ଟ ମିଳିପାରୁଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି।

ରବିବାର ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଚିବ କରୋନା ସମ୍ପର୍କରେ ସୂଚନା ଦେବା ସହ ଏହାକୁ ନେଇ କେହି ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, କରୋନା ପରୀକ୍ଷା ପାଇଁ ଓଡ଼ିଶାରେ ଏସ୍‌ସିବି ମେଡିକାଲ ଓ ଆର୍‌ଏମ୍‌ଆର୍‌ସିରେ ଆବଶ୍ୟକ ଭିତ୍ତିଭୂମି ରହିଛି। ଏଥିପାଇଁ ଆମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲୁ। ଆର୍‌ଏମ୍‌ଆର୍‌ସି ପାଇଁ ଅନୁମତି ମିଳିଛି। ଏଠାରେ ଦିନକୁ ୨୦ ନମୁନା ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଛି। କ୍ୟାପିଟାଲ ହସ୍ପିଟାଲ ଆଇସୋଲେଶନ ୱାର୍ଡରେ ଭର୍ତ୍ତି ହୋଇଥିବା ଆୟର୍ଲାଣ୍ଡ ନାଗରିକ ଓ ତାଙ୍କ ସହଯୋଗୀଙ୍କ କରୋନା ପରୀକ୍ଷା ଶନିବାର ଆର୍‌ଏମ୍‌ଆର୍‌ସିରେ କରାଯାଇଥିଲା। ସମସ୍ତ ରିପୋର୍ଟ ନେଗେଟିଭ୍ ବାହାରିଛି। ଏମ୍ସ ସମେତ ରାଜ୍ୟର ସମସ୍ତ ହସ୍ପିଟାଲ ଆର୍‌ଏମ୍‌ଆର୍‌ସିକୁ କରୋନା ପରୀକ୍ଷା ପାଇଁ ନମୁନା ପଠାଇପାରିବେ। ବର୍ତ୍ତମାନ ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ ସମେତ କ୍ୟାପିଟାଲ ହସ୍ପିଟାଲରେ ଆଇସୋଲେଶନ ୱାର୍ଡ ପ୍ରସ୍ତୁତ ରଖାଯାଇଛି। ଘରୋଇ ହସ୍ପିଟାଲରେ ଆଇସୋଲେଶନ ୱାର୍ଡ ସ୍ଥାପନ ପାଇଁ ଯୋଜନା ହେଉଛି। ଏଥିପାଇଁ ଶନିବାର ପ୍ରାଇଭେଟ୍ ହସ୍ପିଟାଲ ଆସୋସିଏଶନ ସହିତ ଆଲୋଚନା ହୋଇଥିବା ସଚିବ କହିଛନ୍ତି। ଅନ୍ୟପକ୍ଷରେ ହୋଲି ପାଇଁ ସୋମବାର ବିଭାଗ ପକ୍ଷରୁ ଏକ ଆଡଭାଇଜରି ଜାରି ହେବ। ତଥାପି ବଡ଼ ଆକାରରେ ଓ ବଡ଼ ସମାବେଶ କରି ହୋଲି ନ ଖେଳିବାକୁ ସେ ପରାମର୍ଶ ଦେଇଛନ୍ତି।

ଡିଏମ୍‌ଇଟି ନିର୍ଦ୍ଦେଶକ ଡା. ସିବିକେ ମହାନ୍ତି କହିଛନ୍ତି, ଶୁକ୍ରବାର ଏସ୍‌ସିବିରେ ଦୁଇଜଣ ଡାକ୍ତରଙ୍କୁ କରୋନା ହୋଇଥିବା ମିଛ ଖବର ପ୍ରଚାରିତ ହୋଇଥିଲା। ଫଳରେ ରବିବାର ଲୋକେ ଏସ୍‌ସିବିକୁ ଆସିବା ପାଇଁ ଭୟ କରିଥିଲେ। ତେଣୁ କରୋନା ସମ୍ପର୍କରେ ମିଛ ପ୍ରଚାର ନ କରି ଠିକ୍ ଖବର ପ୍ରକାଶ କରିବାକୁ ସେ କହିଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ କୌଣସି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଏସ୍‌ସିବି, ଏମ୍‌କେସିଜି, ଭିମ୍‌ସାର ଓ କ୍ୟାପିଟାଲ ହସ୍ପିଟାଲରେ ମୋଟ ୧୦ଜଣ ସନ୍ଦିଗ୍ଧ ଭର୍ତ୍ତି ହୋଇଥିଲେ ମଧ୍ୟ ରିପୋର୍ଟ ନେଗେଟିଭ୍ ଆସିଛି। କରୋନା ସତର୍କତା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ମାସ୍ କ୍ୱାରେଣ୍ଟାଇନ ପାଇଁ ଜଟଣୀ, କଟକ, ବୁର୍ଲା ଓ ବ୍ରହ୍ମପୁରରେ ସ୍ଥାନ ଚିହ୍ନଟ ହୋଇଛି। ସମସ୍ତ ଜିଲାପାଳଙ୍କୁ ଜିଲା ମନିଟରିଂ ମୁଖ୍ୟ ଭାବେ ମନୋନୀତ କରାଯାଇଛି। ନମୁନା ପରୀକ୍ଷା ପାଇଁ ଡିଷ୍ଟ୍ରିକ୍ଟ ରାପିଡ୍ ଟିମ୍ ପ୍ରସ୍ତୁତ ରଖାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ସମେତ ୩ଟି ଟେଲିଫୋନ୍ ନମ୍ବର ଜାରି କରାଯାଇଛି ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏମ୍ସ ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟମାନବେନ୍‌ଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କରୋନା ପରୀକ୍ଷା ସମ୍ପର୍କରେ ସୂଚନା ଦିଆଯାଉଛି।

**ଆର୍‌ଏମ୍‌ଆର୍‌ସିରେ ଖୋଲିଲା ସ୍ୱତନ୍ତ୍ର ଲାବ୍**
- ଦିନକୁ ହୋଇପାରିବ ୨୦ଜଣଙ୍କ ପରୀକ୍ଷା
- ଆୟର୍ଲାଣ୍ଡ ନାଗରିକଙ୍କ ନମୁନା ନେଗେଟିଭ୍
- ଘରୋଇ ହସ୍ପିଟାଲରେ ଖୋଲିବ ଆଇସୋଲେଶନ ୱାର୍ଡ

# ହୃଷୀକେଶ ପଣ୍ଡା ଆଦିବାସୀ ମନ୍ତ୍ରଣାଳୟ ଏକ୍ସପର୍ଟ ପ୍ୟାନେଲ ମୁଖ୍ୟ

**ଭୁବନେଶ୍ୱର,୮।୩(ବ୍ୟୁରୋ):** ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଚାକିରିରୁ ଅବସର ଗ୍ରହଣ କରିଥିବା ଓଡ଼ିଆ ଅଫିସର ହୃଷୀକେଶ ପଣ୍ଡାଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂଆ ଦାୟିତ୍ୱ ମିଳିଛି। ହୃଷୀକେଶଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ମନ୍ତ୍ରଣାଳୟ ଏକ୍ସପର୍ଟ ପ୍ୟାନେଲ ମୁଖ୍ୟ ଭାବେ ନିଆଯାଇଛି। ଏହି ପ୍ୟାନେଲ ଜଙ୍ଗଲ ଅଧିକାର ଆଇନର ବିଭିନ୍ନ ଦିଗ ଉପରେ ତର୍ଜମା କରିବ ବୋଲି ଜଣାପଡିଛି। ଏହି ପ୍ୟାନେଲ ତିନି ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। ମୂଳ ନିୟମରେ ଆବଶ୍ୟକ ପରିବର୍ତ୍ତନ ପାଇଁ ଗଠନଧର୍ମୀ ପ୍ରସ୍ତାବ ମଧ୍ୟ ପ୍ୟାନେଲ ଦେବ। ସେହିଭଳି ପର୍ଟିକୁଲାର୍‌ଲି ଭଲନରେବଲ ଟ୍ରାଇବାଲ ଗ୍ରୁପ(ପିଭିଟିଜି) ବର୍ଗର ଜଙ୍ଗଲ ଅଧିକାର, ଯାଯାବର ଜୀବନଯାପନ କରୁଥିବା ଏବଂ ଖାଦ୍ୟ ସରିଗଲେ ଅନ୍ୟତ୍ର ସ୍ଥାନାନ୍ତରିତ ହେଉଥିବା ସମ୍ପ୍ରଦାୟଙ୍କ ସମସ୍ୟା, ତାହାର ସମାଧାନ ଏବଂ ଅଧିକାର ଉପରେ ପ୍ୟାନେଲ କାର୍ଯ୍ୟ କରିବ।

# ଶିଶୁକନ୍ୟାକୁ ଡ୍ରେନ୍‌ରେ ଫିଙ୍ଗିଦେଲେ

**ବଲାଙ୍ଗୀର ଅଫିସ, ୮।୩:** ଆନ୍ତର୍ଜାତିକ ମହିଳା ଦିବସରେ ରବିବାର ବଲାଙ୍ଗୀର ସହରରେ ସଦ୍ୟଜାତ ଏକ ଜୀବନ୍ତ ଶିଶୁକନ୍ୟାକୁ କେହି ଡ୍ରେନ୍‌ରେ ଫିଙ୍ଗିଦେଇ ଫେରାର ହୋଇଯିବା ଘଟଣା ଆଲୋଡନ ସୃଷ୍ଟି କରିଛି। ସହର ତୁଳସୀନଗର ଆୟୁର୍ବେଦିକ କଲେଜ ପାଚେରି ନିକଟ ଡ୍ରେନ୍‌ରେ ଅପରାହ୍ଣ ପ୍ରାୟ ୪ଟାରେ ଏକ ଶିଶୁକନ୍ୟାକୁ ଫିଙ୍ଗି ଦିଆଯାଇଥିବା କେତେକ ଲୋକ ଦେଖିଥିଲେ। ଏହାପରେ ସେହି ପଡାର ଆଲୋକ ଖର୍ସେଲ ନାମକ ଜଣେ ଯୁବକ ଉକ୍ତ ଶିଶୁକନ୍ୟାକୁ ଡ୍ରେନ୍‌ରୁ ଉଦ୍ଧାର କରି ନିକଟସ୍ଥ ଆୟୁର୍ବେଦିକ କଲେଜ ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରେ ଶିଶୁକନ୍ୟାଙ୍କୁ ଭର୍ତ୍ତି କରି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବାକୁ ଅନୁରୋଧ କରିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଉକ୍ତ ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ ଓ ଏହାପରେ ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଓ ଚାଇଲ୍ଡ ଲାଇନ୍‌କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ଚାଇଲ୍ଡ ଲାଇନ୍‌ର ଦୁଇଜଣ ସଦସ୍ୟ ପରେଶ ସୁନା ଓ ସଞ୍ଜୁକ୍ତା ଏକ୍କା ଆୟୁର୍ବେଦିକ କଲେଜରେ ପହଞ୍ଚି ଉକ୍ତ ଶିଶୁକୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇ ଯାଇଥିଲେ। ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପରେ ଶିଶୁକନ୍ୟାକୁ ହସ୍ପିଟାଲର ସ୍ପେଶାଲ ନିଉବର୍ନ କେୟାର ୟୁନିଟ୍ (ଏସ୍‌ଏନ୍‌ସିୟୁ)ରେ ଭର୍ତ୍ତି କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଏହାପରେ ଶିଶୁକୁ ଏସଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂଙ୍କୁ ପଚାରିବାରୁ ଡ୍ରେନ୍‌ରୁ ଶିଶୁକନ୍ୟାକୁ ଉଦ୍ଧାର କରି ହସ୍ପିଟାଲରେ ରଖାଯାଇଥିବା ସୂଚନା ଦେଇଥିଲେ। ସୁସ୍ଥ ହେବା ପରେ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସିଡବ୍ଲ୍ୟୁସି ସ୍ୱେଚ୍ଛାସେବୀ ଅରୁଣ ଖୁଆସ ମଧ୍ୟ ହସ୍ପିଟାଲ ଯାଇ ଶିଶୁକନ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କିଏ ଓ କାହିଁକି ଏହି ଶିଶୁକନ୍ୟାକୁ ଡ୍ରେନ୍‌ରେ ଫିଙ୍ଗିଦେଲେ ସେନେଇ କିଛି ବି ଜଣାପଡିନାହିଁ। ତେବେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମହିଳାମାନଙ୍କ ସୁରକ୍ଷା, ସମ୍ମାନ, ଅଧିକାର ଓ ଲିଙ୍ଗଗତ ବିଦ୍ୱେଷକୁ ନେଇ ବ୍ୟାପକ ସଚେତନତା, ରାଲି, ସଭା ସମିତି କରାଯାଉଥିବାବେଳେ ବଲାଙ୍ଗୀର ସହରରେ ଜଣେ ଶିଶୁକନ୍ୟାକୁ ଡ୍ରେନ୍‌ରେ ଫିଙ୍ଗି ଦିଆଯିବା ଘଟଣାକୁ ନେଇ ସଚେତନ ବର୍ଗ ବିଶେଷକରି ମହିଳାମାନେ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ଯୋଗୁ ମନ ମୁତାବକ କାମ କରିବାରେ ବିଫଳ ହେବେ। ଅବଶ୍ୟ ପ୍ରତିଯୋଗିତାରେ ସଫଳତା ଯୋଗୁ କେତେକାଂଶରେ ମନକୁ ବୁଝାଇ ଖୁସି ରହିବେ। ଅଫିସ୍ କାମରେ ଏପରିକି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ।

**ବୃଷ**
ଧନସ୍ଥ ରାହୁ ଓ ଧନାଧିପଙ୍କ ଦୁର୍ବଳତା କାରଣରୁ ଅର୍ଥ ସମ୍ପର୍କୀୟ ବିବାଦର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇ ଦେବ। ତଥାପି ରୋହିଣୀ ନକ୍ଷତ୍ର ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ମିଥୁନ**
ଧନାଧିପ ସପ୍ତମ ଭାବସ୍ଥ ପ୍ରଭାବରେ ଋଣ ପରିଶୋଧ କରିବା ସକାଶେ କିମ୍ବା ବିଭିନ୍ନ ପ୍ରକାରର ଧନ୍ଦା କରିବା ସକାଶେ ମନ ବଳାଇ ପାରନ୍ତି। ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି, ଯାହାକି ଆପଣଙ୍କ ସକାଶେ ହିତକର ହେବ। କର୍ମକ୍ଷେତ୍ର, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କଲେ ମନ୍ଦ ହେବନି।

**କର୍କଟ**
ଚନ୍ଦ୍ର ପାପଗ୍ରହଙ୍କ ପ୍ରଭାବରୁ ମୁକ୍ତ ଯୋଗୁ ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବ। କିନ୍ତୁ ଅଶ୍ଳେଷା ନକ୍ଷତ୍ର ଯୋଗୁ କର୍ମବ୍ୟସ୍ତତା ବୃଦ୍ଧି ପାଇପାରେ। ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇ ଦେଇପାରନ୍ତି।

**ସିଂହ**
ସୁଯୋଗ ଅଭାବରୁ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ ବରଂ ଓଲଟି ନିନ୍ଦାଗାନ କରିବେ। କିନ୍ତୁ ଶନି ଓ ମଙ୍ଗଳଙ୍କ ସ୍ଥିତିରୁ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଶୁକ୍ରଙ୍କ ଶୁଭ ସଂସ୍ଥାନରୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକ ଦେଖାଦେଇପାରେ।

**କନ୍ୟା**
ଧନ ସ୍ଥାନକୁ ଧନାଧିପତି ଦେଖୁଥିବାରୁ ହଠାତ୍ ଆଜି ବହୁତ ଦିନରୁ ଟଙ୍କା ବାକି ରଖିଥିବା ଲୋକଟି ଘରେ ଆସି ଟଙ୍କା ଦେଇଯିବ। ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସୂଚନା ରହିଛି। ଗୃହସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା**
ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଆପଣଙ୍କର ସମସ୍ତ ଆଶା ଓ କାମନା ପୂର୍ଣ୍ଣତା ଲାଭ କରିବ। ଆଇନର ସହାୟତା ନେଇ ମାଲିମୋକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିବେ। କିନ୍ତୁ ଚିତ୍ରା ନକ୍ଷତ୍ର ମାନସିକ ଦୁଶ୍ଚିନ୍ତା ଭିତରେ ନିଜର ଭାରସାମ୍ୟ ହରାଇ ପାରନ୍ତି।

**ବିଛା**
ଅଷ୍ଟମାଧିପତି ନବମ ଭାବରେ ରହି ଆପଣଙ୍କ ଉଦ୍ୟମ ଓ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରନ୍ତି। ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଚାପ ବଳିଯିବା କାରଣରୁ ବ୍ୟସ୍ତତା ବଢ଼ି ଯାଇପାରେ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ।

**ଧନୁ**
ରାହୁ ଓ ରାଶିରେ ପାପଗ୍ରହ ପ୍ରଭାବରେ ବିଭିନ୍ନ ପ୍ରକାରର ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ ହେବେ ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜ ସ୍ଥାନରେ ବେଶ୍ ଖୁସୀ ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର**
ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ଆପଣ ଭାବୁଥିବେ ଗୋଟିଏ କଥା କହିଲା ବେଳକୁ ତାହା ଓଲଟା ହୋଇ ଯାଇପାରେ। ଫଳରେ ବନ୍ଧୁଙ୍କ ସହ ବିତର୍କଜନିତ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ତଥାପି ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କ କଥା ମାନି କାମ କଲେ ବହୁତ ଭଲ ହେବ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ୍ ହେବେ।

**କୁମ୍ଭ**
ଷଷ୍ଠାଧିପ ସପ୍ତମ ଭାବସ୍ଥ ଯୋଗୁ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ କାମଗୁଡ଼ିକ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବାର ସୂଚନା ରହିଛି। ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଘରର ଥିବା ଭୂ-ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

**ମୀନ**
ଚତୁର୍ଥ ଭାଗରେ ରାହୁ ଥିବାରୁ ଘରୋଇ କ୍ଷେତ୍ରରେ ଆତ୍ମୀୟମାନେ କେତେକ କାରଣକୁ କେନ୍ଦ୍ରକରି ବିଶ୍ୱାସଘାତକତା କରିପାରନ୍ତି। ଶୁକ୍ରଙ୍କ ଧନଭାବ ସଂସ୍ଥାନରୁ ଅର୍ଥଲାଭ ସହ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମୋକଦ୍ଦମା, ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ।

ଆଜି ଦୋଳପୂର୍ଣ୍ଣିମା ସୋମବାର, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜବେଶ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଜୟନ୍ତୀ, ଦୋଳଯାତ୍ରା, ବସନ୍ତରାସ, ମାର୍ଚ୍ଚ ୯ ତାରିଖ, ରାଜ୍ୟଗୋଷ୍ଠୀ ଦିବସ (ମାର୍ଚ୍ଚ ଦ୍ୱିତୀୟ ସୋମବାର) ରାଶି ନକ୍ଷତ୍ର-ପୂର୍ବା ଫାଲ୍‌ଗୁନୀ/ସିଂହ, ମିଥୁନ ରାଶିର ଘାତବାର, ପୂର୍ଣ୍ଣିମାରଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୩୭ମି. ମଧ୍ୟେ ଘ୧୦।୪୬ମି. ଗତେ, ଘ୧।୦୭ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୮ମି. ଗତେ ଘ୧୦।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୩୨ମି. ଗତେ ଘ୯।୦୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/-ରେ ମିଳୁଛି। 9937065503, 8249005131, 9337061817. D-68500

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/-** ବିକ୍ରିହେବ। **9439270333.** D-69108

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଣୀରେ gharabari boundary Patta plot-499/-, 7077730754. D-69103

**Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014.** D-17003

ଶାଳଗାଁ ଷ୍ଟେସନ୍ ପାଖରେ 5,50,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

ଫାର୍ମ ହାଉସ୍/ରିସର୍ଟ/ହସ୍ପିଟାଲ, ୨ତାଲା ଘର, 7300sqft. ଜମି ସହ ବାଲୁଗାଁ ନିକଟ, NH-16 ପାର୍ଶ୍ୱରେ ବିକ୍ରି ପାଇଁ ଯୋଗାଯୋଗ- 9958280148. D-17100

**Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524.** D-69102

Booking 2BHK simplex East facing Tankapani Road, Saimandir 1200Sqft. land cost 31,50,000/-. 7735738102. D-17013

Book 2BHK flat near Tamando overbridge, RERA, SBI approved. 7978584549. D-69241

2900 Sqft. gharabari yellow zone plot for sale at Kapilaprasad, Bhubaneswar. Price- 75 lakh. Contact: 7504392698. D-69240

3Acres land for Sale at Mouza- Chakulia, Mayurbhanj District- 9437087261, 7008275280. D-68677

Gharabari sthitiban land 3k.m from Hanspal (Rasulgarh). Contact: 9937816565, 9937568585. D-69242

**PURCHASE**

Required land at Nageswartangi, Goutam Nagar, BJB Nagar, Bapuji Nagar, Bhubaneswar. Contact No: 9238805505. D-67300

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**healthcare**

Ayurvedic full body massage ladies and gents. Contact- 9861064981. D-68794

Newly open full body massage by ladies, gents therapist. 8018656899 D-60878

Ayurvedic refreshment massage therapy refresh mind and body. Appointment: 7894855541. D-69301

Ayurvedic full body massage ladies/gents smart experts therapist:- 8480939300. D-68795

Full body herbal massage with refreshment expert therapist. 7381239385, 06742540855. D-69243

Experience full body massage with us (expert). Call: 7377048581, 06742597822. D-69244

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69246

Body massage @ 1099 at mystic Unisex Salon and Spa. 9556978408. D-69248

Rejuvenate and Ayurvedic full body massage by smart therapist. 9114402304. D-69247

**AFFIDAVIT**

I Ndee Janakiram S/O- Ndee Rambabu have changed my name to Endi Janakiram S/O- Endi Rambabu vide Affidavit Dt. 28.02.2020 sworn before notary B K. Banka, Attabira. D-17102


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏସ୍‌ସିବିକୁ ମୃତ ଶରୀର ଦାନ

■ ବାପାଙ୍କ ଶେଷ ଇଚ୍ଛା ପୂରଣ କଲେ ତିନିପୁଅ

■ ବର୍ଷା, ବିଳମ୍ବରୁ ଦେଇପାରିଲେନି ଚକ୍ଷୁ


ବିମଳକାନ୍ତି ଘୋଷ

ଅନୁଗୋଳ ସହର,୮।୩

ବାପାଙ୍କ ଶେଷ ଇଚ୍ଛା ପୂରଣ କରିଛନ୍ତି ତିନି ପୁଅ। ମୃତ୍ୟୁ ପରେ ତାଙ୍କ ଶରୀରକୁ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜକୁ ଦାନ କରିବା ପାଇଁ ବାପା ନାମ ପଞ୍ଜୀକରଣ କରିଥିବାରୁ ତଦନୁଯାୟୀ ଶନିବାର ରାତିରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ମୃତଦେହ ହସ୍ତାନ୍ତର କରିଛନ୍ତି ପରିବାରବର୍ଗ। ମେଡିକାଲ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଶରୀର ବ୍ୟବହାର ପାଇଁ ବାପା ରଖିଥିବା ଲକ୍ଷ୍ୟ ପୂରଣ କରିଥିବାରୁ ଅନୁଗୋଳ ସହର ଶିମିଳିପଡ଼ାର ତପନ କୁମାର ଘୋଷ, ସପନ କୁମାର ଘୋଷ ଓ ପ୍ରଦ୍ୟୁତ୍ କୁମାର ଘୋଷ ଖୁସିବ୍ୟକ୍ତ କରିଛନ୍ତି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ଅନୁଗୋଳ ସହର ଶିମିଳିପଡାର ବିମଳକାନ୍ତି ଘୋଷ ତାଙ୍କ ଶରୀର ଦାନ ପାଇଁ ୨୦୧୩ ଜୁନ ୨୬ରେ ଏସ୍‌ସିବିରେ ନାମ ପଞ୍ଜୀକରଣ କରିଥିଲେ, ଯାହାର କ୍ରମିକ ସଂଖ୍ୟା ଥିଲା ୪୦। ଏଥିପୂର୍ବରୁ ସେ ଅନୁଗୋଳ କୋର୍ଟରେ ୨୦୧୨ ଅକ୍ଟୋବର ୧୦ରେ ଏକ ସତ୍ୟପାଠ (ନଂ. ୨୦୩୬) ମଧ୍ୟ କରିଥିଲେ। ଏଥିସହ ତାଙ୍କ ଚକ୍ଷୁ ଭୁବନେଶ୍ୱରସ୍ଥିତ ଏକ ଚକ୍ଷୁ ଚିକିତ୍ସାଳୟକୁ ଦାନ ପାଇଁ ମଧ୍ୟ ଇଚ୍ଛାପ୍ରକାଶ କରିଥିଲେ। ଶୁକ୍ରବାର ସକାଳ ୯ଟାରେ ବିମଳକାନ୍ତି ପୁଅମାନଙ୍କୁ ପାଖକୁ ଡାକି ନିଜ ଇଚ୍ଛା ସମ୍ପର୍କରେ ମନେପକାଇ ଦେଇଥିଲେ। ତେବେ ଶନିବାର ଅପରାହ୍ନ ୨ଟା୧୫ରେ ବିମଳକାନ୍ତିଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ପୁଅମାନେ ଅନୁଗୋଳ କୋର୍ଟରେ ଏକ ସତ୍ୟପାଠ କରିବା ସହ କଟକ ବଡ଼ ଡାକ୍ତରଖାନାକୁ ଯୋଗାଯୋଗ କରିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସେପରି ସହଯୋଗ କରାଯାଇ ନ ଥିଲା। ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଶରୀର ଗ୍ରହଣ କରାଯିବା ନିୟମ ଥିବାରୁ ପରିବାର ଲୋକେ ବିଳମ୍ବ ନ କରି ଏକ ଗାଡ଼ିରେ ମୃତଦେହ ଧରି କଟକରେ ପହଞ୍ଚିବା ପରେ ଘୋଷ ପରିବାରର ଜ୍ୱାଇଁ ତଥା କଟକ ହାଇକୋର୍ଟର ଅବସରପ୍ରାପ୍ତ ରେଜିଷ୍ଟ୍ରାର ଗୋପୀନାଥ ସେନଙ୍କ ହସ୍ତକ୍ଷେପରେ ରାତି ୭ଟା୨୫ରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ଶରୀର ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ରାତି ୭ଟା ୪୫ରେ ବିମଳକାନ୍ତିଙ୍କ ମୃତଦେହ ଫ୍ରିଜରରେ ଭର୍ତ୍ତି କରାଯାଇଥିଲା। ତେବେ ବର୍ଷା ଓ ବିଳମ୍ବ କାରଣରୁ ମୃତଦେହରୁ ଚକ୍ଷୁ ଦାନ କରାଯାଇପାରି ନ ଥିଲା। ତଥାପି ବାପାଙ୍କ ଶେଷ ଇଚ୍ଛା ପୂରଣ କରିପାରିଥିବାରୁ ତିନିପୁଅ ତପନ, ସପନ ଓ ପ୍ରଦ୍ୟୁତ୍ ବହୁତ ଖୁସି ବୋଲି କହିଛନ୍ତି।

# ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ପଦବୀରେ ଓଡ଼ିଆ

ଭୁବନେଶ୍ୱର,୮।୩(ବ୍ୟୁରୋ)

ଓଡ଼ିଶାରେ ଜନ୍ମିତ ବହୁ ପ୍ରଶାସନିକ ଅଧିକାରୀ ବର୍ତ୍ତମାନ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରୁଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ସମୟଠାରୁ ଅନୁଧ୍ୟାନ କଲେ ବର୍ତ୍ତମାନ ସମୟରେ ଏକାଧିକ ଓଡ଼ିଆ ଅଫିସର କେନ୍ଦ୍ର ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଦାୟିତ୍ୱ ତୁଲାଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଦକ୍ଷତାର ସହ ନିଜ ଦାୟିତ୍ୱ ତୁଲାଇ ପ୍ରଶଂସା ମଧ୍ୟ ସାଉଁଟିବାର ନଜିର ରହିଛି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସବୁଠୁ ପ୍ରଭାବଶାଳୀ ଅଫିସ। ଦେଶର ସବୁ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ସେହିଠାରେ ହୋଇଥାଏ। ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ଶାସନ ସଚିବ ଭାବେ ପ୍ରମୋଦ କୁମାର ମିଶ୍ର ଅବସ୍ଥାପିତ ହୋଇଛନ୍ତି। ପ୍ରମୋଦ ଓଡ଼ିଶାର ସମ୍ବଲପୁର ବାସିନ୍ଦା। କୌଣସି ଓଡ଼ିଆ ଭାବେ ଦେଶର ସବୁଠୁ ପ୍ରଭାବଶାଳୀ ପ୍ରଶାସନିକ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ରାଜ୍ୟ ପାଇଁ ଗୌରବର ବିଷୟ। ୧୯୭୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ପ୍ରମୋଦ ପୂର୍ବରୁ ପିଏମ୍‌ଓର ଅତିରିକ୍ତ ଶାସନ ସଚିବ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ନୃପେନ୍ଦ୍ର ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପଦରୁ ଇସ୍ତଫା ଦେବା ପରେ ପ୍ରମୋଦଙ୍କୁ ଏହି ଦାୟିତ୍ୱ ମିଳିଥିଲା। ପ୍ରମୋଦ କ୍ୟାବିନେଟ ସେକ୍ରେଟାରିଏଟ୍ ଆଇନ ମନ୍ତ୍ରଣାଳୟ କାର୍ଯ୍ୟ ମଧ୍ୟ ଅନୁଧ୍ୟାନ କରୁଛନ୍ତି। ଦେଶର ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ରୂପାୟନରେ ତାଙ୍କର ସକ୍ରିୟ ଅଂଶଗ୍ରହଣ ରହୁଛି। ପ୍ରଧାନମନ୍ତ୍ରୀ ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ପ୍ରମୋଦ ସେହି ରାଜ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦରେ କାର୍ଯ୍ୟ କରିଥିଲେ।

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଆଉ ଜଣେ ଓଡ଼ିଆ। ଦେଶର ଅର୍ଥନୀତି ଏକ ବିଶେଷ ପରିସ୍ଥିତି ଦେଇ ଗତି କରୁଥିବାବେଳେ ୧୯୮୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତଙ୍କ


ପ୍ରମୋଦ ମିଶ୍ର


ଶକ୍ତିକାନ୍ତ ଦାସ


ଡ. ମୃତ୍ୟୁଞ୍ଜୟ ମହାପାତ୍ର


ଗିରୀଶ ଚନ୍ଦ୍ର ମୁର୍ମୁ

ନିଯୁକ୍ତି ଅନେକ ଗୁରୁତ୍ୱ ବହନ କରୁଛି। ଶକ୍ତିକାନ୍ତ ପୂର୍ବରୁ ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର, ରାଜସ୍ୱ ଏବଂ ଶିଳ୍ପ ମନ୍ତ୍ରଣାଳୟରେ କାର୍ଯ୍ୟ କରିସାରିଛନ୍ତି। ଆରବିଆଇ ଗଭର୍ନର ଭାବେ ଉର୍ଜିତ ପଟେଲ ଇସ୍ତଫା ଦେବା ପରେ ଭୁବନେଶ୍ୱରରେ ଜନ୍ମିତ ଶକ୍ତିକାନ୍ତଙ୍କୁ ଏହି ଦାୟିତ୍ୱ ମିଳିଥିଲା। ସେହିପରି ରାଜ୍ୟକୁ ଗୌରବାନ୍ୱିତ କରିଥିବା ଅନ୍ୟ ଜଣେ ଓଡ଼ିଆ ହେଉଛନ୍ତି ଡ. ମୃତ୍ୟୁଞ୍ଜୟ ମହାପାତ୍ର। ମୃତ୍ୟୁଞ୍ଜୟଙ୍କ ଘର ଭଦ୍ରକ ଜିଲାରେ। ସେ ବର୍ତ୍ତମାନ ଭାରତୀୟ ପାଣିପାଣ ସଂସ୍ଥାନର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ। ୨୦୧୯ର ଭୟାନକ ସାମୁଦ୍ରିକ ଝଡ଼ 'ଫନୀ'ର ବହୁ ପୂର୍ବରୁ ସୂଚନା ସଂଗ୍ରହ କରିବା, ତା' ଗତିପଥର ସବିଶେଷ ସୂଚନା ରଖିବା ଏବଂ ଏହାର ସଫଳ ମୁକାବିଲା କରିବା ପାଇଁ ଓଡ଼ିଶା ଓ ଭାରତ ସରକାରଙ୍କୁ ମୃତ୍ୟୁଞ୍ଜୟ ଆବଶ୍ୟକ ସହଯୋଗ କରିଥିଲେ। ଆଗାମୀ ଦିନରେ ବହୁ ପୂର୍ବରୁ ପାଣିପାଗ ନିର୍ଣ୍ଣୟ ଏବଂ ଉଚ୍ଚତର ଗବେଷଣା ପାଇଁ ସେ ନିଜର ଅଧ୍ୟବସାୟ ଜାରି ରଖିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଓଡ଼ିଶାରୁ ମୃତ୍ୟୁଞ୍ଜୟଙ୍କ ପ୍ରତିନିଧିତ୍ୱ ନିହାତି ଗୌରବର କଥା।

ଜମ୍ମୁ ଓ କଶ୍ମୀରରେ ଲାଗୁ ହୋଇଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଗତବର୍ଷ ଅଗଷ୍ଟ ୫ରେ ଉଚ୍ଛେଦ କରିଥିଲେ। ଏହାପରେ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଥିଲା। ଏହାପରେ ଗୁରୁତ୍ୱପୂର୍ଣ୍ଣ ଜମ୍ମୁ ଓ କଶ୍ମୀରର କିଏ ଲ୍ୟୁଟନାଣ୍ଟ ଗଭର୍ନର ହେବେ, ତାହା ଉପରେ ସାରା ଦେଶର ନଜର ରହିଥିଲା। ଶେଷରେ ଏହି ଗୁରୁତ୍ୱପୂର୍ଣ୍ଣ ପଦ ପାଇଁ ୧୯୮୫ ବ୍ୟାଚ୍‌ର ଗୁଜରାଟ କ୍ୟାଡର ଓଡ଼ିଆ ଆଇଏଏସ୍ ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ମନୋନୀତ କରାଯାଇଥିଲା। ଏହି ନିଯୁକ୍ତି ପୂର୍ବରୁ ମୋଦିଙ୍କ ଗୁଜରାଟ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଗିରୀଶ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଥିଲେ। ଉପରୋକ୍ତ ୪ ଅଧିକାରୀଙ୍କୁ ବାଦ୍ ଦେଲେ ଆହୁରି ଅନେକ ଓଡ଼ିଆ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି। ଯେପରି ନ୍ୟାଶନାଲ କାଉନସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି)ର ନିର୍ଦ୍ଦେଶକ ଡ. ହୃଷୀକେଶ ସେନାପତି। ନିକଟରେ ୟୁପି କ୍ୟାଡର ଓଡ଼ିଆ ଆଇଏଏସ୍ ଅଫିସର ଦେବାଶିଷ ପଣ୍ଡା ଗୁରୁତ୍ୱପୂର୍ଣ୍ଣ ଅର୍ଥ ମନ୍ତ୍ରଣାଳୟର ସଚିବ ଭାବେ କିଛିଦିନ ଦାୟିତ୍ୱ ତୁଲାଇଥିଲେ।

## ଦୋଳବେଦିରେ ମହାପ୍ରଭୁଙ୍କ ମେଣ୍ଢାପୋଡ଼ି ନୀତି ସମ୍ପନ୍ନ

ପୁରୀ ଅଫିସ, ୮।୩

ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ରବିବାର ମହାପ୍ରଭୁଙ୍କ ଅଗ୍ନି ଉତ୍ସବ ନୀତି ସମ୍ପନ୍ନ ହୋଇଛି। ଏହି ଅଗ୍ନି ଉତ୍ସବକୁ ମେଣ୍ଢାପୋଡ଼ି ନୀତି କୁହାଯାଏ। ଏହି ଅବସରରେ ଠାକୁରଙ୍କ ଦର୍ଶନ ଲାଗି ଦୋଳବେଦି ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ସୋମବାର ପବିତ୍ର ଦୋଳ ପୂର୍ଣ୍ଣିମା। ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜିତ ଚତୁର୍ଦ୍ଧାବିଗ୍ରହଙ୍କ ଦୁର୍ଲ୍ଲଭ ସୁନାବେଶ ଅନୁଷ୍ଠିତ ହେବ। ବିଭିନ୍ନ ନୀତି ପରେ ଠାକୁରଙ୍କୁ ଦୋଳବେଦିସ୍ଥିତ ଅଗ୍ନି ଉତ୍ସବକୁ ବିଜେ କରାଯାଇଥିଲା। ସେଠାରେ ହୋମ, ପ୍ରସାଦ ଲାଗି ଏବଂ ଶୀତଳ ଭୋଗ ମଣୋହି ହୋଇ ଚାମର ଆଲଟ ହୋଇଥିଲା। ଏହାପରେ ଅଗ୍ନିଘରେ ନିଆଁ ଲଗାଯାଇଥିଲା। ଅଗ୍ନିଘର ଚତୁଃପାର୍ଶ୍ୱରେ ଠାକୁର ବିମାନରେ ୭ଥର ପ୍ରଦକ୍ଷଣ କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ପୋଷଣ ପାଇଁ 'ସୋପାନ' ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୮।୩(ବ୍ୟୁରୋ)

ମହିଳା ଏବଂ ଶିଶୁଙ୍କ ପୋଷଣଗତ ବିକାଶକୁ ରାଜ୍ୟ ସରକାର ଅଗ୍ରାଧିକାର ଦେଇ ଆସୁଛନ୍ତି। ନିକଟରେ ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ସ୍ୱତନ୍ତ୍ର ପୋଷଣ ବଜେଟ୍ ଆଗତ କରିଛନ୍ତି। ପୋଷଣ କାର୍ଯ୍ୟକ୍ରମଜନିତ ଲକ୍ଷ୍ୟ ହାସଲ ପାଇଁ ଷ୍ଟ୍ରାଟେଜି ଫର୍ ଓଡ଼ିଆସ୍ ପାଥ୍ ୱେ ଟୁ ଆସଲେରେଟେଡ୍ ନ୍ୟୁଟ୍ରିଶନ୍ (ଏସ୍‌ଓପିଏଏନ୍-ସୋପାନ) ଯୋଜନାର ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ୨୨ ଜିଲାରେ ଥିବା ୧୨୫ ବ୍ଲକକୁ ଏକକ ଭାବେ ଧରାଯାଇଛି। ଏହି ସବୁ ଅଞ୍ଚଳରେ ୬ ବର୍ଷରୁ କମ୍ ଶିଶୁ, କିଶୋରୀ ବାଳିକା ଓ ଗର୍ଭବତୀ ଏବଂ ପ୍ରସୂତି ଉପକୃତ ହେବେ।

ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ୧୫ରୁ ୧୯ ବର୍ଷ ବୟସର କିଶୋରୀ ବାଳିକା ଓ ଗର୍ଭବତୀ ମହିଳାଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ଅତିରିକ୍ତ ଗରମ ଖାଦ୍ୟ ବ୍ୟବସ୍ଥା କରାଯିବ। ୩ ବର୍ଷରୁ କମ୍ ପିଲାଙ୍କ ପୁଷ୍ଟି ପରିଚାଳନା, ଅତିଶୟ ପୁଷ୍ଟିହୀନତା ପାଇଁ ସ୍ୱତନ୍ତ୍ର ଗୋଷ୍ଠୀଗତ ପଦକ୍ଷେପ, ଅପହଞ୍ଚ ଇଲାକାରେ ପଢ଼ାପୁଷ୍ଟି କାର୍ଯ୍ୟକ୍ରମ, ଘର ଖାଦ୍ୟକୁ ଅଧିକ ଭିଟାମିନ୍ ଓ ପୁଷ୍ଟିକର କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ସେହିଭଳି ଅର୍ଦ୍ଧବାର୍ଷିକ ଓଜନ ଦିବସରେ ପ୍ରତ୍ୟେକ ଶିଶୁଙ୍କର ଓଜନ ସହ ଦୃଷ୍ଟିହୀନ ଶିଶୁଙ୍କ ଉପରେ ପ୍ରତ୍ୟକ୍ଷ ନଜର ରଖାଯିବ। ଅପହଞ୍ଚ ଇଲାକାରେ ପୁଷ୍ଟିସଖୀ ନାମରେ ଗୋଷ୍ଠୀଗତ ମାନବ ସମ୍ବଳ ମୁତୟନ କରାଯିବ। ଅନୁରୂପ ଭାବେ ପୁଷ୍ଟିସାଧନରେ ପଞ୍ଚାୟତକୁ ସାମିଲ କରି ଉନ୍ନତ ପଞ୍ଚାୟତଗୁଡ଼ିକୁ ପୁରସ୍କାର ଦିଆଯିବାର ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମର ପରିଚାଳନା କରୁଥିବା ଅଙ୍ଗନୱାଡି କର୍ମୀଙ୍କୁ ରାଜଧାନୀ ଭୁବନେଶ୍ୱରରେ ପ୍ରଶିକ୍ଷଣ, ୩୬୦ ଡିଗ୍ରୀର ପୁଷ୍ଟି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ପୁରୁଷମାନଙ୍କୁ ନିୟୋଜିତ କରିବା ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି। ସେହିପରି ଆର୍ଥିକ ଦୃଷ୍ଟିକୋଣରୁ ପଞ୍ଚାୟତିରାଜ ଓ ପାନୀୟ ଜଳ, ଡିଏମ୍‌ଏଫ୍, ଓମ୍‌ବାଡାକ୍ ସହ ସମନ୍ୱୟ ରଖାଯିବ। ଜିଓ ଟ୍ୟାଗିଂ ଏବଂ ଏ ସମ୍ପର୍କିତ ଆପ୍‌ର ବ୍ୟବହାର, ପୁଷ୍ଟି ସମ୍ପର୍କିତ ଗବେଷଣା ଓ ପରିସଂଖ୍ୟାନ ଉପରେ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମକୁ ଅଧିକ ସଫଳ କରିବା ପାଇଁ ବିଭିନ୍ନ ସଂସ୍ଥାର ସହଭାଗିତା ନିଆଯାଇଛି। ଏହି ସଂସ୍ଥାଗୁଡ଼ିକ ହେଉଛି- ଅଜିମ୍ ପ୍ରେମ୍‌ଜୀ ଫିଲାନଥ୍ରୋପିକ୍ ଇନିସିଏଟିଭ୍ (ଏପିପିଆଇ), ସେଣ୍ଟ୍ରାଲ ଫୁଡ୍ ଟେକ୍ନୋଲୋଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିଏଫ୍‌ଟିଆର୍‌ଆଇ), ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ନ୍ୟୁଟ୍ରିଶନ୍ (ଏନ୍‌ଆଇଏନ୍), ୱାର୍ଲ୍ଡ ଫିଶ୍, ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ (ଡବ୍ଲ୍ୟୁଏଫ୍‌ପି), ୟୁନିସେଫ୍ ଇତ୍ୟାଦି।







ଆମ ଭିତରେ ଯାହା ଥାଏ- ତାହା ହିଁ ଆମେ ଦେଖୁ ଅନ୍ୟମାନଙ୍କଠାରେ। ଆମେ ଯଦି ଆମ ଚତୁଃପାର୍ଶ୍ୱରେ କେବଳ ପଙ୍କ ଦେଖୁଥାଉ- ତେବେ ତାହା ହିଁ ପ୍ରମାଣିତ କରୁଛି ଯେ, ଆମ ନିଜ ଭିତରେ କୋଉଠି ପଙ୍କ ରହିଛି।
-ଶ୍ରୀମା



# ଆଜି 'ୟେସ୍' କାଲି 'ନୋ'

କିଛିବର୍ଷ ଧରି ଭାରତର ନେତୃତ୍ୱ କେବଳ ପରାମର୍ଶ ନୁହେଁ, ବିମୁଦ୍ରୀକରଣ ଭଳି ପଦକ୍ଷେପ ନେଇ ଦେଶବାସୀଙ୍କୁ ବାଧ୍ୟ କରୁଛନ୍ତି ବ୍ୟାଙ୍କ ମାଧ୍ୟମରେ ସବୁ ସାନବଡ଼ ଆର୍ଥିକ କାରବାର କରିବା ପାଇଁ। ଡିଜିଟାଲକୁ ଭଗବାନ ଭାବରେ ଦର୍ଶାଉଥିବା ବେଳେ ନଗଦ ଟଙ୍କାକୁ ସଇତାନ୍‌ର ଆଖ୍ୟା ଦିଆଯାଉଛି। ଏହି ଚିନ୍ତାଧାରାର ସମର୍ଥକମାନେ ନଗଦ କାରବାରକୁ କଳାଧନର ଆଧାର ବୋଲି ଘୋଷି ହେଉଛନ୍ତି। ପରିସ୍ଥିତି ଏମିତି ସୃଷ୍ଟି କରିଦିଆଗଲା ଯେ, ଅନିଚ୍ଛୁକ ନାଗରିକ ମଧ୍ୟ ଏହି ଭିଡ଼ରେ ସାମିଲ ହେବାକୁ ବାଧ୍ୟ ହେଲେ। ପୃଥିବୀବ୍ୟାପୀ ସମସ୍ତେ ବୁଝନ୍ତି ଯେ, ଭିଡ଼ କିମ୍ବା ଗୋଠ ମାନସିକତା କେବେହେଲେ ଏକ ଜାତିକୁ ଆଗେଇ ନିଏନାହିଁ। ସେଥିପାଇଁ ଓଡ଼ିଆରେ ଢଗ ଅଛି- 'ଭିଡ଼କୁ ନୁହେଁ'। ଏବେ ଭାରତର ବିଭିନ୍ନ ବ୍ୟାଙ୍କରେ ଉପୁଜୁଥିବା ପରିସ୍ଥିତି ଏହି ଗୋଠ ମାନସିକତାର ତ୍ରୁଟିକୁ ବେଶ୍ ଦର୍ଶାଉଛି। ପଞ୍ଜାବ ଆଣ୍ଡ୍ ମହାରାଷ୍ଟ୍ର କୋଅପରେଟିଭ୍ (ପିଏମ୍‌ସି) ବ୍ୟାଙ୍କ ଏବଂ ଏବେ ସୁପରିଚିତ ଘରୋଇ ବ୍ୟାଙ୍କ 'ୟେସ୍ ବ୍ୟାଙ୍କ'ର ଘଟଣା ଦେଶର ମୂର୍ଖଙ୍କୁ ବି ବ୍ୟାଙ୍କ କାରବାର ପ୍ରତି ସାବଧାନ ରହିବାକୁ ଚେତାଇ ଦେଇଛି। ଇନ୍ଦିରା ଗାନ୍ଧୀଙ୍କ ବ୍ୟାଙ୍କ ଜାତୀୟକରଣକୁ ଏକ କ୍ଷତିକାରକ ନିଷ୍ପତ୍ତି ଭାବେ ଦର୍ଶାଇବାକୁ ଯାଇ ଆଜିର ସରକାର ଆହୁରି ଏକ ବିରାଟକାୟ କ୍ଷତି ଘଟାଇବାକୁ ଯାଉଛନ୍ତି। ୟେସ୍ ବ୍ୟାଙ୍କ ଭଳି ବୁଡ଼ିଯାଉଥିବା ସଂସ୍ଥାକୁ ମୃତ୍ୟୁ ପୂର୍ବରୁ ଆଇସିୟୁରେ ଭର୍ତ୍ତି କଲାଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏସ୍‌ବିଆଇ ଉପରେ ଲଦି ଦେଉଛନ୍ତି। ବିଭିନ୍ନ ରୁଗ୍‌ଣ ବ୍ୟାଙ୍କକୁ ଚିହ୍ନଟ କରି ଯେଉଁ କେତୋଟି ସୁସ୍ଥ ବ୍ୟାଙ୍କ ସହିତ ମିଶ୍ରଣ ଉଦ୍ୟମ ଆରମ୍ଭ ହୋଇଛି, ତାହାଦ୍ୱାରା ସେହି ସୁସ୍ଥ ବ୍ୟାଙ୍କଗୁଡ଼ିକ ଖୁବ୍‌ଶୀଘ୍ର ଅସୁସ୍ଥ ହୋଇଯିବେ କିମ୍ବା ବୁଡ଼ିଯିବେ।

ଯେଉଁ ଅର୍ଥନୈତିକ ବ୍ୟବସ୍ଥାରେ ବ୍ୟାଙ୍କ ଭଳି ଆର୍ଥିକ ସଂସ୍ଥା ବୁଡ଼ିବାକୁ ଆରମ୍ଭ କରେ ସେଠାରେ ଅର୍ଥନୈତିକ ଚିନ୍ତାଧାରାର ସମ୍ପୂର୍ଣ୍ଣ ଅଭାବ ରହିଛି ବୋଲି ବୁଝିବା କଥା। ଆଜିର ଭାଜପା ସରକାର ପ୍ରଥମ ଛେକରେ କ୍ଷମତାକୁ ଆସିବା ମାତ୍ରକେ ଯେତୋଟି ପଦକ୍ଷେପ ନେଲେ ତହିଁରୁ ବିମୁଦ୍ରୀକରଣ ବ୍ୟତୀତ, ଆଉ ଗୋଟିଏ ଅତ୍ୟନ୍ତ ମାରାତ୍ମକ ନିଷ୍ପତ୍ତି ଥିଲା- ଅନେକ ହଜାର ତଥାକଥିତ ଅଦରକାରୀ ପୁରୁଣା ଆଇନକୁ ଉଚ୍ଛେଦ କରିବା । ଏଭଳି ନିଷ୍ପତ୍ତି ନେଇ ବାହାବା ନେଉଥିବା ସରକାର ଏକାଥରକେ ଦୀର୍ଘବର୍ଷବ୍ୟାପୀ ସଞ୍ଚିତ ହୋଇ ଆସିଥିବା ଅଭିଜ୍ଞତାକୁ ଅଳିଆଗଦାରେ ଫୋପାଡ଼ିଦେଲେ। କୁହାଯାଉଥିବା ଏପରି ଅଦରକାରୀ ଆଇନ ପ୍ରସ୍ତୁତ ବେଳେ ନିଶ୍ଚିତ ଭାବେ ସେହି ସମୟର ସରକାରୀ କର୍ମଚାରୀ ତାହାକୁ ଲେଖିଥିବେ। ପ୍ରତ୍ୟେକ ଆଇନର ଜନ୍ମ ପଛରେ କୌଣସି ନା କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ରହିଥାଏ। ଆଜି ଆଧୁନିକ ପ୍ରଶାସକଙ୍କୁ କୌତୂହଳପୂର୍ଣ୍ଣ ମନେହେଉଥିବା ପୁରାତନ ଆଇନ କେଉଁ ପରିସ୍ଥିତିରେ ସୃଷ୍ଟି ହୋଇଥିଲା ଜାଣିବା ସେମାନଙ୍କ ବୁଦ୍ଧି ବାହାରେ। ସେଥିପାଇଁ ବିନା ତର୍ଜମାରେ, ଜନସାଧାରଣଙ୍କୁ ବିନା ଆଲୋଚନାରେ ସାମିଲ କରି ଏବଂ ଏଭଳି ଉଚ୍ଛେଦ ନିଷ୍ପତ୍ତି ନେବା ପୂର୍ବରୁ ସାଂସଦମାନଙ୍କୁ ଆଇନ ସୃଷ୍ଟିର କାରଣ ଦର୍ଶା ନ ଯାଇ ଏକତରଫା ପଦକ୍ଷେପ ନିଆଗଲା। ପୂର୍ବରୁ ପଢ଼ିଥିବା ଏକ ଇଂଲିଶ ଗପ ଏଠାରେ ମନେପଡ଼େ। ରୋମାନିଆର ଏକ ଲୋକ କାହାଣୀ -ଦି ଲ୍ୟାଣ୍ଡ୍ ହୋୟାର ଦେୟାର ଓ୍ୟାର ନୋ ଓଲ୍ଡ ମ୍ୟାନ୍ (ଯେଉଁ ଦେଶରେ କୌଣସି ବୟସ୍କ ଲୋକ ନ ଥିଲେ)। ଏହି କାହାଣୀରେ ଉଲ୍ଲେଖ ଥିଲା ଯେ, ଦେଶର ଯୁବକମାନେ ବୟସ୍କମାନଙ୍କୁ ଅଦରକାରୀ ଭାବେ ମାରିଦେବାକୁ ଚାହିଁଲେ।

**ତଥାଗତ ସତପଥୀ**

ସେହି ଦେଶର ରାଜା ଜଣେ ଯୁବକ ହୋଇଥିବାରୁ ଏହି ମତ ସହିତ ଏକମତ ହେଲେ। ସମସ୍ତେ ନିଜ ମାତାପିତାଙ୍କୁ ମାରିଦେଇଥିବା ବେଳେ ଜଣେ ଯୁବକ ତାଙ୍କ ପିତାଙ୍କୁ ଭଲ ପାଇ ଲୁକ୍କାୟିତ ଭାବେ ବଞ୍ଚାଇ ରଖିଥିଲେ। ଥରେ ଦୁର୍ଭିକ୍ଷ ଆସିଲା । ପୁନର୍ବାର ଚାଷ ଆରମ୍ଭ କରିବାର ପଦ୍ଧତି କେହି ଜାଣି ନ ଥିଲେ। ଲୁଚି ରହିଥିବା ବୁଢ଼ା ନିଜ ପୁଅ ଚିନ୍ତିତ ଥିବା ଦେଖି କାରଣ ପଚାରିଲେ। ପରିସ୍ଥିତି ବୁଝିବା ପରେ ପୁଅକୁ ରାସ୍ତା କଡ଼ ଜମିରେ ହଳ ବୁଲାଇବାକୁ କହିଲେ। ଫଳସ୍ୱରୂପ ସେଠାରେ ଧାନଗଛ ଉଠିଲା। ଏହି ଖବର ଯେତେବେଳେ ବ୍ୟାପିଲା ରାଜା ସେହି ଯୁବକଙ୍କୁ ଡକାଇ ତା' ବୁଦ୍ଧିର ସୂତ୍ର ସମ୍ପର୍କରେ ପଚାରିଲେ। ଯୁବକ ନିଜ ବାପାଙ୍କ ଅଭିଜ୍ଞତାକୁ ବ୍ୟବହାର କରି ଏଭଳି ପଦକ୍ଷେପ ନେଇଥିବା ସତ କହିଥିଲେ। ବୃଦ୍ଧଙ୍କୁ ଡକାଇ ରାଜା ଏହାର ରହସ୍ୟ ଜାଣିବାକୁ ଚାହିଁଲେ। ଉତ୍ତରରେ ବୟସ୍କ ବ୍ୟକ୍ତି କହିଲେ ଯେ ଦେଶରେ ପୂର୍ବରୁ ଧାନ ରାସ୍ତାରେ ନିଆଅଣା ହେଉଥିବା ବେଳେ କିଛି ଶସ୍ୟ ନିଶ୍ଚିତ ଭାବେ ତଳେ ପଡ଼ିଯାଏ। ତାହା ଏବେ ଆପଣଙ୍କ ବିହନ ଭାବେ କାର୍ଯ୍ୟ ଦେଲା। ରାଜା ବୁଝିଲେ ଯେ ଯେତେ ଅଦରକାରୀ ବା ବିକଟାଳ ଦିଶୁଥିଲେ ମଧ୍ୟ ଅଭିଜ୍ଞତାର କୌଣସି ବିକଳ୍ପ ନାହିଁ।

ଅର୍ଥନୈତିକ ଚିନ୍ତାଧାରାରେ ଭାଜପା ନେତୃତ୍ୱ ସମ୍ପୂର୍ଣ୍ଣ ଶୂନ୍ୟ ବୋଲି ଆଜିର ସଚେତନ ଭାରତୀୟ ବୁଝିପାରୁଥିବେ। କିନ୍ତୁ ୟେସ୍ ବ୍ୟାଙ୍କ ଘଟଣା ପ୍ରମାଣ କରିଦେଉଛି ଯେ, ବୁଦ୍ଧି ଶୂନ୍ୟ ହେବା ସହିତ ସବୁ ଅଭିଜ୍ଞତାକୁ ଧ୍ୱଂସ କରିଦେଉଥିବା ସରକାର ଦେଶର ଅଭୂତପୂର୍ବ କ୍ଷତି ଘଟାଉଛି। ବିଭିନ୍ନ ପ୍ରକାର ଆର୍ଥିକ ପରିସ୍ଥିତି ଦେଇ ଗତି କରିଆସୁଥିବା ଭାରତବର୍ଷର ସବୁ ପୁରାତନ ଆଇନ ବେକାର ହୋଇ ନ ଥାଇପାରେ। ମଣିଷର ମାନସିକ ଏବଂ ଶାରୀରିକ ଯୋଗ୍ୟତାରୁ ଉପୁଜୁଥିବା ଆଇନ ଅର୍ଦ୍ଧଶତାବ୍ଦୀ ପୂର୍ବେ ଯେତିକି ବ୍ୟବହାରଯୋଗ୍ୟ ଥିଲା, ଆଜି ମଧ୍ୟ ସେତିକି କାର୍ଯ୍ୟଦକ୍ଷତା ପ୍ରମାଣ କରିପାରେ। ବାରମ୍ବାର ତତ୍‌କ୍ଷଣାତ୍ ନିଷ୍ପତ୍ତି ନିଆଯାଉଥିବାରୁ ଅନେକ ତ୍ରୁଟି ଘଟିଲା ବୋଲି ମନେହେଉଛି। ଅପରପଟେ ସରକାରଙ୍କୁ ସମର୍ଥନ କରୁଥିବା ମାନସିକତା ଯୁକ୍ତି ବାଢ଼ି ପାରନ୍ତି ଯେ ୟେସ୍ ବ୍ୟାଙ୍କର ସମସ୍ୟା ଦୀର୍ଘକାଳ ଧରି ଚାଲି ଆସୁଥିବା ବେଳେ ତାହା କେତେକ ବ୍ୟକ୍ତିବିଶେଷ ଓ ପରିଚାଳନାଗତ ତ୍ରୁଟି ଯୋଗୁ ଘଟିଛି। ଏହିଭଳି ସହଜ ଯୁକ୍ତି ବାଢ଼ି ଖସିଯିବା କଷ୍ଟକର ନୁହେଁ। ଅନ୍ୟପଟେ ବୁଝିବା ଦରକାର ଯେ, ୟେସ୍ ବ୍ୟାଙ୍କ ପରିଚାଳକଙ୍କ ଭଳି ଅନ୍ୟ ବ୍ୟାଙ୍କଗୁଡ଼ିକରେ ମଧ୍ୟ ଏହିଭଳି ବ୍ୟକ୍ତିବିଶେଷ କ୍ଷମତାସୀନ ହୋଇ ବସିଛନ୍ତି। ଏହି ସ୍ତମ୍ଭ ଲେଖାଯାଉଥିବା ବେଳେ ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଆଯାଉଥାଇପାରେ। ଉଦାହରଣସ୍ୱରୂପ କୃଷିଭିତ୍ତିକ ଭାରତୀୟ ଅର୍ଥନୀତି ଭଲ ଫସଲରେ ଆଧୁନିକ ମାପକାଠିରେ ବ୍ୟବସାୟକୁ ସାହାଯ୍ୟ କରିପାରୁଛି। ଭଲ ବର୍ଷା ହେଲେ ଶେୟାର ବଜାର ସଫଳତା ପ୍ରଦର୍ଶନ କରୁଛି। ଅନ୍ୟପଟେ କୃଷକର କ୍ଷତି ଘଟିଲେ ବ୍ୟବସାୟିକ ବିଫଳତା ମଧ୍ୟ ଦେଖାଦେଉଛି। ଏଭଳି ପ୍ରଚ୍ଛଦପଟରେ ରାତିଅଧିଆ ନିଷ୍ପତ୍ତି ନେଇ ଡିଜିଟାଲ ଦିଗରେ ମାଡ଼ିଗଲା ବେଳକୁ ଦେଶର ସ୍ୱାର୍ଥ ଜଗିବାକୁ ସୁସ୍ଥ ବ୍ୟବସ୍ଥା ସୃଷ୍ଟି କରାଯାଇପାରି ନାହିଁ। ନଗଦ ଟଙ୍କାରେ ବିଶ୍ୱାସ ରଖିଥିବା କୃଷକ ଯେତେବେଳେ ବ୍ୟାଙ୍କକୁ ଯାଉଛି ଏବଂ ସେହି ବ୍ୟାଙ୍କ ରୁଗ୍‌ଣ ପାଲଟୁଛି, ସେତେବେଳେ ଉକ୍ତ ଚାଷୀକୁ ରକ୍ଷାକରିବାକୁ କୌଣସି ପଦ୍ଧତି ନାହିଁ। ବିକଳ୍ପ ସୃଷ୍ଟି କରା ନ ଯାଇ ଯେତେବେଳେ ଅର୍ଥନୀତିକୁ କେତେଜଣ ବ୍ୟକ୍ତିବିଶେଷଙ୍କ ହାତରେ ଛାଡ଼ିଦିଆଯାଉଛି, ସେତେବେଳେ ପିଏମ୍‌ସି କିମ୍ବା ୟେସ୍ ବ୍ୟାଙ୍କ ପରିସ୍ଥିତି ସୃଷ୍ଟି ହେଉଛି। ଆଜିର ସରକାରରେ ଅଭିଜ୍ଞ ଅର୍ଥନୀତିଜ୍ଞ ନ ଥିବା ବେଳେ ଅମର୍ତ୍ତ୍ୟ ସେନ୍ ଏବଂ ଅଭିଜିତ ବାନାର୍ଜୀଙ୍କ ଭଳି ବିକଳ୍ପ ବୁଦ୍ଧିକୁ ଦେଶବିରୋଧୀ ଆଖ୍ୟା ଦେଇ ସେମାନଙ୍କ ପରାମର୍ଶକୁ ନାକଚ କରିଦିଆଯାଉଛି। ବିଶେଷଜ୍ଞଙ୍କ ମତକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଆଉ କୌଣସି ବ୍ୟାଙ୍କ ବୁଡ଼ିଯିବା ଆଶଙ୍କା ସୃଷ୍ଟି ହୋଇପାରେ। ତେବେ ଭବିଷ୍ୟବାଣୀ କରିବା କଷ୍ଟକର। କିନ୍ତୁ ୟେସ୍ ବ୍ୟାଙ୍କର ବିଫଳତା ସ୍ପଷ୍ଟ ଦର୍ଶାଉଛି ଯେ ଭାରତର ଆର୍ଥିକ 'ବ୍ୟବସ୍ଥା' ଭୁଶୁଡ଼ିପଡ଼ିଲାଣି। ଆଜି 'ୟେସ୍' କାଲି 'ନୋ'।

# କୃଷି କ୍ଷେତ୍ରରେ ଜୀବିକାର ସନ୍ଧାନ



ଶକ୍ତି ପ୍ରସାଦ ଦାସ

ଗତ ତିନି ଦଶନ୍ଧି ମଧ୍ୟରେ ଗ୍ରାମ୍ୟ କୃଷିବଳର ବେଶ୍ କିଛି ବଡ ଅଂଶ କୃଷି କ୍ଷେତ୍ର ଛାଡି ନିର୍ମାଣ ତଥା ଅନ୍ୟାନ୍ୟ କ୍ଷେତ୍ରକୁ ମୁହାଇଁଛନ୍ତି। ଏହା ଦର୍ଶାଉଛି କି କୃଷିକ୍ଷେତ୍ରରେ ଉତ୍ପାଦକତା ଓ ଆୟ ବଢୁନାହିଁ। ତଥ୍ୟ କହୁଛି ଗ୍ରାମ୍ୟ ଶ୍ରମବଳର ୩୪ ପ୍ରତିଶତ ଅଣ-କୃଷି କ୍ଷେତ୍ରରେ ନିୟୋଜିତ ଅଛନ୍ତି। ଗତ କିଛିବର୍ଷ ହେଲା ଚାଷ ହେଉଥିବା ଜମି ପରିମାଣ କମିଛି ଓ ପୂର୍ବରୁ ଚାଷ ହେଉଥିବା ଜମିସବୁ ଅନାବାଦୀ ପଡିଛି।

ଭାରତରେ ଆର୍ଥିକ ଉଦାରୀକରଣ ପରେ କୃଷି-ଉତ୍ପାଦନ ବଢିଛି ନିଶ୍ଚୟ। ରାଜ୍ୟ ସରକାର କୃଷି କର୍ମଣ ପୁରସ୍କାର ପାଇ ନିଜ ପିଠି ଥାପୁଡେଇଛନ୍ତି। ଚଳିତ ବଜେଟ ଅଧିବେଶନରେ ବକ୍ତବ୍ୟ ରଖିଛନ୍ତି କି ରାଜ୍ୟର କୃଷକମାନଙ୍କର ଆୟ ଦୁଇଗୁଣରୁ ଅଧିକ ହୋଇସାରିଛି। ଏତେସବୁ ଦାବି ପରେ ବି ବାସ୍ତବ ସ୍ଥିତି ଅଲଗା। ନିକଟରେ ଭୁବନେଶ୍ୱରର ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିୟନରେ ସୈନିକ, କିରାଣି, ରୋଷେୟା, ଧୋବା ଇତ୍ୟାଦି ପଦ ପାଇଁ ରାଜ୍ୟର ହଜାର ହଜାର ପ୍ରତ୍ୟାଶୀ ରୁଣ୍ଡ ହେବା ଅଲଗା କଥା କହୁଛି। ତେଣୁ ଶିଳ୍ପ ଓ ସେବା କ୍ଷେତ୍ର ସହିତ କୃଷି କ୍ଷେତ୍ରକୁ ମଧ୍ୟ ଲାଭଜନକ କରିବାକୁ ହେବ। ଏ କ୍ଷେତ୍ରରେ ଅନ୍ୟାନ୍ୟ କାରଣ ମଧ୍ୟରୁ କିଛି ସହଜାତ ପ୍ରତିବନ୍ଧକ ଯେପରି କି ବାରମ୍ବାର ଘଟୁଥିବା ପ୍ରାକୃତିକ ଦୁର୍ବିପାକ, ଜଳସେଚନର ଅଭାବ, ନିମ୍ନସ୍ତରର ଫସଲ-ଉତ୍ପାଦକତା, ଅମଳ ପରବର୍ତ୍ତୀ ଢାଞ୍ଚା ଯେପରି କି ଶୀତଳଭଣ୍ଡାର, ଗୋଦାମଘର, ଦକ୍ଷ ବଜାର ସୁବିଧା ଇତ୍ୟାଦିର ଅଭାବ ପ୍ରଭୃତି ସମସ୍ୟାର ସମାଧାନ କରିବାକୁ ହେବ ଏବଂ ଗତାନୁଗତିକତା ଛାଡିବାକୁ ହେବ।

୨୦୧୭-୧୮ ବର୍ଷ ସୁଦ୍ଧା ରାଜ୍ୟର ଜଳସେଚିତ ଜମି ପରିମାଣ ୩୪.୪ଲକ୍ଷ ହେକ୍ଟର, ଯାହା ସମୁଦାୟ ଚାଷଯୋଗ୍ୟ ଜମିର ମାତ୍ର ୪୧.୧ପ୍ରତିଶତ। ରାଜ୍ୟର ଉପଲବ୍ଧ ଭୂତଳ-ଜଳର ମାତ୍ର ୨୬ପ୍ରତିଶତ ବ୍ୟବହାର କରାଯାଉଛି, ତେଣୁ ଜଳସେଚନର ପରିସର ବଢ଼ାଇବାର ସୁଯୋଗ ରହିଛି। ଅଣମୌସୁମୀ କାଳରେ ଜଳର ଉତ୍କଟ ଅଭାବ ଆମକୁ ପ୍ରବାହିତ ଜଳସେଚନ ପାଇଁ ଆଉ ଅନୁମତି ଦେବନାହିଁ। ତେଣୁ ନିୟନ୍ତ୍ରିତ ଜଳସେଚନ ପାଇଁ ଉଠା ଜଳସେଚନ ପ୍ରଣାଳୀ ଅନ୍ତର୍ଗତ ପାଇପ-ଜଳସେଚନ ପ୍ରଣାଳୀକୁ ଆପଣାଇବାକୁ ହେବ। କିନ୍ତୁ ଏଥିପାଇଁ ଶସ୍ତା ବିଜୁଳିଶକ୍ତି ଚାଷୀ ପାଇଁ ଏକ ସମସ୍ୟା। ଆମ ରାଜ୍ୟରେ ସରକାରୀ ଉଠାଜଳସେଚନ କଥା ଦେଖନ୍ତୁ। ଅଚଳ ହୋଇଯାଉଥିବା ପ୍ରକଳ୍ପଗୁଡିକ ମଧ୍ୟରୁ ସଂଖ୍ୟାଧିକ କେବଳ ଅନାଦେୟ ବିଦ୍ୟୁତ ବିଲ୍ କାରଣରୁ ହିଁ ହେଉଛି। ଗତାନୁଗତିକ ଅଣ-ଅର୍ଥକରୀ ଫସଲ ଚାଷ କରି ବିଦ୍ୟୁତ୍ ବିଲ୍ ଭରିବାକୁ ଚାଷୀ ପାଖରେ ଅର୍ଥ ନାହିଁ। ଏହାର ସରଳ ସମାଧାନ ହେଉଛି- ଫସଲର ବିବିଧୀକରଣ ଏବଂ କମ୍ ପରିଚାଳନା ଖର୍ଚ୍ଚ-ଯୁକ୍ତ ସୌରଚାଳିତ ପମ୍ପର ବହୁଳ ବ୍ୟବହାର।

୨୦୨୦-୨୧ ବଜେଟରେ ଭାରତ ସରକାର ପିଏମ୍-କୁସୁମ ଯୋଜନାରେ ୨୦ଲକ୍ଷ ଚାଷୀଙ୍କୁ ସବ୍‌ସିଡିଯୁକ୍ତ ଏକକ ସୌରଚାଳିତ ପମ୍ପସେଟ୍ ଯୋଗାଇଦେବା ଓ ୧୫ଲକ୍ଷ ଚାଷୀଙ୍କୁ ସେମାନଙ୍କ ଗ୍ରୀଡ୍ ସହିତ ସଂଯୁକ୍ତ ଥିବା ପମ୍ପସେଟ୍ ସବୁକୁ ସୌରଚାଳିତ କରିବାରେ ସହଯୋଗ କରିବାର ପ୍ରସ୍ତାବ ରଖିଛନ୍ତି। ଆଶା କରିବା ଓଡିଶା ସରକାର ରାଜ୍ୟର ହଜାର ହଜାର ବୋର୍-ୱେଲ୍, ଟ୍ୟୁବ୍-ୱେଲ୍ ଇତ୍ୟାଦିକୁ ସୌରଚାଳିତ କରିବାରେ ସହଯୋଗ କରିବେ। ତା' ସହ ଗ୍ରୀଡ୍ ସଂଯୁକ୍ତ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପଗୁଡିକୁ ନାବାର୍ଡର ସହାୟତାରେ ସୌରଶକ୍ତିଯୁକ୍ତ କରିବା ପାଇଁ ଅଗ୍ରାଧିକାର ଦେବେ। ଏହା ବ୍ୟତୀତ ଅନାବାଦୀ/ପତିତ ଜମିରେ ସୌରଶକ୍ତି ଉତ୍ପାଦନ କ୍ଷମତା ସୃଷ୍ଟିକରି, ଉଦ୍‌ବୃତ୍ତ ବିଦ୍ୟୁତ୍ ଶକ୍ତିକୁ ଗ୍ରୀଡ୍‌କୁ ବିକି ନିଜର ଜୀବିକା ଅର୍ଜନ କରିବାରେ ଚାଷୀକୁ ସହଯୋଗର ପ୍ରସ୍ତାବ ରଖିଛନ୍ତି କେନ୍ଦ୍ର ସରକାର। ଆଶା କରିବା, ରାଜ୍ୟ ସରକାର ଏଥିରେ ସହଯୋଗ କରିବେ।

ଅମଳ ପରବର୍ତ୍ତୀ ଅବସ୍ଥାରେ ଚାଷୀର ଉତ୍ପାଦ ଅନେକ ସମୟରେ ଉପଯୁକ୍ତ ପରିବହନ ଅଭାବରୁ ବଜାର ଦେଖି ପାରେନାହିଁ ଓ ଚାଷୀ ତା'ର ନ୍ୟାଯ୍ୟ ଲାଭ ପାଇବାରୁ ବଞ୍ଚିତ ହୁଏ। ଖୁସିର କଥା, କେନ୍ଦ୍ର ସରକାର କିଷାନ ରେଲ୍ ଓ କୃଷି ଉଡାନ ନାମରେ ଦୁଇଟି ଉପାଦେୟ ବ୍ୟବସ୍ଥା ଆଣୁଛନ୍ତି। କିଷାନ ରେଲ୍ ବ୍ୟବସ୍ଥାରେ ପଚନଶୀଳ ଦ୍ରବ୍ୟ ଯେପରି କି ଦୁଗ୍ଧ, ମାଛ, ମାଂସ ଇତ୍ୟାଦିର ସହଜ ଓ ସୁରକ୍ଷିତ ପରିବହନ ପାଇଁ ଭାରତୀୟ ରେଳବାଇ ସହିତ ପି.ପି.ପି. ମୋଡ୍‌ରେ ରାଷ୍ଟ୍ରୀୟ ଶୀତଳ ଆପୂର୍ତ୍ତି ଶୃଙ୍ଖଳା ସୃଷ୍ଟି କରାଯିବାର ଯୋଜନା ରହିଛି। ଏକ୍ସପ୍ରେସ୍ ଓ ମାଲ୍‌ଗାଡ଼ିରେ ଶୀତଳୀକୃତ କୋଚ୍‌ର ବ୍ୟବସ୍ଥା କରାଯିବ। ପଚନଶୀଳ ଦ୍ରବ୍ୟଗୁଡିକ ବଜାରରେ ପହଞ୍ଚିବାରେ ସୁରକ୍ଷିତ ପରିବହନ ସୁବିଧା ଯୋଗାଇଦେବାରେ ଏସବୁ ଉଦ୍ୟମ ଫଳପ୍ରଦ ହେବ। ଫୁଲଚାଷ-ଉଦ୍ୟୋଗୀଙ୍କ ପାଇଁ ବିଭିନ୍ନ ଫୁଲ ଯେପରି କି ଗ୍ଲାଡିଓଲସ, ଅର୍କିଡ୍ସ ଇତ୍ୟାଦିକୁ ବାଙ୍ଗାଲୋର ଓ ଅନ୍ୟାନ୍ୟ ମେଟ୍ରୋ ନଗରୀକୁ ଆକାଶମାର୍ଗରେ ପହଞ୍ଚାଇବାରେ କୃଷି ଉଡାନ ଯୋଜନା ସହାୟକ ହେବ। ଏସବୁ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରାଥମିକ ଅବସ୍ଥାରେ ରାଜ୍ୟ ସରକାରଙ୍କୁ ମୁଖ୍ୟ ସମନ୍ୱୟକାରୀର ଭୂମିକା ନେବାକୁ ହେବ।

ଫଳ ବଗିଚା ପାଇଁ ରାଜ୍ୟ ସରକାର ୪୦ରୁ ୫୦ପ୍ରତିଶତ ସହାୟତା ଦେଉଥିବା ଜଣାଯାଏ। ଆଳୁ ଓ ପିଆଜ ଚାଷ ପାଇଁ ସରକାରଙ୍କ ପ୍ରଚେଷ୍ଟା ଉତ୍ସାହପ୍ରଦ ନୁହେଁ। ମସଲା ଜାତୀୟ ଫସଲ ମଧ୍ୟରେ ଅଦା ଓ ହଳଦୀ ଚାଷ ଆଖିରେ ପଡେ। ଫୁଲଚାଷ ଆମ ରାଜ୍ୟରେ ଶୈଶବ ଅବସ୍ଥାରେ ଅଛି। ଫୁଲଚାଷ କ୍ଷେତ୍ରରେ ଚୁକ୍ତି-ଭିତ୍ତିକ କୃଷିକୁ ପ୍ରୋତ୍ସାହନ ଦେବାକୁ ସରକାର ଅଙ୍ଗୀକାରବଦ୍ଧ। ରାଷ୍ଟ୍ରୀୟ ଉଦ୍ୟାନକୃଷି ମିଶନ ଅନ୍ତର୍ଗତ ୨୪ଟି ଜିଲାରେ ନଅ ଗୋଟି ପ୍ରମୁଖ ଫସଲ ଯେପରି କି ଆମ୍ବ, ଲେମ୍ବୁ, ଲିଚୁ, କଦଳୀ ଓ କାଜୁ ଇତ୍ୟାଦିକୁ ଚୟନ କରାଯାଇଛି। ଉଦ୍ୟାନକୃଷି କ୍ଷେତ୍ରରେ ବିପଣନ ଓ ରପ୍ତାନିକୁ ଅଧିକ କ୍ରିୟାଶୀଳ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏକ ଉତ୍ପାଦ-ଏକ ଜିଲା କାର୍ଯ୍ୟକ୍ରମ ଏହି ୨୪ଟି ଜିଲାରେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡିବାର ଅଛି। ଅନେକ ସମୟରେ ଉପଯୁକ୍ତ ସଂରକ୍ଷଣ ଅଭାବରୁ କୃଷି ଉତ୍ପାଦଗୁଡିକ ଖରା-ବର୍ଷାରେ ନଷ୍ଟ ହେଉଛି। ଜିଲା/ବ୍ଲକ୍‌ରେ ଥିବା ସରକାରୀ ଗୋଦାମକୁ ନିଜର ଉତ୍ପାଦ ବୋହିନେବା ପାଇଁ ଚାଷୀ ପରିବହନ ବାବଦରେ ଖର୍ଚ୍ଚାନ୍ତ ହେଉଛି। ତେଣୁ କେନ୍ଦ୍ର ସରକାରଙ୍କ ମହିଳା-ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଗ୍ରାମ୍ୟ ଗୋଦାମ ଯୋଜନା ଏ ବାବଦରେ ଉପାଦେୟ ହେବ ବୋଲି ଆଶା କରିବା।

ପଚନଶୀଳ ଫଳ, ପନିପରିବା, ଆଳୁ ଓ ଫୁଲ ଇତ୍ୟାଦିର ସଂରକ୍ଷଣ ଚାଷୀ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଥିପାଇଁ ଉଦ୍ୟାନକୃଷିକୁ ଚାଷୀ ଆପଣାଇବାକୁ ସାହସ ଯୁଟାଇପାରୁନାହିଁ। ଶୀତଳଭଣ୍ଡାରଗୁଡିକ ଆର୍ଥିକ ଦୃଷ୍ଟିରୁ ଲାଭପ୍ରଦ ହୋଇପାରୁନାହିଁ। ବିଦ୍ୟୁତ୍ ବାବଦ ଖର୍ଚ୍ଚ ସମୁଦାୟ ଶୀତଳଭଣ୍ଡାର ସ୍ଥାପନର ପ୍ରାୟ ୨୮ରୁ ୩୦ ପ୍ରତିଶତ। ଅଧିକନ୍ତୁ, ଗ୍ରାମାଞ୍ଚଳରେ ଗ୍ରୀଡ୍ ବିଦ୍ୟୁତ୍ ଉଭୟ ପରିମାଣ ଓ ମାନ ଦୃଷ୍ଟିରୁ ନିକୃଷ୍ଟ ଧରଣର। ତେଣୁ ସୌରଶକ୍ତିଯୁକ୍ତ ଛୋଟ ଛୋଟ ଶୀତଳଭଣ୍ଡାର ପରିଚାଳନାଗତ ଖର୍ଚ୍ଚକୁ କମାଇବା ସହ ନିର୍ଭରଯୋଗ୍ୟ ହୋଇପାରିବ। ୬ରୁ ୮ଟନ୍ ବିଶିଷ୍ଟ ସୌରଶକ୍ତିଯୁକ୍ତ ଶୀତଳଭଣ୍ଡାରରେ ଫଳ, ପନିପରିବା ଓ ଫୁଲ ଇତ୍ୟାଦି ତିନିରୁ ଚାରି ସପ୍ତାହ ପର୍ଯ୍ୟନ୍ତ ସତେଜ ରଖାଯାଇ ପାରିବ ଓ ଅନୁକୂଳ ସମୟରେ ବିକ୍ରିବଟା କରାଯାଇ ପାରିବ। ସଂରକ୍ଷିତ ଉତ୍ପାଦର ପରିଚାଳନାଗତ ଖର୍ଚ୍ଚ ୨ଟଙ୍କା ପ୍ରତି କିଲୋଗ୍ରାମ୍ ପ୍ରତି ସପ୍ତାହ ବୋଲି ଦାବି କରାଯାଉଛି। ଆଜିର ଦିନରେ ଏପରି ଏକ ଶୀତଳଭଣ୍ଡାର ସ୍ଥାପନ କରିବାର ସ୍ଥାୟୀ ମୂଳଧନ ୧୫ରୁ ୨୦ ଲକ୍ଷ ଟଙ୍କା ବୋଲି ଜଣାଯାଏ। ସମୁଦାୟ ଖର୍ଚ୍ଚ ମୂଳଧନ ୧୦ ବର୍ଷରେ ଅସୁଲ ହୋଇପାରିବ ବୋଲି ହିସାବ କରାଯାଇଛି। ରାଜ୍ୟରେ ଘରୋଇ ଉଦ୍ୟୋଗୀଙ୍କୁ ଏଭଳି ଶୀତଳ ଭଣ୍ଡାର ସ୍ଥାପନ ଓ ପରିଚାଳନା କରିବା ପାଇଁ ଆକର୍ଷିତ କରିବା ପୂର୍ବରୁ ନିଜେ ସରକାର ଏକ ଉତ୍ପାଦ-ଏକ ଜିଲା ଅନ୍ତର୍ଗତ ଅଞ୍ଚଳରେ କିଛି ଆଗୁଆ ପ୍ରକଳ୍ପ ହାତକୁ ନେବାର ଅଛି।

ବଜାର ସୁବିଧାରେ ସୁଧାର ଆଣିବା ପାଇଁ ସମ୍ବଲପୁର, ରାଉରକେଲା, ପୁରୀ, କଟକ, ବ୍ରହ୍ମପୁର ଓ ଭୁବନେଶ୍ୱର ଭଳି ରାଜ୍ୟର ପ୍ରମୁଖ ବ୍ୟବସାୟିକ ସହରରେ ଆବଶ୍ୟକ ମୌଳିକ ଢାଞ୍ଚା ସହିତ ପାଇକାରୀ ବଜାରର ବ୍ୟବସ୍ଥା ଚିନ୍ତା କରାଯାଇପାରେ। ପ୍ୟାକ୍ସ ଓ ଗ୍ରାମ୍ୟ ହାଟଗୁଡିକୁ ପେସାଗତ ପରିଚାଳନା ଦ୍ୱାରା ସଂଗ୍ରହ-କେନ୍ଦ୍ର ହିସାବରେ ବ୍ୟବହାର କରାଯାଇପାରିବ। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହଯୋଗରେ ନିଜର ପ୍ରଶାସନିକ ସାମର୍ଥ୍ୟ ଦ୍ୱାରା କୃଷିକୁ ଅଧିକ ସ୍ମାର୍ଟ, ଦକ୍ଷ, ବିଜ୍ଞାନସମ୍ମତ କରି ରାଜ୍ୟରେ ଲକ୍ଷ ଲକ୍ଷ ଛୋଟ ଚାଷୀଙ୍କ ଲାଗି ଏକ ପୋଷଣୀୟ ଜୀବିକାର ସମ୍ଭାବନା ସୃଷ୍ଟି କରିପାରିବେ।

ଶ୍ରୀଜଗନ୍ନାଥ ବିହାର, ଭୁବନେଶ୍ୱର,
ମୋ- ୯୪୩୭୧୬୪୬୧୧

# ଓଡ଼ିଶାରେ ଦୋଳଯାତ୍ରା



ଡ. ଭାଗ୍ୟଲିପି ମଲ୍ଲ

ଶୀତ ସରି ସରି ଆସୁଛି। ଖରା ଧରାକୁ ମୁହାଁଇଛି। ସନ୍ଧି ସମୟ। କାଳପ୍ରବାହରେ ମଧୁମାସ। ବସନ୍ତ। ଚାରିଆଡ଼େ ଫୁଲ ଆଉ ଫୁଲ। ଗଛଗଛରେ ନୂଆପତ୍ର, ନୂଆଫୁଲର କଢ଼ି। ପବନରେ ହାଲୁକା ତାତି। ନୂଆ ପ୍ରକୃତିର ଛୁଆଁ ଦେହ ଓ ମନରେ। ପ୍ରକୃତି ଏବଂ ମଣିଷ ଉଭୟ ପୁଲକିତ। ସାଧାରଣ ମଣିଷ ଓ ପ୍ରକୃତିର ଏହି ଅଭିବ୍ୟକ୍ତି ସଞ୍ଚରି ଯାଇଛି ଦେବତାଙ୍କ ପାଖକୁ। ସେ ଦେବତା ରାଧା ଆଉ କୃଷ୍ଣ। ପୂର୍ଣ୍ଣତମ ଓ ପୂର୍ଣ୍ଣତମା। ଓହ୍ଲେଇ ଆସନ୍ତି ଧରାକୁ ବସନ୍ତକୁ ଉପଭୋଗ କରିବାକୁ। ଫୁଲ, ରଙ୍ଗ, ପରାଗ ଓ ସମ୍ମୋହନରେ ସମାହିତ କରିବାକୁ ସକଳ ସୃଷ୍ଟିକୁ।

ସେହି ଦିନକୁ କୁହାଯାଏ ଦୋଳପୂର୍ଣ୍ଣମୀ। ଦୋଳଗୋବିନ୍ଦଙ୍କର ଦୋଳବିମାନରେ ଦୋଳିଖେଳ। ଫଗୁ ଦଶମୀରୁ ଦୋଳଯାତ୍ରା ଆରମ୍ଭ ହୋଇଥାଏ। ପ୍ରମୂର୍ତ୍ତ ବସନ୍ତରେ ପ୍ରକୃତି ସହ ଦେବତା ବି ପୁଲକିତ। ସକଳ ସଂସ୍କାର ବନ୍ଧନରୁ ମୁକ୍ତହୋଇ ପ୍ରକୃତି ସ୍ୱରୂପିଣୀ ଶ୍ରୀରାଧା ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ପାଦତଳେ ରଙ୍ଗ ଖେଳିବାକୁ ପ୍ରସ୍ତୁତ। ଶ୍ୟାମ ପ୍ରେମରେ ବିଭୋର ଗୋପାଙ୍ଗନା। ପରମ ପ୍ରେମିକ ଶ୍ରୀକୃଷ୍ଣ ସେମାନଙ୍କ ପ୍ରେମ ସ୍ୱୀକାର କରନ୍ତି। ଦୋଳମଣ୍ଡପରେ ଦୋଳବିମାନରେ ବିଜେ କରନ୍ତି।

ରାତିରେ ନିରୂପିତ ହୋଇଥିବା ମେଳଣ ପଡ଼ିଆକୁ ଦୋଳବିମାନରେ ଦୋଳଗୋବିନ୍ଦ ଆସନ୍ତି। ସୁସଜ୍ଜିତ ବିମାନ। ରଙ୍ଗବେରଙ୍ଗ ଚିତ୍ରରେ ଚିତ୍ରାୟିତ। ଫୁଲମାଳରେ ବିମଣ୍ଡିତ। ସେଇଠି ହୁଏ ଦୋଳଗୋବିନ୍ଦଙ୍କ ମହାମିଳନ। ସମବେତ ବିମାନଗୁଡ଼ିକୁ ଧାଡ଼ି ଧାଡ଼ି କରି ସଜେଇ ରଖାଯାଇଥାଏ। ବାଦ୍ୟଯନ୍ତ୍ର, ସଂକୀର୍ତ୍ତନ ଓ ସାଂସ୍କୃତିକ ଅଭିବାଦନରେ ମୁଖରିତ ହୁଏ ମେଳଣପଡ଼ିଆ। ଆରମ୍ଭ ହୁଏ ଫଗୁଖେଳର ପର୍ବ। ରଙ୍ଗର ମଉଛବ। ଶ୍ୟାମ ପ୍ରେମରେ ବିଭୋର ଗୋପାଙ୍ଗନା ଓ ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ଶ୍ରୀଅଙ୍ଗରେ ଅବିର, ଅଗୁରୁ, ଚନ୍ଦନର ପ୍ରଲେପରେ କରନ୍ତି ମିଳନର ଆବାହନ। ଶ୍ରୀକୃଷ୍ଣ ସେମାନଙ୍କ ପ୍ରେମ ସ୍ୱୀକାର କରନ୍ତି। ଜୀବ ଓ ପରମଙ୍କ ଅନୁରାଗରେ ଦୋଳରେ ସିକ୍ତ ହୁଅନ୍ତି ଦୋଳଗୋବିନ୍ଦ।

ଦୋଳବିମାନରେ ବସି କେବଳ ଦୋଳଗୋବିନ୍ଦ ମେଳଣ ପଡ଼ିଆକୁ ଯାଆନ୍ତି ନାହିଁ, ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ଏହିଦିନ ଚାଚେରୀ ବେଶରେ ସଜ ହୁଅନ୍ତି। ନାଲିରଙ୍ଗର ବସ୍ତ୍ରରେ ବିମଣ୍ଡିତହୋଇ ଫଗୁଭର୍ତ୍ତି ମୁଣାଧରି ଭକ୍ତଙ୍କୁ ଅପେକ୍ଷା ରଖନ୍ତି। ଦୋଳଉତ୍ସବ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଚଳନ୍ତିପ୍ରତିମା ଶ୍ରୀମଦନମୋହନ ଦୋଳମଣ୍ଡପକୁ ବିଜେ କରନ୍ତି। ଏଣେ ଶ୍ରୀଜଗନ୍ନାଥଙ୍କୁ ପୂର୍ଣ୍ଣମୀ ଦିନ ରାଜବେଶରେ ଭୂଷିତ କରାଯାଏ। ଦୋଳରେ ଦୋଳଗୋବିନ୍ଦଙ୍କ ଲୀଳା ସମ୍ପର୍କରେ ପଦ୍ମପୁରାଣ ଓ ସ୍କନ୍ଦପୁରାଣରେ ବର୍ଣ୍ଣନା ରହିଛି। ଏହିଦିନ ଦୋଳରେ ଠାକୁରଙ୍କୁ ଦର୍ଶନ କଲେ କୁଆଡ଼େ ପୁନର୍ଜନ୍ମ ହୁଏନାହିଁ।

ଶ୍ରୀମନ୍ଦିର ଭଳି ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ମଧ୍ୟ ଦୋଳ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୁଏ। ଫାଲ୍‌ଗୁନ ପୂର୍ଣ୍ଣମୀର ଛଅଦିନ ପୂର୍ବରୁ ଆରମ୍ଭ ହୋଇ ପୂର୍ଣ୍ଣମୀ ଦିନ ଶେଷ ହୁଏ। ଦୋଳଗୋବିନ୍ଦଙ୍କ ପ୍ରତିନିଧି ଏଠି ହରିହର। ପ୍ରତିଦିନ ସୁସଜ୍ଜିତ ବିମାନରେ ଦୋଳି ଖେଳି ଖେଳି ହରିହର ନଗର ପରିକ୍ରମା କରନ୍ତି। ଶେଷଦିନ ଫଗୁ ଖେଳିସାରି ଯାତ୍ରା ସାରନ୍ତି। ମନ୍ଦିରର ଉତ୍ତରପଟରେ କାରୁକାର୍ଯ୍ୟମଣ୍ଡିତ ତୋରଣରେ ଦୋଳମଣ୍ଡପ। ସେଇଠି ହୁଏ ହରିହରଙ୍କ ଦୋଳଯାତ୍ରାର ଦୋଳିଖେଳ।

ଶ୍ରୀମନ୍ଦିର ଓ ଶ୍ରୀଲିଙ୍ଗରାଜ ମନ୍ଦିର ପରି ଓଡ଼ିଶାର ବହୁ ସ୍ଥାନରେ ଦୋଳରେ ଦୋଳଗୋବିନ୍ଦ ଦୋଳି ଖେଳନ୍ତି ଦୋଳବିମାନରେ। ବିଶେଷକରି ନେମାଳ ମଠରେ ଦୋଳ ଉତ୍ସବ, ବୟାଳିଶ ମୌଜାର ଗୋପୀନାଥ ଦେବଙ୍କ ଦୋଳ ମେଳଣ, ବାଲିକୁଦା ଚଅଁରପୁର ମାଧୁରୀମଠର ବୈଷ୍ଣବମେଳା, ବ୍ରହ୍ମଗିରିର ହରିହର ଭେଟ, ଅରିଲୋ ଗ୍ରାମର ଶ୍ରୀଯୁଗଳକିଶୋର ଦେବଙ୍କ ଦୋଳଯାତ୍ରା, କରଞ୍ଜିଆର ଦୋଳମେଳଣ, ହରିରାଜପୁରର ଦୋଳଯାତ୍ରା, ବରୁଣା ଗ୍ରାମର ଦୋଳମେଳଣ, କୁଲାଡ଼ର ବ୍ୟାଘ୍ରଦେବୀଙ୍କ ପୀଠର ଦୋଳଯାତ୍ରା, ପାଣ୍ଟୁଆ ଦୋଳ, ଶ୍ରୀବରାହଦେବଙ୍କ ଦୋଳଯାତ୍ରା, ଏରଞ୍ଚ ଗ୍ରାମର ନୃସିଂହନାଥଙ୍କ ଦୋଳ ଓ ପତରାଜପୁରର ଦୋଳ ଉତ୍ସବ ପ୍ରସିଦ୍ଧ। ମାତ୍ର ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବ୍ରଜଭୂମି ବୃନ୍ଦାବନକୁ କେନ୍ଦ୍ରକରି ଭାରତବର୍ଷର ବହୁ ବୈଷ୍ଣବମଠ ଓ ପୀଠରେ ରାଧାକୃଷ୍ଣଙ୍କ ଲୀଳାର ଉଷ୍ମତା ଅନୁଭବ କରିହୁଏ ଏହି ଅବସରରେ।

ଦୋଳର ଏକ ସମୃଦ୍ଧ ବିଭବ- ରାଧାକୃଷ୍ଣଙ୍କ ହୋଲିଖେଳ। ଏହା ଅହଂର ବିସର୍ଜନ। ସମର୍ପଣ। ସମର୍ପଣର କାରଣ ଭୟ ନୁହେଁ, ସମ୍ମୋହନ। ସମର୍ପଣରେ ଆନନ୍ଦ ଓ ସୁଖ। ପୂର୍ଣ୍ଣଆତ୍ମସମର୍ପଣରେ ମହାନନ୍ଦ ଓ ମହାସୁଖ। ଚେତନାରେ ସମ୍ମେଳନର ନାଦ ପ୍ରତିଧ୍ୱନିତ। ମୁକ୍ତ ମିଳନ ପାଇଁ ତ ସେମାନେ ବାହାରି ଆସନ୍ତି ମନ୍ଦିର ଭିତରୁ! ଦୋଳବିମାନରେ ବସି ଭକ୍ତର କାନ୍ଧରେ ଝୁଲି ଝୁଲି ଦୋଳି ଖେଳନ୍ତି। ପ୍ରକୃତିରୂପାମାନଙ୍କ ସହିତ ମିଶି ଯାଆନ୍ତି। ଜୀବଜଗତ ହୋଇଯାଏ ଆତ୍ମ-ଦର୍ଶନ-ଉନ୍ମୁଖୀ।

ତେବେ ଦୋଳରେ ଦୋଳଗୋବିନ୍ଦଙ୍କୁ ଏପରି ସ୍ୱୀକାର କରିବାର ମାନସିକତା ମଣିଷ ଭିତରେ କେବେ ଆସିଲା, ତାହା ନିର୍ଦ୍ଦିଷ୍ଟକରି କହିହେବ ନାହିଁ। ମାତ୍ର ଏହା ଯେ ହଜାରେ ବର୍ଷ ତଳର ପ୍ରାଚୀନ ପର୍ବ, ଏ କଥା ଏକାଦଶ ଶତାବ୍ଦୀରେ ଓଡ଼ିଆ ସ୍ମୃତିକାର ଶତାନନ୍ଦ ଆଚାର୍ଯ୍ୟ 'ଶତାନନ୍ଦ ସଂଗ୍ରହ'ରେ ଲେଖିଛନ୍ତି। ଭାରତବର୍ଷର ବହୁ ସନ୍ଥ, ସାଧକ ଓ ସୃଜନ-ପ୍ରତିଭା ପୁରୁଷ-ପ୍ରକୃତିଙ୍କ ଏହି ଦିବ୍ୟଲୀଳା ଅନୁଗାମୀ ହୋଇଛନ୍ତି। ଫଗୁଖେଳ ମାଧ୍ୟମରେ କୁହାଯାଇଛି କୃଷ୍ଣ ବା ଦୋଳଗୋବିନ୍ଦ ହିଁ ବ୍ରହ୍ମଙ୍କର ମାନବାୟନ। ଅର୍ଥାତ୍ ସେ ଆଚରଣରେ କହିଦେବାକୁ ଚାହାନ୍ତି- ସଂସାରୀର କୌଣସି ସତ୍ତା ମିଛ ନୁହେଁ, ମାତ୍ର ସତ୍ୟ ଅହଂକୈନ୍ଦ୍ରିକ ହୋଇଗଲେ ଆତଙ୍କ ସୃଷ୍ଟି କରେ। ଆଚରଣରେ ଅହଂମୁକ୍ତ ସମ୍ପୃକ୍ତି ହିଁ ସମ୍ପର୍କ। ଏହି ସମ୍ପର୍କ ବ୍ୟକ୍ତି ଚେତନାକୁ ଶାନ୍ତ ଓ ଉଦ୍‌ବେଗମୁକ୍ତ କରେ। ଏ ସମ୍ପର୍କର ଅନ୍ୟ ନାଁ- ଆଧ୍ୟାତ୍ମିକତା।

ଦୋଳବିମାନରେ ବସି ଦୋଳି ଖେଳି ଖେଳି ଦୋଳମଣ୍ଡପରେ ପରମ ରସିକ ଦୋଳଗୋବିନ୍ଦ ଏଇ କଥା ବୁଝେଇ ଦେଇଛନ୍ତି। କହିଛନ୍ତି, କର୍ମ ହିଁ ଏକମାତ୍ର ସତ୍ୟ। କର୍ମ ଭିତରେ ଆତ୍ମଦର୍ଶନ ହିଁ ପ୍ରେମ ଏବଂ ପ୍ରେମ ଏକ ଅମୂର୍ତ୍ତ ଅନୁଭବ।

ମୋ-୯୪୩୯୨୮୧୫୬୧

## ଏଇ ଭାରତରେ

ଆହତ ପ୍ରାଣୀମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ସୁରକ୍ଷିତ ଭାବେ ରଖିବାରେ ସମୟ କାଟୁଥିବା ମୁମ୍ବାଇର ଜଣେ ମହିଳା ହେଉଛନ୍ତି ଫିଜା ଶାହା। ତାଙ୍କୁ ବର୍ତ୍ତମାନ ବୟସ ୫୪। ସେ ଆହତ କିମ୍ବା ରାସ୍ତାରେ ବୁଲୁଥିବା, ପରିତ୍ୟକ୍ତ ତଥା ରୋଗଗ୍ରସ୍ତ ପ୍ରାଣୀଙ୍କୁ ଉଦ୍ଧାର କରୁଛନ୍ତି। ବିରାର ଅଞ୍ଚଳରେ ଥିବା ୬ ଏକର ବିଶିଷ୍ଟ ଫାର୍ମରେ ୩୦୦ରୁ ଊର୍ଦ୍ଧ୍ୱ କୁକୁର, ଛେଳି, ଠେକୁଆ, ଘୋଡା, ଗାଈ, ବଳଦ, କୁକୁଡା, ବତକ, ବିଲେଇଙ୍କୁ ରଖିଛନ୍ତି। ଫାର୍ମରେ ସବୁ ବର୍ଗର ଜୀବଙ୍କୁ ଅଲଗା ରଖିବାର ବ୍ୟବସ୍ଥା କରିଛନ୍ତି। ଦିନରାତି ଏମାନଙ୍କ ଯତ୍ନ ନେବା ପାଇଁ ୧୫ ଜଣ ଲୋକଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି। ଜୀବଙ୍କ ଖାଦ୍ୟ, ଚିକିତ୍ସା ତଥା ପୂରା ବ୍ୟବସ୍ଥାର ପରିଚାଳନା ଓ କର୍ମଚାରୀମାନଙ୍କ ଦରମା ବାବଦୀୟ ସବୁ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ସେ ପାଞ୍ଚବର୍ଷ ପୂର୍ବେ ପାରିବାରିକ ବ୍ୟବସାୟ ଛାଡି ଏହି କାର୍ଯ୍ୟରେ ଲାଗିଛନ୍ତି। ପ୍ରତ୍ୟେକ ବର୍ଗର ପ୍ରାଣୀଙ୍କ ଚିକିତ୍ସା ପାଇଁ ସପ୍ତାହକୁ ପ୍ରାୟ ୨୦ହଜାର ଟଙ୍କା ବ୍ୟୟ କରୁଛନ୍ତି। ମାସକୁ ଏହି ଫାର୍ମରେ ପାଖାପାଖି ୪ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏମିତିକି ପୋଲିସରୁ ଅବସର ନେଇଥିବା ୩୦ରୁ ଊର୍ଦ୍ଧ୍ୱ କୁକୁର ତାଙ୍କ ପାଖରେ ରହୁଛନ୍ତି ବୋଲି କୁହନ୍ତି ଫିଜା।

## ୨୫ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୯୫

- ଆସନ୍ତା ଏପ୍ରିଲ ମାସରେ ଜାତିସଂଘର ସମ୍ମିଳନୀରେ ଆଣବିକ ନିରସ୍ତ୍ରୀକରଣ ଚୁକ୍ତିର ନବୀକରଣ ପାଇଁ ଲିବିୟା ସ୍ୱାକ୍ଷର କରିବ ନାହିଁ ବୋଲି ଦେଶର ନେତା ମୁଆମାର ଗଦାଫି ସ୍ପଷ୍ଟ ଭାବେ ଘୋଷଣା କରିଛନ୍ତି।
- ଲାଞ୍ଚ କାରବାର ଘଟଣାରେ ପାକିସ୍ତାନ କ୍ରିକେଟିୟର ସଲିମ ମଲିକ ସସ୍‌ପେଣ୍ଡ।

## ଚିରନ୍ତନୀ

ପମରମ ମରୁ ହେଉ ସୁରଭି
ନନ୍ଦନ ହେ ନନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ! (ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୧- ଚାଇନା ସମେତ ୬୦ ଦେଶରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୩,୦୦୦ ଅତିକ୍ରମ କରିଛି। ଏହି ଭୂତାଣୁ ଦ୍ୱାରା ପାଖାପାଖି ୮୯,୦୦୦ ଲୋକ ସଂକ୍ରମିତ ହୋଇଛନ୍ତି।

୨- ଜଣେ ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର କରିବା ମାମଲାରେ ରାଞ୍ଚିର ଏକ କୋର୍ଟ ୧୧ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

୩- ଚାଇନା ପରେ ସର୍ବାଧିକ କରୋନା ଆକ୍ରାନ୍ତ ଦକ୍ଷିଣ କୋରିଆ, ଇରାନ୍, ଇଟାଲି ଓ ଜାପାନର ନାଗରିକଙ୍କୁ ମିଳିଥିବା ନିୟମିତ ଭିଜାଗୁଡ଼ିକୁ ସରକାର ରଦ୍ଦ କରିଛନ୍ତି।

୪- ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଦୌଡ଼ରୁ ଓହରିଯାଇଛନ୍ତି ବିଲିୟନେୟାର ବିଜ୍‌ନେସମ୍ୟାନ ମାଇକ୍ ବ୍ଲୁମ୍‌ବର୍ଗ।

୫- ଦିଲ୍ଲୀ ଦଙ୍ଗାବେଳେ ଆଇବି କର୍ମଚାରୀ ଅଙ୍କିତ ଶର୍ମାଙ୍କୁ ହତ୍ୟା କରିବା ଅଭିଯୋଗରେ ଏଏପି ନେତା ତାହିର ହୁସେନ ଗିରଫ ହୋଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | | | 3 | A | | | 9 | | 8 | | | 5 |
| | | 4 | 7 | 9 | | E | | | B | 5 | | 1 | | A |
| | | | | | | 0 | 2 | | | 7 | 6 | B | D | |
| | | | | E | A | | | | | | | 4 | | |
| | | | C | | 5 | 9 | B | | | 3 | | | | |
| 9 | | | | A | | | 0 | | | | E | D | | |
| B | | | | | | | 6 | | 2 | D | 7 | | | |
| | | 7 | | | 6 | | | 1 | 4 | | | | | |
| | E | | 1 | 4 | | C | | | | | B | | | |
| | | | | 3 | | | | | | 6 | | | B | C |
| | | | B | 5 | 4 | | | | A | | | | | |
| 7 | 1 | | | C | | 2 | | 5 | 8 | | | | E | 9 |
| | | E | 9 | | | | 1 | | C | | 3 | | A | |
| 5 | | | | 2 | | | | B | | | 0 | | | |
| | | | | 6 | | | 3 | | | | | 0 | 1 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 7 | D | B | 6 | 1 | C | E | 3 | 4 | A | 8 | 0 | 2 | 9 |
| B | 0 | A | C | E | 2 | 4 | 6 | 5 | 3 | 7 | 9 | D | 8 | 1 |
| 3 | 9 | 4 | 0 | 8 | A | 7 | B | 1 | 2 | 5 | D | C | 6 | E |
| C | E | 2 | 3 | 5 | 7 | 8 | D | 9 | 0 | 6 | 1 | 4 | A | B |
| 6 | 1 | 8 | D | 4 | 9 | A | 2 | 0 | C | B | E | 5 | 3 | 7 |
| E | 2 | 1 | 7 | 9 | 4 | B | 0 | D | 8 | 3 | 6 | A | 5 | C |
| 7 | 3 | 9 | 5 | 1 | 0 | 2 | 8 | 4 | A | E | C | 6 | B | D |
| 8 | D | 5 | 6 | A | C | 1 | 7 | E | B | 2 | 0 | 3 | 9 | 4 |
| 4 | A | B | E | 2 | 3 | 9 | C | 6 | 1 | D | 5 | 7 | 0 | 8 |
| 0 | 6 | C | 8 | B | D | 5 | 3 | A | 9 | 4 | 7 | 1 | E | 2 |
| 1 | B | 6 | 4 | D | 8 | 3 | 9 | 7 | E | 0 | A | 2 | C | 5 |
| 9 | C | 0 | 2 | 7 | E | 6 | A | B | 5 | 1 | 4 | 8 | D | 3 |
| D | 5 | 3 | A | C | 6 | E | 1 | 8 | 7 | 9 | 2 | B | 4 | 0 |
| 2 | 4 | 7 | 9 | 0 | B | D | 5 | C | 6 | 8 | 3 | E | 1 | A |
| A | 8 | E | 1 | 3 | 5 | 0 | 4 | 2 | D | C | B | 9 | 7 | 6 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ମହଙ୍ଗା ଭତ୍ତା ମିଳୁ

ମହାଶୟ,

କେନ୍ଦ୍ର ସରକାର ସେମାନଙ୍କ କର୍ମଚାରୀଙ୍କୁ ଗତ ଜୁଲାଇ ମାସରୁ ୫ ପ୍ରତିଶତ ମହଙ୍ଗାଭତ୍ତା ଦେଲେଣି। ରାଜ୍ୟ ସରକାର ଏହି ମହଙ୍ଗା ଭତ୍ତା ଦେବାକୁ ବହୁ ବିଳମ୍ବ କଲେଣି। ଏଣୁ ରାଜ୍ୟର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ସରକାରୀ କର୍ମଚାରୀମାନଙ୍କ ଭଳି ପେନସନରମାନଙ୍କୁ ଚିକିତ୍ସା ଭତ୍ତା ଓ ଇନ୍‌କ୍ରିମେଣ୍ଟ (ବାର୍ଷିକ ବୃଦ୍ଧି) ଦେବାକୁ ଦାବି ହେଉଛି।

କଳ୍ପତରୁ ପଣ୍ଡା, ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର

### ରାସ୍ତା ଓସାରିଆ ହେଉ

କଟକ-ପାରାଦୀପ ଭାୟା ଜଗତ୍‌ସିଂହପୁର ରାସ୍ତା ଦୁଇଟି ସମ୍ପ୍ରସାରଣ କରାଯିବା ଦରକାର। ଯାନବାହନ ସଂଖ୍ୟା ଓ ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଦୈନନ୍ଦିନ ଯାତ୍ରା କରିବା ସୁବିଧାଜନକ ହେଉନାହିଁ। ଅଣଓସାରିଆ ରାସ୍ତାରେ ପରସ୍ପର ଗାଡିକୁ ଅତିକ୍ରମ କରିବା କଷ୍ଟସାଧ୍ୟ ହେଉଛି। କିନ୍ତୁ ରାସ୍ତା ସମ୍ପ୍ରସାରଣ ପାଇଁ ବୃକ୍ଷ କଟାଗଲେ ତା'ଠାରୁ ଅଧିକ ଗଛ ଲଗାଯିବା ଆବଶ୍ୟକ। କନ୍ଦରପୁରଠାରୁ ମାଛଗାଁ ରାସ୍ତା ଆଦୌ ଓସାରିଆ ହୋଇନାହିଁ। ଭବିଷ୍ୟତ ପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରାଯାଉ।

ରମେଶଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଛୁରାମାଡରେ ଯୁବକ ଗୁରୁତର

**ପଟ୍ଟାମୁଣ୍ଡାଇ, ୮।୩ (ଡି.ଏନ.ଏ.) :** ପଟ୍ଟାମୁଣ୍ଡାଇ ଥାନା ଅଧୀନ ଡିହାପଡା ପଞ୍ଚାୟତ ପନ୍ତୁରୀ ଗ୍ରାମରେ ରବିବାର ରାତି ୯ଟାରେ ଜଣେ ଯୁବକଙ୍କୁ ଛୁରାମାଡ ହୋଇଛି । ସେ ଗୁରୁତର ହୋଇପଡିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପ୍ରକାଶ ଯେ, ପନ୍ତୁରୀ ଗ୍ରାମରେ ଭାଗବତ ସପ୍ତା ହରିହାଟ ଚାଲିଥିବାରୁ ନିକଟସ୍ଥ ନପଙ୍ଗ ଗ୍ରାମର ପ୍ରକାଶ ଚନ୍ଦ୍ର ପ୍ରଧାନ ପରିବାର ସହିତ ସେଠାକୁ ଯାଇଥିଲେ । ଏହି ସମୟରେ ପନ୍ତୁରୀ ଗ୍ରାମର କେତେଜଣ ଯୁବକ ମହିଳାମାନଙ୍କ ଫଟୋ ଉଠାଇବାରୁ ପ୍ରକାଶ ସେମାନଙ୍କୁ ବାରଣ କରିଥିଲେ । ଏଥିରେ ଯୁବକମାନେ ଉତ୍ତେଜିତ ହୋଇ ପ୍ରକାଶଙ୍କୁ ଗାଳି ଗୁଲଜ କରିଥିଲେ । ଏହାକୁ ନେଇ ପରେ ଉକ୍ତ ଗ୍ରାମର ଜଣେ ଯୁବକ ପ୍ରକାଶଙ୍କ ପେଟରେ ଛୁରାମାଡ କରିଥଲେ । ସେ ବାଧା ଦେବାରୁ ତାଙ୍କ ଡାହାଣ ହାତର ମଝି ଅଙ୍ଗୁଳି କଟିଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ଏ ନେଇ ପଟ୍ଟାମୁଣ୍ଡାଇ ଥାନାରେ ପନ୍ତୁରୀ ଗ୍ରାମର ୧୦ ଜଣଙ୍କ ନାମରେ ଏତଲା ଦିଆଯାଇଛି । ପୋଲିସ ଉକ୍ତ ଗ୍ରାମକୁ ଯାଇଥିଲେ ମଧ ଅଭିଯୁକ୍ତଙ୍କ ପତ୍ତା ମିଳିନାହିଁ ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି

**ଡେରାବିଶ,୮।୩(ସ୍ୱ.ପ୍ର.) :** ଡେରାବିଶ ଶିକ୍ଷା ସର୍କଲ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରି ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ବିଦ୍ୟାଳୟରେ ମଧାହ୍ନ ଭୋଜନ ଯୋଗାଣରେ ଅନିୟମିତତା କରାଯିବା ସହ ଅନ୍ୟ କେତେକ ଅଭିଯୋଗ ଗ୍ରାମବାସୀ ଆଣିଛନ୍ତି । ଏ ସମ୍ପର୍କରେ ଶିକ୍ଷାଧିକାରୀ ନରହରି ସୂତାରଙ୍କୁ ପଚାରିବାରେ ସେ ଅଭିଯୋଗ ପାଇଥିବା କହିଥିଲେ । ତେବେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

### ଦୁମୁକା ରାଜସ୍ୱ ଗ୍ରାମର ଜମିଜମା ରେକର୍ଡ ସଂଶୋଧନ ନେଇ ବାଟ ଫିଟିଲା

**ମାର୍ଶାଘାଇ,୮।୩(ଡି.ଏନ.ଏ.):** ମାର୍ଶାଘାଇ ବ୍ଲକ ଅଧୀନ ଦୁମୁକା ପଞ୍ଚାୟତ ଦୁମୁକା ରାଜସ୍ୱ ଗ୍ରାମର ଜମିଜମା ରେକର୍ଡ ସଂଶୋଧନ ନେଇ ବାଟ ଫିଟିଛି । ଏ ନେଇ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଗ୍ରାମବାସୀଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି ।

ମାର୍ଶାଘାଇ ତହସିଲ ଦୁମୁକା ରାଜସ୍ୱ ଗ୍ରାମରେ ଇଂରେଜ ସରକାର ଅମଳରୁ କମିଜମା ପଟ୍ଟା ମିଳିଥିବା ବେଳେ ଏହାମଧରେ ସରକାରଙ୍କ ଚକବନ୍ଦୀ କାର୍ଯ୍ୟକ୍ରମ ସରିଛି । ତେବେ ଗ୍ରାମର ଜମିଜମା ରେକର୍ଡ ସଂଶୋଧନ ହୋଇ ପାରୁ ନ ଥିଲା। ଫଳରେ ଏହି ରାଜସ୍ୱ ଗ୍ରାମର ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ଜମି ମାଲିକ ଜମିଜମା ରେକର୍ଡ ସଂଶୋଧନ ହେଉ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷ କରି ଜମି କିଣାବିକାଠାରୁ ଆରମ୍ଭ କରି କୌଣସି କାର୍ଯ୍ୟ ହେଉ ନ ଥିବାରୁ ଜମିମାଲିକମାନେ ସମସ୍ୟାରେ ପଡୁଥିଲେ। ଏ ନେଇ ବିଭିନ୍ନ ସମୟରେ ଜମିମାଲିକମାନେ ତହସିଲଦାରଙ୍କ ଠାରୁ ଆରମ୍ଭ କରି ରାଜସ୍ୱ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ନିକଟରେ ଗୁହାରି କରି ବିଫଳ ହୋଇଥିଲେ। ଯାହାକୁ ନେଇ ଦୁମୁକା ଗ୍ରାମର ପର୍ଶୁରାମ ନାୟକ, ପଦ୍ମନାଭ ସ୍ୱାଇଁ, ଅକ୍ଷୟ ଜେନା, ରବି ନାରାୟଣ ସେଠୀ, ଶ୍ରୀଧର ବେଉରା, ଅରକ୍ଷିତ ଜେନା ପ୍ରମୁଖ ଗତ ଜାନୁୟାରୀ ମାସରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ବିଚାରକୁ ନେଇ ଉଚ୍ଚ ନ୍ୟାୟାଳୟ ଦୁମୁକା ରାଜସ୍ୱ ଗ୍ରାମର ଜମିଜମା ରେକର୍ଡ ସଂଶୋଧନ ପୂର୍ବକ ଜମି ପାଶ ବୁକ ଯୋଗାଇ ଦେବା ପାଇଁ ରାଜସ୍ୱ ବିଭାଗ ଏବଂ ବିପର୍ଯ୍ୟୟ ପରିଚାଳନା, ବୋର୍ଡ ଅଫ ରେଭିନ୍ୟୁ ,ଚକବନ୍ଦୀ ଏବଂ ବନ୍ଦୋବସ୍ତ, ଜିଲାପାଳ ଓ ମାର୍ଶାଘାଇ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମକଦ୍ଦମାକୁ ଆଡଭୋକେଟ ଅମିତ ପ୍ରସାଦ ବୋଷ ଏବଂ କେ.କେ. ମିଶ୍ର ପରିଚାଳନା କରିଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଦୁମୁକା ରାଜସ୍ୱ ଗ୍ରାମବାସୀଙ୍କ ମଧରେ ଖୁସିର ଲହରି ଖେଳିଯାଇଛି।




ଡେରାବିଶ ବ୍ଲକର ଓଲକଣା ମେଳଣରେ ସାମିଲ ଦୋଳ ବିମାନ।

# ଶାଗ ଭୋଗ ପାଇବା ପାଇଁ ବିଦୁରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଡେରାବିଶ, ୮।୩ (ସ୍ୱ.ପ୍ର.)**

ପ୍ରସିଦ୍ଧ ଓଲକଣା ମେଳଣ ଅବସରରେ ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଅରାଖଣ୍ଡ ଗ୍ରାମରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରରେ ଶାଗ ଓ ଅନ୍ନ ଭୋଗ ପାଇବା ପାଇଁ ରବିବାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଓଲକଣା ମେଲଣ ପଡିଆ ନିକଟରେ ଥିବା ଭକ୍ତ ବିଦୁର ମନ୍ଦିର କାହିଁ କେଉଁ କାଳରୁ ପ୍ରତିଷ୍ଠିତ ହୋଇଛି । ଭକ୍ତି ଓ ବିଶ୍ୱାସର ପ୍ରତୀକ ଭାବେ ବିଦୁରଙ୍କୁ ପୂଜା କରାଯାଇ ଆସୁଛି । ଜନଶ୍ରୁତି ଅନୁଯାୟୀ ଦ୍ୱାପର ଯୁଗରେ ପାଣ୍ଡବ ପାଞ୍ଚ ଭାଇ ନିକଟସ୍ଥ ଡେରାଡିହ ଗ୍ରାମରେ ଅଜ୍ଞାତ ବାସରେ ରହିଥିବା ବେଳେ ଭକ୍ତ ବିଦୁର ଅରାଖଣ୍ଡ ଗ୍ରାମରେ ଏକ ଆଶ୍ରମ ସ୍ଥାପନ କରି ରହୁଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କର ସେ ଥିଲେ ଅତି ଅନ୍ତରଙ୍ଗ । ବିଦୁରଙ୍କ ଆଶ୍ରମରେ ଭଗବାନ ଶ୍ରୀକୃଷ୍ଣ ଅବସ୍ଥାନ କରିବା ସମୟରେ ବିଦୁରଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ବର ଯାଚିଥିଲେ । ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହରଙ୍କ ମିଳନର ଦୃଶ୍ୟ ଦର୍ଶନ ପାଇଁ ଭକ୍ତ ବିଦୁର ବର ମାଗିଥିଲେ । ଶ୍ରୀକୃଷ୍ଣଙ୍କ ବର ପ୍ରଦାନ ଅନୁଯାୟୀ ପ୍ରସିଦ୍ଧ ଓଲକଣା ମେଳଣରେ ହରିହରଙ୍କ ମିଳନ ହୋଇଥାଏ । ଏହି ମିଳନ ଏକ ଅନନ୍ୟ ପରମ୍ପରା ଭାବେ ସମଗ୍ର ରାଜ୍ୟରେ ଖ୍ୟାତି ଲାଭ କରିଛି । ମେଲଣ ପଡିଆରେ ସମସ୍ତ ବିମାନରେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଉଥିବାବେଳେ କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶୈବପୀଠ ଶ୍ରୀଭଦ୍ରେଶ୍ୱରଙ୍କ ମନ୍ଦିରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଶିବ ଶକ୍ତି ମେଳଣ ପଡିଆକୁ ଆସିଥାନ୍ତି । ପାରମ୍ପରିକ ରୀତିନୀତି ଅନୁସାରେ ଶ୍ରୀ ଭଦ୍ରେଶ୍ୱର ମେଲଣରେ ପହଞ୍ଚିବା ପରେ ଏକ ଆଳତି ୧୦୮ ଘଣ୍ଟ ପଟୁଆର ମଧ୍ୟରେ ବିଦୁରଙ୍କ ମନ୍ଦିରକୁ ଯାଇଥାଏ । ଏହି ଦୃଶ୍ୟ ସାଙ୍ଗକୁ ହରିହର ମିଳନର ପର୍ବ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ । ମନ୍ଦିରରେ ଚତୁର୍ଦ୍ଦଶୀ ତିଥିରେ ଶାଗ ଓ ଅନ୍ନପ୍ରସାଦ ଶ୍ରୀବିଦୁରଙ୍କ ନିକଟରେ ଭୋଗ ଲଗାଇଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି । ରବିବାର ଚତୁର୍ଦ୍ଦଶୀ ତିଥି ଥିବାରୁ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ସମଗମ ହୋଇଥିଲା ।



ମେଳଣରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଭକ୍ତ ବିଦୁର।



## ପ୍ରସିଦ୍ଧ ଓଲକଣା ମେଳଣ

### ସେମାନେ ଯାହା କୁହନ୍ତି

"ଭଗବାନ ଶ୍ରୀକୃଷ୍ଣ ଓ ବିଦୁରଙ୍କ ସଂପର୍କ ଅତି ନିବିଡ । ଶାଗ ଓ ପଖାଳ ବିଦୁରଙ୍କ ଆଶ୍ରମରେ ଗ୍ରହଣ କରିବା ପରେ ଶ୍ରୀକୃଷ୍ଣ ଭକ୍ତ ବିଦୁରଙ୍କ ଉପରେ କୃପା କରିଥିଲେ। ଓଲକଣା ମେଳଣର ଇତିହାସ ସହ ପୁରାଣ ବର୍ଣ୍ଣିତ ଭକ୍ତ ବିଦୁରଙ୍କ ମନ୍ଦିର ଯୋଡି ହୋଇରହିଛି । ଏହାକୁ ଆଧାର କରି ଚତୁର୍ଦ୍ଦଶୀର ବ୍ରାହ୍ମ ମୁହୂର୍ତ୍ତରେ ଆରମ୍ଭ ହୋଇଥାଏ ଓଲକଣା ମେଳଣ ।

**– ମହନ୍ତ ଡ. ନାମାନନ୍ଦ ଦାସ,ଓଳାଶୁଣୀ ଗୁମ୍ଫା , ପଲେଇ, ଯାଜପୁର ।**

"ପୁରୁଷ ପୁରୁଷ ଧରି ଆମେ ଭକ୍ତ ବିଦୁରଙ୍କୁ ଆମର ଇଷ୍ଟଦେବ ବୋଲି ମନେକରୁ । ପ୍ରତ୍ୟେକ କାର୍ଯ୍ୟରେ ବିଦୁରଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସମସ୍ତ ଶୁଭ କାର୍ଯ୍ୟ କରିଥାଉ । ତେବେ ଚତୁର୍ଦ୍ଦଶୀ ତିଥିରେ ଶାଗ ଭୋଗ କରିବା ପାଇଁ ଆମ ଅଞ୍ଚଳରେ ପ୍ରତ୍ୟେକ ପରିବାର ଅତ୍ୟନ୍ତ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି । ଏଥିସହ ବ୍ରାହ୍ମ ମୁହୂର୍ତ୍ତରେ ହରିହର ମିଳନର ଦୃଶ୍ୟ ଦେଖି ଧନ୍ୟ ମନେକରୁ ।

**–ରାଜ କିଶୋର ମଲ୍ଲ, ଅରାଖଣ୍ଡ, କେନ୍ଦ୍ରାପଡା**

"ଆଳି ରାଜାଙ୍କ ଇଲାକାରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିର ବହୁ ପ୍ରାଚୀନ । ଓଲକଣା ମେଲଣରେ ଆଳି ରାଜାଙ୍କ ୨ଟି ବିମାନରେ ରାଧାକୃଷ୍ଣ ଓ ମା' ଲକ୍ଷ୍ମୀ ଆସି ପ୍ରଥମେ କନକ ବେଦୀରେ ଉପବେଶନ କରିଥାନ୍ତି । ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ବିଦୁର ମନ୍ଦିର ପରିଦର୍ଶନରେ ଆସିଥାନ୍ତି ।

**– କରୁଣାକର କର , ଡେରାବିଶ**

"ଓଲକଣା ମେଲଣ, ଆଳି ରାଜାଙ୍କ ଝୁଲଣ ପ୍ରବାଦ ରହିଛି । ଭକ୍ତ ବିଦୁରଙ୍କ ମନ୍ଦିର ନିକଟରେ ଅନୁଷ୍ଠିତ ମେଲଣରେ ଆଳି ରାଜାଙ୍କ ସହ ରାଣୀ ଝୁଲଣରେ ବସି ହରିହର ମିଳନର ଦୃଶ୍ୟ ଅତୀତରେ ଦେଖୁଥିବା ଆମ ପୂର୍ବ ପୁରୁଷଙ୍କ ଠାରୁ ଶୁଣିଛୁ । ଚତୁର୍ଦ୍ଦଶୀ ତିଥି ଆସିଲେ ବିଦୁରଙ୍କ ଦର୍ଶନ ସାରି ମେଲଣ ପଡିଆରେ ହରିହରଙ୍କ ବିମାନକୁ ଦେଖି ଆମେ ବିଭୋର ହୋଇଥାଉ ।

**–ମକର ଚନ୍ଦ୍ର ପ୍ରଧାନ, ଓଲକଣା, କଟକ**

# ଅଦିନିଆ ବର୍ଷା ପାଇଁ ଚିନ୍ତାରେ ଚାଷୀ

**କେନ୍ଦ୍ରାପଡା ଅଫିସ, ୮।୩**

ଗତ ୩ ଦିନ ଧରି କେନ୍ଦ୍ରାପଡା ଜିଲାର ବିଭିନ୍ନ ସ୍ଥାନରେ ଅଦିନିଆ ବର୍ଷା ହୋଇଛି। ଏହି ବର୍ଷା ଏବେ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ବର୍ଷାରେ ରବି ଫସଲ ସହିତ ପନିପରିବା ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି । ଏଥିସହିତ ବାଦାମ ଅମଳ ହ୍ରାସ ପାଇବ ବୋଲି ଚାଷୀମାନେ ମତ ଦେଉଛନ୍ତି । ଏ ସମ୍ପର୍କରେ କେନ୍ଦ୍ରାପଡା ବ୍ଲକ କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡାଙ୍କ କହିବା ଅନୁଯାୟୀ ୩ ଏକର ଜମିରେ ଭେଣ୍ଡି, କାକୁଡି, ଝୁଡଙ୍ଗ, କୋବି ଆଦି ଚାଷ କରିଥିଲେ। ଗତ ୩ ଦିନ ଧରି ବର୍ଷାରେ ଚାଷ ଉଜୁଡି ଯାଇଛି। ଋଣ କରି ଚାଷ କରିଥିବାରୁ ଏବେ ଋଣ ଶୁଝିବା କଷ୍ଟକର ହେବ ବୋଲି ସେ କହିଛନ୍ତି। ମଧୁରକୂଳ ଗ୍ରାମର ସନାତନ ଦାସ କହିଛନ୍ତି ଯେ, ଏହି ବର୍ଷା ବାଦାମ, ବିରି, ଆଳୁ ଚାଷ ପାଇଁ ସମସ୍ୟା ସୃଷ୍ଟି କରିଛି। ବର୍ଷା ପାଣି ଜମି ରହିବା ଦ୍ୱାରା ଆଳୁ ଓ ବାଦାମ ପଚିଯିବା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ରବି ଫସଲ ଅମଳ ସମୟରେ ବର୍ଷା ହେବା ଫଳରେ ତାହା ନଷ୍ଟ ହେବା ନିଶ୍ଚିତ ହୋଇଛି । ପରିବା ବିକ୍ରେତା ବାବାଜୀ ସାହୁ କହିଛନ୍ତି ଯେ, ସାଧାରଣତଃ ଶୀତଦିନିଆ ପରିବା ବଜାରରେ ଶସ୍ତାରେ ମିଳିଥାଏ । ଏହି ବର୍ଷା ଫଳରେ ପରିବା ଦର ଦୁଇଗୁଣା ହୋଇଛି । ୫ ଦିନ ପୂର୍ବେ କାକୁଡି କିଲୋ ୭ରୁ ୮ ଟଙ୍କାରେ ବିକ୍ରି ହେଉଥିବା ବେଳେ ବର୍ଷା ପରେ ୨୦ ଟଙ୍କାରେ ବିକ୍ରି ହେଉଛି । କୋବି ଗୋଟା ୨୦ ଟଙ୍କା ଥିବା ବେଳେ ଏବେ ୩୫ ଟଙ୍କା ହୋଇଛି । ସେହିପରି ଗାଜର, କଲରା, ଲଙ୍କା, ମଟର ଛୁଇଁ, ଝୁଡଙ୍ଗ ଆଦି ପରିବାର ମୂଲ୍ୟ ଗତ ସପ୍ତାହ ଠାରୁ ବଢିଛି । ଚାଷୀଙ୍କ ସମସ୍ୟା ସମ୍ପର୍କରେ କୃଷକ ନେତା ଗୟାଧର ଧଳ କୁହନ୍ତି ଯେ, କେନ୍ଦ୍ରାପଡା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା । ଏଠାରେ ସମସ୍ତ ବ୍ଲକରେ କେନାଲ ନାହିଁ। ନଦୀ ନାଳରୁ ପାଣି ଉଠାଇ ଚାଷ ହୋଇଥାଏ । ମରୁଡି ସହିତ ଅଦିନିଆ ବର୍ଷା, ବନ୍ୟା ଫଳରେ ଚାଷୀ ଚାଷ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଯେଉଁମାନେ ଚାଷ କରୁଛନ୍ତି, ସେମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ । ଋଣ ବୋଝ ଶୁଝିବା କଷ୍ଟକର ହେଉଥିବାରୁ ଗତ ୫ ବର୍ଷ ମଧ୍ୟରେ ଜିଲାର ୬ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ସେ ଦାବି କରିଛନ୍ତି । ଏ ସମ୍ପର୍କରେ ଏଡିଏମ ବସନ୍ତ କୁମାର ରାଉତ କୁହନ୍ତି ଯେ, ବର୍ଷାରେ ଫସଲ ନଷ୍ଟ ହେବା ଆଶଙ୍କା ରହିଛି । ରାଜସ୍ୱ ଓ କୃଷି ବିଭାଗକୁ ଏନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯିବ । ଆବଶ୍ୟକ ଥିଲେ କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖାହେବ ।

**ପୂର୍ବ ତଟ ରେଳପଥ**
**ଇ-କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/KUR/EP/2019-20/79, ତା.02.03.2020ରିଖ
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ http://www.ireps.gov.in ରେ ଅପ୍‌ଲୋଡ୍ କରାଯାଇଛି ।
ଟେଣ୍ଡର ସଂ.81205088: ସାମଗ୍ରୀ ଗୁଡ଼ିକର ବିବରଣୀ: ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଏପ୍ରିଲ-2005 କିମ୍ବା ସଦ୍ୟତମର RDSO ବିନିର୍ଦ୍ଦେଶ ନଂ.ELRS/SPEC/PBS/0034, Rev-1 ଅନୁଯାୟୀ WAG-7 ଇଂଜିନ୍(ଲୋକୋମୋଟିଭ) ନିମନ୍ତେ ଟ୍ରିପ୍ଲେଟ୍ (Triplate) ପ୍ୟାନେଲ ମାଉଣ୍ଟେଡ୍ IRAB-9/10 ବ୍ରେକ୍ ସିଷ୍ଟମ୍ ।, ପରିମାଣ-10 ଗୋଟି ।
ବନ୍ଦ ହେବା ତାରିଖ ଓ ସମୟ: ତା.02.04.2020 ରିଖ 1500 ଘଟିକାରେ ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-772/K/19-20

# ମହିଳାମାନେ ସ୍ୱାବଲମ୍ବୀ ହେଲେ ସମାଜର ଉନ୍ନତି ହେବ

**ଆଳି,୮।୩(ଡି.ଏନ.ଏ)**

ମହିଳାମାନେ ସ୍ୱାବଲମ୍ବୀ ହେଲେ ସମାଜର ଉନ୍ନତି ହେବ । ସେମାନେ ଜାଗ୍ରତ ହେଲେ ଓ ସମାଜର ମୁଖ୍ୟସ୍ରୋତର ପୁରୋଭାଗରେ ରହିଲେ ଜାତିର ଉନ୍ନତିକୁ କେହି ରୋକି ପାରିବେ ନାହିଁ ବୋଲି ବିଶ୍ୱ ମହିଳା ଦିବସ ଅବସରରେ ଆୟୋଜିତ ସମାବେଶରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

୧୯୭୫ ମସିହା ମାର୍ଚ୍ଚ ୮ ତାରିଖରୁ ପାଳନ କରାଯାଉଥିବା ଏହି ଦିବସର ଗୁରୁତ୍ୱ ଏବେ ବୃଦ୍ଧିପାଇଛି । ସମାଜର ପ୍ରତ୍ୟେକ କ୍ଷେତ୍ରରେ ନାରୀ ଏବେ ପୁରୁଷମାନଙ୍କ ସହ ପାଦ ମିଳାଇ ଚାଲିଛି। ସାମାଜିକ,ରାଜନୈତିକ,ଅର୍ଥନୈତିକ କ୍ଷେତ୍ରରେ ନାରୀର ଉତ୍ଥାନ ସମାଜକୁ ନୂତନ ଦିଗଦର୍ଶନ ଦେବା ଆରମ୍ଭ କରିଛି । ସାମାଜିକ ହେଉ କିମ୍ବା ପ୍ରଶାସନିକ କାର୍ଯ୍ୟ ହେଉ ନାରୀମାନେ ଆଗରେ ରହିଛନ୍ତି । କିନ୍ତୁ ନାରୀ ଜାତିକୁ ଯେଉଁଠି ଅବହେଳିତ କରାଯାଇଛି ସେ ସମାଜର ପତନ ଘଟିଛି । ଆଳି ବିଜୁ ଜନତା ଦଳ ପକ୍ଷରୁ ଦେମାଳ ଗ୍ରାମ ପଞ୍ଚାୟତର ସୁଶ୍ରୀ ଦେବୀ ମହିଳା ମହାବିଦ୍ୟାଳୟ ସମ୍ମୁଖସ୍ଥ ଗିରିବନ୍ଧ ଖେଳ ପଡିଆରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା । ଆଳି ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରତାପ କେଶରୀ ଦେବ ଯୋଗଦେଇ କହିଥିଲେ ଯେ, ଗୋଟିଏ ଜାତିର ଉନ୍ନତିରେ ମହିଳାମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ରାଜ୍ୟ ସରକାର ନାରୀମାନଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରିଛନ୍ତି ଓ ସେମାନେ ତାର ସୁଫଳ ପାଇଛନ୍ତି । ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳର ପର୍ଯ୍ୟବେକ୍ଷକ ସ୍ନିଗ୍ଧା ପାଣିଗ୍ରାହୀ,ରୀନା ଗଡନାୟକ,ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, କେନ୍ଦ୍ରାପଡା ଜିଲା ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ସ୍ନେହଲତା ତ୍ରିପାଠୀ,ଜିଲା ପରିଷଦ ଉପାଧ୍ୟକ୍ଷା ସୁମିତ୍ରା ସାହୁ ଓ ୪ନଂ ଜୋନ ଜିଲା ପରିଷଦ ସଦସ୍ୟା ସତ୍ୟାଭାମା ମଲିକ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଯୁବନେତା ଭୀଷ୍ମ ମହାନ୍ତି, ମନୋରଞ୍ଜନ ସାମଲ, ପ୍ରଦ୍ୟୁମ୍ନ ଦାଶ, ଜଗତାନନ୍ଦ ବଳ, ରମେଶ ଚନ୍ଦ୍ର ପଣ୍ଡା, ନିରଞ୍ଜନ ସେନାପତି, ନିର୍ମଳ ବେହେରା, ସୁବ୍ରତ ଦାଶ, ମନୋଜ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ସମାବେଶରେ ଯୋଗ ଦେଇଥିବା ଅତିଥିବୃନ୍ଦ।

### ଦୋଳ ପର୍ବରେ ଗୋପାଳ ପରିବାରଙ୍କ ପକ୍ଷରୁ ଡାଳିଭାର ଶୋଭାଯାତ୍ରା

**ମାର୍ଶାଘାଇ,୮।୩(ଡି.ଏନ.ଏ.)**

ଦୋଳ ପର୍ବ ଲାଗି ମାର୍ଶାଘାଇ ବ୍ଲକର ବିଭିନ୍ନ ଗ୍ରାମରେ ଗୋପାଳ ସଂପ୍ରଦାୟର ଲୋକଙ୍କ ମଧ୍ୟରେ ଉତ୍ସାହ ଲାଗି ରହିଛି। ଗୋପାଳ ପରିବାରର ସଦସ୍ୟମାନେ ଏହି ପର୍ବରେ ପୂର୍ବ ପ୍ରସ୍ତୁତି ମୁତାବକ ନୂତନ ବସ୍ତ୍ର ପରିଧାନ କରି ଡାଳି ବସାଇଥାନ୍ତି। ଡାଳିଭାର କାନ୍ଧରେ ବୋହି ନେଇ ଗ୍ରାମ ନିକଟସ୍ଥ ରାଧାକୃଷ୍ଣ ମନ୍ଦିରରେ ଶ୍ରୀକୃଷ୍ଣଙ୍କୁ ପୂଜା କରିଥାନ୍ତି। ପୁର୍ନବାର ପୂର୍ଣ୍ଣମୀ ଦିନ ଡାଳିଭାର କାନ୍ଧରେ ବୋହି ଘରକୁ ଫେରିଥାନ୍ତି। ଏଥିପାଇଁ ମାର୍ଶାଘାଇ ବ୍ଲକର ମାର୍ଶାଘାଇ, ଶିଳିପୁର, କୁଆଁରପାଳ, କାନପୁର, ବଛରାଇ, ପଳାସପୁର ସମେତ ବିଭିନ୍ନ ଗ୍ରାମ ଓ ମହାକାଳପଡା ବ୍ଲକର ତିଖିରୀ, ଅମେଇପାଳ,ମଧୁରଗଣ୍ଡ, ଖମାର, କେୟାରବାଙ୍କ,ମଙ୍ଗଳପୁର ସମେତ ବିଭିନ୍ନ ଗ୍ରାମରେ ଗୋପାଳ ପରିବାର ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି । ଡାଳିଭାର ଶୋଭାଯାତ୍ରାରେ ଯିବା ସମୟରେ ବାଣ ରୋଷଣି ସାଙ୍ଗକୁ ଗୋପାଳ ଯୁବକମାନଙ୍କ ଦ୍ୱାରା ଲଉଡି ଖେଳ ହୋଇଥିଲା । ଏହି ଡାଳି ଶୋଭାଯାତ୍ରାକୁ ସ୍ଥାନୀୟ ଜନସାଧାରଣ ବେଶ ମନଭରି ଉପଭୋଗ କରିଥିଲେ।

**ପୂର୍ବ ତଟ ରେଳପଥ**
**ପୂର୍ଣ୍ଣକାଳୀନ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**
ନିଯୁକ୍ତି ସୂଚନା ସଂ. 01/2020-Med/CMP ତା.04.03.2020 ରିଖ
ସେଣ୍ଟ୍ରାଲ ହସ୍ପିଟାଲ, ଭୁବନେଶ୍ୱରଠାରେ ପୂର୍ଣ୍ଣକାଳୀନ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP)ଙ୍କୁ ନିଯୁକ୍ତି ।
ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା, ବୟସ, ପାରିଶ୍ରମିକ, ଦରଖାସ୍ତ ଫର୍ମାଟ ଏବଂ ଅନ୍ୟ ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବ୍‌ସାଇଟ୍ ୱେବ୍‌ସାଇଟ୍ http://www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।
"ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ, ତାରିଖ ଓ ସମୟ:

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ରିପୋର୍ଟ କରିବା ତାରିଖ, ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ଅଧକ୍ଷଙ୍କ କାର୍ଯ୍ୟାଳୟ, ରେଳ ଭର୍ତ୍ତି ସେଲ୍, ଦ୍ୱିତୀୟ ମହଲା, ସାଉଥ ବ୍ଲକ୍, ରେଳ ଓଦନ, ଭୁବନେଶ୍ୱର-751017 | ତା.20.03.2020ରିଖ 1000 ଘଟିକାରୁ 1030 ଘଟିକା ଇଣ୍ଟରଭ୍ୟୁ 1100 ଘଟିକା ଠାରୁ ଆରମ୍ଭ |

PR-775/K/19-20 ଉପ ମୁଖ୍ୟ କାର୍ମିକ ଅଧିକାରୀ (Gaz)/ଭୁବନେଶ୍ୱର

**ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR**
No.80/CL Dated 07.03.2020
**Expression of Interest for RFID**
Odisha University of Agriculture and Technology (OUAT), Bhubaneswar invites sealed Expression of Interest (EOI) from Original Equipment Manufacturers (OEM) or their authorized distributors or vendors/ suppliers with adequate credential for supply, installation and maintaining RFID-based solutions at Central Library, Odisha University of Agriculture and Technology (OUAT), Bhubaneswar.
The detailed information in this regard is available and can be downloaded from the University website: **www.ouat.nic.in**.
Chief Librarian

# ଫସିଛନ୍ତି ସ୍ୱାସ୍ଥ୍ୟବୀମା କାର୍ଡଧାରୀ

**ପ୍ରମୋଦ କୁମାର ନାୟକ**
**ଜଗତ୍‌ସିଂହପୁର ଅଫିସ, ୮।୩**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ପାଇଁ ଯୋଜନା ପରେ ଯୋଜନା କରୁଛନ୍ତି। ହେଲେ ବାସ୍ତବରେ ଏହି ଯୋଜନା ଦ୍ୱାରା ଲୋକମାନେ କେତେମାତ୍ରାରେ ଉପକୃତ ହେଉଛନ୍ତି ତାକୁ ବିଶ୍ଳେଷଣ କରାଯାଉ ନାହିଁ। ଯାହାର ଜ୍ୱଳନ୍ତ ପ୍ରମାଣ ଦେଖିବାକୁ ମିଳିଛି ଜଗତ୍‌ସିଂହପୁର ଜିଲାରେ। କେନ୍ଦ୍ର ସରକାର ଗରିବ ତଥା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଆର୍‌ଏସ୍‌ବିୱାଇ) ୨୦୦୮ ଏପ୍ରିଲ୍ ୧ରେ ପ୍ରଣୟନ କରିଥିଲେ। ପରେ ଏହି ଯୋଜନାକୁ ୨୦୧୮ ଡିସେମ୍ବର ୩୧ରେ ବନ୍ଦ କରି ଆୟୁଷ୍ମାନ୍ ଭାରତ ଯୋଜନା କାର୍ଯ୍ୟକାରୀ କଲେ। ହେଲେ ଓଡ଼ିଶା ସରକାର ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ନ ହେବାରୁ ସମସ୍ୟା ବଢିଥିଲା। ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ ରାଜ୍ୟ ସରକାର ବିଜୁ କୃଷକ କଲ୍ୟାଣ ଯୋଜନା(ବିକେକେୱାଇ-୨)ରେ ସମସ୍ତ ଆର୍‌ଏସ୍‌ବିୱାଇ କାର୍ଡଧାରୀଙ୍କୁ ସମାନ ସହାୟତା ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। କିନ୍ତୁ ଘୋଷଣାର ବାସ୍ତବ ରୂପାୟନ ହେଲାନାହିଁ। ଯାହାଦ୍ୱାରା ଜିଲାର ପାଖାପାଖି ୯ହଜାର ଆର୍‌ଏସ୍‌ବିୱାଇ କାର୍ଡଧାରୀ ସ୍ୱାସ୍ଥ୍ୟ ବୀମା ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ବିକେକେୱାଇ ବନ୍ଦ କରି ବିଏସ୍‌କେୱାଇ(ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା) ୨୦୧୮ ଅଗଷ୍ଟ ୧୫ରେ କାର୍ଯ୍ୟକାରୀ କରିଥିଲେ। ହେଲେ ଦୁଃଖର କଥା ଯେ, ପାଖାପାଖି ୭/୮ ମାସ ହେବ କେତେକ ଆର୍‌ଏସ୍‌ବିୱାଇ କାର୍ଡଧାରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର କିଓସ୍କ ସେଲ୍‌ରେ ପହଞ୍ଚି ସେମାନଙ୍କୁ ବିଏସ୍‌କେୱାଇରେ ସାମିଲ କରିବାକୁ ଆବେଦନ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କାର୍ଡ ଉପଲବ୍ଧ ହୋଇନାହିଁ। ଆଗକୁ କାର୍ଡ ମିଳିବ କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି।

କେନ୍ଦ୍ର ସରକାର ଆର୍‌ଏସ୍‌ବିୱାଇ ଯୋଜନାରେ ପଞ୍ଜୀକୃତ ପରିବାର ସଦସ୍ୟଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଗାଇ ଆସୁଥିବାବେଳେ ରାଜ୍ୟ ସରକାର ମଧ୍ୟ ବିକେକେୱାଇ(୧ଓ୨)ରେ ସ୍ୱାସ୍ଥ୍ୟ ବୀମା ଯୋଗାଇଥିଲେ। ଯେଉଁମାନେ ଆର୍‌ଏସ୍‌ବିୱାଇରେ ସାମିଲ ହୋଇଥିଲେ ସେମାନଙ୍କ ନାଁ ବିକେକେୱାଇ-୨ରେ ରଖାଯିବା ପାଇଁ ଘୋଷଣା କରାଯାଇଥିଲା। କାରଣ ଗରିବ ପରିବାରକୁ ବାର୍ଷିକ ୧ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଥିଲା। ଏହି ଅନୁଯାୟୀ ସରକାର ଆର୍‌ଏସ୍‌ବିୱାଇରେ ୩୦,୦୦୦ ଓ ବିକେକେୱାଇରେ ୭୦,୦୦୦ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇବା ଘୋଷଣା କରିଥିଲେ। କେନ୍ଦ୍ର ସରକାର ଆର୍‌ଏସ୍‌ବିୱାଇକୁ ବନ୍ଦ କରି ୧।୧।୧୯ରୁ ଦେଶରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କଲେ। ହେଲେ ଓଡ଼ିଶା ସରକାର ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବାକୁ ଚାହିଁଲେ ନାହିଁ। ପରେ ରାଜ୍ୟର ପାଖାପାଖି ୪୪ ଲକ୍ଷ ଆର୍‌ଏସ୍‌ବିୱାଇ କାର୍ଡଧାରୀଙ୍କ ସ୍ୱାର୍ଥହାନି ହେଉଥିବା ରାଜ୍ୟ ସରକାର ଅନୁଭବ କରି ଏହାର ପ୍ରତିକାର ଚିନ୍ତା କରିଥିଲେ। ଆଉ ବିକେକେୱାଇ-୨ରେ କାର୍ଡଧାରୀଙ୍କୁ ୭୦,୦୦୦ ପରିବର୍ତ୍ତେ ଆର୍‌ଏସ୍‌ବିୱାଇ ବାବଦ ୩୦,୦୦୦ ଟଙ୍କା ମିଶାଯାଇ ମୋଟ ୧ଲକ୍ଷ ଟଙ୍କାର

## କେନ୍ଦ୍ର-ରାଜ୍ୟ ବିବାଦ

ସ୍ୱାସ୍ଥ୍ୟ ବୀମା ଘୋଷଣା କରାଯାଇଥିଲା। ବାସ୍ତବରେ କିନ୍ତୁ ପ୍ରତି ଜିଲାରେ ପଞ୍ଜୀକୃତ ସମସ୍ତ ଆର୍‌ଏସ୍‌ବିୱାଇ କାର୍ଡଧାରୀ, ଏପରିକି ସହରାଞ୍ଚଳର ଲୋକଙ୍କୁ ବିକେକେୱାଇ-୨ରେ ସାମିଲ କରାଯାଇ ନ ଥିବାରୁ ସମସ୍ୟା ବଢି ଯାଇଥିଲା। ଏହାର ପ୍ରତିକାର ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିକେକେୱାଇ କିଓସ୍କ କେନ୍ଦ୍ର ଖୋଲିଥିଲା। ଆର୍‌ଏସ୍‌ବିୱାଇ କାର୍ଡଧାରୀମାନେ ସେଠାରେ ପହଞ୍ଚି ବିକେକେୱାଇ-୨ରେ ନାମ ପଞ୍ଜୀକରଣ ପାଇଁ ଆବେଦନ କରିବାକୁ ଘୋଷଣା ହୋଇଥିଲା। ପରବର୍ତ୍ତୀ ସମୟରେ ବିକେକେୱାଇ ବନ୍ଦ ହୋଇ ବିଏସ୍‌କେୱାଇ ହୋଇଥିଲା। ବିଏସ୍‌କେୱାଇରେ କାର୍ଡଧାରୀ ପରିବାର ପିଛା ୧ ଲକ୍ଷ ପରିବର୍ତ୍ତେ ୫ ଲକ୍ଷ (ପୁରୁଷ) ଓ ମହିଳାଙ୍କ କ୍ଷେତ୍ରରେ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଜଗତ୍‌ସିଂହପୁର ଜିଲାର ସହସ୍ରାଧିକ ଆର୍‌ଏସ୍‌ବିୱାଇ କାର୍ଡଧାରୀ ଜିଲା ମୁଖ୍ୟ ଚିକିତ୍ସାଳୟ କିଓସ୍କ ସେଲ୍‌ରେ ପହଞ୍ଚି ସେମାନଙ୍କ ନାଁ ବିଏସ୍‌କେୱାଇରେ ସାମିଲ ପାଇଁ ଅନୁରୋଧ କରିଛନ୍ତି। ଏଥିମଧ୍ୟରେ ପାଖାପାଖି ୮ ମାସ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ଫଳ ଶୂନ। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ଆର୍‌ଏସ୍‌ବିୱାଇ କାର୍ଡଧାରୀ ପ୍ରତିକ୍ରିୟାରେ କହିଛନ୍ତି, ସେମାନଙ୍କ ନାଁ ବିକେକେୱାଇ (୨)ରେ ସାମିଲ କରାଯାଇନାହିଁ। ଯେଉଁ କାରଣରୁ ସେମାନେ ସ୍ୱାସ୍ଥ୍ୟବୀମା ସୁବିଧାରୁ ବଞ୍ଚିତ ହେଉଛନ୍ତି । ଗାଲୁପଡ଼ାର ଦିଲୀପ ପ୍ରଧାନ କାନ ସମସ୍ୟା ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟ ଯାଇଥିଲେ । ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରି ଦେଇଥିଲା । କଟକରେ ସେ ଏକ ବେସରକାରୀ ନର୍ସିଂ ହୋମ୍‌ରେ ଖର୍ଚ୍ଚାନ୍ତ ହୋଇ କାନ ଅସ୍ତ୍ରୋପଚାର କରିଥିଲେ । ଏହିଭଳି ଅନେକ ଆର୍‌ଏସ୍‌ବିୱାଇ କାର୍ଡଧାରୀମାନେ ସ୍ୱାସ୍ଥ୍ୟ ବୀମା ନ ପାଇ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଜିଲା ଶ୍ରମ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ଜଗତ୍‌ସିଂହପୁର ଜିଲାରେ ୧,୧୫,୧୩୨ ଜଣଙ୍କୁ ଆର୍‌ଏସ୍‌ବିୱାଇରେ ସାମିଲ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। କିନ୍ତୁ ୮୧,୯୫୮ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ସରକାରୀ ନିୟମ ମୁତାବକ ଏହି ସମସ୍ତ ଆର୍‌ଏସ୍‌ବିୱାଇ କାର୍ଡଧାରୀଙ୍କୁ ବିକେକେୱାଇ(୨)ରେ ସାମିଲ କରାଯିବା କଥା। ଜିଲା କୃଷି କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୭-୧୮ରେ ୫୫,୬୬୫ ଜଣଙ୍କୁ ବିକେକେୱାଇ(୨)ରେ ସାମିଲ କରାଯାଇଥିଲେ ସୁଦ୍ଧା ସେମାନଙ୍କ ମଧ୍ୟରୁ ମାତ୍ର ୫୪,୯୨୦ ଜଣଙ୍କୁ ସ୍ମାର୍ଟ କାର୍ଡ ଦିଆଯାଇଥିଲା। ୨୦୧୮-୧୯ରେ ଅଧିକ ୨୫,୦୦୮କାର୍ଡ ଛପାଯାଇ ଜିଲା କୃଷି ଉପନିର୍ଦ୍ଦେଶକ (ଡିଡିଏ)ଙ୍କୁ ଦିଆଯାଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ୧୮,୫୦୦ ଜଣଙ୍କ କାର୍ଡ ବଣ୍ଟାଯାଇପାରି ଥିଲା। ଅବଶିଷ୍ଟ ୬,୫୦୮ କାର୍ଡ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଫେରାଇ ଦିଆଯାଇଥିଲା। ମୋଟ ଉପରେ କହିବାକୁ ଗଲେ ୭୩,୪୨୦ ଜଣଙ୍କୁ ବିକେକେୱାଇ (୨) କାର୍ଡ ମିଳିଥିବା ବେଳେ ୮,୫୩୮ ଜଣ ବାଦ୍ ପଡିଛନ୍ତି । ଏହି ସମସ୍ୟା କେବଳ ଜଗତ୍‌ସିଂହପୁର ଜିଲାରେ ନୁହେଁ, ବରଂ ସାରା ରାଜ୍ୟରେ ଦେଖାଦେଇଥିବାରୁ ଗରିବ ହିତାଧିକାରୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ଅପରପକ୍ଷରେ ଏନେଇ କୌଣସି ବିଭାଗୀୟ ଅଧିକାରୀ ମୁହଁ ଖୋଲିବାକୁ ମନା କରିଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ଥିଲେ ପଚାରି**
**ବଡ଼ ଥିଲେ ବିଚାରି ।**

ବୟସରେ ସାନ ହେଲେ ମଧ୍ୟ ତାଙ୍କ କଥାକୁ ଟାଳି ନ ଦେଇ ବିଚାର କରିବା ଉଚିତ। ସେହିପରି ବୟସ୍କ ବ୍ୟକ୍ତି ବହୁ ଅଭିଜ୍ଞତା ହାସଲ କରିଥାନ୍ତି। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତାଙ୍କ ମତାମତ ବା ପରାମର୍ଶ ଗ୍ରହଣ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତଙ୍କ ସହ ବିଚାରବିମର୍ଶ କରିବା ଜରୁରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାଟର କନିଆ ବାଟର ବର**
**ଧରିଆଣି ବିଭାଘର କର ।**

ସାଧାରଣତଃ ପୁଅ ହେଉ ବା ଝିଅ ବାହାହେବା ପୂର୍ବରୁ ଅନେକ ଧାଁଧଉଡ଼ କରିବାକୁ ପଡ଼ିଥାଏ। ଝିଅର ସଂସ୍କାର, ଚାଲିଚଳଣ ତଥା ପୁଅର ଗୁଣଗ୍ରାମ, ଚାକିରି ଘର ପରିବାର ବିଷୟରେ ଟିକିନିଖି ଜାଣି ପରଖି ପସନ୍ଦ ଆସିଲେ ଯାଇ ବାହାଘର କରାଯାଏ। ତେବେ ଏଥିରେ ବ୍ୟତିକ୍ରମ ଘଟି ବେଳେ ବେଳେ ଅଚାନକ ଭାବେ ବାହାଘର ସ୍ଥିର ହୋଇଯାଉଥିବା ଦେଖିବାକୁ ମିଳିଥାଏ। ହାଟସଉଦା କରିବାକୁ ଯାଇ କନିଆଁ ପସନ୍ଦ କରି ବାହା ହେବା ଭଳି ହଠାତ୍ ବୁଝାବୁଝି ବିଭାଘର ଅନୁଷ୍ଠିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ

# ହାଇୱା-କାର ମୁହାଁମୁହିଁ ଧକ୍କା

**ନରାଜ, ୮।୩ (ଡି.ଏନ.ଏ):** ବାରଙ୍ଗ ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକ ସମୁଖ ପୁରୀ ମେନ କେନାଲ ନିକଟରେ ରବିବାର ହାଇୱା ଓ କାର ମୁହାମୁହିଁ ଧକ୍କା ହୋଇଛି। ଏଥିରେ କାହାର କୌଣସି କ୍ଷତି ହୋଇ ନଥିବା ବେଳେ କାର୍‌ର ଡାହାଣପାଖ ଭାଙ୍ଗିଯାଇଛି। ଅପରାହ୍ନ ସମୟରେ କଟକ-ଭୁବନେଶ୍ୱର ଟୁଇନ ସିଟି ମୁଖ୍ୟରାସ୍ତାର ପୁରୀ ମେନ କେନାଲ ନିକଟରେ ଏକ ହାଇୱା ଭୁବନେଶ୍ୱର ଆସୁଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର ସହ ତାର ମୁହାମୁହିଁ ଧକ୍କା ହୋଇଥିଲା।

# ମହିଳାଙ୍କ ଉନ୍ନତିରେ ଦେଶର ଉନ୍ନତି



ବ୍ଲକସ୍ତରୀୟ ମହିଳା ଦିବସରେ ମଞ୍ଚାସୀନ ଅତିଥି।

## ବ୍ଲକସ୍ତରୀୟ ମହିଳା ଦିବସ

**ବାଲିକୁଦା,୮।୩(ସ୍ୱ.ପ୍ର.):** ବାଲିକୁଦାରେ ରବିବାର ବ୍ଲକସ୍ତରୀୟ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିକୁଦା ହାଟ ପଡିଆଠାରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମାବେଶ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ମହିଳାଙ୍କ ଉନ୍ନତି ହେଲେ ଦେଶର ଉନ୍ନତି ନିଶ୍ଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଯୋଗଦେଇ ମହିଳାଙ୍କ ପାଇଁ ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ନାରୀକୁ ସମ୍ମାନ ଦେବା ଆବଶ୍ୟକ ବୋଲି ମତ ରଖିଥିଲେ। ଏମ୍‌ପି ଅମର ପ୍ରସାଦ ପଟ୍ଟନାୟକ ଯୋଗଦେଇ ସମାବେଶକୁ ଉଦ୍‌ଘାଟନ କରିବା ସହିତ ନାରୀ ଅବଳା ଦୁର୍ବଳା ନୁହେଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗ ସଦସ୍ୟା ମନ୍ଦାକିନୀ କର, ପର୍ଯ୍ୟବେକ୍ଷକ ରୋସ୍ନା ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମାବେଶର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ଭାରତୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲା ପରିଷଦ ସଦସ୍ୟା ଇତିଶ୍ରୀ ଭୂୟାଁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗୋଚ୍ଛାୟତ, ଏରସମା ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ସ୍ୱର୍ଣ୍ଣଲତା ସେନାପତି, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଦୀପ୍ତିରଞ୍ଜନ କୁଅଁର, ସରପଞ୍ଚ ରମଶେ ପାଇଟାଳ ପ୍ରମୁଖ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାକୁ ହରିଶ୍ଚନ୍ଦ୍ର ଶତପଥୀ, ସନ୍ତୋଷ ରାୟ, ଗୌରାଙ୍ଗ ଚରଣ ଦାସ, ଭୀମସେନ ମୁଦୁଲି ଓ ଶ୍ରୀକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସମାବେଶରେ ୧୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

# କାଠକୋଟରେ ଅଷ୍ଟମ ପ୍ରହର ନାମଯଜ୍ଞ

**ରାହାମା,୮।୩(ଡି.ଏନ.ଏ.):** କୁଜଙ୍ଗ ବ୍ଲକ କାଠକୋଟ ପଞ୍ଚାୟତ ଅଧୀନ କାଠକୋଟ ମୌଜାରେ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ଥିବା ଶ୍ରୀଶ୍ରୀ ମା' କୁତାମଚଣ୍ଡୀ ଠାକୁରାଣୀଙ୍କ ପୀଠସ୍ଥଳୀରେ ୪୦ ବର୍ଷ ଧରି ଅଷ୍ଟମ ପ୍ରହର ନାମ ସଙ୍କୀର୍ତ୍ତନ ଓ ପୂଜା ହୋଇ ଆସୁଛି। ଗୁରୁବାର କଳସ ସ୍ଥାପନ କରାଯାଇ ନାମଯଜ୍ଞ ଶୁଭାରମ୍ଭ ମାତା ମଠର ମଠାଧିସ ଶ୍ରୀଶ୍ରୀ ଦୟାନିଧି ଦାସ ମହାରାଜଙ୍କ ଦ୍ୱାରା କରାଯାଇଥିଲା। ୧୫ଦଳ ସଙ୍କୀର୍ତ୍ତନମଣ୍ଡଳୀ ଯୋଗଦେଇ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଦୁଇ ମହିଳା ସଙ୍କୀର୍ତ୍ତନଦଳ ଉଚ୍ଚକୋଟିର ସଙ୍କୀର୍ତ୍ତନ ପରିବେଷଣ କକରିଥିଲେ। ସରପଞ୍ଚ ମିହିର ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମ ମୁରବୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ବିଚିତ୍ର ମହାପାତ୍ର, ନଗେନ୍ଦ୍ର ପ୍ରଧାନ, ମହେଶ୍ୱର ଦାସ, ଧ୍ରୁବଚରଣ ପ୍ରଧାନ, ଉଲ୍ଲାସ ପ୍ରଧାନ, ଅସିତ ମହାପାତ୍ର, ପ୍ରଦୀପ୍ତ ସେଠୀ, ପ୍ରଶାନ୍ତ ପ୍ରଧାନ, ପୁଷ୍ପକ ନାୟକ, ନରେଶ ପ୍ରଧାନ, ଅମର ପ୍ରଧାନ, ଧୀରେନ୍ଦ୍ର ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ମହାକାଳପଡ଼ା ବ୍ଲକ୍ ବାରଡାଙ୍ଗ ଗ୍ରାମରେ ରବିବାର ମେଲଣ ପାଇଁ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ଦୋଳ ବିମାନରେ ଗ୍ରାମ ପରିକ୍ରମା କରାଯାଉଛି।

# କ୍ୱାର୍ଟର ଫାଇନାଲରେ ଯୁବଜ୍ୟୋତି କ୍ଲବ

**ଟିଗିରିଆ, ୮।୩ (ଡି.ଏନ୍.ଏ.):** ଟିଗିରିଆ ବ୍ଲକ ଜମାତ ଅହମ୍ମଦିୟା ଖେଳପଡ଼ିଆରେ ୫ମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୩ୟ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଛି। ଯୁବ ଅହମ୍ମଦିୟା କରଡାପଲ୍ଲୀ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ବନଦୁର୍ଗା କ୍ଲବ, ମୁଣ୍ଡୁଳିଆକୁ ୬-୫ ଗୋଲରେ ଟାଇବେକର ଜରିଆରେ ପରାସ୍ତ କରି ଯୁବଜ୍ୟୋତି କ୍ଲବ୍ ପଙ୍କାଳ (ଟିଗିରଆ) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ପ୍ରଥମରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧର ୩୫ ମିନିଟରେ ଯୁବଜ୍ୟୋତି କ୍ଲବର ୧୦ନଂ ଖେଳାଳୀ ଚିଣ୍ଟୁ ଦାସ ଏକ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ । ୨ୟାର୍ଦ୍ଧର ଅନ୍ତିମ ମିନିଟରେ ବନଦୁର୍ଗା କ୍ଲବର ଦାରା ସିଂ ପେନାଲଟି ସୁଟକୁ ଗୋଲରେ ପରିଣତ କରି ଖେଳକୁ ସମାନସ୍ଥିତିକୁ ଆଣିଥିଲେ। ପରେ ମ୍ୟାଚର ଫଳାଫଳ ପାଇଁ ଟାଇବେକର ପ୍ରୟୋଗ କରାଯାଇଥିଲା। ଏଥିରେ ଯୁବଜ୍ୟୋତି କ୍ଲବ ୬-୫ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟ ଅତିଥିଭାବେ ଆଠଗଡ ବନଖଣ୍ଡ ଅଧିକାରୀ ଆଇଶା ଅଖତରୀ ନିଶା ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥିଭାବେ ଜମାତ ଅହମ୍ମଦିୟା ପଙ୍କାଳର ସଭାପତି ରୋଶନ ଖାଁ ଓ ଜମାତ ଅହମ୍ମଦୟା କରଡାପଲ୍ଲୀର ସଭାପତି ଅବଦୁଲ ମାଲିକ ଯୋଗଦେଇଥିଲେ ।

# ପରିବେଶ ସନ୍ତୁଳନ ନିମନ୍ତେ ବୃକ୍ଷରୋପଣ ଜରୁରୀ

**ରଘୁନାଥପୁର, ୮।୩ (ଡି.ଏନ.ଏ.)**

ଋତୁଚକ୍ରରେ ଅସାମାନତା, ତାପମାତ୍ରା ବୃଦ୍ଧି, ଅସମୟରେ ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଜୀବଜଗତ ପାଇଁ ଚିନ୍ତାର କାରଣ ପାଲଟିଛି। ପରିବେଶକୁ ସନ୍ତୁଳିତ କରି ରଖିବାକୁ ହେଲେ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଅତ୍ୟନ୍ତ ଜରୁରୀ ହୋଇପଡିଛି। ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ଶିରିଡି ସାଇ ସେବା ପ୍ରତିଷ୍ଠାନ ଅନୁକୂଲ୍ୟରେ ଆସ ବୃକ୍ଷ ଲଗାଇବା ପରିବେଶକୁ ସୁରକ୍ଷା ଦେବା' ଶୀର୍ଷକ ଅଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିଜୟ କୁମାର ସ୍ୱାଇଁ ଯୋଗ ଦେଇ ଏହା କହିଛନ୍ତି। ଏହାଛଡା ଜିଲାର ଏକମାତ୍ର ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସନ୍ତୁ ବୋଲି ମତପ୍ରକାଶ ପାଇଥିଲା। ସେହିପରି ଶିକ୍ଷାବିତ୍ ପ୍ୟାରୀମୋହନ ପଟ୍ଟନାୟକ ଓ ପୂର୍ବତନ କଲେଜ ଅଧ୍ୟକ୍ଷ ଅଜୟ କୁମାର ଦାସ ନିଜ ବକ୍ତବ୍ୟରେ ବୃକ୍ଷ ମନୁଷ୍ୟର ପରମ ମିତ୍ର ଓ ବୃକ୍ଷ ମନୁଷ୍ୟକୁ ସବୁ ଦିଏ କିଛି ନିଏ ନାହିଁ ବୋଲି କହିଥିଲା। ବକ୍ତା ଭାବେ ଯଦୁନାଥ ଜେନା, ଶୁଭଙ୍କର ଜେନା, ପ୍ରତିଷ୍ଠାନର ସମ୍ପାଦକ ଇଂ. ବାବାଜି ଚରଣ ଜେନା, ସାମାଜିକ କର୍ମୀ ପାର୍ଥଶାଖା ପାଲଟାସିଂହ ଓ ଦୀପ୍ତି ରଞ୍ଜନ କାନୁନ୍‌ଗୋ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ବ୍ୟକ୍ତି ନିଜ ପିଲାମାନଙ୍କ ଜନ୍ମଦିନ କିମ୍ବା ବିବାହ ଉତ୍ସବକୁ ସ୍ମରଣୀୟ କରିବାକୁ ବୃକ୍ଷ ଉପହାର କିମ୍ବା ବୃକ୍ଷରୋପଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାଛଡା ସ୍ଥାନୀୟ ମନ୍ଦିର ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ କଲ୍ୟାଣ ସେନ୍, ତପନ ସ୍ୱାଇଁ, ନିମାଇଁ ଚରଣ ସ୍ୱାଇଁ, ସ୍ମୃତିରଞ୍ଜନ ମହାନ୍ତି, ସର୍ଯ୍ୟନାରାୟଣ ଦାସଙ୍କ ସମେତ ବହୁ ବ୍ୟକ୍ତି ଭାଗ ନେଇଥିଲେ।

# ସ୍ଥଗିତ ରହିଲା ପକ୍କା ଘର ଯୋଗ୍ୟତା କାର୍ଡ ବଣ୍ଟନ

**ପାରାଦୀପ, ୮।୩ (ସ୍ୱ.ପ୍ର.)**

ରାଜ୍ୟ ସରକାର ସହରାଞ୍ଚଳରେ ଥିବା କଚ୍ଚା ଘର ବାସିନ୍ଦାଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ୨୦୧୭ରୁ ଭୂମିହୀନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରୁଛନ୍ତି। ଏଥିରେ ଦ୍ୱୈତ ଶାସନରେ ପରିଚାଳିତ ପାରାଦୀପ ପୌରାଞ୍ଚଳକୁ ସାମିଲ କରାଯାଇଛି। ୨୦୧୭ ଉସା (ଅର୍ବାନ ସ୍ଲମ ହାଉସ୍ ହୋଲ୍ଡ ଏରିଆ) ସର୍ଭେରେ ପୌରାଞ୍ଚଳରେ କଚ୍ଚା ଘର ସଂଖ୍ୟା ୧୪,୬୧୫ ଥିଲା। ସେଥିରୁ ୧୨,୧୦୩ ଘରକୁ ଯୋଗ୍ୟତା କାର୍ଡରେ ସାମିଲ କରାଯାଇଥିବା ପଞ୍ଚାୟତିରାଜ ଦିବସରେ ଘୋଷଣା ହୋଇଛି। କିନ୍ତୁ ସେମାନଙ୍କୁ ପକ୍କା ଘର ଯୋଗ୍ୟତା କାର୍ଡ ବଣ୍ଟା ନ ଯାଇ ସ୍ଥଗିତ ରଖାଯାଇଛି। ଏ ନେଇ ଗତ ଗୁରୁବାର ସଭା ମଞ୍ଚରେ କୁହାଯାଇଥିଲା ଯେ, କେତେକ କାରଣବଶତଃ କାର୍ଡ ବଣ୍ଟନରେ ବିଳମ୍ବ ହେଉଛି। ମାତ୍ର ଏହା ପଛରେ ପାରାଦୀପ ବନ୍ଦର ଓ ରାଜ୍ୟ ସରକାରଙ୍କ ଜମି ବିବାଦ ରହିଥିବା ଆଲୋଚନା ହେଉଛି। କାରଣ କାର୍ଡ ବଣ୍ଟନର ପୂର୍ବଦିନ ଜିଲା ଓ ବନ୍ଦର ପ୍ରଶାସନର କେତେକ ଶୀର୍ଷସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। ଏଥିରେ ଯୋଗ୍ୟତା କାର୍ଡ ସର୍ଭେକୁ ନେଇ ପ୍ରଶ୍ନ ଉଠିଥିଲା। ଶେଷରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କାର୍ଡ ବଣ୍ଟନକୁ ସ୍ଥଗିତ ରଖିବା ସହ ପୁନଃ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯେଉଁ ସ୍ଥାନ ବନ୍ଦରାଞ୍ଚଳ ବୋଲି ଦର୍ଶାଯାଉଛି, ସେହି ସ୍ଥାନ ପୌରାଞ୍ଚଳ ମାନ୍ୟତା ପାଇଛି। ସମାନ ଜାଗାରେ ବୃହତ୍ ବନ୍ଦର ଆଇନ ୧୯୬୩ ଓ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ଆଇନ ଲାଗୁ ହୋଇଛି। ଏହି ବିବାଦ ଯୋଗୁ ଉକ୍ତ ସ୍ଥାନରେ ଅନେକ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ଏବର ଉସା ସର୍ଭେରେ ସମସ୍ତ ବସ୍ତିକୁ ଡ୍ରୋନ କ୍ୟାମେରା ଦ୍ୱାରା ଫଟୋ ଉଠାଯାଇ ଗଣନା କରାଯାଇଛି। ସେଗୁଡ଼ିକ ମଧ୍ୟରେ ବୃନ୍ଦାବନ କଲୋନୀ, ସିଏଲ୍‌ଆର ପ୍ଲଟ୍, କବରଖାନା, ବାଲିଝରା, ଭିତରଗଡ଼ ବସ୍ତି ରହିଛି। ଉକ୍ତ ବସ୍ତିରେ କେତେକ ବନ୍ଦର ସିଏଫ୍‌ଏଚ୍ (କ୍ଲିୟରିଂ ଫରୱାର୍ଡ ହ୍ୟାଣ୍ଡଲିଂ) ଶ୍ରମିକ, ଡକ୍ ଶ୍ରମିକଙ୍କୁ ବନ୍ଦର ପକ୍ଷରୁ ପ୍ଲଟ୍ ଯୋଗାଇ ଦିଆଯାଇଛି। ଚାକିରି ସମୟ ଶେଷ ହେବା ପରେ ସେମାନେ ସେହି ଜାଗାରେ କରିଥିବା ଘର ଭାଙ୍ଗିବାର ନିୟମ ରହିଛି। ଘର କ୍ଲିୟରାନ୍ସ ମିଳିବା ପରେ ତାଙ୍କୁ ଫୁଲ୍ ଆଣ୍ଡ ଫାଇନାଲ ଅର୍ଥ (ପ୍ରାୟ ୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ) ବନ୍ଦର କର୍ତ୍ତୃପକ୍ଷ ପ୍ରଦାନ କରିବେ। ହେଲେ ସେହି ସବୁ ଘରକୁ ଉସା ସର୍ଭେରେ ସାମିଲ କରାଯାଇ ପକ୍କା ଘର ଯୋଗାଇ ଦେବା ସକାଶେ ଗଣନା କରାଯାଉଛି। ସେହିପରି ୧୯୯୦ ଦଶକରେ ବନ୍ଦର ପ୍ରଶାସନ ଇନ୍ଦିରା ପାର୍କ ଓ ଘନଗଳିଆ ବସ୍ତି ଉଚ୍ଛେଦ କରି ଭିତରଗଡ ଓ ବାଲିଝରା ବସ୍ତିକୁ ଥଇଥାନ କରିଛନ୍ତି। ସେହି ବସ୍ତିର ମାଲିକାନା ବନ୍ଦର ପ୍ରଶାସନର ହୋଇଥିଲାବେଳେ ସେଠାରେ ମଧ୍ୟ ଉସା ସର୍ଭେ କରାଯାଇଛି। ଏହି ନ୍ୟାୟରେ ଗୋଟିଏ ଘର ଲୋକଙ୍କୁ ଦୁଇଟି ଯୋଜନାରେ ସାମିଲ କରାଯାଇଛି। ବନ୍ଦର ଘର ନ ଭାଙ୍ଗିଲେ ଶ୍ରମିକଙ୍କୁ ଅର୍ଥ ମିଳିବ ନାହିଁ। ଅପରପକ୍ଷେ ରାଜ୍ୟ ସରକାରଙ୍କ ଯୋଗ୍ୟତା କାର୍ଡ ହରାଇଲେ ଶ୍ରମିକମାନେ ବିଜୁ ପକ୍କାଘର କରିପାରିବେନାହିଁ। ଏମିତି ଗୋଲକ ଧନ୍ଦା ମଧ୍ୟରେ କେତେକ ଲୋକ ଉଭୟ ସୁବିଧା ହାତେଇବା ଆଶାରେ ପତ୍ନୀ-ପତି ଉଭୟଙ୍କ ନାମ ସର୍ଭେରେ ସାମିଲ କରିଥିବାବେଳେ କେତେଜଣ ନାବାଳିକା, ନାବାଳକଙ୍କ ନାମ ମଧ୍ୟ ସର୍ଭେ ତାଲିକାରେ ଯୋଡ଼ିବାରେ ସଫଳ ହୋଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ବନ୍ଦର କର୍ତ୍ତୃପକ୍ଷଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜମି ବିବାଦ ସମାଧାନ ପାଇଁ ବନ୍ଦର କର୍ତ୍ତୃପକ୍ଷ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପୁନଃ ଆବେଦନ କରିଛନ୍ତି। ସମ୍ଭବତଃ ଚଳିତ ମାସ ୧୨ କିମ୍ବା ୧୩ରେ ବୈଠକ ବସିବ। ଏଥିରେ ଯଦି ଜମି ବିବାଦ ସମାଧାନ ହୋଇଯାଏ ଉଭୟ ପ୍ରଶାସନ ପାଇଁ କାମ କରିବା ସହଜ ହେବ ବୋଲି ସମ୍ପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି।

**ପାରାଦୀପ ପୌରାଞ୍ଚଳ: ସମାନ ଜାଗାରେ ଦୁଇ ନିୟମ**

- ଉସା ସର୍ଭେ ଅନୁସାରେ ୧୨,୧୦୩ ଜଣଙ୍କୁ ମିଳିବ ପକ୍କାଘର
- ଜମି ବିବାଦ ଯୋଗୁ ବଣ୍ଟା ହୋଇପାରିଲାନି ଯୋଗ୍ୟତା କାର୍ଡ
- କାର୍ଯ୍ୟକାରୀ ହୋଇପାରୁନି ବହୁ ଜନ କଲ୍ୟାଣକାରୀ ଯୋଜନା

**ପାରାଦୀପ ବନ୍ଦର-ରାଜ୍ୟ ସରକାରଙ୍କ ଜମି ବିବାଦ ପ୍ରସଙ୍ଗ**

ଗତ ୫ ଦଶନ୍ଧି ହେଲା ଦୁଇ ସରକାରୀସ୍ତରରେ ଜମି ବିବାଦ ଲାଗିରହିଛି। ୧୯୬୬ ମାର୍ଚ୍ଚ ୫ରେ ପାରାଦୀପ ବନ୍ଦରକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରିଥିଲେ। ଏହାପରେ କେନ୍ଦ୍ର ସରକାର ଏହାକୁ ବୃହତ୍ ବନ୍ଦର ଘୋଷଣା କରିବା ସହ ମେଜର ପୋର୍ଟ ଆଇନ ୧୯୬୩ ଲାଗୁ କଲେ। ବନ୍ଦର ହସ୍ତାନ୍ତର ହୋଇଥିଲେ ହେଁ ଜମି ସମ୍ପର୍କରେ କୌଣସି କାଗଜପତ୍ର ଚୂଡ଼ାନ୍ତ ହୋଇ ନଥିଲା। ପାରାଦୀପ ବନ୍ଦରକୁ ରାଜ୍ୟ ସରକାର କେତେ ଜମି ଦେଇଛନ୍ତି ଏବଂ ଦେବାର ପ୍ରଣାଳୀ ଯଥା ଖର୍ଦ୍ଦି ବିକ୍ରି, ଲିଜ୍, ହସ୍ତାନ୍ତର ଆଦି ହୋଇନାହିଁ। ପାରାଦୀପ ବନ୍ଦର ସମ୍ପଦ ବିଭାଗରୁ ଜଣାଯାଏ, ପୋର୍ଟ ଜମି ହେଲା ୬୨୮୫ ଏକର। ଏମିତି ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଏ ପର୍ଯ୍ୟନ୍ତ ରହିଛି। ୧୯୭୮ରୁ ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବସ୍ତରୀୟ ଆଲୋଚନା ଏକାଧିକ ଥର ହୋଇଛି। ୨୦୧୫ ଜାନୁୟାରୀ ୩୦ରେ ତତ୍କାଳୀନ ରାଜ୍ୟ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ଓ ତତ୍କାଳୀନ ବନ୍ଦର ଅଧ୍ୟକ୍ଷ ଏମ୍.ଟି. କ୍ରିଷ୍ଣାବାବୁଙ୍କ ମଧ୍ୟରେ ଶେଷଥର ବୈଠକ ହୋଇଥିଲା। ଉକ୍ତ ବୈଠକର ନିଷ୍କର୍ଷ ଅନୁସାରେ ଶତ ପ୍ରତିଶତ ସମାଧାନ ବାଟ ବାହାରିଥିଲା। ହେଲେ ଉକ୍ତ ଚୁକ୍ତିନାମା ଅଦ୍ୟାବଧି ଅନୁମୋଦିତ ହୋଇପାରି ନ ଥିବାରୁ ତାହା ଅସମାହିତ ରହିଛି। ଏହି ବିବାଦ ଯୋଗୁ ଅନେକଥର ଦୁଇ ପ୍ରଶାସନ ମୁହାଁମୁହିଁ ହୋଇଛନ୍ତି। ହାଇକୋର୍ଟରେ ଅନେକ ମାମଲା ବିଚାରାଧୀନ ରହିଛି।



ଭାଇଜାନ୍ ସଲ୍‌ମାନ ଖାନ୍ ତାଙ୍କ ଭଉଣୀ ଅର୍ପିତାଙ୍କ ପିଲାମାନଙ୍କ ସହ ବେଶ୍ କୌତୁକିଆ ଢଙ୍ଗରେ ବେଳେବେଳେ ନଜରକୁ ଆସନ୍ତି। ଏଥର ତାଙ୍କ ଜନ୍ମଦିନ ଅବସରରେ ଅର୍ପିତା ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଭାଣିଜୀଙ୍କ ସହ ସଲ୍‌ମାନଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏବେ ଅର୍ପିତା ଏମିତି ଏକ ଭିଡିଓ ଶେୟାର କରିଛନ୍ତି। ଉକ୍ତ ଭିଡିଓରେ ସଲ୍‌ମାନ, ଭାଣିଜୀ ଆୟତଙ୍କୁ କିସ୍ କରୁଥିବା ଦେଖିବାକୁ ମିଳିଛି। ଅର୍ପିତା ଏହି ଭିଡିଓ ଶେୟାର କରିବା ସହ ଲେଖିଛନ୍ତି, ମାମୁ ଆମେ ତୁମକୁ ବହୁତ ଭଲପାଉ। ଯଦିଓ ଆୟତ ଏବେ କଥା କହିନାହାନ୍ତି ହେଲେ ତାଙ୍କର ଭାବନାକୁ ମାଆ ଅର୍ପିତା ଶେୟାର କରିଛନ୍ତି ବୋଲି କୁହାଯାଉଛି।



# ଟ୍ରାନ୍ସପ୍ଲାଣ୍ଟ ପରେ ବଦଳିଲା ହାତର ସ୍କିନଟୋନ





**ପୁଣେ:** ଚିକିତ୍ସା ବିଜ୍ଞାନର ଅନ୍ୟତମ ଚମତ୍କାରିତା ହେଉଛି ଅଙ୍ଗ ପ୍ରତିରୋପଣ। ଏହାଦ୍ୱାରା ଅନେକ ଦୁର୍ଘଟଣାଗ୍ରସ୍ତ ରୋଗୀ ପାଉଛନ୍ତି ନୂଆ ଜୀବନ। ତେବେ 'ଇଣ୍ଟର ଜେଣ୍ଡର ହ୍ୟାଣ୍ଡ ଟ୍ରାନ୍ସପ୍ଲାଣ୍ଟେଶନ'ର ଏକ ବିରଳ ମାମଲା ଆସିଛି ମହାରାଷ୍ଟ୍ର ରାଜ୍ୟର ପୁଣେରୁ। ଦୁର୍ଘଟଣାରେ ଦୁଇ ହାତ ହରାଇଥିବା ଜଣେ ଯୁବତୀଙ୍କ ପ୍ରତିରୋପଣ କରାଯାଇଥିବା ହାତର ରଙ୍ଗ କଳାରୁ ଗୋରା ହୋଇଯାଇଛି। ଏହି ଘଟଣା ଡାକ୍ତର, ବିଶେଷଜ୍ଞଙ୍କୁ ଚକିତ କରିଦେଇଥିବାବେଳେ ଏହାକୁ ନେଇ ଆରମ୍ଭ ହୋଇଛି ଗବେଷଣା।

ଶ୍ରେୟା ସିଦ୍ଦନାଗୋଦର। ଏହି ୨୧ବର୍ଷୀୟା ଯୁବତୀଙ୍କ ଜୀବନରେ ୨୦୧୬ରେ ଘୋଟି ଆସିଥିଲା ଦୁଃଖର କଳାବାଦଲ। ଏକ ଦୁର୍ଘଟଣାର ଶିକାର ହେବା ପରେ ଦୁଇହାତ ହରାଇଥିଲେ ଶ୍ରେୟା। ଏହାପରେ ୨୦୧୭ରେ ତାଙ୍କର ଇଣ୍ଟର ଜେଣ୍ଡର ହ୍ୟାଣ୍ଡ ଟ୍ରାନ୍ସପ୍ଲାଣ୍ଟେଶନ କରାଯାଇଥିଲା। କୋଚିର ଅମୃତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ରେ ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଥିଲା। ଏ ନେଇ ଶ୍ରେୟା କୁହନ୍ତି, ଜଣେ ଦକ୍ଷିଣ ଭାରତୀୟ ଯୁବକଙ୍କ ହାତ ତାଙ୍କ ଦେହରେ ପ୍ରତିରୋପଣ କରାଯାଇଥିଲା। ଅସ୍ତ୍ରୋପଚାର ସଫଳ ହୋଇଥିଲେ ମଧ୍ୟ ଉକ୍ତ ଦୁଇ ହାତ ନିଜର ବୋଲି ଅନୁଭବ ହେଉ ନ ଥିଲା। ଏହାକୁ ନେଇ ସେ ଚିନ୍ତିତ ଥିଲେ। ପ୍ଲାଷ୍ଟିକ୍ ସର୍ଜରି କରିବା କଥା ମଧ୍ୟ ଚିନ୍ତା କରିଥିଲେ। ହେଲେ ହଠାତ୍ ହାତର ରଙ୍ଗ ବଦଳିବାକୁ ଲାଗିଲା। ଏବେ ଏହା ଦେହର ରଙ୍ଗ ସହିତ ସମ୍ପୂର୍ଣ୍ଣ ମିଶିଯାଇଛି। କେବଳ ସେତିକି ନୁହେଁ, ଆଙ୍ଗୁଠି ଏବଂ ହାତର ଗଠନ ମଧ୍ୟ ବଦଳିଯାଇଛି। ଏହାକୁ ନେଇ ସେ ବେଶ୍ ଖୁସି ଥିବା କହିଛନ୍ତି। ଅପରେଶନ ଟିମ୍‌ର ପ୍ରମୁଖ ସଦସ୍ୟ ମୋହିତ ଶର୍ମା କୁହନ୍ତି, ଯୁବତୀଙ୍କ ହର୍‌ମୋନର ପ୍ରଭାବରେ ହାତର ସ୍କିନ୍‌ଟୋନ୍‌ରେ ଏପରି ପରିବର୍ତ୍ତନ ଆସିଥିବା ଅନୁମାନ କରାଯାଉଛି। ସାରା ଦୁନିଆରେ ୨୦୦ରୁ ଊର୍ଦ୍ଧ୍ୱ ହାତ ପ୍ରତିରୋପଣ ହୋଇଛି। ହେଲେ ଏପରି ଘଟଣା ବିରଳରୁ ବିରଳତମ। ସମ୍ଭବତଃ ଏହା ପ୍ରଥମ ବୋଲି ଡା. ମୋହିତ କହିଛନ୍ତି। ଏମ୍ସର ପ୍ଲାଷ୍ଟିକ ସର୍ଜରି ବିଭାଗର ମୁଖ୍ୟ ଡା. ସୁବ୍ରମଣ୍ୟମ୍ ଆୟାର କହିଛନ୍ତି, ହାତ ପ୍ରତିରୋପଣ ସମ୍ପର୍କିତ ଦୁଇଟି ଘଟଣା ସାଇଣ୍ଟିଫିକ୍ ଜର୍ନାଲରେ ପ୍ରକାଶିତ କରିବାକୁ ଚାହୁଁଛୁ। ଶ୍ରେୟାଙ୍କ ହାତର ରଙ୍ଗ ପରିବର୍ତ୍ତନ ହେବା ଏକ ରେକର୍ଡ। ହେଲେ ଆଙ୍ଗୁଠି ସମେତ ହାତର ଗଠନ ବି ବଦଳିଯିବା ଆଶ୍ଚର୍ଯ୍ୟଜନକ। ଏହାକୁ ଜାଣିବାକୁ ହେଲେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

## ପୋଷା ପ୍ରାଣୀ ବି ମନୁଷ୍ୟଙ୍କୁ ରଖିଥାନ୍ତି ସୁସ୍ଥ

**ୱାଶିଂଟନ:** କେତେକ ଲୋକଙ୍କର ଘରେ ପୋଷା ପ୍ରାଣୀ ପାଳିବା ସଉକ ରହିଥାଏ। କେହିକେହି କୁକୁର, ବିଲେଇ, ଠେକୁଆ, ଶୁଆ, କଇଁଛ ଆଦି ପ୍ରାଣୀ ଘରେ ପାଳିଥାନ୍ତି। ତେବେ ଏହାଦ୍ୱାରା ମନୁଷ୍ୟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଘରେ ପୋଷା ପ୍ରାଣୀ ରଖିଲେ ମନ ଆନନ୍ଦିତ ରହିବା ସହିତ ଶରୀର ବି ସୁସ୍ଥ ରହିଥାଏ। କିଛି ସମୟ ପୋଷା ପ୍ରାଣୀଙ୍କ ସହିତ ଖେଳିଲେ ଶରୀରରେ ଡୋପାମାଇନ୍, ଅକ୍ସିଟୋସିନ୍, ସେରୋଟୋନି ଏବଂ ଏଣ୍ଡୋରଫିନ୍ ହରମୋନ୍ କ୍ଷରଣ ବୃଦ୍ଧି ପାଇଥାଏ। ଫଳରେ ମନରେ ଖୁସିଜାତ ହେବା ସହିତ ରକ୍ତ ସଞ୍ଚାଳନ ସ୍ୱାଭାବିକ ଭାବେ ହୁଏ। ଏହା ଦ୍ୱାରା ହାର୍ଟ ଆଟାକ୍, ବ୍ରେନ୍ ଷ୍ଟ୍ରୋକ୍, ଡାଇବେଟିସ୍ ସହିତ କିଡ୍‌ନୀ, ଲିଭର, ସ୍ପାଇନାଲ୍ କର୍ଡ ସମସ୍ୟା ଆଦି ଦୂର ହୋଇଥାଏ ବୋଲି ସାନ୍ ଫ୍ରାନ୍ସିକୋର କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଆମେରିକାରେ କାହିଁକି ୬୮ ପ୍ରତିଶତ ଲୋକଙ୍କ ଘରେ ପୋଷା ପ୍ରାଣୀ ପାଳନ କରାଯାଇଥାଏ ସେ ନେଇ ଗବେଷକମାନେ ଅଧ୍ୟୟନ କରିଥିଲେ। ମନୁଷ୍ୟଙ୍କ ଉପରେ ପଡୁଥିବା ପୋଷା ପ୍ରାଣୀଙ୍କ ପ୍ରଭାବ ସମ୍ପର୍କରେ ପରୀକ୍ଷା ନିରୀକ୍ଷା ହୋଇଥିଲା। ଘରେ ପାଳିତ ହୋଇଥିବା ପୋଷା ପ୍ରାଣୀଙ୍କର ସକାରାତ୍ମକ ପ୍ରଭାବ ନବଜାତ ଶିଶୁ ଉପରେ ମଧ୍ୟ ପଡ଼ିଥାଏ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ସେହିପରି ଅଟିଜିମ୍, ଅଲଝାଇମର୍, ମାନସିକ ବିସାଦ ଆଦି ସମସ୍ୟା ପୋଷା ପ୍ରାଣୀଙ୍କୁ ଘରେ ପାଳନ କରିବା ଦ୍ୱାରା ସହଜରେ ଦୂର ହୋଇପାରିଥାଏ ବୋଲି ଗବେଷକ କହିଛନ୍ତି।



## ଫୁଲ ସଂଗ୍ରହ କରି ମହିଳା ତିଆରି କରିଛନ୍ତି ପ୍ରାକୃତିକ ରଙ୍ଗ

**ରାୟପୁର:** ଛତିଶଗଡ଼ ସରକାରଙ୍କ 'ବିହାନ' ଯୋଜନାରେ ସେରିଖେଡିଠାରେ ଥିବା ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହୋଲି ପର୍ବ ପାଇଁ ଫୁଲରେ ତିଆରି କରିଛନ୍ତି ପ୍ରାକୃତିକ ରଙ୍ଗ। ଏମାନେ ଏସବୁ ଫୁଲ ମନ୍ଦିର, ବିବାହ ମଣ୍ଡପ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଘରେ ବ୍ୟବହାର ହୋଇସାରିଥିବା ଫୁଲକୁ ସଂଗ୍ରହ କରି ତିଆରି କରିଥିବା କୁହନ୍ତି। ଉଜାଲା ନାମକ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟ ସକାଳ ୯ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ଏହି ଫୁଲରୁ ପାଖାପାଖି ୩ କିଲୋଗ୍ରାମ ରଙ୍ଗ ତିଆରି କରନ୍ତି ବୋଲି କହିଛନ୍ତି। ମନ୍ଦିର, ବିବାହ ମଣ୍ଡପ, ମୁଖ୍ୟମନ୍ତ୍ରୀଙ୍କ ଘର ଓ ସରକାରୀ କାର୍ଯ୍ୟକ୍ରମରେ ବ୍ୟବହାର କରାଯାଇଥିବା ଫୁଲ ଓ ଏହାର ପତ୍ରକୁ ଶୁଖାଇ ମେଶିନରେ ପ୍ରୋସେସିଂ କରି ଏହି ରଙ୍ଗ ପ୍ରସ୍ତୁତ କରାଯାଉଛି। ୩ମାସ ପୂର୍ବରୁ ଏହି କାମ ଆରମ୍ଭ କରାଯାଇଥିବା ବେଳେ ଏବେ ପ୍ରତିଦିନ ପ୍ରାୟ ସମସ୍ତେ ମିଶି ଏହିପରି ୨୦-୨୫ କିଲୋଗ୍ରାମ ରଙ୍ଗ ତିଆରି କରୁଥିବାରୁ ଏହା ବେଶ୍ ଲାଭଦାୟକ ବ୍ୟବସାୟ ବୋଲି ଜଣାପଡିଛି। ପଞ୍ଚାୟତ ଓ ଜିଲା ପ୍ରଶାସନର ସହାୟତାରେ ସେମାନେ ଏହି ରଙ୍ଗ ତିଆରି କରୁଛନ୍ତି। ଏହା କେବଳ ରାୟପୁର ବା ଛତିଶଗଡ଼ ନୁହେଁ ଦେଶର ବିଭିନ୍ନ ଭାଗକୁ ପଠାଯାଉଛି। ଏହାର ଚାହିଦା ମଧ୍ୟ ରହିଛି। ଫୁଲତୋଡାରେ ଆସୁଥିବା କପଡା ଅବା ପ୍ଲାଷ୍ଟିକକୁ ସାବୁନ ପ୍ୟାକିଂରେ ବ୍ୟବହାର କରାଯାଉଛି। ଗତବର୍ଷ ମଧ୍ୟ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଦୀପାବଳି ସମୟରେ ମାଟି ଓ ଗୋବରରେ ତିଆରି ଦୀପର ଚାହିଦା ଥିଲା।



## ଡାଇନୋସର୍ସ ମେଳରେ ବୁଲିବେ ଲୋକେ

**ଇଡେନବର୍ଗ:** ଲକ୍ଷ ଲକ୍ଷ ବର୍ଷ ତଳେ ପୃଥିବୀ ପୃଷ୍ଠରୁ ଲୋପ ପାଇଥିବା ଡାନୋସରସ୍‌ଙ୍କ ମେଳରେ ବୁଲିବା ସେମାନଙ୍କର ଭୟଙ୍କର ଶବ୍ଦ ଶୁଣିବା ଏବେ ସମ୍ଭବ ହୋଇପାରିବ। କେନ୍ଦ୍ରୀୟ ସ୍କଟଲାଣ୍ଡର ଏକ ସଫାରି ପାର୍କରେ ବିଭିନ୍ନ ପ୍ରଜାତିର ଡାଇନୋସରସ୍‌ଙ୍କ ପ୍ରତିକୃତି ସ୍ଥାପନ କରାଯାଇଛି। ସ୍ଥାନୀୟ ଷ୍ଟିର୍ଲିଙ୍ଗ୍ ସ୍ଥିତ ବ୍ଲେଆର ଡ୍ରୁମୋଣ୍ଡ ସଫାରି ପାର୍କ କର୍ତ୍ତୃପକ୍ଷ ଏଭଳି ଏକ ନିଆରା ପଦକ୍ଷେପ ଗ୍ରହଣ କରିଛନ୍ତି। ପାର୍କର ୧୦୦୦ ବର୍ଗ ମିଟର ପରିମିତ ଅଞ୍ଚଳରେ ୨୦ଟି ଡାଇନୋସରସ୍ ମଡେଲ ସ୍ଥାପନ କରାଯାଇଛି। ସେଥିମଧ୍ୟରେ ଭେଲୋସିରାପଟୋର୍, ଡାଇପ୍ଲୋଡୋକସ୍ ଏବଂ ଟି-ରେକ୍ସ୍ ଆଦି ଡାଇନୋସରସ୍ ପ୍ରଜାତିର ମଡେଲ ରହିଛି। ଏହାକୁ ଷ୍ଟିଲରେ ନିର୍ମାଣ କରାଯାଇଥିବାବେଳେ ଏଥିରେ ସିଲିକନ୍ ଚର୍ମର ଆବରଣ ଦିଆଯାଇଛି। ଡାଇନୋସରସ୍ ମଡେଲ ଗୁଡ଼ିକ ଆଖି ମିଟି ମିଟି କରିବା ସହିତ ନିଶ୍ୱାସ ପ୍ରଶ୍ୱାସ ନେଉଥିବାର ଦେଖିବାକୁ ମିଳିବ। ଏହି ମଡ଼େଲଗୁଡ଼ିକ ମୁଣ୍ଡ ହଲାଇ ଜୀବିତ ଡାଇନୋସରସ୍ ଭଳି ଭୟଙ୍କର ଶବ୍ଦ ସୃଷ୍ଟି କରିବେ ବୋଲି ପାର୍କର ପରିଚାଳକ ଗାରି ଗିଲମୋର୍ ସୂଚନା ଦେଇଛନ୍ତି। ପାର୍କରେ ଥିବା ସର୍ବବୃହତ୍ ଡାଇନୋସରସ୍‌ର ଲମ୍ବ ୨୧ ମିଟର। ଏହା ଡାଇପ୍ଲୋଡୋକସ୍ ପ୍ରଜାତିର ପ୍ରତିକୃତି। ପାର୍କର ୫୦ତମ ପ୍ରତିଷ୍ଠା ଦିବସ ଅବସରରେ ଏଭଳି ଡାଇନୋସରସ୍ ସଫାରି ନିର୍ମାଣ କରାଯାଇଥିବା ସେ କହିଛନ୍ତି।





## ଦେଢ଼ ନିୟୁତ କିମି ଅତିକ୍ରମ କରିବ ଆଦିତ୍ୟ ଏଲ୍-୧




**ନୂଆଦିଲ୍ଲୀ:** ଭାରତ ସରକାର ସୂର୍ଯ୍ୟ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ମିଶନ ଆଦିତ୍ୟ ଆରମ୍ଭ କରିଛନ୍ତି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପକ୍ଷରୁ ମିଶନ ଆଦିତ୍ୟର କାମ ଜାରି ରହିଛି। ଆଦିତ୍ୟ ଏଲ୍-୧ ସୂର୍ଯ୍ୟର କୋରୋନା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବା ସହିତ ଆବଶ୍ୟକ ଫଟୋ ପୃଥିବୀ ପୃଷ୍ଠକୁ ପଠାଇବ। ଏଥିପାଇଁ ଆଦିତ୍ୟ ଏଲ୍-୧କୁ ଦେଢ଼ ନିୟୁତ କିମି ଅତିକ୍ରମ କରିବାକୁ ପଡ଼ିବ। ଏହା ସୂର୍ଯ୍ୟ ଚାରିପଟେ ଥରେ ବୁଲି ଆସିବାକୁ ୧୭୮ ଦିନ ନେବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ପୃଥିବୀର କୌଣସି ଦେଶ ସୂର୍ଯ୍ୟ ମିଶନ ଉପରେ କାର୍ଯ୍ୟ କରି ନ ଥିବା ବେଳେ ଭାରତ ଏକ୍ଷେତ୍ରରେ ଉଦ୍ୟମ ଆରମ୍ଭ କରିଛି।

## ମହୁମାଛିର ରହିଛି ଗଣିତ ଜ୍ଞାନ



**ବର୍ଲିନ୍:** ମହୁମାଛିର ବି ଗଣିତ ଜ୍ଞାନ ରହିଛି। ଦୁଇଟି ସଂଖ୍ୟା ମଧ୍ୟରେ କେଉଁଟି ବଡ଼ ଏବଂ କିଏ ସାନ ତାହା ମହୁମାଛି ଜାଣିପାରିଥାଏ। ଏନେଇ ଜର୍ମାନୀର କୋଲୋଜେନ୍ ବିଶ୍ୱ ବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ମହୁମାଛି ଦୁଇଟି ପଦାର୍ଥ ମଧ୍ୟରେ ତୁଳନାତ୍ମକ ପାର୍ଥକ୍ୟ ଜାଣିପାରିଥାଏ। ଏହା ସହିତ ମହୁମାଛି ଭିନ୍ନ ଭିନ୍ନ ଆକାର ମଧ୍ୟରେ ପାର୍ଥକ୍ୟ ସହଜରେ ଜାଣିପାରିଥାଏ ବୋଲି କମ୍ପ୍ୟୁଟେଶନାଲ ସିଷ୍ଟମ ନ୍ୟୁରୋସାଇନ୍ସ ବିଭାଗର ପ୍ରଫେସର ଡ. ମାର୍ଟିନ୍ ପାଉଲ୍ ନାଓ୍ୱରୋଟ୍ ଏବଂ ହାନେସ୍ ରାପ୍ପା ସୂଚନା ଦେଇଛନ୍ତି।

## ସିଲ୍ ହେଲା ଧର୍ମେନ୍ଦ୍ରଙ୍କ 'ହି ମ୍ୟାନ' ରେଷ୍ଟୁରାଣ୍ଟ

**କରନାଲ:** ବଲିଉଡ୍‌ର ହି ମ୍ୟାନ ଭାବେ ପରିଚିତ ଭେଟେରାନ ଆକ୍ଟର ଧର୍ମେନ୍ଦ୍ର ଭାଲେଣ୍ଟାଇନ୍ସ ଡେ' ଅବସରରେ ଏକ ରେଷ୍ଟୁରାଣ୍ଟ ଖୋଲିଥିଲେ। ଆଉ ଏହାର ନାଁ ରଖିଥିଲେ 'ହି ମ୍ୟାନ୍'। ଏବେ ଏହି ରେସ୍ତୋରାଁକୁ ସିଲ୍ କରି ଦିଆଯାଇଥିବା ଖବର ମିଳିଛି। ତେବେ ବେଆଇନ ଭାବେ ସେ ଏହାକୁ ନିର୍ମାଣ କରିଥିବାରୁ ରେଷ୍ଟୁରାଣ୍ଟକୁ ସିଲ୍ କରିଦିଆଯାଇଥିବା ସୂଚନା ମିଳିଛି। ନିକଟରେ ନଗର ନିଗମ ପକ୍ଷରୁ ଉକ୍ତ ରେଷ୍ଟୁଣ୍ରାଣ୍ଟ ଉପରେ ଚଢାଉ କରାଯାଇ ସେଠାରେ ଥିବା କର୍ମଚାରୀ ଓ ଗ୍ରାହକଙ୍କୁ ବାହାର କରିଦେବା ପରେ କରନାଲ ପକ୍ଷରୁ ରେଷ୍ଟୁରାଣ୍ଟ ବାହାରେ ନୋଟିସ ଲଗାଇ ଦିଆଯାଇଥିବା ଜଣାପଡିଛି। ବେଶ୍ କିଛିଦିନ ହେବ ବଲିଉଡ୍ ଦୁନିଆରୁ ଦୂରେଇ ରହିଥିବା ଧର୍ମେନ୍ଦ୍ର ଏବେ ନିଜ ଫାର୍ମ ହାଉସ ଉପରେ ଅଧିକ ନଜର ଦେଉଥିବା କୁହାଯାଏ। ଅନ୍ୟପଟେ ଧର୍ମେନ୍ଦ୍ର ରେସ୍ତୋରାଁ ମାଧ୍ୟମରେ କିଛି ଆୟ କରିବାର ଲକ୍ଷ୍ୟ ରଖିଥିବା ବେଳେ ଏବେ ତାହା ବନ୍ଦ ହୋଇଯିବାରୁ ତାଙ୍କୁ ଚିନ୍ତାରେ ପକାଇବ ବୋଲି ଆଲୋଚନା ହେଉଛି।





କେତେବେଳେ କେଉଁ କାମ କରିବ, ତାହା ଯିଏ ଠିକ୍ କରିପାରେ, ସେ ହିଁ ସମୟ ବଞ୍ଚାଇ ପାରିଥାଏ।
- ବାକନ୍



# ସ୍ୱତନ୍ତ୍ର ଜିଲା ପାଇଁ ଉଠିଲାଣି ସ୍ୱର

**ସବୁକ୍ଷେତ୍ରରେ ଅବହେଳିତ ବ୍ୟାସନଗର**

■କେନ୍ଦୁଝର ଜିଲାର ଆନନ୍ଦପୁର, ଘସିପୁର, ହାଟଡିହିକୁ ସାମିଲ ଦାବି

**ଯାଜପୁର ଅଫିସ,୮।୩**

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରକୁ ସବୁକ୍ଷେତ୍ରରେ ଅବହେଳା କରାଯାଉଛି। ଜିଲାର ସଦର ମହକୁମା ଯାଜପୁର ଟାଉନ ଭଳି ବ୍ୟାସନଗର ସହରକୁ ସରସସୁନ୍ଦର ଭାବେ ଦେଖିବାକୁ ସହରବାସୀଙ୍କ ଆଶା ରହିଛି। ଯାଜପୁରଟାଉନ ସହରର ବିକାଶ ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ବୋଲି ମଧ୍ୟ ବ୍ୟାସନଗର ସହରବାସୀ ମତପ୍ରକାଶ କରୁଛନ୍ତି। କିନ୍ତୁ ବ୍ୟାସନଗର ସହର ପ୍ରତି ସରକାରଙ୍କ ବୈମାତୃକ ମନୋଭାବ କାହିଁକି ରହୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଜିଲାର ଆବଶ୍ୟକତା ଯଦି ରହିଛି ତେବେ ସେଥିପାଇଁ ମଧ୍ୟ ସ୍ୱର ଉତ୍ତୋଳନ କରାଯିବ ବୋଲି ରବିବାର ଏକ ହୋଟେଲରେ ଅନୁଷ୍ଠିତ ବୈଠକରେ ମତପ୍ରକାଶ ପାଇଛି।

ରାଜୁ ଦାସ କମିଶନ ରିପୋର୍ଟ ଅନୁଯାୟୀ ପ୍ରସ୍ତାବିତ ଉତ୍ତର କଟକ ଜିଲାରୁ ଦୁଇପାଦ ଆଗକୁ ଯାଇ ଦୂରଦ୍ରଷ୍ଟା ବିଜୁ ବାବୁ ୧୯୯୩ରେ ସ୍ୱତନ୍ତ୍ର ଯାଜପୁର ଜିଲା ଗଠନ କଲେ। ଶ୍ରଦ୍ଧାରେ ନାମ ରଖିଲେ ଯଜାତିନଗର। ତେବେ ଜିଲା ଗଠନର ୨୫ ବର୍ଷ ପରେ ମଧ୍ୟ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବ୍ୟାସନଗର ଓ ଚଣ୍ଡିଖୋଲକୁ ସବଡିଭିଜନ ମାନ୍ୟତା ମିଳିଲା ନାହିଁ। ଫଳରେ ଏହି ଅଞ୍ଚଳର କେତେକ ମୁଖ୍ୟ ରାସ୍ତାକୁ ଛାଡିଦେଲେ ଗାଁ ଗହଳି ରାସ୍ତା ଅବସ୍ଥା ଶୋଚନୀୟ। ଜଳସେଚନ ପାଇଁ ଜିଲା ପୁର୍ନଗଠନ ପରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ପାରିନାହିଁ। ଯୋକଡିଆ ବ୍ୟାରେଜ ପୁନରୁଦ୍ଧାର ପ୍ରସ୍ତାବ ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଛି। ରେଙ୍ଗାଲି କେନାଲ ଜଳସେଚନ ପ୍ରସ୍ତାବ ଆକାଶ କଇଁଆ ଚଳିକା ମାଛ ପରି ହୋଇଛି। ଭୂତଳ ଜଳ କ୍ରମାଗତ ନିମ୍ନଗାମୀ ହେଉଛି। କାରଖାନାର ଧୂଳିଧୂଆଁରେ ଆଉଟୁପାଉଟୁ ହେଉଥିବା ଲୋକେ ବଞ୍ଚିବାର ରାହା ଖୋଜୁଛନ୍ତି। ଶିକ୍ଷା କ୍ଷେତ୍ରରେ ନୂତନ ଭାବେ କୌଣସି ଇଞ୍ଜିନିୟର କଲେଜ ବା ମେଡିକାଲ କଲେଜ ଅଞ୍ଚଳ ପାଇଁ ସ୍ୱପ୍ନ ହୋଇଛି। କେନ୍ଦ୍ରୀୟ ଯୋଜନାରେ ଜିଲାପାଇଁ ହେବାକୁ ଥିବା ମେଡିକାଲ କଲେଜ ପାଣିକୋଇଲିରେ କରିବାକୁ ମାସ ମାସ ଧରି ଆନ୍ଦୋଳନ ହୋଇଥିଲେ ହେଁ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ସ୍ୱାସ୍ଥ୍ୟକ୍ଷେତ୍ରରେ ଦାନଗଦି, ବ୍ୟାସନଗର, ସୁକିନ୍ଦା ଆଦି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ଯନ୍ତ୍ରପାତି ନାହିଁ। ରୋଗୀ ସେବା ଭଗବାନ ଭରସାରେ ଚାଲିଛି। ଜିଲା ଖଣିଜ ପାଣ୍ଠିର ଉପଯୋଗ ଠିକ ଭାବେ କରାଯାଉ ନାହିଁ। କାରଖାନାର ସିଏସଆର ଫଣ୍ଡ ଠିକଭାବେ ବିନିଯୋଗ ହେଉନାହିଁ। ନଗଡ଼ା କେବଳ ଭାତହାଣ୍ଡିରୁ ଗୋଟିଏ ପରି। ଏବେ ବି ୧୩୨ଟି ଗ୍ରାମକୁ ସବୁଦିନିଆ ରାସ୍ତା ସଂଯୋଗ ହୋଇ ପାରିନାହିଁ। ବୃତ୍ତାନ୍ତ ପଟ୍ଟା ପ୍ରକାଶନ ହୋଇପାରୁ ନାହିଁ। ଜଙ୍ଗଲ କିସମ ଜମି ନାମରେ ବ୍ୟାସନଗରର ହଜାର ହଜାର ଲୋକ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ପ୍ରଶାସନ ନ୍ୟାୟ ଦେଇପାରୁ ନାହିଁ। ଭୂମିହୀନଙ୍କୁ ସରକାରୀ ଜମି ପଟ୍ଟା ମିଳିବା ସପନ ହୋଇଛି। କଅାଁଗୋଲାଠାରୁ ନଗଡା, ବଡଚଣାରୁ ରଗଡି, ବାଲିଚନ୍ଦ୍ରପୁରରୁ କାଳିଆପାଣି, ବିଞ୍ଝାରପୁରରୁ ସୁକିନ୍ଦା ଏହି ବିରାଟ ଭୂଖଣ୍ଡର ସର୍ବାଙ୍ଗୀନ ଉନ୍ନତି ହୋଇ ପାରୁନାହିଁ। ୨୦୧୧ ଜନଗଣନା ଅନୁଯାୟୀ ଯାଜପୁର ଜିଲାର ଲୋକସଂଖ୍ୟା ୧୮ଲକ୍ଷ ୨୭ ହଜାର ୧୯୨। ବର୍ତ୍ତମାନ ତାହା ୨୦/୨୧ ଲକ୍ଷରୁ ଅଧିକ ହେଲାଣି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହାବାଦ ଜିଲା ବିଭାଜନ ସମୟରେ କେନ୍ଦୁଝର ଜିଲା ପୂର୍ବବତ ରହିଛି। ଆନନ୍ଦପୁରରୁ କେନ୍ଦୁଝରର ଦୂରତା ୮୦ କି.ମି.। ଆନନ୍ଦପୁର ବ୍ଲକ ସମେତ ଆନନ୍ଦପୁର ମ୍ୟୁନିସିପାଲିଟି, ହାଟଡିହି ଓ ଘସିପୁରା ବ୍ଲକ ଏବଂ ଯାଜପୁର ଜିଲାର କୋରେଇ ଓ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ପାଣିକୋଇଲି, ଯାଜପୁରରୋଡ, କୋରେଇ, ଯଖପୁରା, କଳିଙ୍ଗନଗର, ଟମକା, ସୁକିନ୍ଦା, କାଳିଆପାଣି ଆଦି ଥାନା ଅଞ୍ଚଳକୁ ନେଇ ଏକ ନୂତନ ଜିଲା ଗଠନ ପାଇଁ ବୈଠକରେ ପ୍ରସ୍ତାବ ହୋଇଥିଲା। ଏହିସବୁ ଅଞ୍ଚଳର ଜନସଂଖ୍ୟା ୧୩ଲକ୍ଷରୁ ଉର୍ଦ୍ଧ୍ୱ ହେବ। ବୈଠକରେ ସୂଚିତ କରାଯାଇଥିଲା ଯେ, ୨୦୧୧ ମସିହା ଜନଗଣନା ଅନୁଯାୟୀ ଅନୁଗୋଳ ଜିଲାର ଲୋକସଂଖ୍ୟା ୧୨,୭୩,୮୨୧, ନବରଙ୍ଗପୁର ଜିଲାର ୧୨,୨୦,୯୪୬, ଢେଙ୍କାନାଳ ଜିଲାର ୧୧,୯୨,୮୧୧ ଆଦି ଜିଲାର ୧୩ ଲକ୍ଷରୁ କମ ଲୋକସଂଖ୍ୟାରେ ଗଠନ ହୋଇଛି। ତେଣୁ ପ୍ରଶାସନିକ ସୁବିଧା, ସର୍ବାଙ୍ଗୀନ ଉନ୍ନତି ତଥା ସାଧାରଣ ଲୋକଙ୍କ ସମୃଦ୍ଧିକଳ୍ପେ ଉପରୋକ୍ତ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ଜିଲା ଗଠନ କରାଯାଉ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ଆଡଭୋକେଟ ଚନ୍ଦ୍ରଶେଖର ପଣ୍ଡା, ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ପ୍ରବକ୍ତା ଚିନ୍ମୟ ସ୍ୱରୂପ ପଣ୍ଡା, ପ୍ରଫେସର ପ୍ରହଲ୍ଲାଦ ରାଉତ, ଅବସରପ୍ରାପ୍ତ ପ୍ରଶାସକ ତରୁଣ ଦାସ, କଳିଙ୍ଗନଗର ବିକାଶ ପରିଷଦର ସଭାପତି ସୁବାସ ବଳସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ କରି ଯୁବକ ଗିରଫ

**ଚଣ୍ଡିଖୋଲ,୮।୩(ଡ଼ି.ଏନ.ଏ):** ବଡ଼ଚଣା ଥାନା ବଡ଼ଚଣା ଗ୍ରାମର ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଉଛନ୍ତି ବଡ଼ଚଣା ଗ୍ରାମର ଲୋକନାଥ ନାୟକ (୩୦)। ସୂଚନା ଥାଉକି, ଗତ ଶୁକ୍ରବାର ଦିନ ସକାଳେ ବଡ଼ଚଣା ଗ୍ରାମର ଜୈନିକ ମହିଳା ନିଜ ଘର ପାଖ କେନାଲକୁ ଶୌଚ ହେବାକୁ ଯାଇଥିବାବେଳେ ଲୋକନାଥ ସେଠାରେ ମହିଳାଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ମହିଳା ଜଣଙ୍କ ବଡ଼ଚଣା ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଦୀପକ କୁମାର ଜେନା ଏକ ମାମଲା (ନଂ ୪୦/୨୦) ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି।

### ସିଟ ବେଲ୍ଟ ପିନ୍ଧିବା ସତ୍ତ୍ୱେ କଟିଲା ଜରିମାନା

**ଡୁବୁରୀ,୮।୩(ଡିଏନଏ):** ସିଟବେଲ୍ଟ ପିନ୍ଧି ଗାଡ଼ି ଚଳାଇବା ସତ୍ତ୍ୱେ ନୀଳାଚଳ ଇସ୍ପାତ କାରଖାନାର ଜଣେ ପଦସ୍ଥ କର୍ମଚାରୀଙ୍କଠାରୁ ଟମକା ଥାନା ପୋଲିସ ୧ହଜାର ଟଙ୍କାର ଜରିମାନା ଆଦାୟ କରିଥିବା ଅଭିଯୋଗ ହୋଇଛି। ଗତ ଶନିବାର ଅପରାହ୍ନ ୬ଟାରେ ଟମକା ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ନୀଳାଚଳ ଇସ୍ପାତ କାରଖାନାର ଫାୟାର ଆଣ୍ଡ ସେଫ୍ଟି ବିଭାଗର ଡେପୁଟି ମ୍ୟାନେଜର ଅଧର କୁମାର ଦେଓ ତାଙ୍କର ଜଣେ ସହଯୋଗୀ ବିଜୟ କୁମାର ପାତ୍ରଙ୍କ ସହ ଏକ କାର (ନଂ ଓଡି୩୪-୯୨୫୦)ରେ କେନ୍ଦୁଝରରୁ ଡୁବୁରୀ ଫେରୁଥିଲେ। ବାଟରେ ଟମକା ଥାନାଠାରୁ କିଛି ଦୂରରେ ପୋଲିସ ଗାଡି ଯାଞ୍ଚ କରୁଥିବାରୁ ଗାଡିଟିକୁ ଅଟକାଇଥିଲେ। ଉଭୟ ସିଟବେଲ୍ଟ ପିନ୍ଧିଥିବା ସତ୍ତ୍ୱେ ପୋଲିସ ଜବରଦସ୍ତ ଜରିମାନା କାଟିଥିଲା। ଏନେଇ ଉଭୟ କଳିଙ୍ଗନଗର ଅତିରିକ୍ତ ଏସପିଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି।

### ଉତ୍କଳିକା ସମିତି ପକ୍ଷରୁ ମହିଳା ଦିବସ

**ରସୁଲପୁର,୮।୩(ଡିଏନଏ):** ରସୁଲପୁର ବ୍ଲକ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳିକା ସମିତି ପକ୍ଷରୁ ରବିବାର ମଧୁବନ ଟିଉଟୋରିଆଲ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସମିତି ସମ୍ପାଦିକା ତଥା ପୂର୍ବତନ ସରପଞ୍ଚ ଅଳକା ଆଏଚଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବରେ ଶିକ୍ଷକ ଲିଆମତ୍ ଅଲ୍ଲୀ, ରସୁଲପୁର ବ୍ଲକ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ରଞ୍ଜନ କୁମାର ସେଠୀ, ରସୁଲପୁର ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ ପ୍ରମୁଖ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜର ପ୍ରତ୍ୟେକ କାର୍ଯ୍ୟରେ ମହିଳାଙ୍କୁ ସାମିଲ କରିବା ଉପରେ ଧ୍ୟାନ ଦିଆଯାଇ ପାରିଲେ ପରିବାରର ସାମଗ୍ରିକ ବିକାଶ ହୋଇପାରିବ ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ସମିତି ପକ୍ଷରୁ ମହିଳାଙ୍କୁ ସମ୍ମାନିତ କରାଯିବା ସହ ଆର୍ଥିକ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମିତି ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜ୍ଞାନ ଶିକ୍ଷକଙ୍କ ହୃଦ୍‌ଘାତରେ ପରଲୋକ

**ରସୁଲପୁର,୮।୩(ଡିଏନଏ):** ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତ ସାହାପଡା ଗ୍ରାମର ବିଜ୍ଞାନ ଶିକ୍ଷକ ଦିଲୀପ କୁମାର ସାହୁଙ୍କର ହୃଦଘାତରେ ଅକାଳ ବିୟୋଗ ଘଟିଛି। ରବିବାର ସକାଳୁ ଶିକ୍ଷକ ସାହୁ ଉଠିବାର କିଛି ସମୟ ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତଳେ ପଡି ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଶିକ୍ଷକ ଜଣକ ବଡଚଣା ବ୍ଲକ ଗଜେନ୍ଦ୍ରପୁର ପଞ୍ଚାୟତ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବରୀ ବିଧାୟିକା ସୁନନ୍ଦା ଦାସ, ବରୀ ବିଜେଡି ମାର୍ଗଦର୍ଶକ ଦେବେନ୍ଦ୍ର ଦାସ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜିଲାପରିଷଦ ଅଶୋକ ସାମଲ, ବରୀ ବ୍ଲକ ବିଜେଡି ସଭାପତି କେଦାର ସାମଲ, ସରପଞ୍ଚ ସନ୍ତୋଷ ସାମଲ, ବିଜୟ ଦାସ, ପୂର୍ବତନ ସରପଞ୍ଚ ଅକ୍ତର ଅଲ୍ଲୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ବେବର୍ତ୍ତା ମେଳଣ ଉଦଯାପିତ

**ବାଲିଚନ୍ଦ୍ରପୁର,୮।୩(ଡ଼ି.ଏନ.ଏ)**

ବୌଦ୍ଧପୀଠ ଲଳିତଗିରି ଗ୍ରାମର ପ୍ରସିଦ୍ଧ ବେବର୍ତ୍ତା ଦାଣ୍ଡ ମେଳଣ ରବିବାର ଅନୁଷ୍ଠିତ ହୋଇଯାଇଛି। ବହୁ ପ୍ରାଚୀନ ଏହି ମେଳଣରେ ୧୫ରୁ ଉର୍ଦ୍ଧ୍ୱ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀ ପୂର୍ବାହ୍ନରେ ପହଞ୍ଚିଥିଲେ। ପରମ୍ପରା ଅନୁଯାୟୀ ଥାନପତିଭାବେ ବେବର୍ତ୍ତା ବିମାନ ମେଳଣରେ ଉପବେଶନ କରିବା ପରେ ଲଳିତଗିରି ଗ୍ରାମର ମିଶ୍ର ଘର ବିମାନ, ଓଳାଶୁଣୀ ଗୁମ୍ଫା, ମହାରଣା ବିମାନ, ପୁରୁଷୋତ୍ତମପୁର ଗ୍ରାମର ଗୋବିନ୍ଦଜୀଉ ଓ ଗୋପିନାଥଙ୍କ ମଠରୁ ଆସୁଥିବା ବିମାନ, ତାଳଗିରି, ପାଇକରାପୁର ବିମାନ ସମେତ ଅନ୍ୟ ବିମାନଗୁଡିକ କ୍ରମାନ୍ୱୟରେ ମେଳଣକୁ ଘଣ୍ଟ ସଂକୀର୍ତ୍ତନ, ବାଜା ଓ ଆତସବାଜୀ ପଟୁଆରରେ ମେଳଣକୁ ପ୍ରବେଶ କରିଥିଲେ। ଏହି ମେଳଣକୁ ବ୍ରଜ ବଲ୍ଲଭ ଦାସ, ବେବର୍ତ୍ତା ଅଜୟ ବଲ୍ଲଭ ଦାସ, ନିରୋଦଚନ୍ଦ୍ର ଦାସ, ବିଷ୍ଣୁଚରଣ ତ୍ରିପାଠୀ, ବସନ୍ତ ଦାସ, ପ୍ରମୋଦ ଦାସ, ହେମନ୍ତ ପାତ୍ର , ଶରତ ଦାସ, ବ୍ରଜ କିଶୋର ଦାସ, ପର୍ଶୁରାମ ଦାସ ପ୍ରମୁଖ ସମେତ ଲଳିତଗିରି ଓ ରାହାଡଗିରି ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।



ଧର୍ମଶାଳା ବ୍ଲକର କଣିପାଡିଆ ଗ୍ରାମର ଯାଦବଙ୍କ ପକ୍ଷରୁ ପାଳନ କରାଯାଉଥିବା ଦୋଳପୂର୍ଣ୍ଣିମା ଅବସରରେ ଗୋପାଳମାନଙ୍କ କଳସ ଯାତ୍ରା।

## ସୁଙ୍ଗୁଡ଼ାରେ ଗୋପାଳଙ୍କର ରାଧାକୃଷ୍ଣ ଉତ୍ସବ

**ଚଣ୍ଡିଖୋଲ, ୮।୩(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକର ସୁଙ୍ଗୁଡ଼ା ଠାରେ ଚଳିତବର୍ଷ ଗୋପାଳଙ୍କ ପକ୍ଷରୁ ରାଧାକୃଷ୍ଣ ଉତ୍ସବ ରବିବାର ଆରମ୍ଭ ହୋଇଛି। ପ୍ରାରମ୍ଭରେ କଳସ ସ୍ଥାପନ ପରେ ଠାକୁରଙ୍କୁ ଗ୍ରାମ୍ୟ ପରିକ୍ରମା କରିବା ସହ ଗୋପାଳ ଓଗାଳ ଗାନ କରାଯାଇଥିଲା। ଏହା ତିନିଦିନ ଧରି ଚାଲିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ଏହି ପୂଜା ଉତ୍ସବରେ କର୍ତ୍ତାଭାବେ ବିଦ୍ୟାଧର ଦାସ ଯୋଗ ଦେଇଥିବାବେଳେ ଟିକାୟତ ଦାସ, ବାବୁଲି ବେହେରା, ନଟବର ଦାସ, ପ୍ରମୋଦ ପଲେଇ, ପରମାନନ୍ଦ ପଲେଇ, ମେଘନ ଦାସ, ଅନନ୍ତ ଦାସ ପ୍ରମୁଖ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ।

## ଟୋକନ ପାଇ ମଣ୍ଡିରେ ଧାନ ଦେଇପାରୁନି ଚାଷୀ, ପ୍ରତିବାଦରେ ଚାଷୀଙ୍କ ଧାରଣା




ଚାଷୀମାନେ ଧାରଣା ଦେଉଛନ୍ତି।

**କୋରେଇ,୮।୩(ସ୍ୱ.ପ୍ର)**

ପାଣିକୋଇଲି ସେବା ସମବାୟ ସମିତିରେ ସରକାରୀ ଟୋକନ ହାତେଇ ମଧ୍ୟ ଚାଷୀ ଧାନ ଦେଇପାରୁନି। ଚଳିତ ଖରିଫ ଋତୁରେ ପାଣିକୋଇଲି ସେବା ସମବାୟ ସମିତିରେ ୭୧୦ଜଣ ଚାଷୀ ସେମାନଙ୍କ ନାମ ଅନଲାଇନରେ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୫୮୦ଜଣ ଚାଷୀ ସେମାନଙ୍କ ଧାନରୁ ଆଂଶିକ ଧାନ ଦେଇଥିବାବେଳେ ବାକି ୧୩୦ଜଣ ଚାଷୀ ଆଦୌ ଧାନ ଦେଇପାରି ନାହାନ୍ତି। ସେମାନଙ୍କ ନିକଟରେ ସରକାରୀ ଟୋକନ ଓ ମେସେଜ ଥାଇ ମଧ୍ୟ ସେମାନେ ଧାନ ଦେବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ କରିବାକୁ ଦାବି ହୋଇଛି। ଟାର୍ଗେଟ ଆସି ନ ଥିବା କହିବାରୁ ବାରଦୁଆର ସୁଣ୍ଡିପିଣ୍ଡା ହେବାକୁ ପଡୁଛି ଚାଷୀଙ୍କୁ। ଯାହାଦ୍ୱାରା ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି ଚାଷୀ। ଏ ସମ୍ପର୍କରେ ତଳୁ ଉପର ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏମିତିକି ରବିବାର ଯୋଗାଣ ବିଭାଗ ପକ୍ଷରୁ ଅଧିକାରୀ ଆସିବାକୁ କହି ମଧ୍ୟ କେହି ନ ଆସିବାରୁ ଧାନ ଦେବା ଦାବିରେ ଚାଷୀମାନେ ପାଣିକୋଇଲି ସମବାୟ ସମିତି ସମ୍ମୁଖରେ କୃଷକ ନେତା ବଳରାମ ସାହୁ, ଧାନ କ୍ରୟ କମିଟିର ସଭ୍ୟ ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ଧାରଣା ଦିଆଯାଇ ଥିଲା। ଜିଲା ଏସଆରସିଏସ ଶରତ ଚନ୍ଦ୍ର ମଲ୍ଲିକ ଓ ସମ୍ପାଦକ ସୁଦର୍ଶନ ପରିଡା ସେମାନଙ୍କ ନିକଟରେ ପହଞ୍ଚି ତୁରନ୍ତ ଧାନ ଟାର୍ଗେଟ ଆସିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପାନୀୟ ଜଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

**ଦେଢବର୍ଷ ପରେ ଆରକେଏସ୍ ବୈଠକ**

**ଯାଜପୁରରୋଡ,୮।୩(ଡି.ଏନ.ଏ.)**

ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ର ରୋଗୀ କଲ୍ୟାଣ ସମିତି (ଆରକେଏସ) ବୈଠକ ଶନିବାର ଡାକ୍ତରଖାନା ପରିସରରେ ଦେଢବର୍ଷ ପରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରୋଗୀଙ୍କ ପାଇଁ ୨ଟି ଶୀତତାପ ନିୟନ୍ତ୍ରିତ ମେସିନ କ୍ରୟ ଓ ଅଚଳ ପଡିଥିବା ୨ଟି ମେସିନର ମରାମତି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲ। ଏହାସହ ପିଇବା ପାଣି ସମସ୍ୟାର ସମାଧାନ ପାଇଁ ୨ଟି ନୂତନ ଆକ୍ୱାଗାର୍ଡ, ନୂତନ ଏନଭର୍ଟର କିଣାଯିବ। ଦାନ୍ତ ଚିକିତ୍ସକଙ୍କ ପାଇଁ ଯନ୍ତ୍ରପାତି ଓ ଫିଜିଓଥେରାପି ସମ୍ବନ୍ଧୀୟ ଯନ୍ତ୍ରପାତି ଯୋଗାଇବାକୁ ଜିଲାପାଳଙ୍କ ଜରିଆରେ ଜିନ୍ଦଲ ଷ୍ଟେନଲେସ ଷ୍ଟିଲକୁ ଅନୁରୋଧ କରାଯିବ। ନୂତନ ଓପିଡି ପାଇଁ ନିର୍ମାଣ ହୋଇଥିବା ଗୃହକୁ ଭାଗ ଓ ରୋଗୀଙ୍କ ଅପେକ୍ଷା ଗୃହ ନିର୍ମାଣ ସହିତ ନଷ୍ଟ ହୋଇଯାଇଥିବା ଗୃହଗୁଡିକର ମରାମତି ପାଇଁ ପୂର୍ତ୍ତ ବିଭାଗକୁ ପତ୍ର କରାଯିବ। ଡାକ୍ତରଖାନା ଅଧୀନ ଜମିର ମାପଚୁପ କରିବା, ଡାକ୍ତର ଓ ଲାବୋରୋଟୋରୀ ଟେକ୍ନିସିଆନ ନିଯୁକ୍ତି, ବର୍ଜ୍ୟବସ୍ତୁ ପରିଚାଳନା କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ। ରୋଗୀ କଲ୍ୟାଣ ସମିତି ବୈଠକ ୨୩।୮।୨୦୧୮ରେ ଅନୁଷ୍ଠିତ ହୋଇଥିଲା। ତେବେ ରୋଗୀ କଲ୍ୟାଣ ସମିତି ଅଧକ୍ଷ ତଥା କୋରେଇ ବିଧାୟକ ଅଶୋକ ବଳଙ୍କୁ ବୈଠକରେ ଉପସ୍ଥିତ ରହିବାକୁ ନିମନ୍ତ୍ରଣ କରାଯାଇଥିଲେ ହେଁ ସେ ଅନୁପସ୍ଥିତ ଥିଲେ। ଡାକ୍ତର ଗୌରଚନ୍ଦ୍ର ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ସୁପରିଟେଣ୍ଡେଣ୍ଟ ସନ୍ତୋଷ କୁମାର ପୃଷ୍ଟି, ବ୍ଲକ ପ୍ରୋଗ୍ରାମ ମେନେଜର ଶୁଭ୍ରଜ୍ୟୋତି ସାମଲ, ବ୍ଲକ ଆକାଉଣ୍ଟ ମ୍ୟାନେଜର ରେଣୁଶ୍ରୀ ପ୍ରିୟଦର୍ଶୀନି, ସୌଭାଗ୍ୟ ରଞ୍ଜନ ମୁଦୁଲି, ଅମୂଲ୍ୟ ନାୟକ, ପୂର୍ବତନ କାଉନସିଲର କଳ୍ପନା ରାଉତ, ଆଇସିଟିଏସ ସବିତା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।



ଆରକେଏସ୍ ବୈଠକରେ ଉପସ୍ଥିତ ଅଧିକାରୀ।

## ବିଜ୍ଞାନ ଶିକ୍ଷକଙ୍କ ବିୟୋଗ

**ଚଣ୍ଡିଖୋଲ, ୮।୩(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଗଜେନ୍ଦ୍ରପୁର ସ୍ଥିତ କଜ୍ଜ୍ୱନାଦେବୀ ବିଦ୍ୟାନିକେତନର ବିଜ୍ଞାନ ଶିକ୍ଷକ ଶୈଳେନ୍ଦ୍ର କୁମାର ସାହୁ (୫୫)ଙ୍କର ଶନିବାର ରାତ୍ରିରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ରୋଗାକ୍ରାନ୍ତ ହେବା ସହ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ଶନିବାର ରାତ୍ରୀରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ରବିବାର ତାଙ୍କ ଶବାଧାରକୁ ଗଜେନ୍ଦ୍ରପୁର ବିଦ୍ୟାଳୟକୁ ଅଣାଯାଇଥିଲା। ତାଙ୍କ ଘର ବରୀ ବ୍ଲକ୍ ଅନ୍ତର୍ଗତ ସାହାପୁର ଗ୍ରାମରେ। ମୃତ ଶୈଳେନ୍ଦ୍ରଙ୍କ ଶବକୁ ନିଜ ଗ୍ରାମକୁ ନିଆଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା।

## ଦର୍ପଣ ତହସିଲ ମେଳଣ ଉଦ୍‌ଯାପିତ

**ଚଣ୍ଡିଖୋଲ,୮।୩(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକ ଦର୍ପଣ ତହସିଲ ମେଳଣ ଉତ୍ସବ ରବିବାର ଉଦଯାପିତ ହୋଇଯାଇଛି। ଦର୍ପଣଗଡ଼ ରାଜା ଏହି ମେଳଣ ଉତ୍ସବ ଆରମ୍ଭ କରିଥିଲାବେଳେ ଏବେ ଏହାକୁ ତହସିଲ କର୍ତ୍ତୃପକ୍ଷ ପରିଚାଳା କରୁଛନ୍ତି। ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ମେଳଣ ପ୍ରତିବର୍ଷ ଏଠାରେ ପାଳନ କରାଯାଉଥିବା ନେଇ ସ୍ଥାନୀୟ ଲୋକେ ପ୍ରକାଶ କରିଥିଲେ। ଦେଉଳକୁର ଗ୍ରାମର ଥାନପତି ବିମାନ ରାହାସବିହାରୀ ଜୀଉ ପ୍ରଥମେ ମଣ୍ଡପରେ ବିଜେ କରିବା ପରେ ଅନ୍ୟ ବିମାନ ମେଳଣ ପଡ଼ିଆରେ ପ୍ରବେଶ କରିଥିଲେ। ଚଳିତ ଥର ଏହି ମେଳଣକୁ ୨୦ରୁ ଉର୍ଦ୍ଧ୍ୱ ବିମାନ ଆସିଥିଲାବେଳେ ଦର୍ପଣ ତହସିଲଦାର ବରଣେନ୍ଦୁ ମହାନ୍ତି ଓ ଅତିରିକ୍ତ ତହସିଲଦାର ରତ୍ନାକର ନାୟକ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ କୈଳାସ ଚନ୍ଦ୍ର ରାଉତ, ମିଳନ କମିଟି ସଭ୍ୟ ଦୀପକ କୁମାର ମିଶ୍ର, ଆଇନଜୀବୀ ମୋହନ ମହନ୍ତ, ହଳଧର ପ୍ରତାପ, ଭିକାରୀ ସ୍ୱାଇଁ ଓ ତହସିଲ କର୍ମଚାରୀ ଚିତ୍ତରଞ୍ଜନ ବାରିକ ପ୍ରମୁଖ ଭୋଗଲାଗି କରିବା ସହ ଜୀଉଙ୍କ ଆଶିଷ ଭିକ୍ଷା କରିଥିଲେ।



ଦର୍ପଣ ତହସିଲ ମେଳଣରେ ପହଞ୍ଚିଥିବା ବିମାନ।

## ବିଜୁ ଜୟନ୍ତୀ ଅବସରରେ ମିନି ମାରାଥନ

**ବିଞ୍ଝାରପୁର,୮।୩(ଡି.ଏନ୍.ଏ.)**

ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ସପ୍ତାହ ପକ୍ଷ ଶନିବାର ମହାଆଡମ୍ବରରେ ବିଞ୍ଝାରପୁର ବିଜେଡି ପକ୍ଷରୁ ପାଳିତ ହୋଇଛି। ଏହି ଅବସରରେ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଶନିବାର ପ୍ରଭାତରେ ଏକ ମିନି ମାରାଥନ ମଲ୍ଲିଆ ଯଜ୍ଞ ପଡିଆରୁ ଆରମ୍ଭ ହୋଇ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ସମାପ୍ତ ହୋଇଥିଲା। ଏହି ମିନି ମାରାଥନକୁ ସ୍ଥାନୀୟ ବିଧାୟିକା ତଥା ସରକାରୀ ଦଳର ମୁଖ୍ୟସଚେତିକା ପ୍ରମିଳା ମଲ୍ଲିକ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଏଥିରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ୨ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ୬କି.ମି. ବ୍ୟାପି ମିନି ମାରାଥନରେ ବିଞ୍ଝାରପୁର ବ୍ଲକର ସତ୍ୟବ୍ରତ ପ୍ରଧାନ ପ୍ରଥମସ୍ଥାନ ପ୍ରଶାନ୍ତ ବେହେରା ଓ ନିରାକାର ଜେନା ଯୁଗ୍ମ ଭାବରେ ତୃତୀୟ ସ୍ଥାନରେ ରହିଥିଲାବେଳେ ଦଶରଥପୁର ବ୍ଲକର ଲୋକନାଥ ସାହୁ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ। ପରେ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ଏକ ସଭାକୁ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥିରୂପେ ସରକାରୀ ଦଳର ମୁଖ୍ୟସଚେତିକା ପ୍ରମିଳା ମଲ୍ଲିକ ଯୋଗ ଦେଇଥିଲେ। ଆଜିର ଯୁବ ସମାଜ ବିଜୁ ବାବୁଙ୍କ ଅନୁପ୍ରାଣୀତ ହୋଇ କାର୍ଯ୍ୟକରିବା ସହିତ ବିଜୁ ବାବୁଙ୍କ ସ୍ୱପ୍ନ ସାକାର ହୋଇଛି ବୋଲି ବିଧାୟିକା ମଲ୍ଲିକ ମତବ୍ୟକ୍ତ କରିଥିଲେ। ସଭାରେ ସମ୍ମାନିତ ଅତିଥିରୂପେ ଜିଲା ପରିଷଦ ସଭ୍ୟ ସୁଶାନ୍ତ ମିଶ୍ର , ଶ୍ରବଣକୁମାର ଜେନା, ବ୍ଲକ ଉପାଧକ୍ଷା କୁମୁଦୁନୀ ଦାସ, ପୂର୍ବତନ ବ୍ଲକ ଉପାଧକ୍ଷା ପ୍ରିୟତମା ବେହୁରିଆ, ବ୍ଲକ ବିଜେଡି ଅଧକ୍ଷ ମୁରଲୀଧର ବେହେରା, ବ୍ଲକ ଯୁବ ବିଜେଡି ସଭାପତି କାମଦେବ ଧଳ, କୃଷକ ନେତା ନିତ୍ୟାନନ୍ଦ ରାଉତ, ସଂଖ୍ୟାଲଘୁ ସେଲ୍‌ର ନେତା ଲାୟକ ଅଲ୍ଲୀ ଖାନ, ବିଜେଡି ଆଟି ସେଲର ମୁଖ୍ୟ ନିରଞ୍ଜନ ରାଉତ, ବିଜେଡି ସଭାନେତ୍ରୀ ଅହଲ୍ୟା ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କର ପୁରୁଣା ସ୍ମୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାଧୀନ ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି ମଞ୍ଚରେ ମିନି ମାରାଥନରେ କୃତି ପ୍ରତିଯୋଗୀଙ୍କୁ ନଗଦ ଅର୍ଥ ସହିତ ପୁଷ୍ପଗୁଚ୍ଛ,ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ବିଞ୍ଝାରପୁର ବ୍ଲକର ବିଭିନ୍ନ କ୍ଷେତ୍ରରେ




ବିଜୁ ପଟ୍ଟନାୟକ ମିନି ମାରାଥନ୍ ଅବସରରେ ମଞ୍ଚାସୀନ ଅତିଥି।

**ବହୁ ପ୍ରତିଭା ସମ୍ବର୍ଦ୍ଧିତ**

ପାରଦର୍ଶିତା ଲାଭ କରିଥିବା ରବୀନ୍ଦ୍ର ଧଳ, ଡାକ୍ତର ନାରାୟଣ ଚନ୍ଦ୍ର ଦାସ, ଶିବପ୍ରସାଦ ଦାଶ, ମହେଶ୍ୱର ରାଉତ, ମୁରଲୀଧର ବେହେରା, ସେକ ଆଲ୍ଲାଉଦ୍ଦିନ, ସନାତନ ଜେନା, ଶ୍ରୀନିବାସ କର, ବନମାଳୀ ପତି, ସେକ ମୁକ୍ତାଦିର, ଧରିତ୍ରୀ ଖବରଦାତା ରାମକୃଷ୍ଣ ଦାସ, ସେକ ସନୱାର, ଦେବପ୍ରସାଦ ସାହୁ, ଗୋପାଳ ସାମଲ ଓ ଅନ୍ୟ ୫୦ଜଣ ପ୍ରତିଭାଙ୍କୁ ପୁଷ୍ପଗୁଚ୍ଛ,ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ଗ୍ରାପର ସରପଞ୍ଚ, ସମିତି ସଭ୍ୟ ଓ ବିଜେଡି ଦଳର ଛାମୁଆ ନେତା ଉପସ୍ଥିତ ରହିଥିବାବେଳେ ଏହି କାର୍ଯ୍ୟକ୍ରମକୁ ଛାତ୍ର ଓ ଯୁବ ବିଜେଡିର ମୈତ୍ରୀ କେତନ ବାରିକ, ବିରଞ୍ଚି ନାରାୟଣ ସେଠୀ. ସୁଶାନ୍ତ ଜେନା, ସୁଖରଞ୍ଜନ ପରିଡା, ଲେଲିନ ଦାସ, ଅଶୋକ ସାହୁ, ପ୍ରଦୀପ ପଣ୍ଡା, ମାନସ ଦାସ, ଶ୍ୟାମସୁନ୍ଦର ବେହେରା, ରଞ୍ଜନ ଜେନା, ଦିଲ୍ଲୀପ ରାଉଳ, ସୁମାନସ ପଣ୍ଡା, ହେମେନ୍ଦ୍ର ସାମଲ, ଗଣିନାଥ ନାୟକ ପ୍ରମୁଖ ସହଯୋଗ କରିଥିଲେ।



କ୍ଲାନ୍ତି ପରେ ବିଶ୍ରାମ ଯେଉଁ ଆନନ୍ଦ ଦିଏ, କୌଣସି ପ୍ରକାଶ ବିଳାସ ସେହିପରି ଆନନ୍ଦ ଦେଇପାରିବ ନାହିଁ।
- ନେପୋଲିୟନ



## ସଂକ୍ଷେପରେ

### ମାରୁତୀ ଆଶ୍ରମାଧିଶଙ୍କ ବିୟୋଗରେ ଭକ୍ତଙ୍କ ମହଲରେ ଶୋକର ଛାୟା

ରସୁଲପୁର,୮।୩(ଡି.ଏନ୍.ଏ.): ରସୁଲପୁର ବ୍ଲକ ସୀମା ବର୍ତ୍ତି ଅଞ୍ଚଳର ଖରସ୍ରୋତା ନଦୀ ପଠାରେ ଅବସ୍ଥିତ ସାହାପୁର ମାରୁତୀ ଆଶ୍ରମର ମଠାଧିଶ ବାବା ଅନନ୍ତରାମ ମହାରାଜଙ୍କର ଆଜି ପ୍ରତ୍ୟୁଷରେ ବିୟୋଗ ଘଟିଛି। ସେ କିଛିଦିନ ହେବ ଶଯ୍ୟାସାୟୀ ଥିଲେ। ମୃତ୍ୟୁ ସମୟରେ ଗୁଜରାଟ ଅହମ୍ମଦାବାଦସ୍ଥିତ ମାରୁତୀ ଆଶ୍ରମର(ଆଦିପୀଠ)ରେ ଅବସ୍ଥାନ କରୁଥିଲେ। ମହାରାଜାଙ୍କ ମୃତ୍ୟୁ ଖବରରେ ଭକ୍ତଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି। ନିଷ୍କାମ, ସିଦ୍ଧିପୁରଷ, ଦୂରଦୃଷ୍ଟି ସମ୍ପନ୍ନ, ନିଖୁଣ ଭାବରେ ଭବିଷ୍ୟବାଣୀ କରୁଥିବା ସ୍ୱର୍ଗତ ମହାରାଜାଙ୍କ ଆମ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରେ ଭକ୍ତ ଅଛନ୍ତି। ଏହି ଖବର ଭକ୍ତଗଣଙ୍କୁ କଷ୍ଟ ଦେଇଛି। ଦୂରଦୂରାନ୍ତୁ ଭକ୍ତଗଣ ଆସି ସାହାପୁରସ୍ଥିତ ମାରୁତୀ ଆଶ୍ରମରେ ପହଁଚି ଥିଲେ। ବାବାଙ୍କ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଆଶ୍ରମର ତତ୍ତ୍ୱବଧାରକ ଗୌରାଙ୍ଗ ମହାନ୍ତି ଅଧକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ବରିଷ୍ଠ ନେତା ପିନାକୀ ରଞ୍ଜନ ଦାସ, ମନୋରଞ୍ଜନ ଦାସ, ଶିଶିର କୁମାର ସାହୁ, ସୁବୋଧ କୁମାର ସାହୁ, ଅଧାପକ ଦେବେନ୍ଦ୍ର ଗୋଚ୍ଛାୟତ, ବିଭୂତିଭୂଷଣ ରାଉତଙ୍କ ସମେତ ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା, ଖଣ୍ଡିତର, ବିଲିପଡା, କେଉଟ ଲଗୁଆଁ, କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଆଦି ସ୍ଥାନରୁ ବହୁ ଭକ୍ତ ଓ ବାବାଙ୍କ ଅନୁଗାମୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ

ଯାଜପୁର ଅଫିସ,୮।୩: ଦଶରଥପୁର ବ୍ଲକରେ ପଞ୍ଚାୟତିରାଜ ଦିବସ ଓ ବିଜୁ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ବ୍ଲକ ସଭାଗୃହ ମଧରେ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବ୍ଲକସ୍ତରୀୟ ଉତ୍ସବରେ ଦଶରଥପୁର ପ୍ରେସକ୍ଲବ ସଭାପତି ଶଙ୍କର୍ଷଣ କୁଣ୍ଡୁ, ବରିଷ୍ଠ ସାମ୍ବାଦିକ ଉମାକାନ୍ତ ଧଳ, ବ୍ଲକ ସହକାରୀ ଯନ୍ତ୍ରୀ ମିନତୀ ହାଁସଦା ପ୍ରମୁଖ ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ମଙ୍ଗଳପୁର ସମିତି ସଭ୍ୟ ସରୋଜ କୁମାର ମଲ୍ଲିକ, ସମାଜସେବୀ ଗଗନ ଚରଣ ସୂତାର, ସାମ୍ବାଦିକ ପ୍ରତ୍ୟୁଷ କୁମାର ନାୟକ, ଚନ୍ଦ୍ରଶେଖର ସାହୁ, ମନୋଜ କୁମାର ପରିଡା, ଦେବେନ୍ଦ୍ର ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧରେ ଏହି ଉତ୍ସବରେ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଶେଷରେ ବ୍ଲକର ବଡବାବୁ ବେଣୁଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଫିଙ୍କା ପଡ଼ିଲା ରଙ୍ଗ ବେପାର

## କରୋନା ଭୟ

- ହୋଲି ପାଇଁ ଚଳିତ ବର୍ଷ ନାହିଁ ଉତ୍ସାହ
- ଗତବର୍ଷ ଅପେକ୍ଷା ୭୦ ପ୍ରତିଶତ କମିଛି ରଙ୍ଗ ବ୍ୟବସାୟ

ଦଶରଥପୁର,୮।୩(ଡିଏନ୍ଏ)

ଭୟଙ୍କର ସଂକ୍ରମିତ କରୋନା ରୋଗ ଏବେ ପୃଥିବୀର ସମସ୍ତ ଦେଶକୁ ଧୀରେଧୀରେ କରାୟତ କରିଚାଲିଛି। ଫଳରେ ସବୁ ଦେଶର ଲୋକଙ୍କ ମନରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରତ୍ୟେକ ଦିନ ଏହି ରୋଗରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ରୋଗାଗ୍ରସ୍ତ ମୃତ୍ୟୁ ସଂଖ୍ୟା ମଧ ବଢିଚାଲିଛି। ଏହି ରୋଗକୁ ୱାଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) ଜାତୀୟ ମହାମାରୀ ରୋଗଭାବେ ଘୋଷଣା କରିବା ସହ ବିଶ୍ୱ ସମୁଦାୟ ଏହି ରୋଗକୁ ରୋକାଯିବା ଉପରେ ବିଭିନ୍ନ ପଦକ୍ଷେପ ଆରମ୍ଭ କରିଦେଇଛନ୍ତି। ତେବେ ଏହି କରୋନା ପାଇଁ ଏଥର ହୋଲି ଫିକା ପଡ଼ିବାର ଆଶଙ୍କା ଦେଖାଦେଇଛି। ଫଳରେ ରଙ୍ଗ ବେପାର ଉପରେ ଏହାର ଖୁବ୍ ପ୍ରଭାବ ପଡ଼ିଛି। ଦଶରଥପୁର ବ୍ଲକ ଅଞ୍ଚଳର ବଡ଼ ବ୍ୟବସାୟିକ ପେଣ୍ଠସ୍ଥଳ କୁହାଯାଉଥିବା ମଙ୍ଗଳପୁର ଓ ଝୁମ୍ପୁରୀ ବଜାରରେ ପ୍ରତ୍ୟେକ ବର୍ଷ ହୋଲିରେ ବ୍ୟବସାୟୀମାନେ ବିଭିନ୍ନ ରଙ୍ଗର ପସରା ମେଲାଇ ବିକ୍ରି କରିଥାନ୍ତି। ମାତ୍ର କରୋନା ସଂକ୍ରମଣ ଯୋଗୁ ସଚେତନତା ପୂର୍ବକ ହାତ ସଫା କରିବା, ମୁହଁରେ ମାସ୍କ ପିନ୍ଧିବା, ଜନସମାଗମ ସ୍ଥାନକୁ ନ ଯିବା, ଏପରି ଅନେକ ସତର୍କତା ଅବଲମ୍ବନ ପାଇଁ ସମଗ୍ର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ଯଦ୍ଦ୍ୱାରା ରଙ୍ଗ ବେପାର ଏଥର ପୁରା ମାନ୍ଦା ହୋଇଛି ବୋଲି ଦଶରଥପୁର ବ୍ଲକର ମଙ୍ଗଳପୁର ଓ ଝୁମ୍ପୁରୀ ବଜାରରେ ରଙ୍ଗ ଦୋକାନ ଖୋଲିଥିବା କେତେଜଣ ବ୍ୟବସାୟୀ ଏହି ସୂଚନା ଦେଇଛନ୍ତି। ବଜାରକୁ ଆସିଥିବା ରଙ୍ଗରେ କରୋନା ଭୂତାଣୁ ଥିବା ଆଶଙ୍କା କରି ଅଧିକାଂଶ ଗ୍ରାହକ ରଙ୍ଗ କିଣୁ ନ ଥିବା ଦୋକାନୀମାନେ କହିଛନ୍ତି। ରଙ୍ଗଖେଳ ପର୍ବ ହୋଲିକୁ ମାତ୍ର ଦିନଟିଏ ବାକିଥିବାବେଳେ ପ୍ରତ୍ୟେକ ବର୍ଷର ରଙ୍ଗ ବେପାର ଅନୁଯାୟୀ ଏଥର ଶତକଡା ୭୦ ଭାଗ ବ୍ୟବସାୟ କମିଥିବା ବ୍ଲକ ଅଞ୍ଚଳର କେତେଜଣ ରଙ୍ଗ ବ୍ୟବସାୟୀ ପ୍ରକାଶ କରିଛନ୍ତି। କରୋନା ସତର୍କତା ଓ ରଙ୍ଗଖେଳ ପ୍ରଭାବ ସମ୍ପର୍କରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉମାକାନ୍ତ ମଲ୍ଲିକଙ୍କୁ ପଚାରିବାରେ, ରଙ୍ଗଖେଳ ସହ କରୋନା ସଂକ୍ରମଣର ସେପରି ଯଦିଓ କୌଣସି ସମ୍ପର୍କ ନାହିଁ, ତଥାପି ସ୍ୱାସ୍ଥ୍ୟବସ୍ଥା ଠିକ୍ ନ ଥିବା ଲୋକ କେମିକାଲ୍‌ଯୁକ୍ତ ରଙ୍ଗ ନ ଖେଳିବା ଉଚିତ ବୋଲି କହିଛନ୍ତି।



# 'ମା'ର ତ୍ୟାଗ, ଆଦର୍ଶର ତୁଳନା ନାହିଁ'

## ଯାଜପୁରରେ ଅନ୍ତର୍ଜାତୀୟ ମହିଳା ଦିବସ

ଯାଜପୁର ଟାଉନ,୮।୩(ଡିଏନଏ)

ଜିଲା ସମାଜ କଲ୍ୟାଣ ବିଭାଗ, ଜିଲା ଆଇନ ସେବା ପ୍ରାଧିକରଣ, ସଖୀ ଓ ବେଟୀ ବଚାଓ ବେଟୀ ପଢାଓ ଆନୁକୂଲ୍ୟରେ ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାଜଜ୍ ପ୍ରଶାନ୍ତ କୁମାର ନାୟକ ଯୋଗଦେଇ ଗୋଟିଏ ମା'ର ତ୍ୟାଗ ବା ଆଦର୍ଶର ତୁଳନା ନାହିଁ ବୋଲି କହିବା ସହିତ ନାରୀ ସଶକ୍ତିକରଣ ଆଜିର ଆହ୍ୱାନ ହୋଇପଡିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜୀବନାନନ୍ଦ ପାଢୀ, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ପୁନମ୍ ଜେନା, ଜେଏମ୍ଏଫ୍‌ସି ଜୁଏଲ ପଟ୍ଟନାୟକ, ସଖୀ ପରିଚାଳିକା ବିଜୟଶ୍ରୀ ବାରିକ, ଶିଶୁ ମଙ୍ଗଳ କମିଟିର ରୀତା ବେହେରା ଓ ସଦସ୍ୟ ରୁଦ୍ର ନାରାୟଣ ପୃଷ୍ଟି ଯୋଗଦେଇ ନାରୀଙ୍କ ସାମ୍ବିଧାନିକ ଅଧିକାର ଓ ଆଇନ ସହାୟତା ସମ୍ବନ୍ଧରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଭିନ୍ନ ବ୍ଲକର ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀଭାବେ ଦୀପ୍ତି ମଞ୍ଜରୀ ରାଉତ, ତରୁଲତା ରାଉତ, ସଂଯୁକ୍ତା ବିଶ୍ୱାଳ, ମମତା ପୃଷ୍ଟି, ସସ୍ମିତା ମହାନ୍ତ, ସବିତା କର, କମଳିନୀ ରାଉତ, ରେଶ୍ମା ଦେବୀ, ରୀନା ରଣା, ସୁଜାତା ଦାସ, ସାଗରିକା ଜେନାଙ୍କ ସହିତ ବୃତ୍ତିଗତ କାର୍ଯ୍ୟ ପାଇଁ ଧର୍ମଶାଳାର ମା' ସିଦ୍ଧଚଣ୍ଡୀ ସ୍ୱୟଂସହାୟକ ଗୋଷ୍ଠୀ, ଯାଜପୁରର ଲକ୍ଷ୍ମୀ ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀ, ରସୁଲପୁରର ମା' ସିଂହବାହିନୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ବେଟୀ ବଚାଓ ଓ ବେଟୀ ପଢାଓ ତରଫରୁ ଛାତ୍ରୀ ଦେବଦତ୍ତା ଦାଶ, ରାଜ୍ୟସ୍ତରୀୟ ଖେଳାଳି ଦୀପ୍ତିମୟୀ ମହାନ୍ତ, ସେବା କ୍ଷେତ୍ରରେ ପ୍ରଭାତୀ ପଣ୍ଡା, ବକ୍ତୃତା କ୍ଷେତ୍ରରେ ଅର୍ଚ୍ଚିତା କରଙ୍କୁ ମଧ ପୁରସ୍କୃତ କରାଯାଇଥିଲା।

# ମ୍ୟୁନିସିପାଲ ହାଇସ୍କୁଲର ବଦଳିବ ରୂପରେଖ: ପ୍ରଣବ

ଯାଜପୁର ଟାଉନ,୮।୩(ଡିଏନଏ)

ଯାଜପୁର ସହରର ଅନ୍ୟତମ ଅଗ୍ରଣୀ ତଥା ପୁରାତନ ଶିକ୍ଷାନୁଷ୍ଠାନ ମ୍ୟୁନିସିପାଲ ହାଇସ୍କୁଲକୁ ଚଳିତ ବର୍ଷ ୫୦ବର୍ଷ ପୂରୁଛି। ଏଣୁ ଏହି ଶିକ୍ଷାନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବା ନେଇ ରବିବାର ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରାତନ ଛାତ୍ର ସଂସଦ ସଭାପତି ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଆଗାମୀ ୨ବର୍ଷ ମଧରେ ଏହି ଶିକ୍ଷାନୁଷ୍ଠାନର ରୂପରେଖ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯିବା ସହିତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ଯୋଗାଇ ଦେବା ପାଇଁ ରାଜ୍ୟ ତଥା ଜାତୀୟସ୍ତରର ଶିକ୍ଷାବିତ୍‌ଙ୍କୁ ନିୟୋଜିତ କରାଯାଇ ଉଭୟ ଛାତ୍ର ଓ ଶିକ୍ଷକଙ୍କ ଶିକ୍ଷାଦାନର ମାନବୃଦ୍ଧି କରାଯିବ ବୋଲି ଘୋଷଣା କରିଥିଲେ। ଏପରିକି ଏହି ବିଦ୍ୟାଳୟଟିକୁ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ଉଚ୍ଚ ବିଦ୍ୟାଳୟଭାବେ ପରିଗଣିତ କରାଯିବା ପାଇଁ ସବୁସ୍ତରରେ ଉଦ୍ୟମ କରାଯିବ ବୋଲି ଦାସ କହିଥିଲେ। ବୈଠକରେ ଛାତ୍ର ସଂଘର ସାଧାରଣ ସମ୍ପାଦକ ତଥା ସବ୍ୟସାଚୀ ମହାପାତ୍ର, ପୁରାତନ ଛାତ୍ର ତଥା ଯାଜପୁର ଟ୍ୟାକ୍ସି ଓ ମିନିବସ୍ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ କର୍ଣ୍ଣାଟକେଶରୀ ଦାସ, ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ଦେଓ, ଆଇନଜୀବୀ ଜୟଦୀପ ମିଶ୍ର ଓ ରାଜୀବ ମହାନ୍ତିଙ୍କ ସମେତ ପ୍ରାୟ ଶତାଧିକ ପୂର୍ବତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ମ୍ୟୁନିସିପାଲ ହାଇସ୍କୁଲକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସି ମାନ୍ୟତା ପ୍ରଦାନ କରାଯାଇଥିବାରୁ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ପୁରାତନ ଛାତ୍ରସଂଘ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




ପୁରାତନ ଛାତ୍ର ସଂଘ ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥିମାନେ।

# ଯକ୍ଷ୍ମାମୁକ୍ତ କରିବାକୁ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା

ରସୁଲପୁର,୮।୩(ଡିଏନଏ)

ଯାଜପୁର ଜିଲାର ରସୁଲପୁର ଓ ବରୀ ବ୍ଲକକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଦ୍ୟାର୍ଥୀଙ୍କୁ ସଚେତନ କରାଇଲେ ଏହି ପ୍ରୟାସ ବେଶୀ ଫଳପ୍ରଦ ହେବ ବୋଲି ଆଶା କରାଯାଉଛି। ତେବେ ପର୍ଯ୍ୟାୟକ୍ରମେ ଜନପ୍ରତିନିଧି, ଜନସାଧାରଣଙ୍କୁ ସଚେତନ କରାଯିବ। ଏ ଦିଗରେ ସମସ୍ତଙ୍କ ସହଯୋଗ କାମନା କରାଯାଉଛି ବୋଲି ଶୁକ୍ରବାର ଏହି ବ୍ଲକର ବ୍ରହ୍ମବରଦା ହାଜି ରହିମିଆଁ, ମୁଗୁପାଳ ନୋଡାଲ ହାଇସ୍କୁଲ, ମଧୁପୁର ନୋଡାଲ ହାଇସ୍କୁଲର ବିଦ୍ୟାର୍ଥୀଙ୍କୁ ସଚେତନ କରାଯାଇଛି। ସେଥିରୁ ମୁଗୁପାଳ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରିଣୀ ହରପ୍ରିୟା ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜାତୀୟ ଯକ୍ଷ୍ମା ନିରାକରଣର ଜିଲା ସଂଯୋଜକ ମାନସ ରଞ୍ଜନ ସାମଲ, ସ୍ୱାସ୍ଥ୍ୟକର୍ମୀ ରାକେଶ କୁମାର ସାହୁ, ପ୍ରତ୍ୟୁଷ କୁମାର ଓଝା, ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଦାସ ପ୍ରମୁଖ ବିଦ୍ୟାର୍ଥୀଙ୍କୁ ଯକ୍ଷ୍ମାରୋଗର କାରଣ ଓ ନିରାକରଣ ସମ୍ପର୍କରେ ବୁଝାଇଥିଲେ। ବ୍ଲକର ମଙ୍ଗରାଜପୁର ପଞ୍ଚାୟତ ଲଙ୍କା ବାଲିସାହିର ବିବେକ ରଞ୍ଜନ ପାଢୀ ଟିବି (ଯକ୍ଷ୍ମା ରୋଗୀ) ଚାମ୍ପିୟନଭାବେ ଏହି ରୋଗର ନିରାକରଣ ଓ ସଚେତନତା ଉପରେ କ'ଣ ପଦକ୍ଷେପ ନିଆଯିବ ତାଙ୍କ ଅନୁଭୂତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାର୍ଥୀଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମାନସ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ଯଜ୍ଞସ୍ଥଳରେ ହେଉଛି ଗୋ-ପ୍ରଦର୍ଶନୀ

## କାକୁଡ଼ିକୁଦ-ନୀଳକଣ୍ଠପୁରରେ ସୁରଭି ମହାଯଜ୍ଞ

ରସୁଲପୁର,୮।୩(ଡିଏନଏ)

ରସୁଲପୁର ଓ ଯାଜପୁର ବ୍ଲକର ସୀମାନ୍ତବର୍ତ୍ତୀ ଅଞ୍ଚଳ କାକୁଡିକୁଦ-ନୀଳକଣ୍ଠପୁର ଗ୍ରାମବାସୀଙ୍କ ପକ୍ଷରୁ ସତ୍ୟସାଇ ଖେଳ ପଡିଆରେ ୫ଦିନ ବ୍ୟାପୀ ଏହି ଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି। ଏଠାରେ ଗୋ-ସମ୍ପଦ ସୁରକ୍ଷା ଉଦ୍ଦେଶ୍ୟରେ ୨ବର୍ଷ ଧରି ସୁରଭି ମହାଯଜ୍ଞ ଆୟୋଜିତ ହେଉଛି। ଏହି ଅବସରରେ ପ୍ରାଣୀଙ୍କ ଯତ୍ନ ଓ ସୁରକ୍ଷା ଉପରେ ଦିଗଦର୍ଶନ ଦିଆଯାଉଛି। ବିଭିନ୍ନ ପ୍ରାନ୍ତରୁ ପ୍ରବଚକମାନେ ଉକ୍ତ ଯଜ୍ଞ କାର୍ଯ୍ୟରେ ଯୋଗଦେଇ ଗୋମାତାର ମହାତ୍ମ୍ୟ ଉପରେ ମତ ରଖୁଛନ୍ତି। ପରମ୍ପରା ଓ ପୁରାଣକୁ ସମ୍ମାନ ଜଣାଇଲେ ମାନବ ସମାଜର ମଙ୍ଗଳ ହେବ ବୋଲି କୁହାଯାଉଛି। ରବିବାର ଯଜ୍ଞ ପଡ଼ିଆରେ ଗୋ ପ୍ରଦର୍ଶନୀ କରାଯାଉଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଗୋ-ପାଳକଗଣ ସେମାନଙ୍କ ଗାଈକୁ ପ୍ରଦର୍ଶନୀରେ ସାମିଲ କରିଛନ୍ତି। ଗୋରୁର ସେବାଯତ୍ନକୁ ନେଇ ଗୋ-ରକ୍ଷକଙ୍କ ମତ ନିଆଯାଇଛି। ଏହାଛଡା ଦ୍ୱାପର ଯୁଗରେ ପ୍ରାଣୀ ସମ୍ପଦକୁ କିଭଳି ଭାବେ ଯତ୍ନ ନିଆଯାଉଥିଲା ତାର କେତେକ ପ୍ରାମାଣିକ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏ ଦିଗରେ ଯଜ୍ଞ ପଡ଼ିଆରେ ଗୋରୁଙ୍କ ସୁରକ୍ଷା ସମ୍ପର୍କିତ କେତେକ ବାରୁଆଳି ପ୍ରଦର୍ଶନ କରାଯାଇଛି। ଏଥିସହ ପ୍ରଭୁ ବିଷ୍ଣୁଙ୍କ ପୀଠରେ ପାରମ୍ପରିକ ରୀତିନୀତିରେ ସହ ପୂଜା କାର୍ଯ୍ୟ ସମ୍ପନ୍ନ ହେଉଛି। ପ୍ରତ୍ୟେକ ଦିନ ପ୍ରାତଃରେ ପ୍ରଭୁଙ୍କ ନିକଟରେ ସୂର୍ଯ୍ୟପୂଜା, ଗୋ-ପୂଜା, ମଙ୍ଗଳା ଆଳତୀ, ବେଦପାଠ, ସପ୍ତସତୀ ଚଣ୍ଡିପାଠ, ଗାୟତ୍ରୀ ମନ୍ତ୍ର ପାଠ, ଭାଗବତ ଯଜ୍ଞ, ଘୃତଯଜ୍ଞ ଆଦି ପୂଜାକାର୍ଯ୍ୟ ଶୁଦ୍ଧପୂତଭାବେ ସମ୍ପନ୍ନ କରାଯାଉଛି। ସକାଳ ଓ ସନ୍ଧ୍ୟାରେ ଆଳତୀ ଉତ୍ସବ ଅନୁଷ୍ଠିତ ହେଉଛି। ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ସମଗ୍ର ଜିଲାର ବହୁ ସାଧୁସନ୍ଥ ଯୋଗଦେବା ସହ ହଜାର ହଜାର ଶ୍ରଦ୍ଧାଳୁ ଯଜ୍ଞସ୍ଥଳରେ ପହଞ୍ଚି ଆଶିଷ ଲାଭ କରିଥିଲେ।



ପୂର୍ବରୁ ଗାଈର ଯତ୍ନ କିପରି ନିଆଯାଉଥିଲା ସେ ସମ୍ପର୍କରେ ମୂର୍ତ୍ତି ମାଧରେ ପ୍ରଦର୍ଶିତ କରାଯାଉଛି।

# ଲେସ୍‌ରେ କାର୍ଯ୍ୟ ନ ନେଇ ସିଡ୍ୟୁଲରେ ନେବାକୁ ଠିକାଦାରଙ୍କ ନିଷ୍ପତ୍ତି

କାଳିଆପାଣି,୮।୩(ଡିଏନଏ): କାଳିଆପାଣି ଅଞ୍ଚଳରେ ଓଡ଼ିଶା ଖଣି ନିଗମ ଠିକାଦାର ସଂଘର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କାଳିଆପାଣି ଖଣି ନିଗମ ଅତିଥିଶାଳାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ବରିଷ୍ଠ ସଦସ୍ୟ ବିଶ୍ୱଜିତ ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ଠିକାଦାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ନିଗମରେ ହେଉଥିବା ସମସ୍ତ ନିର୍ମାଣ କାର୍ଯ୍ୟକୁ ଟେଣ୍ଡର ନିର୍ଦ୍ଧାରଣ ସମୟରେ ଲେସ୍‌ରେ ପକାଇ କାର୍ଯ୍ୟ ନ ନେଇ ସିଡ୍ୟୁଲରେ ନେବାକୁ ନିଷ୍ପତି ହୋଇଛି। ବିଭିନ୍ନ ନିର୍ମାଣ କାର୍ଯ୍ୟ ଲେସରେ ନେବାରୁ ଠିକାଦାରମାନେ ବହୁକ୍ଷତିର ସମ୍ମୁଖିନ ହେଉଥିବା ମତପ୍ରକାଶ ପାଇଥିଲା। ବୈଠକରେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ରାଜ୍ୟର ସମସ୍ତ ଜିଲାରେ ଏବେ ସିଡ୍ୟୁଲ ରେଟରେ ବିଭିନ୍ନ ନିର୍ମାଣ କାର୍ଯ୍ୟର ଟେଣ୍ଡର ନେବାକୁ ଠିକାଦାରଙ୍କ ସହମତିରେ ବୈଠକ କରି କାର୍ଯ୍ୟ କରୁଥିବାରୁ ଖଣି ନିଗମରେ କାର୍ଯ୍ୟ କରୁଥିବା ସମସ୍ତ ଠିକାଦାରଙ୍କ ସହମତି ରହିଥିବା ପ୍ରକାଶ କରିଥିଲେ। ଆଗାମୀ ଦିନରେ ସଂଘକୁ ସଦୃଢ କରିବାକୁ ସହମତି ପ୍ରକାଶ ପାଇଥିଲା। ଏଥିରେ ଗୋପାଳକୃଷ୍ଣ ପରିଡ଼ା, ନିରଞ୍ଜନ ପୃଷ୍ଟି, ବିଶ୍ୱଜିତ ରାଉତ, ଜିତୁ ଧିର, ନରେଶ ନାୟକ, ରାଜୀବ ସ୍ୱାଇଁ, ରାକେଶ ବଳ, ଶୁଭାଶିଷ ପୃଷ୍ଟି, ପାର୍ଥ ପଟ୍ଟନାୟକ, ଶୁଭ୍ରାଂଶୁ ଭୁତିଆ, ସୁମନ୍ତ କୁମାର ନାୟକ ପ୍ରମୁଖଙ୍କ ସହ ବିଭିନ୍ନ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ଠିକାଦାର ବୈଠକରେ ଉପସ୍ଥିତ ଥିଲେ।

# ୧,୩୭,୦୩୧ ନିର୍ମାଣ ଶ୍ରମିକ ପଞ୍ଜୀକୃତ

## ଯାଜପୁରରେ ନିର୍ମାଣ ଶ୍ରମିକ ସେବା ସପ୍ତାହ

ଯାଜପୁର ଅଫିସ,୮।୩

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଯୁଗ୍ମଶ୍ରମ ଆୟୁକ୍ତ ସୁନିଲ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେବା ସହ ଜିଲାରେ ୧,୩୭,୦୩୧ ଜଣ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଥିବା କହିଥିଲେ। ସେମାନଙ୍କ ମଧ୍ୟରୁ ୧୨୫୨୨ ଜଣ ବିବିଧ ଉପକରଣ ପାଇଥିବାବେଳେ ୨୭୦ ଜଣଙ୍କୁ ନିର୍ମାଣ ଉପକରଣ, ୮୯୦ ଜଣଙ୍କୁ ସୁରକ୍ଷା ସାମଗ୍ରୀ, ୫୫୪୭ ଜଣଙ୍କୁ ସାଇକେଲ, ୨୨୫୮ ଜଣଙ୍କୁ ବିବାହ ସହାୟତା, ୩୧୭ ଜଣଙ୍କୁ ପ୍ରସବକାଳୀନ ସହାୟତା, ୫୨୫୦ ଜଣଙ୍କୁ ଶିକ୍ଷା ସହାୟତା, ୪୫୯ ଜଣଙ୍କୁ ମୃତ୍ୟୁକାଳୀନ ଓ ସଂସ୍କାର ପାଇଁ ସହାୟତା, ୧୩୯ ଜଣଙ୍କୁ ପକ୍କାଘର ଯୋଗାଇ ଦିଆଯାଇଥିବା ସେ ସୂଚନା ଦେଇଥିଲେ। ନିର୍ମାଣ ଶ୍ରମିକ ବୋର୍ଡ ସଦସ୍ୟ ଲଳିତ ନାୟକ ସରକାରୀ ଯୋଜନା ଯେପରି ନିର୍ମାଣ ଶ୍ରମିକଙ୍କ ନିକଟରେ ସହଜରେ ପହଞ୍ଚିବ ସେଥିପାଇଁ ବୋର୍ଡ ପଦକ୍ଷେପ ନେଇଛି ବୋଲି କହିଥିଲେ। ଏହି ଅବସରରେ ୩୪୭ ଜଣ ହିତାଧିକାରୀଙ୍କୁ ୧କୋଟି ୫୫ଲକ୍ଷ ୭୦ହଜାର ଟଙ୍କାର ସହାୟତା ଅନଲାଇନ ମାଧମରେ ପ୍ରଦାନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ ଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ନାରୀଙ୍କ ଲୁକ୍କାୟିତ ପ୍ରତିଭା ବିକାଶ ଦିଗରେ ସହାୟକ ହେଉ'

## ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ

ରସୁଲପୁର,୮।୩(ଡିଏନଏ)

ମହିଳାଙ୍କ ଲୁକାୟିତ ପାରିବାପଣିଆ ବିକାଶ ଦିଗରେ ସହାୟକ ହେଲେ ଅନ୍ତର୍ଜାତୀୟ ମହିଳା ଦିବସର ଆଭିମୁଖ୍ୟ ସଫଳ ରୂପାୟନ ହୋଇପାରିବ। ମହିଳାମାନେ କସ୍ତୁରୀ ମୃଗ ସଦୃଶ। ସେମାନଙ୍କଠାରେ ଥିବା ବହୁମୁଖି ଗୁଣ ସେମାନଙ୍କୁ ସମାଜରେ ଭଗନୀ, ଜାୟା, ଜନନୀ ଭଳି ବିଭିନ୍ନ ରୂପରେ ସମ୍ମାନ ମିଳିଥାଏ। ଏ ସବୁ ସତ୍ତ୍ୱେ ପୁରୁଷ କେନ୍ଦ୍ରୀକ ସମାଜରେ ନାରୀ ନିର୍ଯାତିତା। ଏଭଳି ଭାବନାକୁ ଭୁଲ ପ୍ରମାଣିତ କରି ପ୍ରତ୍ୟେକ ନାରୀ ନିଜ ଗୁଣକୁ ପରିପ୍ରକାଶ କରିବାରେ ସକ୍ଷମ ହୋଇପାରିଲେ ଏହି ଦିନଟି ଉଦ୍ଦେଶ୍ୟ ସଫଳ ହୋଇପାରିବ ବୋଲି ରବିବାର ଯାଜପୁର ଜିଲାର ବୁଣାକାର ଗାଁ ଭାବରେ ପରିଚିତ ଗୋପାଳପୁର ଗ୍ରାମର ହିଙ୍ଗୁଳା ଟସର ଓ ସଲିକ୍ ତନ୍ତୁବାୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ସମାରୋହ-୨୦୨୦ରେ ମତ ପ୍ରକାଶ ପାଇଛି। ଶିକ୍ଷାବିତ୍ ବେଣୁଧର ମହାରଣାଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ନିର୍ଦ୍ଦେଶକ ଓଡ଼ିଶା ହସ୍ତତନ୍ତ ବୟନ ଶିଳ୍ପ ଜ୍ୟୋତିପ୍ରକାଶ ଦାଶ, ବୟନିକା ସଭାପତି ଶେଷ କୁମାର ମେହର, ନିର୍ଦ୍ଦେଶକ, ଓଡିଶା ବୁଣାକାର ସେବା କେନ୍ଦ୍ର ମନୋଜ ଜେନ୍, ଶିଶୁ ମଙ୍ଗଳ କମିଟି, କଟକର ଅଧକ୍ଷା ମନ୍ଦାକିନୀ ଜେନା, ଉପନିର୍ଦ୍ଦେଶକ ଓଡ଼ିଶା ବୁଣାକାର ସଂଘ ସୁରେନ୍ଦ୍ର କୁମାର ପାତ୍ର, ରସୁଲପୁର ବିଡିଓ ଉମାକାନ୍ତ ପରିଡା, ଉପନିର୍ଦ୍ଦେଶକ ବୟନ ଶିଳ୍ପ ଦେବଜିତ୍ ନନ୍ଦୀ ପ୍ରମୁଖ ଯୋଗଦେଇ ଭାରତ ଦେଶରେ ଓଡିଶାକୁ ଟସର ବସ୍ତ୍ରର ହବ ବୋଲି ବର୍ଣ୍ଣନା କରିବା ସହ ଏ ଦିଗରେ ମହିଳାଙ୍କ ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। ସମବାୟ ନେତା ନରେନ୍ଦ୍ର କୁମାର ବେହେରା, ରମେଶ ଦାସ, ଶ୍ରୀଧର ବେହେରା, ବେଣୁଧର ଦାସ, ଅନନ୍ତ ଚରଣ ଦାସ, ଅଶୋକ କୁମାର ଗୁଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦିଗରେ ସହାୟତା ପ୍ରଦାନ କରିଥିଲେ। ଭୁବନେଶ୍ୱରସ୍ଥିତ ଭାରତ ସରକାରଙ୍କ ବୁଣାକାର ସେବା କେନ୍ଦ୍ର ଓ ଅବିଭକ୍ତ କଟକ ବୟନ ମଣ୍ଡର କାର୍ଯ୍ୟକର୍ତ୍ତା, ଗୋପାଳପୁର ହସ୍ତତନ୍ତ ପୁଞ୍ଜି ୧ ଓ ୨ ଅଧୀନରେ ପରିଚାଳିତ ୧୭ଟି ମହିଳା ବୁଣାକାର ସମିତିର ମହିଳାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨୦ଜଣ କୁଶଳୀ ମହିଳା ବୁଣାକାରଙ୍କୁ ସମ୍ମାନିତ କରାଯାଇଥିଲା। ୮ଜଣ କୁଶଳୀ କାରିଗର ସରକାରୀ ସହାୟତା ଓ ସେଥିରୁ ସେମାନଙ୍କୁ ମିଳୁଥିବା ଉପକାରିତା ସମ୍ପର୍କରେ ମତ ରଖିଥିଲେ। ବସ୍ତ୍ର ଡିଜାଇନ୍‌କୁ ନେଇ ବୁଣାକାରଙ୍କ ମଧରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁମିତ୍ରା ଦତ୍ତ, ମାନସୀ ଦାସ, ଅହଲ୍ୟା ଦାସଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ କରାଯାଇଥିଲା। ଓମ୍ ଶାନ୍ତି ହସ୍ତତନ୍ତ ଓ ଟସର ବୁଣାକାର ଝନ ଦାସ ଓ ଗୋପାଳପୁର ହସ୍ତତନ୍ତ ବୁଣାକାର କମ୍ପାନୀ କୁନ୍ତଳା ଦାସଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଥିବାବେଳେ ୧୦ଜଣ ବୁଣାକାରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା।




ମହିଳା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ଏମିତି ପାଳନ୍ତୁ ହୋଲି



**କରୋନା ଭାଇରସ୍ କାରଣରୁ ଏଥର ହୋଲି ଉତ୍ସବ ପାଳନକୁ ନେଇ ବିଭିନ୍ନ ସ୍ଥାନରେ ଦ୍ୱନ୍ଦ୍ୱ ଦେଖା ଦେଇଛି। କିଛି ଲୋକ ତ ଏପର୍ଯ୍ୟନ୍ତ ଦ୍ୱନ୍ଦ୍ୱରେ ଅଛନ୍ତି ଯେ ହୋଲି ଖେଳିବେ କି ନାହିଁ। ଆପଣ ଯଦି ହୋଲି ଖେଳର ମଜା ନେବାକୁ ଚାହାନ୍ତି ତା'ହେଲେ କରୋନା ଭାଇରସରୁ ରକ୍ଷା ପାଇବା ସହ କିପରି ସୁରକ୍ଷିତ ଭାବେ ହୋଲି ପାଳନ କରିପାରିବେ ସେ ସମ୍ପର୍କରେ ଜାଣି ରଖନ୍ତୁ।**

- ସର୍ବପ୍ରଥମେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ ଏବଂ କୌଣସି ପ୍ରକାର ରାସାୟନିକ ରଙ୍ଗ ବ୍ୟବହାର କରନ୍ତୁ ନାହିଁ।
- ପିଲାଙ୍କୁ ପାଣି ସହ ହୋଲି ଖେଳିବାକୁ ମନା କରନ୍ତୁ। କାରଣ କରୋନା ଭାଇରସ୍ ଓଦା ଏବଂ ଥଣ୍ଡା ଦେହରେ ଶୀଘ୍ର ସଂକ୍ରମଣ ସୃଷ୍ଟି କରିଥାଏ।
- ଭିଡ଼ ସ୍ଥାନରେ ଅଧିକ ଲୋକଙ୍କ ସହ ହୋଲି ନ ଖେଳି ଘରେ ପରିବାର ତଥା ସମ୍ପର୍କୀୟମାନଙ୍କ ସହ ହୋଲି ଖେଳର ମଜା ନିଅନ୍ତୁ।
- ବାହାର ଲୋକ ଆପଣଙ୍କ ପାଖକୁ ହୋଲି ଖେଳିବା ନିମନ୍ତେ ଆସିଲେ ସେମାନଙ୍କୁ ପ୍ରଥମେ ସାନିଟାଇଜର ବ୍ୟବହାର କରିବାକୁ ଦିଅନ୍ତୁ।
- ଅଜବ ଲାଗିଲେ ବି ମାସ୍କ ଲଗାଇ ହୋଲି ଖେଳିବାକୁ ଚେଷ୍ଟା କରନ୍ତୁ।
- ରଙ୍ଗରେ ପୂରା ବୁଡ଼ି ନ ଯାଇ ଅଳ୍ପ ରଙ୍ଗ ବ୍ୟବହାର କଲେ ଭଲ। ଏହା ସହ ବାହାରୁ ଆସିଥିବା ମିଠା ଖାଇବା ବଦଳରେ ଘର ତିଆରି ମିଠା ବ୍ୟବହାର କରନ୍ତୁ।

## ହୋଲିରେ ପରିବେଶ ସୁରକ୍ଷା ବାର୍ତ୍ତା

ରଙ୍ଗର ପର୍ବ ହୋଲିକୁ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ। ତେବେ ହୋଲିକୁ ବିଶେଷ ଭାବରେ ପାଳନ କରି ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥାଏ ମଧ୍ୟପ୍ରଦେଶ ଉଜ୍ଜୟିନୀ ସହରର ହୋଲି। ୩୦୦୦ ବର୍ଷ ତଳୁ ଏହି ସହରରେ ଏକ ଭିନ୍ନ ଢଙ୍ଗରେ ହୋଲି ପାଳନ କରାଯାଉଛି। ଏଠାରେ ହୋଲି ଦିନ ହୋଲିକା ଦହନ ନିମନ୍ତେ ବ୍ୟବହାର କରାଯାଏ ଗୋବରରେ ତିଆରି ହୋଇଥିବା ଘଷି। ବ୍ରାହ୍ମଣମାନେ ମନ୍ତ୍ର ଉଚ୍ଚାରଣ ସହିତ ପ୍ରଥମେ ଘଷିଗୁଡ଼ିକୁ ଏକାଠି ହୋଲିକା ସଜାଇ ରଖିଥାନ୍ତି। ଏହାପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ତ୍ରପାଠ ସହ ପୂଜାର୍ଚ୍ଚନା କରି ଶେଷରେ ହୋଲିକା ଦହନ କରିଥାନ୍ତି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଠାରେ ପୂର୍ବପୁରୁଷମାନେ ଏପରି ହୋଲି ଉତ୍ସବ ପାଳନ କରିବାର ପରମ୍ପରା ରହିଆସିଛି। ଏବେ ବି ଏଇ ପରମ୍ପରାକୁ ଲୋକେ ସମ୍ମାନ ଜଣାଇ ଘଷିରେ ହୋଲିକା ଦହନ କରୁଛନ୍ତି। ତେବେ ହୋଲିକା ନିମନ୍ତେ ଏକ ମାସ ପୂର୍ବରୁ ମନ୍ତ୍ର ଉଚ୍ଚାରଣ ସହିତ ଗୋବରରେ ଘଷି ତିଆରି କରାଯାଇଥାଏ।



# ଫିକା ପଡ଼ିଛି ଫଗୁ

**ଭାରତ ସମେତ ସାରା ବିଶ୍ୱରେ କରୋନା ଭାଇରସ୍ ପ୍ରଭାବ ବିସ୍ତାର କରିଚାଲିଛି। ଏହାକୁ ନେଇ ଏଥର ସବୁ ରାଜ୍ୟରେ ହୋଲି ଉତ୍ସବ ଧିମା ହୋଇଯାଉଛି। ମାନ୍ଦା ପଡିଯାଇଛି ରଙ୍ଗ ବଜାର। ତେବେ ଧୁମଧାମରେ ହୋଲି ପାଳନ ହେଉଥିବା ମଥୁରା, ବୃନ୍ଦାବନ, ହରିଦ୍ୱାର, ଋଷିକେଶ, କର୍ନାଟକର ହାମ୍ପି, ଅହମଦାବାଦ୍ ତଥା ମଣ୍ଡି ଆଦି ସ୍ଥାନରେ ଏଥର ଫଗୁ ଫିକା ପଡ଼ିଛି।**

ସବୁଠି ଏବେ କରୋନା ଭାଇରସ ସଂକ୍ରମଣର ଭୟ। ଏହି କାରଣରୁ ମଥୁରା, ବୃନ୍ଦାବନ, ହରିଦ୍ୱାର, ଋଷିକେଶ ତଥା କର୍ନାଟକର ହାମ୍ପି ଆଦି ସ୍ଥାନରେ ଆକର୍ଷଣୀୟ ହୋଲି ଉତ୍ସବ ଫିକା ଲାଗୁଛି। ଏସବୁ ସ୍ଥାନରେ ହୋଲି ଉତ୍ସବ ପ୍ରସିଦ୍ଧ ହୋଇଥିବାରୁ ବହୁସଂଖ୍ୟାରେ ବିଦେଶୀ ଏଠାକୁ ହୋଲିରେ ଭାଗ ନେବାକୁ ଆସିଥାନ୍ତି। କିନ୍ତୁ କରୋନା ଭାଇରସ୍ କାରଣରୁ ଏସବୁ ଅଞ୍ଚଳରେ ବିଦେଶୀଙ୍କ ଆଗମନ ଉପରେ କଟକଣା ଲଗାଯାଇଛି। ବୃନ୍ଦାବନରେ ଇସ୍କନ ମନ୍ଦିର ପକ୍ଷରୁ ବିଦେଶୀ ଭକ୍ତମାନଙ୍କ ନିମନ୍ତେ ଆଡଭାଇଜରି ଜାରି କରାଯାଇ ସେମାନଙ୍କୁ ଆସନ୍ତା ଦୁଇ ମାସ ମଧ୍ୟରେ ମନ୍ଦିରକୁ ନ ଆସିବା ନିମନ୍ତେ କୁହାଯାଇଛି। ଏଥର ଫଗୁ ଉତ୍ସବକୁ ମଧ୍ୟ ନିରାଡମ୍ବର ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଡଭାଇଜରି ସତ୍ତ୍ୱେ କୌଣସି ଭକ୍ତ ବୃନ୍ଦାବନକୁ ଆସିବାକୁ ଚାହୁଁଥିଲେ ସ୍ୱାସ୍ଥ୍ୟ ବିଭାଗକୁ ନିଜର ସ୍ୱାସ୍ଥ୍ୟ ସମ୍ପର୍କିତ ସାର୍ଟିଫିକେଟ୍ ଦେବାକୁ ହେବ ଯେ, ସେମାନେ କୌଣସି ପ୍ରକାରର ସଂକ୍ରମଣର ଶିକାର ହୋଇନାହାନ୍ତି ବୋଲି।

କର୍ନାଟକର ହାମ୍ପିରେ ବି ଏଥର ସବୁ ହୋଟେଲ୍ ବୁକିଂ କ୍ୟାନସେଲ୍ କରାଯାଉଛି। ପ୍ରାୟ ୧୦୦ରୁ ଅଧିକ ଦେଶରୁ ଲୋକ ଏଠାକୁ ହୋଲିରେ ଭାଗ ନେବାକୁ ଆସିଥାନ୍ତି। ସେହିପରି ଋଷିକେଶରେ ଥିବା ବିଦେଶୀ ଭକ୍ତଙ୍କ ଉପରେ କଡ଼ା ନଜର ରଖାଯାଇଛି। ଡାକ୍ତରମାନେ ଏଠାରେ ବିଦେଶୀମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଛନ୍ତି। ତେଣୁ ଏଥର ସବୁ ସ୍ଥାନରେ ଫଗୁ ଖେଳର ପରମ୍ପରା ଫିକା ପଡ଼ିଯାଇଛି।



## ଅହମଦାବାଦରେ ରେନ୍‌ଡ୍ୟାନ୍ସ ବନ୍ଦ



ଗୁଜରାଟ ସମେତ ପୂରା ବିଶ୍ୱରେ କରୋନା ଭାଇରସର ପ୍ରଭାବ ବିସ୍ତାର କରିଚାଲିଛି। ଏହାର ସିଧା ପ୍ରଭାବ ହୋଲି ଉପରେ ପଡିଛି। କରୋନା ଭାଇରସ୍ ସଂକ୍ରମଣ ହୋଲି ଦ୍ୱାରା ଅଧିକ ବ୍ୟାପିବାର ଆଶଙ୍କା ରହିଥିବାରୁ ସରକାର ଏଠାରେ ରେନ୍‌ଡ୍ୟାନ୍ସ ବନ୍ଦ କରିଦେଇଛନ୍ତି। ଅହମଦାବାଦ ରାଜପଥ କ୍ଲବ୍ ଓ କର୍ଣ୍ଣାବତୀ କ୍ଲବ ସମେତ ଅନ୍ୟ କ୍ଲବ୍‌ଗୁଡିକରେ ହୋଲି ଅବସରରେ ରେନ୍‌ଡ୍ୟାନ୍ସ ତଥା ଅନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। କୁହାଯାଏ, ଏହି ରେନ୍‌ଡ୍ୟାନ୍ସରେ ଦେଶ ତଥା ବିଦେଶର ବହୁ ପର୍ଯ୍ୟଟକ ଭାଗନେଇଥାନ୍ତି। ସମସ୍ତେ ଏକାଠି ହୋଇ ଏଠାରେ ହାତ ମିଳାଇବା ସହ ରଙ୍ଗ ଖେଳନ୍ତି। ପରସ୍ପରକୁ ଆଲିଙ୍ଗନ ମଧ୍ୟ କରିଥାନ୍ତି। ଏଣେ କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ଉତ୍ସବକୁ ବନ୍ଦ କରାଯାଇଛି।



## ମଣ୍ଡିରେ ଉଡିବନି ଅବିର

ହିମାଚଳପ୍ରଦେଶର ସାଂସ୍କୃତିକ ରାଜଧାନୀ ଛୋଟକାଶୀ କୁହାଯାଉଥିବା ମଣ୍ଡିର ଐତିହାସିକ ସେରି ମଞ୍ଚରେ ଏଥର ଅବିର ଉଡିବନି। କରୋନା ଭାଇରସ ସଂକ୍ରମଣ ବ୍ୟାପୁଥିବାରୁ ୯ ମାର୍ଚ୍ଚରେ ହେବାକୁ ଥିବା ରଙ୍ଗୋତ୍ସବ କାର୍ଯ୍ୟକ୍ରମ ବନ୍ଦ କରାଯାଇଛି। ପ୍ରଶାସନ ଏହି ଖେଳ ଲାଗି ଅନୁମତି ଦେଇଥିଲେ ବି ଲୋକହିତକୁ ଦୃଷ୍ଟିରେ ଏଭଳି ନିଷ୍ପତ୍ତି ନିଆଯାଇଛି। ୨୦୦୩ରୁ ସେରି ମଞ୍ଚରେ ରଙ୍ଗ ଉତ୍ସବ ଆରମ୍ଭ ହୋଇ ୧୭ ବର୍ଷ ଧରି ଆୟୋଜିତ ହେଉଛି। ଏହି ଉତ୍ସବରେ ବାଦ୍ୟର ତାଳେ ତାଳେ ଲୋକମାନେ ଏଠାରେ ହୋଲି ମନାନ୍ତି। ଏଥିରେ ଭାଗ ନେବା ପାଇଁ ପଡୋଶୀ ରାଜ୍ୟ ପଞ୍ଜାବ, ଚଣ୍ଡିଗଡ ଓ ହରିୟାଣାରୁ ମଧ୍ୟ ଲୋକମାନେ ଆସିଥାନ୍ତି। ହଜାର ହଜାର ଲୋକଙ୍କ ଭିଡ ଭିତରେ ହୋଲି ଖେଳର ପରିବେଶ ବେଶ୍ ଆକର୍ଷଣୀୟ ହୋଇଥାଏ। ଏଣୁ ଏଠାରେ ଯଦି କୌଣସି ବ୍ୟକ୍ତି କରୋନା ସଂକ୍ରମିତ ହୋଇଥାନ୍ତି ତେବେ ପରିସ୍ଥିତ ଭାରି ସାଂଘାତିକ ହୋଇଯିବ। ଏଣୁ ସ୍ୱାସ୍ଥ୍ୟ ସୁରକ୍ଷାକୁ ଧ୍ୟାନରେ ରଖି ଏହି ଉତ୍ସବକୁ ବନ୍ଦ କରାଯାଇଛି। ମଣ୍ଡିର ହୋଲି ଉତ୍ସବ ପୂରା ନିଆରା। ଦେଶର ଅନ୍ୟ ଅଞ୍ଚଳରେ ପାଳନ କରାଯାଉଥିବା ହୋଲିର ଗୋଟିଏ ଦିନ ପୂର୍ବରୁ ଏଠାରେ ଏହା ପାଳିତ ହୋଇଥାଏ। ସହରର ସବୁ ରାସ୍ତାରେ ଦଳ ଦଳ ହୋଇ ଲୋକମାନେ ହୋଲି ଖେଳନ୍ତି। ମହିଳାମାନେ ବି ଏହି ଦଳରେ ସାମିଲ ହୁଅନ୍ତି। କିନ୍ତୁ କୌଣସି ଅଜଣା ବ୍ୟକ୍ତିଙ୍କୁ ଏମାନେ ରଙ୍ଗ ଲଗାନ୍ତିନି। ଶିବରାତ୍ରି ପରେ ହୋଲି ପାଇଁ ରାଜଦେବତା ମାଧୋରାୟଙ୍କ ଶୋଭାଯାତ୍ରା ବାହାରିଥାଏ। ମଣ୍ଡିରେ ଶୋଭାଯାତ୍ରା ପ୍ରବେଶ କରିବା ସମୟରେ ଏଭଳି ଉତ୍ସବ ଧୁମଧାମରେ ପାଳନ କରାଯାଇଥାଏ। ଏହି ଶୋଭାଯାତ୍ରା ମଣ୍ଡି ଛାଡିବା ପରେ ହୋଲି ଖେଳ ଶେଷ ହୋଇଯାଏ।

## ହୋଲି
## ରାସାୟନିକ ରଙ୍ଗ ମାରାତ୍ମକ

**ହୋଲି। ରଙ୍ଗର ପର୍ବ। ପରସ୍ପରକୁ ରଙ୍ଗ ଏବଂ ଫଗୁ ବୋଳି ଖୁସି ମନେଇବା ଅବସର। ଅନେକଙ୍କର ଅପେକ୍ଷା ଥାଏ ଏହି ପର୍ବକୁ। ସେଥିପାଇଁ ବଜାରରେ ମେଲିଗଲାଣି ବିଭିନ୍ନ କିସମର ରଙ୍ଗର ପସରା। ଖାଲି ଆଖିରେ ସୁନ୍ଦର ଦେଖାଯାଉଥିବା ରଙ୍ଗ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ। କେତେକ ଲାଭଖୋର ବ୍ୟବସାୟୀ ଏହି ରଙ୍ଗ ଏବଂ ଫଗୁରେ ଇଞ୍ଜିନ ତେଲ ଏବଂ କାରଖାନାର ବର୍ଜ୍ୟ ତୈଳ ମିଶାଇଥାନ୍ତି। ଏଗୁଡିକ ଶରୀର ପ୍ରତି କ୍ଷତିକାରକ। ତେଣୁ ରଙ୍ଗ କିଣିବା ବେଳେ ସତର୍କ ରୁହନ୍ତୁ। ପ୍ରାକୃତିକ ରଙ୍ଗର ବ୍ୟବହାର ଅଧିକ ମାତ୍ରାରେ କରନ୍ତୁ। ଜନହିତ ପାଇଁ ଧରିତ୍ରୀ ପକ୍ଷରୁ ଏପରି ରଙ୍ଗ ସମ୍ପର୍କରେ ସତର୍କ କରିଦିଆଯାଉଛି।**

- ସବୁଜ ରଙ୍ଗରେ କପର ସଲ୍‌ଫେଟ୍ ମିଶିଥାଏ। ଏହା ଆଖି ରୋଗର କାରଣ ହେବା ସହ ମଣିଷକୁ ଅଣନିଃଶ୍ୱାସୀ କରିଦିଏ। ଏହି ରଙ୍ଗ ମଧ୍ୟ ଆଂଶିକ ଭାବେ ଅନ୍ଧ କରିଦେଇପାରେ।
- ରୁପେଲି ରଙ୍ଗରେ ଆଲୁମିନିୟମ୍ କ୍ରୋମାଇଟ୍ ରହିଛି। ଏଥିଯୋଗୁ କର୍କଟ ରୋଗ ହେବାର ସମ୍ଭାବନା ଅଧିକ। ହାଲୁକା ବାଇଗଣୀ ରଙ୍ଗରେ କ୍ରୋମିୟମ୍‌ବାଇଡାଇଡ୍ ମିଶିଥାଏ। ଏହି ରଙ୍ଗ ବ୍ୟବହାର କଲେ ଶ୍ୱାସରୋଗ ଏବଂ ଆଲର୍ଜି ସୃଷ୍ଟି ହୋଇଥାଏ। ନୀଳରଙ୍ଗରେ ଥିବା ପ୍ରୁସିଆନ୍ ବ୍ଲୁ ରାସାୟନିକ ଯୋଗୁ ବିଭିନ୍ନ ପ୍ରକାର ଚର୍ମରୋଗ ହେବା ସମ୍ଭାବନା ଥାଏ।
- ଲାଲ ରଙ୍ଗରେ ମର୍କ୍ୟୁରି ସଲ୍‌ଫାଇଡ୍ ମିଶିଥାଏ। ସେଥିଯୋଗୁ ଚର୍ମ କର୍କଟ ସହ ମାନସିକ ଅବସାଦ, ପକ୍ଷାଘାତ ଏବଂ ଦୃଷ୍ଟିଦୋଷ ପରି ବିଭିନ୍ନ ରୋଗ ଦେଖାଦେଇଥାଏ। ଚକ୍‌ଚକ୍ କରୁଥିବା ରଙ୍ଗଗୁଡିକରେ ଗୁଣ୍ଡକାଚ ମିଶିଥାଏ। ଏହାଛଡା ତରଳ ରଙ୍ଗରେ ଥିବା ଆଲ୍‌କାଲାଇନ୍ ପଦାର୍ଥ ଶରୀର ପ୍ରତି ବହୁ କ୍ଷତିକାରକ।
- ରଙ୍ଗ ଛଡାଇବା ଲାଗି ଶରୀରକୁ ସାବୁନ କିମ୍ବା କିରୋସିନରେ ଧୁଅନ୍ତୁ ନାହିଁ।
- ହାଲ୍‌କା ସ୍କିନ୍ କ୍ରିମ୍ ବ୍ୟବହାର କରି ଧୀରେ ଧୀରେ ରଙ୍ଗ ଲାଗିଥିବା ସ୍ଥାନକୁ ଘଷନ୍ତୁ।
- ରଙ୍ଗ ଖେଳରେ ମାତିବା ପୂର୍ବରୁ ଦେହରେ ସ୍କିନ୍ କ୍ରିମ୍, ନଡିଆତେଲ କିମ୍ବା ସନ୍‌ସ୍କିନ୍ ଲୋଶନ ବ୍ୟବହାର କରନ୍ତୁ।
- ଆଖିରେ ରଙ୍ଗ ଭର୍ତ୍ତି ବେଲୁନ୍ ମାଡ଼ ହେଲେ ସଙ୍ଗେ ସଙ୍ଗେ ଆଖିକୁ ପାଣିରେ ଧୋଇଦିଅନ୍ତୁ। ଏହାସତ୍ତ୍ୱେ ଆଖି ଜଳାପୋଡ଼ା ହେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଦେଖାନ୍ତୁ।



## ୪୯୯ ବର୍ଷ ପରେ ହୋଲିରେ ଦୁର୍ଲଭ ସଂଯୋଗ

ଫାଲ୍‌ଗୁନ ପୂର୍ଣ୍ଣିମାରେ ହୋଲିକା ଦହନର ପରଦିନ ହୋଲି ଉତ୍ସବ ପାଳନ କରାଯିବ। ଏବର୍ଷ ଏହି ଉତ୍ସବରେ ବୃହସ୍ପତି ଓ ଶନି ଏକ ଦୁର୍ଲଭ ଯୋଗ ସୃଷ୍ଟି କରିଛନ୍ତି। ହୋଲି ଦିନ ଉକ୍ତ ଗ୍ରହମାନେ ସେମାନଙ୍କ ନିଜ ନିଜ ରାଶିରେ ରହିବେ ବୋଲି କହିଛନ୍ତି ଉଜ୍ଜୟନୀର ଜ୍ୟୋତିଷ ପଣ୍ଡିତ ମନୀଷ ଶର୍ମା। ତାଙ୍କ ମତରେ ଏହି ଦିନ ବୃହସ୍ପତି ତାଙ୍କ ସ୍ୱରାଶି ଧନୁରେ ଓ ଶନି ସ୍ୱରାଶି ମକରରେ ରହିବେ। ଏଭଳି ସଂଯୋଗ ୩ ମାର୍ଚ୍ଚ ୧୫୨୧ରେ ପଡିଥିଲା। ଏହି ଯୋଗରେ ହୋଲି ଅସିଲେ ଶୁଭ ଫଳ ପ୍ରଦାନ କରିଥାଏ। ପ୍ରତିବର୍ଷ ସୂର୍ଯ୍ୟ କୁମ୍ଭ ରାଶିରେ, ଚନ୍ଦ୍ର ସିଂହ ରାଶିରେ ରହନ୍ତି ଓ ହୋଲି ପାଳନ କରାଯାଏ। କିନ୍ତୁ ଏଥର ବୃହସ୍ପତି ଧନୁ ରାଶିରେ ରହୁଥିବାରୁ ହୋଲିଦିନ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ଚଣା ଦାନ କରନ୍ତୁ। ଭଗବାନ ଶିବଙ୍କୁ ବେସନ ଲଡୁ ଭୋଗ ଲଗାନ୍ତୁ। ହଳଦିଆ ବସ୍ତ୍ର ଓ କଦଳୀ ଦାନ କରନ୍ତୁ। ଶନିଙ୍କ ଲାଗି ଏହି ଦିନ 'ଓଁ ଶନୈଶ୍ଚରାୟ ନମଃ' ମନ୍ତ୍ର ଅତି କମ୍‌ରେ ୧୦୮ ଥର ଜପ କରନ୍ତୁ। ଶିବଲିଙ୍ଗରେ କଳାରାଶି ଚଢାନ୍ତୁ। କୌଣସି ଗରିବ ବ୍ୟକ୍ତିଙ୍କୁ କଳାବିରି ଦାନ କରନ୍ତୁ।

# ମେଳଣ ଆଣିଛି ଗାଁରେ ଏକତା

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ବଡ଼ବିଶୋଳ ପଞ୍ଚାୟତର ବେଲଡ଼ିହାରେ ୧୯୮୭ ମସିହାରୁ ପାଳିତ ହୋଇ ଆସୁଥିବା ଦୋଳ ଉତ୍ସବ ଗାଁରେ ଆଣିଛି ଏକତା। ନିଜ ନିଜ ଭିତରେ ଭେଦଭାବ ଭୁଲି ସ୍ୱାଭିମାନ ରକ୍ଷା କରିବା ସହିତ ଭଗବତ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଶୃଙ୍ଖଳିତ ଜୀବନ ବିତାଇବାରେ ଏହି ଉତ୍ସବ ସହାୟକ ହୋଇଥିବା ଗ୍ରାମବାସୀ କହିଛନ୍ତି।

ଅନ୍ୟ ଦୋଳଯାତ୍ରାଠାରୁ ବେଲଡ଼ିହା ଗ୍ରାମର ଦୋଳ ପୂର୍ଣ୍ଣିମା ଉତ୍ସବ ଭିନ୍ନ ଢଙ୍ଗରେ ପାଳିତ ହୋଇଥାଏ। ଏଥିଲାଗି ଗୋ ମାତାଙ୍କ ସମ୍ମୁଖରେ ଶ୍ରୀକୃଷ୍ଣ ଓ ରାଧାଙ୍କ ସହିତ ଦୁଇ ଜଣ ସଖୀଙ୍କର ମୃଣ୍ମୟ ମୂର୍ତ୍ତି ତିଆରି ହୋଇଥାଏ। ପରମ୍ପରା ଅନୁଯାୟୀ ଏବର୍ଷ ରବିବାର ଠାକୁରଙ୍କ ଘଟ ଉତ୍ତୋଳନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପୂର୍ବାହ୍ନରେ ନିକଟସ୍ଥ ନଦୀଘାଟରେ ଘଟ ପୂଜା କରାଯାଇଥିଲା। ଗାଁର ଜଣେ ବୟସ୍କ ବ୍ୟକ୍ତି(ମୁଖିଆ) ଗ୍ରାମବାସୀଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ଆମ୍ବ, ମହୁଲ ଇତ୍ୟାଦି ନୂଆ ଫଳ ଠାକୁରଙ୍କୁ ଅର୍ପଣ କରିଥିଲେ। ଉପସ୍ଥିତ ସମସ୍ତ ପୁରୁଷ ଲୋକେ ଗାଧୋଇ ସାରି ନୂଆ ପଇତା ଧାରଣ କରିଥିଲେ। ଘଟ ଉତ୍ତୋଳନ କରିଥିବା ୩ଜଣ ବ୍ୟକ୍ତି ଘଟ ଆଣି ଗ୍ରାମରେ ପହଞ୍ଚିବା ବେଳେ ପ୍ରତ୍ୟେକ ପରିବାରର ସ୍ତ୍ରୀ ଲୋକମାନେ ଦ୍ୱାର ସମ୍ମୁଖରେ ସେମାନଙ୍କୁ ସ୍ୱାଗତକରିବନ୍ଦାପନାକରିଥିଲେ।ପରେପୂଜାମଣ୍ଡପରେଘଟସ୍ଥାପନକରାଯାଇଥିଲା।

ବେଲଡ଼ିହା ଗ୍ରାମରେ ମୋଟ ୭୫ ପରିବାର ମଧ୍ୟରୁ ୭୦ ପରିବାର ଗୋପାଳ ସମ୍ପ୍ରଦାୟର। ଏମାନଙ୍କ ମଧ୍ୟରେ ୮୦ଭାଗରୁ ଅଧିକ ନିରକ୍ଷର, ଦିନମଜୁରିଆ ଓ ଖଟିଖିଆ ଶ୍ରେଣୀର। ବିକାଶ ଧାରାରେ ସାମିଲ ହେବା ଆଶା ନେଇ ସେମାନେ ଏକତା, ସଦ୍‌ଭାବ ରକ୍ଷା କରି କାର୍ଯ୍ୟ କରିଆସୁଛନ୍ତି। ଦୋଳ ଉତ୍ସବ ପରିଚାଳନା ପାଇଁ ଏକ କମିଟି ଗଢାଯାଇଛି। ୫ବର୍ଷରେ ଥରେ ଏହାର ପୁନର୍ଗଠନ କରାଯାଉଛି। ବର୍ତ୍ତମାନ ପ୍ରସନ୍ନ କୁମାର ମହାକୁଡ ସଭାପତି, ଅନିରୁଦ୍ଧ ମହାକୁଡ ସମ୍ପାଦକ ଓ ପୁରୁଷୋତ୍ତମ ମହାକୁଡ କମିଟିର କୋଷାଧ୍ୟକ୍ଷ ଅଛନ୍ତି। ଏଥର ଗ୍ରାମରେ ୩୪ତମ ଦୋଳପୂର୍ଣ୍ଣିମା ଉତ୍ସବ ପାଳନ ହେଉଥିବାରୁ ସମସ୍ତେ ଆୟୋଜନରେ ଲାଗି ପଡିଥିଲେ। ଉତ୍ସବ ଲାଗି ପ୍ରତି ପରିବାରରୁ ସାହାଯ୍ୟ ଗ୍ରହଣ କରାଯିବା ସହ ନିମନ୍ତ୍ରିତ ଅତିଥି ଓ ବଦାନ୍ୟ ବ୍ୟକ୍ତି ଆର୍ଥିକ ସହାୟତା ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ମହିଳା ଡ. ପ୍ରେମଲତା ବେହେରା ରାଧାକୃଷ୍ଣଙ୍କ ମନ୍ଦିର ନିର୍ମାଣ ପାଇଁ ୧ ଏକର ଜମି ପ୍ରଦାନ କରିଥିବାରୁ ଏବେ ମନ୍ଦିର ନିର୍ମାଣ ଲାଗି ଉଭୟ ପରିଚାଳନା କମିଟି ଓ ଗ୍ରାମବାସୀ ଉଦ୍ୟମ ଜାରି ରଖିଛନ୍ତି। ଦୋଳଯାତ୍ରାର ଦ୍ୱିତୀୟ ଦିବସରେ ଠାକୁରଙ୍କ ନିକଟରେ କାନିକା, ଖେଚୁଡ଼ି, ଡାଲମା, ଖଟା ପ୍ରସ୍ତୁତ ହୋଇ ଭୋଗ ଲାଗିବା ପରେ ଗ୍ରାମର ସମସ୍ତ ବ୍ୟକ୍ତି ମଧ୍ୟାହ୍ନ ସମୟରେ ଏକାଠି ହୋଇ ନିମନ୍ତ୍ରିତ ଅତିଥିଙ୍କ ଗହଣରେ ପ୍ରସାଦ ସେବନ କରିବା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା, ଦାସକାଠିଆ, ଚଢେୟା ନାଟ, ନୃତ୍ୟସଙ୍ଗୀତ ପରିବେଷଣ କରାଯାଉଛି। ଦୋଳପୂର୍ଣ୍ଣିମାର ପର ଦିନ ସକାଳେ ମୂର୍ତ୍ତି ବିସର୍ଜନ କାର୍ଯ୍ୟକ୍ରମ ସହିତ ହୋଲିଖେଳ ଅନୁଷ୍ଠିତ ହେବ। ପୂଜା ୩ ଦିନ ଗାଁରେ ଆମିଷକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥାଏ ବୋଲି କମିଟି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।



ଦୋଳ ଉତ୍ସବ ଲାଗି ନିର୍ମାଣ କରାଯାଉଥିବା ମୂର୍ତ୍ତି।

- ଭିନ୍ନ ଢଙ୍ଗରେ ଦୋଳ ଉତ୍ସବ ପାଳନ
- ଗୋ ମାତାଙ୍କ ସମ୍ମୁଖରେ ଶ୍ରୀକୃଷ୍ଣ, ଶ୍ରୀରାଧାଙ୍କ ପୂଜନ

ରିପୋର୍ଟ: **ନିହାର ମହାପାତ୍ର**, କପ୍ତିପଦା

## ସଂକ୍ଷେପରେ

### 'ସଚେତନତା ହିଁ ରୋକିବ କରୋନା ସଂକ୍ରମଣ'



ଯାଜପୁର ଅଫିସ, ୮।୩: କରୋନା ଭାଇରସ ଏବେ ସମଗ୍ର ବିଶ୍ୱ ପାଇଁ ଆତଙ୍କର କାରଣ ହୋଇଛି । ଯଦିଓ ଚୀନ୍ ଏହାର ଉତ୍ପତ୍ତିସ୍ଥଳ ତେବେ ବର୍ତ୍ତମାନ ସମଗ୍ର ବିଶ୍ୱରେ ଏହା କାୟା ବିସ୍ତାର କରିବାରେ ଲାଗୁଛି । ଏହାର ନିରାକରଣ ପାଇଁ କୌଣସି ସ୍ୱତନ୍ତ୍ର ଔଷଧ ବା ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ସଚେତନତା ହିଁ ଏହାକୁ ରୋକିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଉଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଜିଲାରେ କରୋନା ଭାଇରସ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବ୍ୟାପକ ସଚେତନତା ହିଁ ଏହି ରୋଗକୁ ପ୍ରତିହତ କରିବ । ତେଣୁ ଲୋକଙ୍କୁ ଅଧିକରୁ ଅଧିକ ସଚେତନ କରାଇବାକୁ ନାୟକ ପରାମର୍ଶ ଦେଇଥିଲେ । ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ରଖିବା ପାଇଁ ବାରମ୍ବାର ହାତ ସଫା କରିବା, ରୁମାଲ ଓ ମାସ୍କ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଜନଗହଳି ସ୍ଥାନକୁ ପିଲାଙ୍କୁ ବାରଣ କରିବା, ପାଖରେ ଟିସୁ ପେପର ରଖିବା, ଯଦି କୌଣସି ଛାତ୍ରୀଛାତ୍ରଙ୍କଠାରେ ଥଣ୍ଡାକାଶ ପରିଲକ୍ଷିତ ହେଉଛି ତେବେ ତୁରନ୍ତ ପରିବାର ଓ ଡାକ୍ତରଙ୍କୁ ଅବଗତ କରାଇ ପଦକ୍ଷେପ ନେବା, ସଂକ୍ରମିତ ବ୍ୟକ୍ତିର ବ୍ୟବହୃତ ଜିନିଷପତ୍ରଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ଏହି ନିୟମାବଳୀକୁ ସମସ୍ତ ଶିକ୍ଷାନୁଷ୍ଠାନରେ ଅନୁପାଳନ ପାଇଁ ଜିଲା ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକଙ୍କୁ ଦାୟିତ୍ୱ ଦିଆଗଲା । ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ କୁମାର ପାତ୍ର, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଡେପୁଟୀ କଲେକ୍ଟର କୁଳମଣି ନାୟକ, ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାର, ଜିଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି, ପାର୍ଥସାରଥୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।
ଫଟୋ ଅଛି ।

# ୯୦ ପ୍ରତିଶତ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ

କେନ୍ଦ୍ରାପଡା ଅଫିସ, ୮।୩

କେନ୍ଦ୍ରାପଡା ଜିଲାର ୧୧୬ ଧାନମଣ୍ଡିରେ ଗତ ଡିସେମ୍ବର ୧୫ ତାରିଖରୁ ଖରିଫ ଧାନ କ୍ରୟ ହେଉଛି । ତେବେ ବିଭିନ୍ନ କାରଣରୁ ୯୦ ପ୍ରତିଶତ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହୋଇଛନ୍ତି । ଏଥିନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି ।

କେନ୍ଦ୍ରାପଡା ବ୍ଲକ ଓସ୍ତପୁର ପଞ୍ଚାୟତ ଦେପୁର ଗ୍ରାମର ଧାନ ବ୍ୟବସାୟୀ ରମେଶ ଚନ୍ଦ୍ର ପରିଡାଙ୍କ ଗୋଦାମ ଉପରେ ଗୁରୁବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଇ ୨୬୫ କୁଇଣ୍ଟାଲ ଧାନ ଜବତ କରାଯାଇଥିଲା । ଯୋଗାଣ ବିଭାଗ ଅଧିକାରୀ ରଜନୀକାନ୍ତ ଦାସଙ୍କ ସୂଚନା ଅନୁଯାୟୀ, ଧାନ ବ୍ୟବସାୟୀ ରମେଶ ବେଆଇନ ଭାବେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରୁଥିଲେ । ଏପରି କରିବା ଦ୍ୱାରା ସରକାରୀ ସହାୟକ ମୂଲ୍ୟ ପାଇବା ବଦଳରେ ଚାଷୀ ବ୍ୟବସାୟୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି । ତେବେ ରମେଶଙ୍କ ପରି ଅନେକ ବ୍ୟବସାୟୀ ଖରିଫ ଧାନ ସଂଗ୍ରହ କରି ଧାନ ବ୍ୟବସାୟ କରୁଛନ୍ତି । ଏଥିପାଇଁ ଧାନ ମଣ୍ଡିରେ ବିକ୍ରୟ ବ୍ୟବସ୍ଥା ଦାୟୀ ବୋଲି ଚାଷୀ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି । ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢୀ କୁହନ୍ତି ଯେ, ଜିଲାରେ ୩ ଲକ୍ଷ ୧୧ ହଜାରରୁ ଅଧିକ ଚାଷୀ ୧ଲକ୍ଷ ୨୪ ହଜାର ହେକ୍ଟର

**କେନ୍ଦ୍ରାପଡା ଜିଲା**



ଜିଲାର ଏକ ମଣ୍ଡିରେ ଗଦା ହୋଇଥିବା ଧାନ ।

ଜମିରେ ଧାନ ଫସଲ କରୁଥିବା ବେଳେ ବଳକା ଧାନ ବିକ୍ରୟକୁ ନେଇ ସମସ୍ୟା ଅଛି । ବଳକା ଧାନ ବିକ୍ରୟ ପାଇଁ ଚାଷୀଙ୍କ ନାମ ପୂର୍ବରୁ ପଞ୍ଜୀକରଣ ହେବା ଜରୁରୀ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏହି କ୍ରମରେ ଜିଲାର ମୋଟ ୩୪,୧୯୭ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିବା ବେଳେ ଅଦ୍ୟାବଧି ୩୨,୨୨୮ ଚାଷୀଙ୍କୁ ଧାନ ବିକ୍ରୟ ପାଇଁ ଅନୁମତି ମିଳିଛି । ଏଥିମଧ୍ୟରୁ ମାତ୍ର ୧୬ ହଜାର ୬୬୮ ଜଣ ଚାଷୀ ବର୍ତ୍ତମାନ ସୁଦ୍ଧା ଧାନ ବିକ୍ରି କରିଛନ୍ତି । ସେହିପରି ବିଭିନ୍ନ କାରଣରୁ ମହାକାଳପଡା ବ୍ଲକ ଅଞ୍ଚଳରେ ୫ଟି , ରାଜକନିକାରେ ୪, ଗରଦପୁରରେ ୩, ରାଜନଗରରେ ୨ ଓ ଅନ୍ୟ ବ୍ଲକରେ ଗୋଟିଏ ଲେଖାଏ ଧାନ ମଣ୍ଡି ଜିଲା ପ୍ରଶାସନ ବନ୍ଦ କରିଛି । ପ୍ରଥମେ ଅନୁମତି ପ୍ରାପ୍ତ ଚାଷୀଙ୍କ ଧାନ ବିକ୍ରୟ ସମୟରେ ଟୋକନ ପାଇବା ଏକ ସମସ୍ୟା ହେଲା । ଏଥିସହିତ ଜିଲାର ବିଭିନ୍ନ ମଣ୍ଡିରେ ଜିଲା ପ୍ରଶାସନ ପକ୍ଷରୁ ମିଲର ଯୋଗାଇ ଦିଆଗଲା ନାହିଁ । ଦୀର୍ଘଦିନ ଧରି ଅପେକ୍ଷା କରି ଧାନ ବିକ୍ରି ନ ହେବାରୁ ତୁରନ୍ତ ଋଣ ଶୁଝିବା ପାଇଁ ଗ୍ରାମାଞ୍ଚଳ ଚାଷୀ ବ୍ୟବସାୟୀଙ୍କୁ ଧାନ ବିକିବା ପାଇଁ ବାଧ୍ୟ ହେଲେ । ବେଆଇନ ଧାନ ବ୍ୟବସାୟ ହେଉଥିବା ଜାଣି ମଧ୍ୟ ପ୍ରଶାସନ ପକ୍ଷରୁ ପ୍ରଥମରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ୨୦୧୬ ମସିହାରେ ଏହି ପରିସ୍ଥିତି ସୃଷ୍ଟି ଫଳରେ ଏହାର ସୁଯୋଗ ନେଇ ଜଣେ ରାଜନେତା ଧାନ ମଣ୍ଡିରେ ବ୍ୟବସାୟୀଙ୍କ ଧାନ ଦେଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରିଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କୁହନ୍ତି ଯେ, ୨୦୧୩– ୧୪ ଆର୍ଥିକ ବର୍ଷରେ ଚାଷୀଙ୍କ ଠାରୁ ୩୦୮୨୩ କୁଇଣ୍ଟାଲ ବଳକା ଧାନ କ୍ରୟ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ଏହି ବର୍ଷ ୨୪୫୪୪୦ କୁଇଣ୍ଟାଲ ଧାନ ସରକାରୀ ମଣ୍ଡି ମାଧ୍ୟମରେ କ୍ରୟ ହୋଇଛି । ସେହିପରି ପ୍ରଶାସନିକ ଅବ୍ୟବସ୍ଥା ପାଇଁ ଜିଲାର ବିଭିନ୍ନ ଧାନ ମଣ୍ଡିରେ ୨୦୧୪– ୧୫ରେ ଧାର୍ଯ୍ୟ ଲକ୍ଷ୍ୟ ୩୬୭୬୪୭ କୁଇଣ୍ଟାଲ ଠାରୁ ୨୩୨୪ କୁଇଣ୍ଟାଲ, ୨୦୧୫– ୧୬ରେ ୪୭,୫୭୪ କୁଇଣ୍ଟାଲ, ୨୦୧୬–୧୭ରେ ୭୨୯୬୭ କୁଇଣ୍ଟାଲ ଓ ୨୦୧୭– ୧୮ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ୬୧୭୬୪୭ କୁଇଣ୍ଟାଲ ଥିବା ବେଳେ ୪୭,୬୪୦ କୁଇଣ୍ଟାଲ ଧାନ କ୍ରୟ କମ ରହିଛି । ୨୦୧୮– ୧୯ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ପାରି ନ ଥିବା ବେଳେ ଚଳିତ ଆର୍ଥିକ ବର୍ଷ ଜିଲାରେ ୮.୬୪ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ତେବେ ଗତ ଦେଢ଼ ମାସରେ ମାତ୍ର ୬,୩୭,୪୯୨ କୁଇଣ୍ଟାଲ ଧାନ କ୍ରୟ ହୋଇଛି । ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ କ୍ରୟର ଶେଷ ଅବଧି ଥିବାରୁ ଧାର୍ଯ୍ୟ ଲକ୍ଷ୍ୟକୁ ଛୁଇଁବା ଅସମ୍ଭବ ବୋଲି ସେ କହିଛନ୍ତି । ବଳକା ଧାନ ବ୍ୟବସାୟୀଙ୍କ ନିକଟକୁ ନିଶ୍ଚିତ ଯିବ ବୋଲି ସେ ଆକଳନ କରିଛନ୍ତି । ଏନେଇ କେନ୍ଦ୍ରାପଡା ବ୍ଲକ ଦେପୁର ଗ୍ରାମର ଚାଷୀ ଜଗଦୀଶ ପତି କୁହନ୍ତି ଯେ,ଚାଷୀ ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା କେବଳ ପ୍ରଚାର ମାତ୍ର । ନିର୍ବାଚନ ଥିବାରୁ କାଳିଆ ଓ ପିଏମ କିଷାନ ଯୋଜନା ଆରମ୍ଭ ହୋଇଥିଲା । ଭାଗ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରି ପାରୁ ନ ଥିବା ବେଳେ ଜିଲାର ଅଧିକାଂଶ ଚାଷୀ ନଦୀ ନାଳ ଯୋଗୁ ମଣ୍ଡିକୁ ଧାନ ଆଣି ପାରୁନାହାନ୍ତି । ଧାନ ମଣ୍ଡିରେ ସମବାୟ ସମିତି କର୍ମକର୍ତ୍ତାଙ୍କ ବଦଳରେ ମିଲରମାନେ ପ୍ରତ୍ୟକ୍ଷ ଭାବେ ଧାନ ଓଜନ କରୁଛନ୍ତି । ଏହି ସମୟରେ ବିଭିନ୍ନ ଆଳ ଦେଖାଇ କୁଇଣ୍ଟାଲ ପିଛା ୩ରୁ ୮ କିଲୋ କାଟି ରଖୁଛନ୍ତି । ଟୋକନ ସମସ୍ୟା ଥିବାରୁ ତାଙ୍କର ୩ ଏକରର ଖରିଫ ଧାନକୁ କୁଇଣ୍ଟାଲ ପିଛା ୫୦୦ରୁ ୮୦୦ ଟଙ୍କା କମ ଦରରେ ଧାନ ବ୍ୟବସାୟୀଙ୍କୁ ବିକିଥିବା ସେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଦାସ କହିଛନ୍ତି ଯେ, ବଳକା ଧାନ ବିକ୍ରୟ ପାଇଁ ପୂର୍ବରୁ ସଚେତନତା ସୃଷ୍ଟିରେ ତ୍ରୁଟି ଥିଲା । ଚଳିତ ଆର୍ଥିକ ବର୍ଷ ଏହି ତ୍ରୁଟି ସୁଧାରିବା ପରେ ଧାନ ସଂଗ୍ରହ ହାର ବଢ଼ିଛି । ମାର୍ଚ୍ଚ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ସଂଗ୍ରହ ହେବ ବୋଲି ସେ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି ।

## ଶ୍ରୀ ଅରବିନ୍ଦ ଶିକ୍ଷାଶ୍ରମ ଠାରେ ବିଶ୍ୱ ମହିଳା ଦିବସ ପାଳିତ

ପଞ୍ଚାମୁଣ୍ଡାଇ, ୮।୩ (ସ୍ୱ.ପ୍ର)

ପଞ୍ଚାମୁଣ୍ଡାଇ ମ୍ୟୁନିସିପାଲିଟି ଅଧୀନ ସ୍ଥାନୀୟ ବେଲତଳସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷାଶ୍ରମଠାରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ବିଶ୍ୱ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତିର ଜେଏମ୍ଏଫ୍‌ସି କିଶୋର କୁମାର ନାଥ ସଭାପତିତ୍ୱ କରି ମହିଳାମାନଙ୍କ ନିମନ୍ତେ ରହିଥିବା ଆଇନର ସୁରକ୍ଷା ନେବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ବରିଷ୍ଠ ଓକିଲ ଭୀମସେନ ପ୍ରଧାନ, ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ, ପିଏଲ୍‌ଭି ଧବଳେଶ୍ୱର ଖଣ୍ଡାୟୀ, କ୍ଷୀରୋଦ ମଲ୍ଲିକ, ଅକ୍ଷୟ କୁମାର ପରିଡ଼ା, ବ୍ରଜବନ୍ଧୁ ଦାଶ, ଶିକ୍ଷୟିତ୍ରୀ ଶୈଳବାଳା ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନର ସହାୟତା ନେବା ପାଇଁ ଆହ୍ୱାନ ଦେଇଥିଲେ । ତାଲୁକ ଆଇନ ସେବା ସମିତି ମାଧ୍ୟମରେ ବିନା ଶୁଳ୍କରେ ମହିଳାମାନେ ସେମାନଙ୍କର ଦାବି ହାସଲ କରିବା ପାଇଁ ବକ୍ତାମାନେ କହିଥିଲେ । ମହିଳାମାନେ କେବେ ବି ନିଜକୁ ଦୁର୍ବଳ କିମ୍ବା ଅସହାୟ ମଣିବା ଉଚିତ୍ ନୁହେଁ ବୋଲି ବକ୍ତାମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋର୍ଟ କର୍ମଚାରୀ ଅପର୍ଣ୍ଣା ସାମଲ , ମୋହନ କୁମାର ଦାଶ, ଅମରେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# 'ଆକାଶରେ ମେଘ ନାହିଁ' ଲୋକାର୍ପିତ




ଅତିଥିମାନେ କବିତା ସଂକଳନ 'ଆକାଶରେ ମେଘ ନାହିଁ'କୁ ଉନ୍ମୋଚନ କରୁଛନ୍ତି ।

ଭୁବନେଶ୍ୱର,୮।୩(ବ୍ୟୁରୋ)

ବିଜୟିନୀ ପବ୍ଲିକେଶନସ୍ ଦ୍ୱାରା ପ୍ରକାଶିତ ଯୁବକବି ନୃସିଂହ ତରାଇଙ୍କ ଚତୁର୍ଥ କବିତା ସଂକଳନ 'ଆକାଶରେ ମେଘ ନାହିଁ' ରବିବାର ଗୀତଗୋବିନ୍ଦ ସଦନଠାରେ ଲୋକାର୍ପିତ ହୋଇଯାଇଛି । ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କବି ନିରାକାର ଦାସ ସ୍ୱାଗତ ଭାଷଣଦେଇ ବ୍ୟସ୍ତବହୁଳ ଜୀବନରେ କବିତା ଲେଖି ସମାଜକୁ ଦିଗ୍‌ଦର୍ଶନ ଦେବା ଓ କବିତା ମାଧ୍ୟମରେ ସମ୍ଭାବନାର ସୂତ୍ର ଖୋଜିବାରେ କବି ନୃସିଂହ ତରାଇଙ୍କ କାବ୍ୟଶିଳ୍ପ ଧୁରୀଣ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ର କବିତାରେ ବିଶ୍ୱାସ ଓ ପ୍ରେମକୁ ଗୁରୁତ୍ୱ ଦେଇ ସାମ୍ପ୍ରତିକ ସମାଜର ପ୍ରତିଛବି ତୋଳିବାକୁ କହିଥିଲେ । ମୁଖ୍ୟବକ୍ତା ପ୍ରଖ୍ୟାତ କଥାଶିଳ୍ପୀ ଡ. ବିଭୂତି ପଟ୍ଟନାୟକ ନୃସିଂହ ତରାଇଙ୍କ କବିତାରେ ମାନବବାଦର ଅବତାରଣା କରି କବିତା ସର୍ବଦା ଜୀବନଧର୍ମୀ ହେବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ । ଉତ୍ସବରେ ପଦ୍ମଭୂଷଣ ରମାକାନ୍ତ ରଥ, ଡ. ହୁସେନ ରବି ଗାନ୍ଧୀ, ଇନ୍ଦିରା ଦାଶ, କୃଷ୍ଣ ବଳ, ଡ. ଖାନ୍‌ସୀ ସିଂ ପ୍ରମୁଖ ଉପସ୍ଥିତ ରହି ନୃସିଂହ ତରାଇଙ୍କ କବିତାରେ ସାଧାରଣ ମଣିଷ ଓ ସାମ୍ପ୍ରତିକ ସମାଜର ପ୍ରତିଛବି ମିଳୁଥିବା ବେଳେ ନିରାଶା, ଦୁଃଖ ମଧ୍ୟରେ ସ୍ନେହ, ପ୍ରେମ, କରୁଣା ଓ ମାନବବାଦ ତାଙ୍କ କବିତାର ମୁଖ୍ୟ ଉପଜୀବ୍ୟ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାବନ୍ଧିକ ଓ ସମୀକ୍ଷକ ଅସିତ୍ ମହାନ୍ତି ପୁସ୍ତକ ସମୀକ୍ଷା ପୂର୍ବକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ପ୍ରକାଶକ ଦିଲୀପ କୁମାର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ ।

# ରାତି ୧୨ ଯାଏ ବାଜୁଛି ଡିଜେ

**ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର**

ଯାଜପୁର ଟାଉନ,୮।୩(ଡିଏନଏ)

ଯାଜପୁର ସହର ଏବେ ଶବ୍ଦ ପ୍ରଦୂଷଣରେ ପ୍ରଦୂଷିତ । ଏଠାରେ ସୁପ୍ରିମକୋର୍ଟଙ୍କ ଆଦେଶ ମଧ୍ୟ ପାଳନ କରାଯାଉ ନ ଥିବା ବରିଷ୍ଠ ନାଗରିକମାନେ ଅଭିଯୋଗ କରିଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାତି ୧୦ଟା ପରେ କୌଣସି ଶବ୍ଦ ପ୍ରଦୂଷଣକାରୀ ଯନ୍ତ୍ର ବ୍ୟବହାର କରାଯାଇ ପାରିବ ନାହିଁ । ମାତ୍ର ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ କେତେକ ସମୟରେ ଏହାକୁ ରାତି ୧୧ଟା ଯାଏଁ ବଜାଇବା ପାଇଁ ଅନୁମତି ପ୍ରଦାନ କରାଯାଇଥାଏ । କିନ୍ତୁ ସବୁ ସମୟରେ ଏବେ ରାତି ୧୨ଟା ଯାଏଁ ଡିଜେ ଶବ୍ଦରେ କମ୍ପୁଛି ଯାଜପୁର ସହର । ବିବାହ ରୋଷଣି ହେଉ କିମ୍ବା ଦେବାଦେବୀଙ୍କ ଭସାଣି ଯାତ୍ରା, ବିଳମ୍ବିତ ରାତ୍ରି ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମ କଥା ହେଉ କିମ୍ବା ଧାର୍ମିକ ଅନୁଷ୍ଠାନଗୁଡ଼ିକର କୌଣସି କାର୍ଯ୍ୟକ୍ରମ; ସବୁଠି ରାତି ପାହିବା ଯାଏ ଶବ୍ଦ ପ୍ରଦୂଷଣକାରୀ ଡିଜେ ଓ ଡାକବାଜି ଯନ୍ତ୍ର ବାଜୁଛି । ମାତ୍ର ଏଥିପ୍ରତି ପୋଲିସ ଓ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି । ବିବାହ ପାଇଁ ବରଯାତ୍ରୀ ଭସାଣି ନିମନ୍ତେ କରାଯାଉଥିବା ପ୍ରସେଶନର ଡିଜେ ଶବ୍ଦ ଏତେ ଉତ୍କଟ ଯେ, ରୋଗୀ ଓ ବୟସ୍କ ଲୋକ ନାହିଁ ନ ଥିବା ଯନ୍ତ୍ରଣା ଭୋଗୁଛନ୍ତି । ସମ୍ପୃକ୍ତ କଲ୍ୟାଣ ମଣ୍ଡପ ଅଞ୍ଚଳରେ ଯେଉଁମାନଙ୍କ ଘର ଅଛି ସେମାନେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି । ସବୁଠାରୁ ପ୍ରଭାବିତ ହେଉଛନ୍ତି ଶିକ୍ଷାର୍ଥୀମାନେ । ଏପରିକି ପରୀକ୍ଷା ସମୟରେ ବି ବିବାହ ରୋଷଣୀଜନିତ ରାତି ୧୧ଟା ଯାଏ ଉଚ୍ଚ ଶବ୍ଦରେ ଥାନା ଓ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଅନତିଦୂରରେ ଆଇନ ଭଙ୍ଗ ପୂର୍ବକ ପ୍ରସେସନ କରାଯାଉଥିବାବେଳେ ପୋଲିସ ମଧ୍ୟ ଏହାକୁ ବାରଣ କରୁନାହିଁ । ପୋଲିସକୁ ଖବର କଲେ ବି ଘଣ୍ଟାଏ ପର୍ଯ୍ୟନ୍ତ ମଧ୍ୟ ପିସିଆର ଭ୍ୟାନ ପହଞ୍ଚୁ ନାହିଁ । ପୋଲିସ ନିଜଆଡୁ ଶବ୍ଦ ପ୍ରଦୂଷଣକାରୀ ଡିଜେ ଓ ବ୍ୟାଣ୍ଡପାର୍ଟିକୁ ମଧ୍ୟ ଜବତ କରୁନାହିଁ । ବିବାହ ପ୍ରସେସନ୍ ପାଇଁ ଅନୁମତି ଆଣିଥିବା ବେଳେ ଏହାକୁ ପ୍ରାୟ ସମସ୍ତେ ଉଲ୍ଲଂଘନ କରି ଡିଜେ ଓ ଉଚ୍ଚସ୍ୱରରେ ମାଇକ୍ ଲଗାଉଥିବା ଅଭିଯୋଗ ହେଉଛି । ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପ୍ରଶାସନ ନିକଟରେ ବରିଷ୍ଠ ନାଗରିକ ସଂଘ, ଅଭିଭାବକ ଓ ଛାତ୍ରୀଛାତ୍ର ଦାବି କରିଛନ୍ତି ।

# ଗ୍ୟାଙ୍ଗଷ୍ଟର ଟିଟୋଙ୍କ ଭାଇ ସଫୋଙ୍କ ଘରେ ପୋଲିସର ଲଟକା ଜାରି

କେନ୍ଦ୍ରାପଡା ଅଫିସ, ୮।୩

ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସମାନ ଅଲ୍ଲୀଙ୍କ ସାନଭାଇ ସଫୋ ଓରଫ ସୟଦ ଇମ୍ରାନ ଅଲ୍ଲୀଙ୍କ ଟାଉନ ଥାନା ଅନ୍ତର୍ଗତ ଦିଲାରପୁରସ୍ଥ ଘରେ ପୋଲିସ ପକ୍ଷରୁ ରବିବାର ଲଟକା ଜାରି ହୋଇଛି । କୋର୍ଟଙ୍କ ଆଦେଶ ପାଳନ କରି ନ ଥିବାରୁ ସଫୋଙ୍କୁ ନୋଟିସ ମାଧ୍ୟମରେ ଟାଉନ ଥାନାରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ, ଗତ ୨୦୧୮ ଜୁନ ୩୦ରେ ଗ୍ୟାଙ୍ଗଷ୍ଟର ଟିଟୋଙ୍କୁ କ୍ରାଇମ ବ୍ରାଞ୍ଚ ଗିରଫ କରିଛି । ଏନେଇ ଏସଟିଏଫ କେସ ନଂ ୧୨/୨୦୧୮ ଓ ଟାଉନ ଥାନା ଜିଆର କେସ ନଂ –୧୦୦୫/୨୦୧୮ରେ ମାମଲା ହୋଇଛି । ଏହି ମାମଲାରେ ସଫୋ ସାମିଲ ଥିବା କ୍ରାଇମ ବ୍ରାଞ୍ଚ ଓ ଟାଉନ ପୋଲିସ ଦର୍ଶାଇଛି । ମାମଲାରେ ଜାମିନ ପାଇବା ପାଇଁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ସେ ଗତ ଫେବୃୟାରୀ ୨୫ରେ କେନ୍ଦ୍ରାପଡା ଏସଡିଜେଏମ କୋର୍ଟରେ ହାଜର ହୋଇଥିଲେ । କେନ୍ଦ୍ରାପଡା ଏସଡିଜେଏମ ଅଭିଯୁକ୍ତ ସଫୋଙ୍କୁ ପ୍ରତି ସପ୍ତାହରେ ଟାଉନ ଥାନାରେ ହାଜର ହେବା ସର୍ତ୍ତରେ ଜାମିନ ପ୍ରଦାନ କରିଥିଲେ । ତେବେ ଅଦ୍ୟାବଧି ସେ ଟାଉନ ଥାନାରେ ହାଜର ହୋଇ ନ ଥିବାରୁ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସାମନ୍ତରାୟ ଏହି ନୋଟିସ (ନଂ– ୫୪୮)କୁ ତାଙ୍କ ଘରେ ଲଟକାଇଛନ୍ତି । ଏଥିସହିତ ସଫୋଙ୍କ ସ୍ତ୍ରୀ ସୟଦ ଫଜିଆ ଖାତୁନଙ୍କୁ ଏହାର ଏକ କପି ପ୍ରଦାନ କରିଛନ୍ତି । ଟାଉନ ଥାନାରେ ହାଜିର ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସରେ ଉଲ୍ଲେଖ ଅଛି ।

# ପୌରସଂସ୍ଥା ପକ୍ଷରୁ ୨ୟ ପର୍ଯ୍ୟାୟ ରୂପାନ୍ତରଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡା ଅଫିସ,୮।୩

କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ସହରର ପୁରୁଣା ବସଷ୍ଟାଣ୍ଡ ଠାରେ ଦ୍ୱିତୀୟ ପର୍ଯ୍ୟାୟ ରୂପାନ୍ତରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ୫ ଟି ମିଶନର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭାବେ ପୌରାଞ୍ଚଳରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆ ଯାଇଥିଲା । ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରସଂସ୍ଥାର କର୍ମଚାରୀମାନେ ପୁରୁଣା ବସଷ୍ଟାଣ୍ଡ ଠାରୁ ଅଦାଲତ ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱକୁ ଝାଡୁଧରି ସଫା କରିଥିଲେ । ଏଥିସହିତ ପ୍ଲାଷ୍ଟିକ ବର୍ଜନ ନିମନ୍ତେ ସଚେତନତା ବାର୍ତ୍ତା ଦିଆଯାଇଥିଲା । ଏହି ଅବସରରେ ପୌରସଂସ୍ଥା ପକ୍ଷରୁ ଖୋଲାଯାଇଥିବା ଷ୍ଟଲରେ ପ୍ଲାଷ୍ଟିକ ଓ ପଲିଥିନ ଆବର୍ଜନାକୁ ଜମା ଦେଇଥିବା ବ୍ୟକ୍ତିଙ୍କୁ ପୌରନିର୍ବାହୀ ଅଧିକାରୀ ବଳ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌରସଂସ୍ଥାର କର୍ମଚାରୀ ମନୋରଞ୍ଜନ ମହାନ୍ତି, ସଞ୍ଜୀବ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ଭୁବନ ମୋହନ କାନୁନଗୋ, ଅଶୋକ କୁମାର ସାହୁ, ଗଣେଶ କୁମାର ପାତ୍ର, ତପସ୍ୱିନୀ ଦାସ, ବନମାଳୀ ସାହୁଙ୍କ ସମେତ ବିଭିନ୍ନ ୱାର୍ଡର ସ୍ୱେଚ୍ଛାସେବୀ, ବିଜୁ ଯୁବ ବାହିନୀର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ । ସହରର ବିଭିନ୍ନ ଛକ ସ୍ଥାନରେ ପାଲା ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଥିଲା ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

କେନ୍ଦ୍ରାପଡା ଅଫିସ, ୮।୩

ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି । ରାଜନଗର ସିଡିପିଓ ପୁଷ୍ପଲତା ଦାସଙ୍କ ଅଧ୍ୟକ୍ଷତାରେ ଏଥିପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିଏମ ବସନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନେ ସ୍ୱାବଲମ୍ବୀ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏଥିସହ ସରକାରଙ୍କ ମହିଳା ସଶକ୍ତୀକରଣର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲାର ମମତା ଯୋଜନାରେ ଶ୍ରେଷ୍ଠ କାର୍ଯ୍ୟକର୍ତ୍ତା ଭାବେ ଶୁଭଲକ୍ଷ୍ମୀ ସାମଲ,୯ଜଣ ଅଙ୍ଗନୱାଡି କର୍ମୀ ଓ ୯ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ମମତା ଯୋଜନାର ଜିଲା ସଂଯୋଜକ ମନୋରଞ୍ଜନ ଦାସ,ମିଶନ ଶକ୍ତିର ଜିଲା ସଂଯୋଜକ କୈଳାସ ଚନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଆଖୁଚାଷ ପାଇଁ ସରକାରୀ ପ୍ରୋତ୍ସାହନ ଅଭାବ

ପାଟକୁରା,୮।୩ (ଡି.ଏନ୍.ଏ.)

ଚିନି ନ ଖାଇ ଆଖୁ ତିଆରି ଗୁଡ ଖାଇବା ପାଇଁ ବିଭିନ୍ନ କ୍ଷେତ୍ରରେ ପରାମର୍ଶ ଦିଆଯାଉଛି । କିନ୍ତୁ ବ୍ୟୟବହୁଳ ଆଖୁଚାଷ ପାଇଁ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳୁ ନ ଥିବାରୁ ଆଖୁଚାଷୀମାନେ ଏହି ଚାଷ ପ୍ରତି ମୁହଁ ଫେରାଇବାରେ ଲାଗିଛନ୍ତି । ଦେବାଦେବୀଙ୍କ ବିଭିନ୍ନ ପୂଜାରେ ଗୁଡର ଆବଶ୍ୟକତା ବହୁତ ଅଧିକ ଥିବା ବେଳେ ଜନସାଧାରଣ ଏହାକୁ ସେମାନଙ୍କ ଖାଦ୍ୟରେ ସାମିଲ କରିଥାଆନ୍ତି । ବଜାରରେ ଚିନି କିଲୋଗ୍ରାମ ପିଛା ୪୦ ଟଙ୍କା ଥିବା ବେଳେ ଗୁଡ କିଲୋ ଗ୍ରାମ ପିଛା ୫୦ ଟଙ୍କାରେ ବିକ୍ରୟ ହେଉଛି । ତଥାପି ଚାଷରେ ଅଧିକ ଖର୍ଚ୍ଚ ଓ ପରିଶ୍ରମ ହେଉଥିବାରୁ ଉପଯୁକ୍ତ ବଜାର ମୂଲ୍ୟ ମିଳୁନାହିଁ ବୋଲି ଆଖୁ ଚାଷୀମାନେ ପ୍ରକାଶ କରିଛନ୍ତି ।

ପାଟକୁରା ଥାନା ଆଖୁଆ ଗ୍ରାମ ପଞ୍ଚାୟତ ବଉଳାଙ୍ଗ ଗ୍ରାମରେ କେତେକ ଚାଷୀ ଆଖୁଚାଷ କରିଛନ୍ତି । ସେମାନେ ଧାର କରଜ କରି ଏହି ଚାଷ କରୁଥିବା ବେଳେ କୌଣସି ବ୍ୟାଙ୍କରୁ କୃଷି ଋଣ



ବଉଳାଙ୍ଗର ଜଣେ ଚାଷୀ ଆଖୁ ପେଡୁଛି ।



ଜଣେ ଚାଷୀ କଡେଇରେ ଗୁଡ ପ୍ରସ୍ତୁତ କରୁଛନ୍ତି ।

ମିଳୁନି ବୋଲି ସେମାନେ ଅଭିଯୋଗ କରିଛନ୍ତି । ବଉଳାଙ୍ଗ ଗ୍ରାମର ସର୍ବେଶ୍ୱର ଭୋଳ, ଜ୍ଞାନରଞ୍ଜନ ପଟ୍ଟନାୟକ, ଦୁଷ୍ମନ୍ତ ପଟ୍ଟନାୟକ, କରୁଣାକର ରାଉତ, ମଣ୍ଟୁ ରାଉତ, ମିଟୁନା ମଳିକ, ଅରକ୍ଷିତ ମଳିକ, ସୁବାସ ମଳିକ, ନରହରି ମହାନ୍ତି , ଅଞ୍ଜନ ସାହୁ, ରୁଦ୍ରପ୍ରକାଶ ଜେନା, ପରିକ୍ଷିତ ମହାନ୍ତି, ବୀର ସାହୁ, ବସନ୍ତ ମଳିକ ପ୍ରମୁଖ ଆଖୁଚାଷ କରି ଏବେ ଗୁଡ଼ ଅମଳ କରୁଛନ୍ତି । ଆଖୁ ଚାଷରେ ସେମାନେ ଅଧିକ ଖର୍ଚ୍ଚ କରୁଥିବାର ସୁଚନା ଦେଇଛନ୍ତି । ଅମଳ ସମୟରେ ସେମାନେ ଆଖୁ ପଲାରେ ମାସ ମାସ ସମୟ କାଟୁଥିବା କହିଛନ୍ତି । ପୂର୍ବରୁ ଆଖୁ ପେଡ଼ାକୁ ବଳଦମାନେ ଟାଣୁଥିବା ବେଳେ ଏବେ ଏହାକୁ ଡିଜେଲ କଳ ସାହାଯ୍ୟରେ କରାଯାଉଛି । ଗୋଟିଏ ଏକର ପିଛା ଆଖୁ ଚାଷ କଲେ ଟ୍ରାକ୍ଟର ଭଡା ୧୫ ହଜାର ଟଙ୍କା, ସାର ୪୫୦୦ ଟଙ୍କା, ଆଖୁ ବିହନ ୬ ହଜାର ଟଙ୍କା, ତିନିଥର ଜଳସେଚନ ପାଇଁ ୭୫୦୦ ଟଙ୍କା, ଜମିର ବାର୍ଷିକ ମୂଲ୍ୟ ୧୨ ହଜାର ଟଙ୍କା, ଆଖୁ ପେଡ଼ା କଳ ପାଇଁ ୧୨ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ । ଏତଦ୍‌ବ୍ୟତୀତ ମଜୁରି ବାବଦରେ ବହୁତ ଖର୍ଚ୍ଚ କରିବାକୁ ପଡିଥାଏ । ଏସବୁକୁ ହିସାବ କଲେ ଖର୍ଚ୍ଚ ଓ ପରିଶ୍ରମ ଅନୁସାରେ ଆଖୁ ଚାଷରୁ ଚାଷୀ ବିଶେଷ ଲାଭ ପାଇ ନ ଥାଆନ୍ତି । ଆଖୁ ଚାଷୀମାନଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ଗ୍ରାମାଞ୍ଚଳରେ ଆଖୁଚାଷ କମିଯିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ।

## ସଂକ୍ଷେପରେ

### ନିଶା ଦେଇ ଅଟୋ ଚାଳକ ଲୁଟିନେଲେ ୫ ହଜାର

**ରଘୁନାଥପୁର, ୮।୩ (ଡି.ଏନ.ଏ.):** ରଘୁନାଥପୁର ଥାନା କଲରାବାଙ୍କ ଫାଣ୍ଡି ଅନ୍ତର୍ଗତ ବୋଦର ଗାଁର ଶିଶିର ମଲ୍ଲିକ ଭୁବନେଶ୍ୱରସ୍ଥିତ ପଟିଆରୁ ଏକ ଅଟୋ ଯୋଗେ ରବିବାର ଅପରାହ୍ନରେ ଗାଁକୁ ଫେରୁଥିବା ବେଳେ ଲୁଟର ଶିକାର ହୋଇଛନ୍ତି। ଭୁବନେଶ୍ୱରରୁ କଟକ ରାସ୍ତାର ବାଲିକୁଦା ନିକଟରେ ଅଟୋ ଚାଳକ ଶିଶିରଙ୍କ ସହ ମିତ୍ରତା କରି ଥଣ୍ଡା ପାନୀୟରେ ନିଶା ମିଶାଇ ପିଇବାକୁ ଦେଇଥିଲେ। ଶିଶିର ଅଚେତ ହୋଇ ପଡିବାରୁ ତାଙ୍କ ପାଖରେ ଥିବା ୫ ହଜାର ଟଙ୍କା ନେଇଯାଇ ଅଚେତ ଅବସ୍ଥାରେ ଓଏମ୍‌ପି ଛକରେ ଫୋପାଡି ଦେଇଥିଲେ। ଶିଶିରଙ୍କ ଜଣେ ସାଙ୍ଗ ତପନ ସେଠୀ ତାଙ୍କୁ ଅଚେତ ଅବସ୍ଥାରେ ଓଏମ୍‌ପି ଛକରେ ପଡିଥିବା ଦେଖି ଏକ ଗାଡି ଭଡା କରି ଘରକୁ ନେଇ ଆସିଥିଲେ। ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶିରଙ୍କ ସ୍ତ୍ରୀ ଚିକିତ୍ସା ଲାଗି ତାଙ୍କୁ ଭର୍ତ୍ତି କରିଥିଲେ।

### ପୋଖରୀରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଏରସମା, ୮।୩ (ସ୍ୱ.ପ୍ର.):** ଏରସମା ଥାନା ଅଧୀନ ନାରଦିଆ ପଞ୍ଚାୟତସ୍ଥିତ ପାଣିଏଣ୍ଡୁଳା ଗ୍ରାମର ବିଚ୍ଛୁ ମହାନ୍ତି (୮୫)ଙ୍କ ମୃତଦେହ ନିକଟସ୍ଥ ଏକ ପୋଖରୀରୁ ଉଦ୍ଧାର କରାଯାଇଛି। ଗତ ୨୮ ତାରିଖରେ ସେ ଜାଗର ଯାତ୍ରା ଦେଖିବାକୁ ଯାଇ ଘରକୁ ଫେରି ନ ଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ବି ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ତେବେ ରବିବାର ଗାଁ ନିକଟସ୍ଥ ଏକ ପୋଖରୀରେ ବିଚ୍ଛୁଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ।

### ଏନ୍‌ଆର୍‌ଟିଏସ୍‌ରେ ୮ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ଏରସମା, ୮।୩ (ସ୍ୱ.ପ୍ର.):** ଏରସମା ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲର ୮ ଛାତ୍ରୀଛାତ୍ର ଜାତୀୟ ଗ୍ରାମୀଣ ମେଧା ବୃତ୍ତି ପରୀକ୍ଷା(ଏନ୍‌ଆର୍‌ଟିଏସ)ରେ କୃତିତ୍ୱ ହାସଲ କରିଛନ୍ତି। ସେମାନେ ହେଲେ ଏରସମା ନୋଡାଲ ହାଇସ୍କୁଲର ଶୁଭସ୍ମିତା ମୁଦୁଲି, ପ୍ରୀତି ଆରାଧନା, ରାଜଲକ୍ଷ୍ମୀ ବିଶ୍ୱାଳ, ସରଳା ଉଚ୍ଚ ବିଦ୍ୟାପୀଠ, ଧୂଆଁସାହିର ଦୀପ୍ତେଶ୍ ଖଣ୍ଡୁଆଳ, ରତ୍ନପର୍ଣ୍ଣା ସାମନ୍ତରାୟ, ଗ୍ରାମେଶ୍ୱର ହାଇସ୍କୁଲ, ପଞ୍ଚପଲୀର ଶୁଭସ୍ମିତା ଜେନା, କେବି ନୋଡାଲ ହାଇସ୍କୁଲ, ନୂଆଗାଁର ସ୍ୱାଧୀନ ଦାସ, ମୃତ୍ୟୁଞ୍ଜୟ ଦାସ।

# 'ଶିକ୍ଷାଭାବ ନାରୀ ନିର୍ଯାତନାର କାରଣ'

ଜଗତ୍‌ସିଂହପୁର ଅଫିସ,୮।୩

ସମାଜରେ ନାରୀ ପ୍ରତି ସବୁଠାରୁ ବଡ଼ ଅନ୍ୟାୟ କରେ ପୁରୁଷ, ଯାହା ରାମାୟଣରେ ଦେଖିବାକୁ ମିଳେ। ସାକ୍ଷରତାରେ ନାରୀ ପୁରୁଷଠାରୁ କମ। ବାସ୍ତବରେ କୁଶିକ୍ଷା ଓ ଶିକ୍ଷାର ଅଭାବ ଯୋଗୁ ଅନେକ ନାରୀ ନିର୍ଯାତନାର ଶିକାର ହେଉଛନ୍ତି। ତେଣୁ ଏଥିପ୍ରତି ନାରୀ ସଚେତନ ହୋଇ ଶିକ୍ଷା ପ୍ରତି ଆକୃଷ୍ଟ ହେବା ଜରୁରୀ। ରବିବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି। ସେ କହିଥିଲେ, ପୁରୁଷ ଓ ମହିଳା ମଧ୍ୟରେ ବିଭେଦ ସୃଷ୍ଟି କରୁଛି ସମାଜ। ସାମାଜିକ ବ୍ୟବସ୍ଥାରେ ସୁଧାର ଆସିଲେ ନାରୀ-ପୁରୁଷ ବିଭେଦ ଦୂର ହୋଇପାରିବ। ଜନ୍ମ ମାଟି ହେଉଛି ମା'ଠାରୁ ଅଧିକ। ତେଣୁ ଜନ୍ମ ମାଟିର ଗାରିମା ବୃଦ୍ଧି ପାଇଁ ପ୍ରତ୍ୟେକ ଦାୟିତ୍ୱବାନ ହେବାକୁ ପଡିବ। ଦ୍ୟୁତୀ ଚାନ୍ଦ, ସୁନନ୍ଦା ପଟ୍ଟନାୟକ, ସୋନାଲ ମାନସିଂହ, କୁମ୍‌କୁମ୍ ମହାନ୍ତି ଓ ମୀରା ଦାସ ଭଳି ମହିଳା କ୍ରୀଡା ଓ ନୃତ୍ୟ ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରି ଆମକୁ ଗୌରବାନ୍ୱିତ କରିଛନ୍ତି ବୋଲି ଜିଲାପାଳ କହିଥିଲେ। ଉତ୍ସବରେ ଏମ୍‌ପି ରାଜଶ୍ରୀ ମଲ୍ଲିକ ଯୋଗଦେଇ ପରିବାରରେ ନାରୀର ଭୂମିକା ଉପରେ ଗୁରୁତ୍ୱାରୋପ


ଅନ୍ତର୍ଜାତୀୟ ମହିଳା ଦିବସ ସମାବେଶରେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜିଲାପାଳ ଓ ଅନ୍ୟ ଅତିଥି।

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ**
- ବଡ଼ ଅନ୍ୟାୟ କରୁଛି ପୁରୁଷ
- କନ୍ୟା ଭ୍ରୂଣ ହତ୍ୟା ସମାଜ ପାଇଁ କଳଙ୍କ

କରିଥିଲେ। ସେ କହିଥିଲେ ଯେଉଁ ପରିବାରରେ ନାରୀଙ୍କୁ ସମ୍ମାନ ଦିଆଯାଏ ସେ ପରିବାରରେ ସୁଖ, ଶାନ୍ତି ଭରିଯାଏ। ମାଡାମ କ୍ୟୁରୀ, ସରୋଜିନୀ ନାଇଡୁ, ମଦର ଟେରେସା, ହେଲେନ୍ କେଲର୍, ଭାଲେଣ୍ଟିନା ଟେରେସ୍କୋଭା, ରମାଦେବୀ, ମାଳତୀ ଦେବୀଙ୍କ ଭଳି ମହିୟସୀ ମହିଳା ଆମ ଦେଶ ତଥା ଜାତି ପାଇଁ ଗୌରବ ଆଣି ଦେଇଛନ୍ତି। ଅନ୍ୟପଟେ କନ୍ୟାଭ୍ରୂଣ ହତ୍ୟା ସମାଜ ପାଇଁ କଳଙ୍କ ସୃଷ୍ଟି କରିଛି। ଏହାକୁ ବନ୍ଦ କରାଯିବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ। ଡ. ପୁଷ୍ପମିତ୍ରା ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ୧୯୦୯ରେ ପ୍ରଥମେ ଆମେରିକାରେ ଜାତୀୟ ମହିଳା ଦିବସ ପାଳନ ହୋଇଥିଲା। ଜାତିସଂଘ ପକ୍ଷରୁ ୧୯୭୫ରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ଚଳିତବର୍ଷ ମହିଳା ଦିବସର ବାର୍ତ୍ତା ହେଉଛି ଲିଙ୍ଗଗତ ପ୍ରଭେଦ ନାହିଁ, ନାରୀ ସ୍ୱୟଂ ସମ୍ପୂର୍ଣ୍ଣ, ସ୍ୱୟଂ ସିଦ୍ଧ। ଅର୍ଥାତ୍ ପୁରୁଷଠାରୁ ନାରୀ କମ ନୁହେଁ। ନାରୀର ଧୈର୍ଯ୍ୟ ଓ ସହନଶୀଳତା ଅଧିକ ବୋଲି ମହାନ୍ତି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଯୋଗଦେଇ ସମାଜରେ କନ୍ୟା ଭ୍ରୂଣ ହତ୍ୟା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ବୋଲି କହିବା ସହ ଏଭଳି କାର୍ଯ୍ୟକୁ ଦୃଢ ନିନ୍ଦା କରିଥିଲେ। ଏବେ ବି ସମାଜରେ ଯୌତୁକ ଓ ନାରୀ ନିର୍ଯାତନା ଚାଲିଛି। ପୁରୁଷଙ୍କୁ ଏ କ୍ଷେତ୍ରରେ ସଚେତନ ହେବାକୁ ପଡିବ ବୋଲି ମତ ରଖିଥିଲେ। ଅଧ୍ୟାପକ ମୌସୁମୀ ପରିଡ଼ା ଓ ଡ. ଗୀତାଞ୍ଜଳି ରଥ ମହିଳାଙ୍କୁ ସମାଜରେ ଅଧିକ ସୁବିଧା ସୁଯୋଗ ମିଳିବା ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣମଞ୍ଜରୀ ନାୟକ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ମହିଳା, ଶିଶୁ ବିକାଶ ବିଭାଗ ଜିଲା ପ୍ରକଳ୍ପ ସଂଯୋଜକ ଅଭିକ୍ ନାରାୟଣ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫ ମହିଳା ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଜିଲାସ୍ତରୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଦଳ, ଅଙ୍ଗନୱାଡି କର୍ମୀ, ସିଡିପିଓ, ମହିଳା ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ମହିଳା ଦିବସରେ ୨ ମହିଳାଙ୍କୁ ସମ୍ବର୍ଦ୍ଧନା

ଏରସମା, ୮।୩ (ସ୍ୱ.ପ୍ର.)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ଯୁବ ପରିଷଦ ସମ୍ମୁଖରେ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୨ ଜଣ ମହିଳାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଡା.ପଙ୍କଜିନୀ ବେହେରା ଓ ମୋହିନୀ ପୁର୍‌କାଇତି। ଡା. ବେହେରା ନିଜ ଉଦ୍ୟମରେ ବର୍ଷସାରା ରକ୍ତ ସଂଗ୍ରହ କରି ଗୁରୁତର ରୋଗୀଙ୍କ ଜୀବନ ବଞ୍ଚାଇବାକୁ ଉଦ୍ୟମ କରିଆସୁଥିବା ବେଳେ ପୁରକାଇତି ନିଜ ଗ୍ରାମ ଚାଉଳିଆ ସହିତ ଆମ୍ବିକି ପଞ୍ଚାୟତରେ ପରିମଳର ସ୍ୱଚ୍ଛତା ପାଇଁ କାର୍ଯ୍ୟକରି ପ୍ରଶଂସାର ପାତ୍ର ହୋଇଛନ୍ତି। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରାକେଶ ଖଣ୍ଡୁଆଳ, ଚିରଞ୍ଜୀବୀ ସ୍ୱାଇଁ, ଶ୍ରଦ୍ଧାଞ୍ଜଳି କାଣ୍ଡି, ସନ୍ତୋଷ କୁମାର କର, ପ୍ରିୟବ୍ରତ ଦାସ, ଧୀରେନ୍ଦ୍ର ମଲ୍ଲିକ ପ୍ରମୁଖ ରକ୍ତଦାନ କରିଥିଲେ। ଶିବିରରେ ୧୦୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମାନସରଞ୍ଜନ କର, ଅମର ମହାନ୍ତି, ଆଲୋକ ରଞ୍ଜନ ମହାନ୍ତି, ଅର୍ଜୁନ କରଣ, ରାକେଶ ସାମନ୍ତରାୟ, ହେମନ୍ତ ରାଉତ ପ୍ରମୁଖ ଶିବିର ପରିଚାଳନା କରିଥିଲେ।


୨ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


ଆଲୋଚନାଚକ୍ରରେ ଯୋଗଦେଇଥିବା କର୍ମୀ।

## ଜିଲା ମହିଳା କଂଗ୍ରେସ ପକ୍ଷରୁ ଆଲୋଚନାଚକ୍ର

ଜଗତ୍‌ସିଂହପୁର ଅଫିସ,୮।୩

ଜଗତ୍‌ସିଂହପୁର ଜିଲା ମହିଳା କଂଗ୍ରେସ ପକ୍ଷରୁ ରବିବାର ଦଳର ସ୍ଥାନୀୟ ଜନସମ୍ପର୍କ କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସୁଚିତ୍ରା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ସାହୁ, ପୂର୍ବତନ କାଉନସିଲର ରୀତାଞ୍ଜଳି ଦାସ, ପ୍ରତିମା ମଲ୍ଲିକ, ପାର୍ବତୀ ନାୟକ, ଦୀପ୍ତି ପ୍ରଧାନ, ଜାନକୀ ମହାରଥୀ, ରୂପଶ୍ରୀ ଦାସ, ସବିତା ମହାନ୍ତି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ଲେଙ୍କା, ଦୀପାଞ୍ଜଳି ଜେନା, ସୁଧାରାଣୀ ପରିଡ଼ା, ବିଜୟଲକ୍ଷ୍ମୀ ନାୟକ, ପ୍ରତିଭା ତ୍ରିପାଠୀଙ୍କ ସମେତ ବହୁ ମହିଳା ଯୋଗଦେଇ ସମାଜରେ ମହିଳାଙ୍କ ସୁରକ୍ଷା, ଦରଦାମ ବୃଦ୍ଧି ଓ ବେକାର ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଏସବୁ ସମସ୍ୟାର ସମାଧାନ କ୍ଷେତ୍ରରେ ବିଫଳ ହେଉଥିବାରୁ ଏହା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରାଯାଇଥିଲା। ଶେଷରେ ସୁରପ୍ରଭା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ବର୍ଷାଋତୁ ପୂର୍ବରୁ କାର୍ଯ୍ୟ ସାରିବାକୁ ଦାବି

ତିର୍ତ୍ତୋଲ, ୮।୩ (ଡି.ଏନ୍.ଏ.)

**ତାରତୋଲ-ଓଳଗଦା ନଦୀବନ୍ଧ ରାସ୍ତା**

ତିର୍ତ୍ତୋଲ ବ୍ଲକ ଅଧୀନ କୋଲର ପଞ୍ଚାୟତ ଦେଇ ପ୍ରବାହିତ ମହାନଦୀର ବାମ ପାର୍ଶ୍ୱ ନଦୀବନ୍ଧର କୃଷ୍ଣାନନ୍ଦପୁରଠାରୁ ତାରତୋଲ ୧୦ କି.ମି. ରାସ୍ତା ଦୀର୍ଘ ୨ ବର୍ଷ ହେବ କାର୍ଯ୍ୟ ଚାଲିଛି। ଏହି ରାସ୍ତାର ତାରତୋଲ ବଜାର ଛକଠାରୁ ଓଳଗଦା ପର୍ଯ୍ୟନ୍ତ ୩ କିମି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ ରାସ୍ତା କାମ ଚାଲିଥିବା ବେଳେ ମନ୍ଥର ଗତିରେ କାର୍ଯ୍ୟ କରାଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ନଦୀବନ୍ଧ ରାସ୍ତା ଉପରେ ତିର୍ତ୍ତୋଲ ଧୋୟାଞ୍ଚଳର କୃଷ୍ଣାନନ୍ଦପୁର, ବିଷନପୁର, କନିମୁଳ, ଗୋପାଳପୁର(ଶ), ଦାଇଁଲୋ ପ୍ରଭୃତି ପଞ୍ଚାୟତର ଲୋକେ ଯାତାୟାତ ପାଇଁ ନିର୍ଭର କରନ୍ତି। ବର୍ଷାଦିନେ ରାସ୍ତାଟି କର୍ଦ୍ଦମାକ୍ତ ହୋଇ ପଡୁଥିବାରୁ ସାଧାରଣ ଲୋକେ ଯିବା ଆସିବା କରିବାରେ ଅସୁବିଧା ଭୋଗିଥାନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଲୋକମାନେ ହଇରାଣ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ରାସ୍ତାରେ ନାଲି ମେଟାଲ ପକାଯାଇ ଥିବା ବେଳେ ପିଚୁ ପକାଯାଉ ନ ଥିବାରୁ ରାସ୍ତାର ସ୍ଥାନେ ସ୍ଥାନେ ଦବିବା ସହ କେତେକ ସ୍ଥାନରେ ଖାଲ ସୃଷ୍ଟି ହୋଇଛି। ଏଥିଯୋଗୁ ବିଭିନ୍ନ ସମୟରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି।

ପ୍ରକାଶ ଯେ, ଜଳ ସମ୍ପଦ ବିଭାଗ ପକ୍ଷରୁ କୃଷ୍ଣାନନ୍ଦପୁରଠାରୁ ତାରତୋଲ ୧୦ କି.ମି. ରାସ୍ତା କାର୍ଯ୍ୟ ପାଇଁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ୨୦୨୦ ବର୍ଷା ଦିନ ପୂର୍ବରୁ କାର୍ଯ୍ୟ ଶେଷ ପାଇଁ ଧାର୍ଯ୍ୟ ସମୟ ଥିବା ବେଳେ ଏ ପର୍ଯ୍ୟନ୍ତ ପିଚୁ କାମ ଆରମ୍ଭ ହୋଇନି। ଦୀର୍ଘ ଦିନ ହେବ ନାଲି ମେଟାଲ ପକାଯାଇଥିବାରୁ ବର୍ଷାଦିନେ ଏହି ନଦୀବନ୍ଧ ରାସ୍ତା ପାଣିକାଦୁଅରେ ଭର୍ତ୍ତି ହୋଇଯାଉଛି। ଚଳିତବର୍ଷ ବର୍ଷା ଦିନ ପୂର୍ବରୁ ନଦୀବନ୍ଧ ରାସ୍ତା କାର୍ଯ୍ୟ ଶେଷ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ହୋଇଥିଲା। ତେବେ ଜିଲାପାଳ ଏଥିରେ ହସ୍ତକ୍ଷେପ କରି ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

## ୨୦୦୨ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ବାଲିକୁଦା,୮।୩(ସ୍ୱ.ପ୍ର.):** ବାଲିକୁଦା ବ୍ଲକ କୁଶୁପୁର ପଞ୍ଚାୟତ ତେନ୍ତୁଳିବେଲାରୀ ଉଚ୍ଚ ବିଦ୍ୟାଳୟରେ ୨୦୦୨ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଅତିଥିଭାବେ ପୂର୍ବତନ ଶିକ୍ଷକ କିଣେଇ ବିଶ୍ୱାଳ, ଶିକ୍ଷକ କ୍ଷେତ୍ରବାସୀ ସାହୁ, ଅଶାନ୍ତ ବେହେରା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଛାତ୍ରୀଛାତ୍ର ସେମାନଙ୍କ ପୁରୁଣା ସ୍ମୃତିକୁ ନିଜ ଭିତରେ ବାଣ୍ଟିଥିଲେ। ଛାତ୍ର ମୁକୁନ୍ଦ ଚରଣ ସ୍ୱାଇଁ, ନଳିନୀକାନ୍ତ ବିଶ୍ୱାଳ, ତପନ ସେଠୀ, ସୁବଳ ଗିରି, ମାନସୀ ମଞ୍ଜରୀ, ଜେନା, କାହ୍ନୁମଣ୍ଡଳ, ମନୋଜ ପାଇଟାଳ, ସୌରଭ ହାତୀ, ବିପିନୀ ଦାସ, ଅଶୋକ ବେହେରା, ରଶ୍ମିତା ଖୁଣ୍ଟିଆ, ମଧୁସ୍ମିତା ହାତୀ, କେଶବ ସ୍ୱାଇଁ ଓ ସନ୍ତୋଷ ପୋଲେଇ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ବିଧାୟକଙ୍କ ସ୍ମୃତିସଭା

ଏରସମା, ୮।୩ (ସ୍ୱ.ପ୍ର.)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ ପରିସରରେ ପୂର୍ବତନ ବିଧାୟକ ବିଜୟ ନାୟକଙ୍କ ବିୟୋଗରେ ସର୍ବଦଳୀୟ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ସଂଘ ସମ୍ପାଦକ ନିତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଜେଡି ନେତା ସାରଦା ପ୍ରସନ୍ନ ଜେନା, ଶଶିଭୂଷଣ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ସରପଞ୍ଚ ଗୋପୀନାଥ ସାମନ୍ତରାୟ, ପିସିସି ସଦସ୍ୟ ଧ୍ୱଜରାଜ ଖଣ୍ଡୁଆଳ, କୈଳାସଚନ୍ଦ୍ର ପ୍ରଧାନ, ନୃସିଂହ ସାହୁ, ପୀତବାସ ଗୋଚ୍ଛାୟତ, ଗଡହରିଶପୁର ସରପଞ୍ଚ ଭୀମସେନ ରାଉତ, ପ୍ରମୋଦ ରାଉତ, ଉମାକାନ୍ତ ତରାଇ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ।

**ଜମି ହସ୍ତାନ୍ତରରେ ରାଜସ୍ୱ ବିଭାଗର ବିଳମ୍ବ**

# ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିକାଶରେ ଅନ୍ତରାୟ

ରଘୁନାଥପୁର, ୮।୩ (ଡି.ଏନ.ଏ.)

ରାଜସ୍ୱ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ ଅଧୀନକୁ ୭୬ ଡିସିମିଲ ଜମି ହସ୍ତାନ୍ତର କରାଯିବାରେ ବିଳମ୍ବ ଯୋଗୁ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ବିକାଶରେ ଅନ୍ତରାୟ ସାଜିଛି। ଭିତ୍ତିଭୂମିର ବିକାଶ ପାଇଁ ମଞ୍ଜୁର ହୋଇଥିବା ୫ କୋଟି ଟଙ୍କା ଖର୍ଚ୍ଚ ହୋଇ ନ ପାରିବାରୁ ଏହା ଆଗାମୀ ଦିନରେ ଫେରିଯିବାର ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିବା ସହ ଏକ ମାସ ମଧ୍ୟରେ ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ କରିବାକୁ ଦାବି କରିଛନ୍ତି। ଯଦି ଏହା କରା ନ ଯାଏ ତାହା ହେଲେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ। ଏ ନେଇ ରଘୁନାଥପୁର ବ୍ଲକ ରେଢୁଆ ବୃନ୍ଦାବନ ଚନ୍ଦ୍ର ମଠ ପରିସରରେ ସ୍ନେହାଂଶୁ ଜେନାଙ୍କ ଉଦ୍ୟମରେ ୧୨ ପଞ୍ଚାୟତର ବୁଦ୍ଧିଜୀବୀ ରବିବାର ଅପରାହ୍ନରେ ଏକାଠି ହୋଇ ଏଭଳି ନିଷ୍ପତ୍ତି ନେଇଛନ୍ତି।


ବୈଠକରେ ଉପସ୍ଥିତ ୧୨ ପଞ୍ଚାୟତର ବୁଦ୍ଧିଜୀବୀ।

**୫ କୋଟି ଟଙ୍କା ଅନୁଦାନର ହୋଇପାରୁନି ବିନିଯୋଗ**

ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ୧୨ପଞ୍ଚାୟତର ଲୋକ ନିର୍ଭରଶୀଳ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇ ସାରିଥିବାବେଳେ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ କରିବାକୁ ଅନଶନ ଓ ଧାରଣା ଆଦି ଜୋରଦାର ହୋଇଥିଲା। ଫଳରେ ସରକାରଙ୍କ ପକ୍ଷରୁ ୫କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ତେବେ ରାଜସ୍ୱ ବିଭାଗ ଜମି ଦେବାକୁ ବିଳମ୍ବ କରୁଥିବାରୁ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ରାଜସ୍ୱ ବିଭାଗ ଯଦି ଏଥିପ୍ରତି ଧ୍ୟାନ ନ ଦିଏ ତାହା ହେଲେ ଅଞ୍ଚଳବାସୀ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ପ୍ରକାଶ କରିଛନ୍ତି। ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ, ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା, ବରିଷ୍ଠ ନାଗରିକ ନିରଞ୍ଜନ ବାରିକ, ପୂର୍ବତନ ସରପଞ୍ଚ ବିଜନ ମହାପାତ୍ର ଓ ତପନ ମଲ୍ଲିକ, ଗାନ୍ଧୀବାଦି ନେତା ସୁରେନ ରାଉତ, ଅଧ୍ୟାପିକା ଗୀତା ରଥ, କୈଳାସ ଚନ୍ଦ୍ର ମଲ୍ଲିକଙ୍କ ସମେତ ବିଭିନ୍ନ ଯୁବକ ସଂଘ ଓ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅଦିନିଆ ବର୍ଷା: ଉଜୁଡ଼ିଯିବ ମୁଗ ଫସଲ

ତିର୍ତ୍ତୋଲ, ୮।୩ (ଡି.ଏନ୍.ଏ.)

ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେବ ଲଗାଣ ବର୍ଷା ଯୋଗୁ ମୁଗ ଫସଲ ଉଜୁଡ଼ିଯିବା ଆଶଙ୍କା ଦେଖାଦେଇଛି। ଲଗାଣ ବର୍ଷା ଯୋଗୁ ବିଲ ମାଟି ଓଦା ରହୁଥିବା ବେଳେ କେତେକ ଜମିରେ ଛୋଟ ଛୋଟ ମୁଗ ଗଛ ପଚି ଗଲାଣି। ଏଥିସହ କେତେକ ଜମିରେ ଅଧିକ ସମୟ ମାଟି ଓଦା ରହିବା ଦ୍ୱାରା ପତ୍ରରେ ପୋକଲାଗିବା ସହ ପତ୍ର ଝାଉଁଳା ଦେଉଥିବା ଦେଖାଯାଇଛି। ଫଳରେ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ହଂସୁଆ ଓ ବୃଦ୍ଧା ସଫେଇ ପାର୍ଶ୍ୱରେ ରହିଥିବା ସଅଁରା, ମୂଳିସିଂ, କନକପୁର, କଟରା, ପିପ୍ପଳମାଧବ, ବୋଧେଇ, ଜଡ଼ୟତିରା ପ୍ରଭୃତି ପଞ୍ଚାୟତର ଚାଷୀମାନେ ମୁଗ ଫସଲ ଉଜୁଡ଼ିଯିବା ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି। ମୁଗ ଚାଷ ହୋଇଥିବା ଜମିରେ ବର୍ଷାପାଣି ଜମି ରହିଥିବାରୁ ସବୁ ବିଲରେ ପୋକ ଲାଗି ଫସଲ ପ୍ରଭାବିତ ହେବା ଆଶଙ୍କା ଥିବାରୁ ଜମିରେ କୀଟନାଶକ ସିଞ୍ଚନ କରାଯିବା ଆବଶ୍ୟକ। ତେଣୁ ବ୍ଲକ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସରକାରୀ ରିହାତି ଦରରେ କୀଟନାଶକ ପ୍ରଦାନ କରାଯିବାକୁ ଚାଷୀମାନେ ଦାବି କରିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ବ୍ଲକସ୍ତରୀୟ ନିଯୁକ୍ତି
Odishaର ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ।
ଦରମା - ୭000/- ରୁ ୩୮000/-
7894509327

Ordeal Management
Institute ର Branch ବିସ୍ତାର ପାଇଁ ମ୍ୟାନେଜର, ଅଫିସ୍ ପୋଷ୍ଟ ପାଇଁ 49- ଜଣ ପୁଅ/ଝିଅ ର ଆବଶ୍ୟକତା ଅଛି। ଯୋଗ୍ୟତା- 10th to Post Graduate, ଟ୍ରେନିଙ୍ଗ୍ + ହଷ୍ଟେଲ ଫ୍ରି।
ଆୟ- 8500/- ରୁ 10,000/-, ଟ୍ରେନିଙ୍ଗ୍ ପରେ ଆୟ- 25,000/- ରୁ 35,000/-
Mob : 7008360189
ଠିକଣା-ITI ଛକ, ବାଲେଶ୍ୱର

Wanted Sales Executives for Logistic Firm at Bhubaneswar.
email cv to :- chandandash@rediffmail.com
Contact : 9238306766

WANTED
For officially Job
Qualification 10th above
Salary up to 25000/-
Mob.- 9938699963
8598992540

COLORCLASSIFIEDDISPLAY
on Every
Tuesday and Friday

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ବରିଷ୍ଠ ସହସମ୍ପାଦକ
- ପ୍ରାର୍ଥୀଙ୍କର ଡେସ୍କ କାର୍ଯ୍ୟରେ ଅନ୍ୟୁନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।
- ସାମ୍ବାଦିକତାରେ ଡିଗ୍ରୀ କରିଥିବା ଆବଶ୍ୟକ।
- ଖବରକୁ ବୁଝିବା, ଅନୁବାଦ, ସମ୍ପାଦନା ଏବଂ ଆକର୍ଷଣୀୟ ଶିରୋନାମା ଦେବାରେ ପ୍ରାର୍ଥୀଙ୍କର ବିଶେଷଜ୍ଞତା ରହିବା ଆବଶ୍ୟକ।
- ଖବରଗୁଡ଼ିକୁ ୱେବ୍‌ସାଇଟ୍ ଏବଂ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବାରେ ଅଭିଜ୍ଞ ପ୍ରାର୍ଥୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ।

ବରିଷ୍ଠ ଖବରଦାତା
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୫ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ଆବଶ୍ୟକ।

ଆବେଦନ କରନ୍ତୁ:-
recruitment@dharitri.com
ଅଭିଜ୍ଞତା ଆଧାରରେ ପାରିଶ୍ରମିକ ଦିଆଯିବ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ମହିଳା ମାଓବାଦୀ ଦେବେଙ୍କ ଆତ୍ମସମର୍ପଣ

ମାଲକାନଗିରି,୮।୩ (ଡି.ଏନ.ଏ.)

ରବିବାର ଆନ୍ତର୍ଜାତିକ ମହିଳା ଦିବସ। ଏହି ଅବସରରେ ଜଣେ ମହିଳା ମାଓବାଦୀ ସମାଜର ମୁଖ୍ୟ ସ୍ରୋତକୁ ଫେରିବା ପାଇଁ ମାଲକାନଗିରି ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ଦେବେ ସୋଡି (୨୨)। ଏନେଇ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ହ୍ରିଷିକେଶ ଡି. ଖିଲାରି ସୂଚନା ଦେଇଛନ୍ତି। ସୁକୁମା ଜିଲା ଗାଦିରସ ଥାନା ଅନ୍ତର୍ଗତ କୁସରାଜ ଗ୍ରାମର ଉରା ସୋଡିଙ୍କ ଝିଅ ଦେବେ ୨୦୧୨ରେ ପେଦାରସ୍ ଏଲ୍‌ଓଏସ୍‌ର ସିପିଆଇ (ମାଓବାଦୀ) ଦଳରେ ସାମିଲ ହୋଇଥିଲେ। ଆତ୍ମସମର୍ପଣ ପୂର୍ବରୁ ସେ ଦର୍ଭା ଡିଭିଜନ କଟକଲ୍ୟାଣ ଏରିଆ କମିଟିର ସଦସ୍ୟା ଭାବେ କାର୍ଯ୍ୟ କରୁଥିଲେ। ସେ ୨୦୧୭ରେ ଦାନ୍ତେୱାଡା ଜିଲା କଟକଲ୍ୟାଣ ଥାନା ଅନ୍ତର୍ଗତ ମାଡଜୁମ ଗ୍ରାମରେ, ୨୦୧୮ରେ ଚୁରନାର ଗ୍ରାମରେ, ୨୦୧୯ ଅଗଷ୍ଟରେ ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ତୁଳସୀ ଗ୍ରାମ ନିକଟରେ ପୋଲିସ ସହ ଗୁଳି ବିନିମୟରେ ସାମିଲ ଥିଲେ। ଦାନ୍ତେୱାଡା ଜିଲା କଟକଲ୍ୟାଣ ଥାନା ଚିକପାଲ୍ ଗ୍ରାମର ଆଡମା, ମୋପାଡ଼ ଥାନା କାର୍କାମ ଗ୍ରାମର ଲଛମନ ହତ୍ୟା ଘଟଣାରେ ସାମିଲ ଥିଲେ। ତାଙ୍କ ନାମରେ ଓଡ଼ିଶା ସରକାର ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ବର୍ତ୍ତମାନ ସରକାର ତୁଳସୀ ଜଙ୍ଗଲ ନିକଟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେବା, ଶାନ୍ତିପୂର୍ଣ୍ଣ ଭାବେ ମାଓବାଦୀଙ୍କୁ ଦମନ କରିବା କାର୍ଯ୍ୟରେ ସେ ଆକୃଷ୍ଟ ହୋଇ ସମାଜର ମୁଖ୍ୟ ସ୍ରୋତକୁ ଫେରିବା ପାଇଁ ମାଓବାଦୀ ସଙ୍ଗଠନ ଛାଡ଼ିଛନ୍ତି। ମାଓବାଦୀ ସଙ୍ଗଠନରେ ଆଉ ପୂର୍ବ ଆଦର୍ଶ ନ ଥିବା, ମହିଳା ମାଓବାଦୀମାନଙ୍କୁ ନାନା ପ୍ରକାର ମାନସିକ ଓ ଶାରୀରିକ ନିର୍ଯାତନା ଦେବା ତାଙ୍କୁ ସଙ୍ଗଠନ ଛାଡ଼ିବା ଲାଗି ବାଧ୍ୟ କରିଛି ବୋଲି ଦେବେ କହିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଦେବେଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ସହ ଘର ଓ ଉଚ୍ଚ ଶିକ୍ଷା ପାଇଁ ତାଙ୍କୁ ସମସ୍ତ ପ୍ରକାର ଆର୍ଥିକ ସହାୟତା ମିଳିବ ବୋଲି ଏସପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ବିଏସ୍‌ଏଫ୍ ୧୬୦ ବାଟାଲିୟନର କମାଣ୍ଡାଣ୍ଟ ଅମରେନ୍ଦ୍ର ସିଂ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଆତ୍ମ ସମର୍ପଣ କରିଥିବା ୧୨ ଜଣ ମହିଳା ମାଓବାଦୀଙ୍କୁ ଏସପି ଖିଲାରି ମହିଳା ଦିବସ ଅବସରରେ ଶାଢି ପ୍ରଦାନ କରି ସମ୍ମାନିତ କରିଛନ୍ତି।


ମହିଳା ମାଓବାଦୀ ଦେବେ ସୋଡି ମାଲକାନଗିରି ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରୁଛନ୍ତି।

- ପୋଲିସ ସହ ଗୁଳି ବିନିମୟରେ ସମ୍ପୃକ୍ତ ଥିଲେ
- ସରକାର ଘୋଷଣା କରିଥିଲେ ୪ଲକ୍ଷ ପୁରସ୍କାର ରାଶି
- ମାଓବାଦୀ ସଙ୍ଗଠନରେ ମିଳୁଛି ନିର୍ଯାତନା

# ଟ୍ରକ୍ ଧକ୍କାରେ ଚାଲିଗଲା ଦମ୍ପତିଙ୍କ ଜୀବନ

ଅନୁଗୋଳ ଅଫିସ୍, ୮।୩

ଚିକିତ୍ସା ପାଇଁ ଅନୁଗୋଳ ସହରକୁ ଆସିଥିବା ସାନକେରଜାଙ୍ଗ ଗ୍ରାମର ଏକ ଦମ୍ପତି ରବିବାର ଟ୍ରକ୍ ଧକ୍କାରେ ପ୍ରାଣ ହରାଇଛନ୍ତି। ଉଭୟେ ଏକ ସ୍କୁଟି ଯୋଗେ ୫୫ନଂ. ଜାତୀୟ ରାଜପଥରେ ଯାଉଥିବାବେଳେ ଅନୁଗୋଳ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ଜୀବନ ଚାଲିଯାଇଥିଲା। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।

ଘଟଣାରୁ ଜଣାପଡିଛି, ସାନକେରଜାଙ୍ଗର ବାଉରାଣୀ ଗୋଚ୍ଛାୟତ(୪୦) ଅସୁସ୍ଥ ଥିବାରୁ ସ୍ୱାମୀ ଚିନ୍ତାମଣି ଗୋଚ୍ଛାୟତ (୪୫) ତାଙ୍କୁ ସ୍କୁଟିରେ (ନଂ. ଓଡ଼ି୧୯କେ-୦୫୪୯) ଅନୁଗୋଳ ସହର କାଲଟାକ୍ସ ଛକକୁ ଆସୁଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପଛରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍(ନଂ. ଓଡି୧୫ଏ-୮୭୯୫) ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଅନୁଗୋଳ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିବା ସହ ଡ୍ରାଇଭର ଢେଙ୍କାନାଳ ଜିଲା ମହୁଲଖାଲି ଅଞ୍ଚଳର ପ୍ରକାଶ ସେଠୀ(୩୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୃତକଙ୍କ ପରିବାରର ଅଭିଯୋଗ କ୍ରମେ ଅନୁଗୋଳ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ରାଜପଥରେ ବାରମ୍ବାର ଭାରିଯାନ ଧକ୍କାରେ ଜୀବନ ଯାଉଥିବାରୁ ଦିନବେଳା ଏହି ଯାନଗୁଡ଼ିକର ଯାତାୟାତ ବନ୍ଦ କରାଯିବା ପାଇଁ ଦାବି ହୋଇଛି।


ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

- ଚିକିତ୍ସା ପାଇଁ ଆସିଥିଲେ ଅନୁଗୋଳ
- ଟ୍ରକ୍ ଜବତ, ଡ୍ରାଇଭର ଗିରଫ

# ଜଗନ୍ନାଥଙ୍କ ଅର୍ଥକୁ ନେଇ ସରକାରଙ୍କୁ ଟାର୍ଗେଟ

ଭୁବନେଶ୍ୱର,୮।୩(ବ୍ୟୁରୋ):

ୟେସ୍ ବ୍ୟାଙ୍କ ଖରାପ ସ୍ଥିତିଦେଇ ଗତି କରୁଥିବାବେଳେ ମହାପ୍ରଭୁ ଜଗନ୍ନାଥଙ୍କ ଅର୍ଥ ସେଥିରେ ରହିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଏହି ବ୍ୟାଙ୍କରେ ମହାପ୍ରଭୁଙ୍କ ପ୍ରାୟ ୫୪୫ କୋଟି ଟଙ୍କା ରଖାଯାଇଛି। ବର୍ତ୍ତମାନ ଉକ୍ତ ବ୍ୟାଙ୍କରୁ ୩୦ଦିନରେ ମୋଟ ୫୦ହଜାର ଟଙ୍କା ଉଠାଯାଇପାରିବ ବୋଲି ଖବର ଆସିବାପରେ ମହାପ୍ରଭୁଙ୍କ ଅର୍ଥକୁ ନେଇ ସମସ୍ତେ ସରକାରଙ୍କୁ ଆଙ୍ଗୁଳି ଉଠାଇଛନ୍ତି। ଏହି ୫୪୫ କୋଟି ଟଙ୍କା ଏକ ଘରୋଇ ବ୍ୟାଙ୍କରେ ସମସ୍ତଙ୍କ ଅଗୋଚରରେ ଜମା ରଖିବା ପଛରେ ମନ୍ଦ ଉଦ୍ଦେଶ୍ୟ ଥିବା ସ୍ପଷ୍ଟ ହେଉଛି ବୋଲି ଭାଜପା ଅଭିଯୋଗ କରିଛି। ଅନ୍ୟପଟେ କଂଗ୍ରେସ ମଧ୍ୟ ଏହି ଘଟଣାରେ ସରକାରଙ୍କୁ ଘେରିଥିବା ବେଳେ ବିଜେଡି ପକ୍ଷରୁ ଭାଜପାକୁ ଟାର୍ଗେଟ କରାଯାଇ ଏ ବିଷୟରେ କେନ୍ଦ୍ରରେ ଶାସନ ଦାୟିତ୍ୱରେ ଥିବା ତାଙ୍କ ସରକାରକୁ ପଚାରନ୍ତୁ ବୋଲି କୁହାଯାଇଛି।

# ମହାପ୍ରଭୁଙ୍କ ଜମିର ହିସାବ ନାହିଁ

## ଅଧାଗିଲା ଅବସ୍ଥାରେ ଟଙ୍କା

ପୁରୀ ଅଫିସ, ୮।୩:

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ବିଶ୍ୱବାସୀଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ତାଙ୍କ ସାନ୍ନିଧ୍ୟ ପାଇବା ପାଇଁ କାହିଁ କେତେ ଦୂରରୁ ଭକ୍ତମାନେ ଛୁଟି ଆସୁଛନ୍ତି। ଆଉ ମହାପ୍ରଭୁଙ୍କ ସେବା କରିବାର ଯିଏ ସାମାନ୍ୟ ସୁଯୋଗ ପାଇଛି ସେ ନିଜକୁ କୃତାର୍ଥ ମନେ କରୁଛନ୍ତି। ହେଲେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଠାକୁରଙ୍କ ସମ୍ପତ୍ତିକୁ ବି ହାତେଇବାକୁ ପଛାଉ ନାହାନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଏବଂ ଟଙ୍କାକୁ ଦେଖିଲେ ଏହାର ପ୍ରାସଙ୍ଗିକତା ରହିଛି। ଠାକୁରଙ୍କର ପ୍ରାୟ ୨୫ହଜାର ଏକର ଜମିର ହିସାବ ନ ଥିବାବେଳେ ଏବେ ମହାପ୍ରଭୁଙ୍କ ଟଙ୍କା ଅଧାଗିଲା ଅବସ୍ଥାରେ ରହିଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରାୟ ୬୦,୪୨୬ ଏକର ଜମି ରହିଛି। ଏହି ଜମି ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ବିହାର ଓ ଛତିଶଗଡ଼ ରାଜ୍ୟରେ ଅଛି। କିନ୍ତୁ ଅନେକ ସ୍ଥାନରେ ଲୋକେ ଏହି ଜମିକୁ ମାଡ଼ି ବସିଛନ୍ତି। ଫଳରେ ଠାକୁରଙ୍କ ମୋଟ ସମ୍ପତ୍ତିର ରେକର୍ଡ ଅଫ୍ ରାଇଟ୍ସ (ଆର୍‌ଓଆର୍) ଶ୍ରୀମନ୍ଦିର ପ୍ରଶାସନ ନିକଟରେ ନାହିଁ। ଗତ ମାସ ୨୫ତାରିଖରେ ବିଧାନସଭାରେ ଆଇନମନ୍ତ୍ରୀ ରଖିଥିବା ତଥ୍ୟ ଅନୁଯାୟୀ, ମହାପ୍ରଭୁଙ୍କର ୬୦୪୨୬.୯୪୩ ଏକର ଜମି ଚିହ୍ନଟ କରାଯାଇଛି। ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୪୮୦୩. ୦୧୩ ଏକର ଜମିର ଆର୍‌ଓଆର୍ ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିଛି। ତେବେ ମନ୍ତ୍ରୀଙ୍କ ଏହି ତଥ୍ୟ ପ୍ରଦାନ ପରେ ପ୍ରାୟ ୨୫ ହଜାର ଏକର ଜମିର ହିସାବ ସରକାରଙ୍କ ପାଖରେ ନ ଥିବା ସ୍ପଷ୍ଟ ହୋଇଛି। ଅପରପକ୍ଷେ ମହାପ୍ରଭୁଙ୍କ ଜମିକୁ ବେଆଇନ ଭାବେ ଜବରଦଖଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇଛି। ଏହି ଜବରଦଖଲକୁ ଉଚ୍ଛେଦ କରାଯିବା ନିମନ୍ତେ ୮୬୪ଟି ମାମଲା ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ମନ୍ଦିର ପ୍ରଶାସନ ପକ୍ଷରୁ ଦାଏର କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ୨୫ ହଜାର ଏକର ଜମିର ସ୍ଥିତି କ'ଣ ସେ ନେଇ କୌଣସି ସ୍ପଷ୍ଟ ଚିତ୍ର ନ ଥିବାବେଳେ ଏବେ ମହାପ୍ରଭୁଙ୍କ ଟଙ୍କା ବି ସଂକଟରେ। ୟେସ୍ ବ୍ୟାଙ୍କରେ ଥିବା ୫୪୫ କୋଟି ଟଙ୍କା ଫେରିବ ନା ବୁଡ଼ିଯିବ ତାହା ଆଶା ଆଶଙ୍କାରେ ଥିବାବେଳେ ଏହାକୁ ନେଇ ଝଡ଼ ସୃଷ୍ଟି ହୋଇଛି।

ବ୍ୟକ୍ତିଗତ ଫାଇଦା ହାସଲ କରି କେତେଜଣ ଅଧିକାରୀ ଏଭଳି ଚଞ୍ଚକତା କରିଛନ୍ତି। ମହାପ୍ରଭୁଙ୍କ ଟଙ୍କାକୁ ସଂକଟକୁ ଠେଲି ନିଜେ ସନ୍ତୁଷ୍ଟି ହୋଇଛନ୍ତି। ବିଦେଶ ଗସ୍ତ ସହ ମଉଜ କରିଛନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଜାତୀୟକରଣ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ଜମା କରାଯାଉଥିଲା। କିନ୍ତୁ ଗତବର୍ଷ ଜାତୀୟକରଣ ବ୍ୟାଙ୍କରୁ ଟଙ୍କା ଉଠାଯାଇ ୟେସ୍ ବ୍ୟାଙ୍କରେ ୫୯୨ କୋଟି (୫୪୫ କୋଟି ସ୍ଥାୟୀ ଜମା ଓ ୪୭ କୋଟି ଫ୍ଲେକ୍ସି ଜମା) ଟଙ୍କା ରଖାଯାଇଥିଲା। ଏ କଥା ଜଣାପଡ଼ିବା ପରେ ପରିଚାଳନା କମିଟିରେ ଏହାକୁ ନେଇ ତୁମ୍ଭିତୋଫାନ ହୋଇଥିଲା। ବିଭିନ୍ନ ସଙ୍ଗଠନ ବିକ୍ଷୋଭ କରିବା ସହ ଥାନାରେ ଏତଲା ଦେଇଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଚଞ୍ଚକତାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ଥିବା ଜଣାପଡ଼ିବା ପରେ ତିରୁପତି ମନ୍ଦିର ଟଙ୍କାକୁ ଯଦି ସେଠାକାର ପ୍ରଶାସନ ଉଠାଇ ନେଲେ ତେବେ ଓଡ଼ିଶା ସରକାର କାହିଁକି ଚୁପ୍ ରହିଲେ ବୋଲି ପ୍ରଶ୍ନ କରିଛନ୍ତି। ତେବେ ମହାପ୍ରଭୁଙ୍କ ଟଙ୍କା ଫେରିପାଇବା ପାଇଁ ଆର୍‌ବିଆଇକୁ ଚିଠି ଲେଖାଯାଇଥିବା ଶାସକ ଦଳ ପକ୍ଷରୁ କୁହାଯାଉଥିଲେ ବି ୟେସ୍ ବ୍ୟାଙ୍କର ବର୍ତ୍ତମାନ ସ୍ଥିତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କା ଏମିତି ଅଧାଗିଲା ଅବସ୍ଥାରେ ଥିବାରୁ ଏହା ଫେରିବ ନା ବୁଡ଼ିଯିବ ତା' ଉପରେ ଏବେ ସମସ୍ତଙ୍କ ନଜର।

ପ୍ରଥମ ପୃଷ୍ଠାରୁ...

## ୟେସ୍ ବ୍ୟାଙ୍କ...

କରାଯାଇଥିବା ଇଡି ତଦନ୍ତ କରୁଛି। ଡିଏଚ୍‌ଏଫ୍‌ଏଲ୍ କମ୍ପାନୀ ନେଇଥିବା ବୃହତ୍ ପରିମାଣର ଋଣ ଅନାଦାୟ ଋଣ(ଏନ୍‌ପିଏ) ହୋଇଥିବା ବେଳେ ସେହି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହା ସମସ୍ତଙ୍କ ଲାଗି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପଟେ ଋଣ ଟଙ୍କାରୁ ରାଣାଙ୍କ ପରିବାର ଅର୍ଥ ଫେରି ପାଇଥିବା ନେଇ ଇଡି ସନ୍ଦେହରେ ରହିଛି।

ଡିଓଆଇଟି କମ୍ପାନୀ ରାଣାଙ୍କ ଦୁଇ ଝିଅ ରାଧା କପୁର ଏବଂ ରୋଶନୀ କପୁରଙ୍କ ନାମରେ ରହିଥିବା ସେ କୋର୍ଟଙ୍କୁ କହିଛନ୍ତି। ଟ୍ରିପଲ ଏଏଏ ରେଟିଂ ପାଇଥିବା ଡିଏଚ୍‌ଏଫ୍‌ଏଲ୍ କମ୍ପାନୀକୁ ୟେସ୍ ବ୍ୟାଙ୍କ ପ୍ରାୟ ୩,୭୦୦ କୋଟି ଟଙ୍କା ଋଣ ଦେଇଛି। ଏହାପରେ ଡିଓଆଇଟି କମ୍ପାନୀ ଡିଏଚ୍‌ଏଫ୍‌ଏଲ୍‌ଠାରୁ ୬୦୦ କୋଟି ଟଙ୍କା ଋଣ ଆକାରରେ ପାଇଥିବା ରାଣା କୋର୍ଟଙ୍କ ଆଗରେ ସ୍ପଷ୍ଟ କରିଛନ୍ତି। ଏହି ଋଣକୁ ଡିଓଆଇଟି ଡିଏଚ୍‌ଏଫ୍‌ଏଲ୍‌କୁ ଶୁଝୁଥିବା ବେଳେ ଏହା ଏନ୍‌ପିଏ ହୋଇନାହିଁ। ସ୍ୱାସ୍ଥ୍ୟ ଖରାପ ଥିବାରୁ ପରିବାର ଲୋକ ବିଚ୍ କ୍ୟାଣ୍ଡି ହସ୍ପିଟାଲ ନେଇଥିଲେ। ଏହା ସତ୍ତ୍ୱେ ଇଡିକୁ ତଦନ୍ତରେ ସହଯୋଗ କରୁଥିବା ରାଣା କୋର୍ଟଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ଇଡି ରାଣାଙ୍କ ମୁମ୍ବାଇ ବାସଭବନ ଉପରେ ଛଡଉ କରିଥିଲା। ଏହା ପରେ ତାଙ୍କୁ ପ୍ରାୟ ୨୦ ଘଣ୍ଟା ଧରି ମାରାଥନ ଜେରା କରାଯାଇଥିଲା। ଏହାବାଦ ରାଣାଙ୍କ ସ୍ତ୍ରୀ ଏବଂ ଝିଅଙ୍କ ବୟାନକୁ ମଧ୍ୟ ଇଡି ରେକର୍ଡ କରିଛି। ୟେସ୍ ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କ ବର୍ତ୍ତମାନ ମୋରାଟୋରିୟମ ଲଗାଇଥିବା ବେଳେ ଉଠାଣ ସୀମା ଉପରେ କଟକଣା ଲାଗିଛି। ଲୋକମାନେ ମାତ୍ର ୫୦ ହଜାର ଟଙ୍କା ଉଠାଇ ପାରୁଛନ୍ତି। ଏହି ଘରୋଇ ବ୍ୟାଙ୍କର ବୋର୍ଡକୁ ରିଜର୍ଭ ବ୍ୟାଙ୍କ ବରଖାସ୍ତ କରିଛି। ସ୍ଥିତି ବିଗିଡ଼ିବା ଯୋଗୁ ନୂଆ, ଗ୍ରାଣ୍ଟ, ଋଣ ଅଗ୍ରିମ,ନିବେଶ ଏବଂ ଲାଏବିଲିଟି ଭଳି କାର୍ଯ୍ୟ କରିବାକୁ ୟେସ୍ ବ୍ୟାଙ୍କ ସକ୍ଷମ ହେଉନାହିଁ।

## ମେଳଣ ସାରି...

ଯୋଗଦେଇଥିଲେ। ସେମାନେ ସାଙ୍ଗରେ ୨ ବିମାନ ନେଇ ଆସିଥିଲେ। ମେଳଣ ପରେ ଭକ୍ତମାନେ ଟାଙ୍ଗି ଜରିପଡା ନିକଟ ନାଳିକୂଳ ଘାଟରୁ ଡଙ୍ଗାରେ ଫେରିଥିଲେ। ଡଙ୍ଗାଟି ହରିପୁର ଘାଟ ନିକଟ ହୋଇଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ପାଣିରେ ଓଲଟି ପଡିଥିଲା। ଫଳରେ ବିମାନସମେତ ସମସ୍ତ ଭକ୍ତମାନେ ପାଣିରେ ଭାସିଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ଘାଟରେ ସେମାନଙ୍କୁ ଅପେକ୍ଷା କରିଥିବା ଲୋକେ ତୁରନ୍ତ ସେଠାରେ ପହଞ୍ଚି ବୁଡିଯାଉଥିବା ଭକ୍ତ ଓ ବିମାନ ଦ୍ୱୟକୁ ଉଦ୍ଧାର କରିଥିଲେ। ମାତ୍ର ରଶ୍ମିରଞ୍ଜନଙ୍କ କୌଣସି ପତ୍ତା ମିଳି ନ ଥିଲା। ଖବରପାଇ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ଗୁରୁତର ଅବସ୍ଥାରେ ତାଙ୍କୁ ପାଣିରୁ ଉଦ୍ଧାର କରିଥିଲା। ଏହାପରେ ତାଙ୍କୁ ପ୍ରଥମେ ନିକଟସ୍ଥ ରାମେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ପୁରସ୍ଥିତ ସଦ୍‌ଗୁରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରଶ୍ମିରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ । ଖବରଲେଖା ହେବା ବେଳକୁ ଏସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଦୁର୍ଘଟଣା ପରେ ଡଙ୍ଗାରେ ଥିବା ୨ ନାଉରିଆ ଫେରାର ହୋଇଯାଇଛନ୍ତି। କଟକ ଜିଲାପାଳ ଭବାନି ଶଙ୍କର ଚୟିନୀ ଓ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଚତୁର୍ଥ ଆସନ...

ଦଳର ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଏନେଇ ପାର୍ଲାମେଣ୍ଟାରୀ ବୋର୍ଡ ନିଷ୍ପତ୍ତି ନେବେ, ସିଆଡୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁଯାୟୀ ଖୁବ୍‌ଶୀଘ୍ର ଜଣାଇ ଦିଆଯିବ। କିନ୍ତୁ କୌଣସି ଦଳକୁ ସମର୍ଥନ ଦେବାର ନାହିଁ ବୋଲି ସମୀର ଜଣାଇ ଦେଇଛନ୍ତି। ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ, ଭାଜପା ରାଜ୍ୟ ସଭା ପାଇଁ ପ୍ରାର୍ଥୀ ଦେଇ ହାରିବାକୁ ଚାହୁଁନାହିଁ। ପରାଜିତ ହେବା ଅପେକ୍ଷା ପ୍ରାର୍ଥୀ ନ ଦେବାକୁ ଦଳ ପସନ୍ଦ କରିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ବିଜେଡି ସବୁ ଆସନ ହାତେଇବାର ସମ୍ଭାବନା ଉଜ୍ଜ୍ୱଳ ଥିବାବେଳେ ଭାଜପା ସତ ମାନିବାକୁ ଅମଙ୍ଗ ବୋଲି ଚାରିଆଡେ ଗୁଞ୍ଜରଣ ହେବାରେ ଲାଗିଛି।


**ODISHA LIFT IRRIGATION CORPORATION LIMITED**
(A Government of Orissa Undertaking)
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BARGARH**
E-Mail- eeolicbgh@gmail.com

**Tender Call Notice No. 10 / 2019-20 / OLIC. BGH Dated:**

**No.CAD-1080:-** Sealed tenders are invited from reputed manpower supply agencies/ service providers having valid labour lincense to provide the services of Data Entry Operator-cum-O.A.-03 Nos. for a period of Six Months on contract basis for day to day official work.

The detailed information for outsourcing the services of the aforesaid personnel has been given in the tender document which can be obtained in person from the Office of Executive Engineer, Lift Irrigation Division, Bargarh on any working day from 11.03.2020 to 17.03.2020 between 11 A.M. to 4 P.M. by depositing Rs.2,000/- in shape of B.D. to be drawn in favour of the Executive Engineer, Lift Irrigation Division, Bargarh towards cost of tender paper and the GST-5% to be deposited in shape of E-Challan vide GSTIN No. 21AAACO5986G1ZF (Non-Refundable). The tender can be submitted by 2 P.M. on Dt. 18.03.2020 and will be opened on the same day at 4 P.M.

**Sd./- Executive Engineer**
**Lift Irrigation Division, Bargarh**
**OIPR-32277/11/0011/1920**

**Bhubaneswar Municipal Corporation**
**No. 8290 / BMC Date: 06.03.2020**
**C-568**
**NOTICE**

Sri Manas Kumar Pradhan, Tax Collector
Ward Officer, Ward No. 27, S.W. Zone, BMC
Plot No. 338, Lane-12,
At: Jagannath Vihar,
PO: Baramunda,
Bhubaneswar-751003.
Sub: Unauthorised absence from duty.
Ref: (i) Show cause notice No. 1893/dtd. 30.11.2019.
(ii) Show cuase notice No. 1996/dtd. 12.12.2019.
(iii) Explanation call No. 3640/dtd. 05.02.2020.
(iv) Show cuase notice & explanation call No. 6326/ dt. 20.02.2020.

Inspite of series of show cuase notices & explanation call notice vide this office letters under reference, you have neither move to join in your assigned duty nor replied yet. As a result collection work hampered a lot.

In view of above as a last chance you are hereby directed to join in your assigned duty within seven days from the date of issue of this notice in the newspaper. Failing which it will be treated that you have nothing to say on this score and action as deemed proper shall be initiated against you for dismissal from service as per provision of rule. No further correspondence will be made in this regad.

By order
**Sd./ Additional Commissioner,**
**Bhubaneswar Municipal Corporation**
**OIPR- 13002/11/0024/1920**

Government of Odisha
**OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK**
**( 'e' – PROCUREMENT NOTICE )**
E-mail.ID-sectcrb_2006@yahoo.co.in Tel/Fax – 0671-2301751/2302751
No. B-602

**Bid Identification No.S.E.Ctc.(R&B) 16/2019-20.**

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Building work as mentioned below.
2. No. of work :- 3 Nos.
3. Nature of work :- Building work.
4. Class of contractor :- 'B', 'A' & Special Class
5. Tender paper cost :- Rs.10000/- **(online)**
6. Available of bid documents in the web site. :- **From 19.03.2020 to 16.00 Hours of 04.04.2020**
7. Date of opening of bid :- **Dt. 06.04.2020 at 11.00 Hours.**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

Sd/-T.P.Mishra
Superintending Engineer Cuttack(R&B)Circle
OIPR_34012/11/0023/1920

GOVERNMENT OF ODISHA
OFFICE OF THE SUPERINTENDING ENGINEER
NORTHERN CIRCLE,RURAL WORKS,ANGUL
E-Mail - sencrwangul@yahoo.co.in ☎ 06764 - 236404
No. O-1247
No. 411 // Dt. 04.03.2020 //

**e-Procurement Notice for Road works in Odisha**

1. Name of the work : Road works
2. Total No. of work : 3 Nos.
3. Estimated cost : Rs.223.90 to 738.60 Lakhs Lakhs
4. Class of Contractor : 'B' to Super Class
5 Period of completion. : As per annexure.
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Northern Circle, Angul | Road Online - AGL- 07/ 2019-20 | 12.03.20 at 11.00 A.M | 30.03.20 up to 5.00 P.M | 25.03.20 up to 2.00 P.M | 31.03.20 at 11.00 A.M | 06.04.20 at 11.00 A.M |

(1) For detailed Notice inviting Tenders,Please visit to the website www.tendersorissa.gov.in
Superintending Engineer,N.C,Rural Works,Angul.
OIPR-25049/11/0008/1920

**ZILLA SWASTHYA SAMITI, NUAPADA**
**OFFICE OF THE CDM & PHO CUM DMD, NUAPADA, DPMU, NHM**
**E-mail : nhmnuapada@gmail.com, Phone : (06678)-223908**
**Advertisement No.828/DPMU/NHM/20** **Date: 06.03.2020**

**ENGAGEMENT NOTICE**

No.E-795 :- Applications are invited from eligible candidates for engagement/empanelment of different positions on daily wage basis/ per session basis as noted against each. Lower age limit for all the posts is 21 years and upper age limit is.68 years as on 01.03.2020.

| Sl. No. | Name of the position | Qualification | Mode of engagement | Remunerations | Deliverables |
|---|---|---|---|---|---|
| 1 | Laboratory Technician | DMLT from AICTE/ State Govt. approved Institutions. | Daily Wage basis | Rs.850/- day including conveyance | Minimum 50 tests per day |
| 2 | Radiographer | DMRT from AICTE/ State Govt. approved Institutions. | Daily Wage basis | Rs.850/- day including conveyance | Minimum 10 X-ray per day |
| 3 | ECG Technician | Certificate/Diploma from AICTE/ State govt.approved institutions | Daily Wage basis | Rs.850/- day including conveyance | Minimum 10 ECG per day |
| 4 | Yoga teacher | PC Diploma in Yoga/ MA in human conscious & Yogic science/ MA in Yoga & Naturopathy/MA in Yogkic Science/Certificate Course in Yoga. | Per session (90 minute) basis | Rs.500 per session (90 minute including) conveyance | Minimum 10 person to participate in yoga session |

Above position are purely temporary in nature & remuneration will be paid as per actual work after production of relevant documents by the candidates .Interested eligible candidates can log on to **www.nuapada.nic.in** for application form &. may apply for the above post on or before 18.03.2020. No application will be received beyond the scheduled timing of registration. The undersigned reserves the right to cancel any or all the applications / positions at any stage of recruitment process without assigning any reason thereof.

**Sd./-CDM & PHO cum DMD, Nuapada**
**OIPR-10055/11/0016/1920**

**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, PALLAHARA.**
No. b-86
E-mail Id: eenhpallahara-od@gov.in Ph No.06765-279229

**QUOTATION / TENDER CALL NOTICE No 01 //EENHPLR OF 2019-20.**

Sealed quotations/tenders are invited from interested reputed Travel Agencies / Tour Operators or private individuals having **valid GST registration** for providing 1 (One) no. of TUV300/Bolero/Sumo Gold/Ertiga having fuel efficiency minimum of 10.00Kms per litre and one no of petrol driven Tiago/Bolt/Celerio having fuel efficiency minimum of 17.00Kms per litre and sitting capacity not more than ten including driver, Which shall conform to the Terms and Conditions **(Annexure-II)** for official use of **Executive Engineer N.H.Division, Pallahara and Assistant Executive Engineer N.H.Sub-Division, Pallahara** respectively on monthly rent basis for the period as mentioned below.

| Sl. No. | Vehicle for Inspection of Works | Period |
|---|---|---|
| 1 | **One No.** TUV300/Bolero/Sumo Gold/Ertiga | **01.04.2020 to 31.03.2021** |
| 2 | **One No of** petrol driven Tiago/Bolt/Celerio | **01.04.2020 to 31.03.2021** |

1) The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Valid Contract Carriage Permit, proof of up to date tax payment etc. which are mandatory for plying of vehicle .
2) The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3) The driver should be well behaved, gentle and obedient in future.
4) A sum of Rs.5000/- shall be deposited by the Intending bidders in shape of Account payees Bank Draft drawn in favour of the **Executive Engineer, N.H.Division, Pallahara** and submitted along with the tender as security deposit . After completion of tender process, the amount will be refunded to unsuccessful bidders.
5) The monthly rate of hire charge be quoted separately in the general bid information (excluding fuel and lubricants).
6) The vehicle must achieve a fuel efficiency of **10.00** Kms per litre for TUV300/Bolero/Sumo Gold/Ertiga and17.00Kms per litre for petrol driven Tiago/Bolt/Celerio vehicle.
7) The details of the make and year of manufacture of the vehicle, registration no., mileage (Kms. covered per litre) and name of the driver with driving license No. and period of Validity should be specifically provided in the general bid information to be furnished with the Quotation / Tender **(Annexure-III).**
8) The Quotation completed in all respect should reach the undersigned on or **before 26.03.2020 by 3.00P.M** and shall be opened on the same day at **3.30 P.M** .in presence of the bidders or their authorised representatives.
9) The application form of quotation / tender containing General Bid information & Terms and conditions for hiring of vehicles etc. will be available in the office of the **Executive Engineer, N.H.Division, Pallahara** on payment of **Rs.100/-from 13.03.2020 to 26.03.2020 up to 3.00 P.M** or can be downloaded from Odisha Govt. Website www.odisha.gov.in from **13.03.2020 to 26.03.2020 up to 3.00 P.M.**. In case the application form is downloaded from Govt. Website, the applicant shall furnish a Demand Draft for an amount of Rs.100/- (Rupees One Hundred) only towards the cost of application along with the application.

**Executive Engineer N.H.Division, Pallahara.**
**OIPR-34072/11/0002/1920**

# ଦନ୍ତକ୍ଷୟରୁ ରକ୍ଷାକରେ କ୍ଷୀର



କ୍ଷୀରରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଆଜିକାଲି ଦନ୍ତକ୍ଷୟ ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏହାକୁ ରୋକିବାକୁ ଆପଣ କ୍ଷୀର ପିଇପାରନ୍ତି। ଜଣେ ବ୍ୟକ୍ତି ଯଦି ସକାଳ ଜଳଖିଆ ଖାଇସାରିବା ପରେ ଏକ ଗ୍ଲାସ କ୍ଷୀର ପିଅନ୍ତି, ତେବେ ତାହା ଦାନ୍ତକୁ ମଜଭୁତ କରିଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ଦନ୍ତକ୍ଷୟ ପରି ସମସ୍ୟାଠାରୁ ନିଜକୁ ଜଣେ ଦୂରେଇ ରଖିପାରିବ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'କ୍ଷୀର ପିଇବା ଏବଂ ଦନ୍ତକ୍ଷୟ' ବିଷୟ ଉପରେ ଆଟଲାଣ୍ଟା ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଗବେଷଣା କରି ଏପରି ତଥ୍ୟ ବିଷୟରେ ସୂଚନା ଦେଇଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ କ୍ଷୀର ପିଇବା ଦ୍ୱାରା ଏଥିରେ ଥିବା ତତ୍ତ୍ୱ ଦାନ୍ତ ସନ୍ଧିରେ ଲୁଚି ରହିଥିବା ଜୀବାଣୁଗୁଡ଼ିକୁ ମାରିଦିଏ। ଯଦି ଛୋଟ ପିଲାଙ୍କୁ କ୍ଷୀରରେ ସେରେଲାକ ମିଶାଇ ପିଇବାକୁ ଦିଅନ୍ତି, ତେବେ ତାହା ସେମାନଙ୍କ ପାଇଁ ଆହୁରି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।

# ବୁଦ୍ଧିମତ୍ତା ବଢ଼ାଏ ବ୍ରେକ୍‌ଫାଷ୍ଟ

ଆମେ ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆ ଖାଇବା ନିହାତି ଦରକାର। କାରଣ ଏହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏହି ତାଲିକାରେ ଟଟକା ଫଳମୂଳ, ଜୁସ୍ ଆଦି ସାମିଲ କରନ୍ତୁ। ଯଦି ଜଣେ ବ୍ୟକ୍ତି ନିୟମିତ ବ୍ରେକ୍‌ଫାଷ୍ଟ କରୁଛନ୍ତି ତେବେ ତାଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ସକ୍ରିୟ ରହିଥାଏ। ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପୁଷ୍ଟିବିଜ୍ଞାନୀମାନେ ଏପରି ମତବ୍ୟକ୍ତ କରିଛନ୍ତି। ନିକଟରେ ସେମାନେ 'ବ୍ରେକ୍‌ଫାଷ୍ଟ ଓ ବୁଦ୍ଧିମତ୍ତା' ଶୀର୍ଷକ ବିଷୟ ଉପରେ କରିଥିବା ସର୍ଭେରୁ ଏକଥା ଜଣାପଡ଼ିଛି।



ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରତିଦିନ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲୁ ନ ଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ଆହୁରି ସକ୍ରିୟ ଥିବା ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ହୋଲି ରଙ୍ଗର ପ୍ରତିକୂଳ ପ୍ରଭାବ



ରଙ୍ଗର ପର୍ବ ହୋଲି ଆମର ଏକ ପ୍ରିୟ ପର୍ବ। ମାତ୍ର ହୋଲିରେ ବ୍ୟବହାର କରାଯାଉଥିବା ଅଧିକାଂଶ ରଙ୍ଗ କୃତ୍ରିମ, ସଂଶ୍ଳେଷିତ ରଙ୍ଗ ଯାହା ଆମ ଶରୀର ଓ ପରିବେଶ ଉପରେ ଯଥେଷ୍ଟ କୁପ୍ରଭାବ ପକାଇଥାଏ। ହୋଲିରେ ସାଧାରଣତଃ ଚାରି ପ୍ରକାରର ରଙ୍ଗ ବ୍ୟବହାର କରାଯାଏ। ଯଥା– ଅବିର, ଶୁଖିଲା ଗୁଣ୍ଡରଙ୍ଗ, କାଦୁଆ ରଙ୍ଗ ବା ପେଷ୍ଟ୍ ଏବଂ ତରଳ ରଙ୍ଗ।

**ଅବିର:** ଅବିରରେ ସାଧାରଣତଃ ଦୁଇ ପ୍ରକାରର ଉପାଦାନ ଥାଏ। ଯଥା ରଞ୍ଜକ ଓ ବେସ୍। ବେସ୍‌କୁ ରଙ୍ଗିନ କରିବା ପାଇଁ ବ୍ୟବହୃତ ରଞ୍ଜକରେ ବିଭିନ୍ନ ଭାରି ଧାତୁ, ଯଥା କ୍ୟାଡ୍‌ମିୟମ୍ କ୍ରୋମିୟମ୍, ଲୌହ, ସୀସା, ପାରଦ, ନିକେଲ୍, ଦସ୍ତା ଇତ୍ୟାଦିର ଅକ୍ସାଇଡ୍ କିମ୍ବା ପିଟୁଭିତ୍ତିକ ବିଷାକ୍ତ ରଙ୍ଗଥାଏ। ରଞ୍ଜକ ନିମନ୍ତେ ମଧ୍ୟ ସାଧାରଣତଃ ବିଭିନ୍ନ 'ଏଜୋ' ଗ୍ରୁପ୍‌ର ରସାୟନ ଯଥା ହଳଦୀ ରଙ୍ଗ ପାଇଁ ଅରାମାଇନ୍, ସବୁଜ ରଙ୍ଗ ପାଇଁ ମାଲାଚାଇଟ୍, କମଳା ରଙ୍ଗ ପାଇଁ ରୋଡାମାଇନ୍,



ନୀଳ ରଙ୍ଗ ପାଇଁ ମିଥିଲିନ୍ ଇତ୍ୟାଦି ବ୍ୟବହାର କରାଯାଏ। ଅନ୍ୟପକ୍ଷରେ, ବେସ୍ ପ୍ରସ୍ତୁତି ନିମନ୍ତେ ସାଧାରଣତଃ ଆଜ୍‌ବେଷ୍ଟସ୍ କିମ୍ବା ସିଲିକା ବ୍ୟବହାର କରାଯାଏ। ରଞ୍ଜକ ଓ ବେସ୍ ଛଡ଼ା ଅବିରରେ ମଧ୍ୟ ବାଲି, ଷ୍ଟାର୍ଚ୍ଚ, ଲୁଣ, ଅଭ୍ର ଓ ଏପରିକି ଚିକ୍‌ମିକ୍ କରିବା ପାଇଁ କାଚଗୁଣ୍ଡ ମଧ୍ୟ ମିଶାଯାଏ।

**ଶୁଖିଲା ଗୁଣ୍ଡ ରଙ୍ଗ:** ହୋଲିରେ ବ୍ୟବହାର କରାଯାଉଥିବା ଶୁଖିଲା ଗୁଣ୍ଡ ରଙ୍ଗରେ ସାଧାରଣତଃ ବିଭିନ୍ନ ଅଜୈବିକ ରାସାୟନିକ ପଦାର୍ଥ ଯଥା ସବୁଜ ରଙ୍ଗ ସୃଷ୍ଟି ନିମନ୍ତେ କପରସଲ୍‌ଫେଟ୍, କଳା ରଙ୍ଗ ସୃଷ୍ଟି ନିମନ୍ତେ ରେଡ୍ ଅକ୍ସାଇଡ୍, ଲାଲ୍ ରଙ୍ଗ ସୃଷ୍ଟି ନିମନ୍ତେ ମର୍କୁରୀ ସଲ୍‌ଫେଟ୍, ବାଇଗଣୀ ରଙ୍ଗ ସୃଷ୍ଟି ନିମନ୍ତେ ଆଲୁମିନିୟମ୍ ବ୍ରୋମାଇଡ୍ ଇତ୍ୟାଦି ବ୍ୟବହାର କରାଯାଏ।

**କାଦୁଆ ରଙ୍ଗ ବା ପେଷ୍ଟ:** ଶରୀରରେ ସହଜରେ ପ୍ରଲେପ ପାଇଁ ଉପରୋକ୍ତ ଶୁଖିଲା ଗୁଣ୍ଡ ରଙ୍ଗକୁ ବେଳେବେଳେ ମୋଟର ଗାଡ଼ିର ଇଞ୍ଜିନ୍‌ରେ ବ୍ୟବହୃତ ତେଲ କିମ୍ବା ଅନ୍ୟ ଶସ୍ତା ତେଲ ସଙ୍ଗେ ମିଶାଇ ପ୍ରୟୋଗ କରାଯାଏ। ରଙ୍ଗ ସହିତ ତେଲ ମିଶାଇବା ଦ୍ୱାରା ଏହାର ବିଷାକ୍ତ ମାତ୍ରା ବୃଦ୍ଧିପାଏ ଏବଂ ଏହା ଶରୀର ମଧ୍ୟରେ ପ୍ରବେଶ ମାତ୍ରା ତ୍ୱରାନ୍ୱିତ ହୁଏ।

**ତରଳ ରଙ୍ଗ:** ହୋଲିରେ ବ୍ୟବହୃତ ବିଭିନ୍ନ ତରଳ ରଙ୍ଗସବୁ ହେଲା– କାଳି, ଆୟୋଡିନ୍ ଦ୍ରବଣ, ମିଥିଲିନ୍ ନୀଳ, ମର୍କୁରିକ୍ରୋମ୍, ପୋଟାସିୟମ୍ ପରମାଙ୍ଗାନେଟ୍ ଇତ୍ୟାଦି।

**ଶରୀର ଉପରେ କୁପ୍ରଭାବ:** ଅବିରରେ ରଞ୍ଜକ ରୂପେ ବ୍ୟବହାର କରାଯାଉଥିବା ଭାରି ଧାତୁ ଶରୀର ପାଇଁ କେବଳ ବିଷାକ୍ତ ନୁହେଁ, କର୍କଟ ରୋଗ ସୃଷ୍ଟିକାରୀ ମଧ୍ୟ। ଏହାର କେତେକ ଉଦାହରଣ ନିମ୍ନରେ ଦିଆଗଲା। ସୀସା ମଣିଷର ସ୍ନାୟୁତନ୍ତ୍ର ଓ ପ୍ରଜନନତନ୍ତ୍ର ଉପରେ କୁପ୍ରଭାବ ପକାଇଥାଏ। ଏହାଦ୍ୱାରା ରକ୍ତହୀନତା, ମୁଣ୍ଡବ୍ୟଥା, ପେଟଶୂଳ, ଆଣ୍ଠୁଗଣ୍ଠି ବିନ୍ଧା ଏବଂ ବୃଦ୍ଧାବସ୍ଥାରେ ହାଡ଼ପୋରିଆ ରୋଗ ସୃଷ୍ଟି ହୋଇଥାଏ। ସୀସା ବିଷାକ୍ତକରଣ ଦ୍ୱାରା ମଧ୍ୟ ଶିଶୁମାନଙ୍କର ଶାରୀରିକ ଓ ମାନସିକ ଅଭିବୃଦ୍ଧିରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ଗର୍ଭ ନଷ୍ଟ, ଅସମୟରେ ଶିଶୁ ଜନ୍ମ, ଶିଶୁର ଓଜନ ହ୍ରାସ ତଥା ଗର୍ଭସ୍ଥ ସନ୍ତାନ, ଭ୍ରୂଣର ସ୍ନାୟୁତନ୍ତ୍ର ନଷ୍ଟ ହେବାର ଆଶଙ୍କା ଥାଏ। ସେହିପରି ଲାଲ୍ ରଙ୍ଗରେ ବ୍ୟବହାର କରାଯାଉଥିବା ପାରଦ ବିଷାକ୍ତକରଣ ଦ୍ୱାରା ଶ୍ୱାସରୋଗ,

"ଅବିରରେ ରଞ୍ଜକ ରୂପେ ବ୍ୟବହାର କରାଯାଉଥିବା ଭାରି ଧାତୁ ଶରୀର ପାଇଁ କେବଳ ବିଷାକ୍ତ ନୁହେଁ, କର୍କଟ ରୋଗ ସୃଷ୍ଟିକାରୀ ମଧ୍ୟ। ଏହାର କେତେକ ଉଦାହରଣ ଦିଆଗଲା। ସୀସା ମଣିଷର ସ୍ନାୟୁତନ୍ତ୍ର ଓ ପ୍ରଜନନତନ୍ତ୍ର ଉପରେ କୁପ୍ରଭାବ ପକାଇଥାଏ। ଏହାଦ୍ୱାରା ରକ୍ତହୀନତା, ମୁଣ୍ଡବ୍ୟଥା, ପେଟଶୂଳ, ଆଣ୍ଠୁଗଣ୍ଠି ବିନ୍ଧା ଏବଂ ବୃଦ୍ଧାବସ୍ଥାରେ ହାଡ଼ପୋରିଆ ରୋଗ ସୃଷ୍ଟି ହୋଇଥାଏ।"

ମୁଣ୍ଡବ୍ୟଥା, ହୃତ୍‌ପିଣ୍ଡର ସ୍ପନ୍ଦନ ହାର ବୃଦ୍ଧି, ରକ୍ତଚାପ ହ୍ରାସ, ମତିଭ୍ରମତା ତଥା ଚର୍ମ କୁଣ୍ଡେଇ ହେବା ଭଳି ଲକ୍ଷଣମାନ ପ୍ରକାଶ ପାଏ। ସବୁଜ ରଙ୍ଗ ପାଇଁ ବ୍ୟବହାର କରାଯାଉଥିବା କପର୍ ସଲ୍‌ଫେଟ୍ ସଂସ୍ପର୍ଶ ଦ୍ୱାରା ଆଖି ଲାଲ୍ ପଡ଼ିବା, ଆଖି କୁଣ୍ଡେଇ ହେବା ଇତ୍ୟାଦି ଲକ୍ଷଣମାନ ପ୍ରକାଶ ପାଇବା ସଙ୍ଗେସଙ୍ଗେ ଅସ୍ଥାୟୀ କିମ୍ବା ସ୍ଥାୟୀ ଭାବରେ ଦୃଷ୍ଟିଶକ୍ତି ଲୋପ ପାଇବାର ଆଶଙ୍କା ଥାଏ। ବାଇଗଣୀ ରଙ୍ଗ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବା କ୍ରୋମିୟମ୍ ଅକ୍ସାଇଡ୍ ବିଷାକ୍ତକରଣ ଦ୍ୱାରା ଆଜ୍‌ମା ଭଳି ଆଲର୍ଜିଜନିତ ରୋଗ ସୃଷ୍ଟି ହେଉଥିଲା ବେଳେ ରୂପେଲି ରଙ୍ଗ ନିମନ୍ତେ ପ୍ରୟୋଗ କରାଯାଉଥିବା ଆଲୁମିନିୟମ୍ ବ୍ରୋମାଇଡ୍ ଶରୀରରେ କର୍କଟ ରୋଗ ସୃଷ୍ଟି କରେ। ସେହିପରି, ଅରାମାଇନ୍ ବିଷାକ୍ତକରଣ ଦ୍ୱାରା ମୁଖ, ଗଳା ତଥା ପାକସ୍ଥଳୀ ବ୍ୟଥା, ଚକ୍ଷୁପୀଡ଼ା ଓ ଅସ୍ପଷ୍ଟ ଦୃଷ୍ଟି, ଚର୍ମ କୁଣ୍ଡେଇ ହେବା ଏବଂ ଲାଲ୍ ପଡ଼ିଯିବା ଭଳି ଲକ୍ଷଣମାନ ପ୍ରକାଶ ପାଇବା ସହିତ ଶରୀରର ଯକୃତ, ବୃକ୍କ, ପ୍ଳୀହା, ଛାତି, ପୁରୁଷଙ୍କ ଅଣ୍ଡକୋଷ ଓ ମହିଳାଙ୍କ ଜରାୟୁରେ ଟ୍ୟୁମର ସୃଷ୍ଟି ହେବାର ଆଶଙ୍କା ଥାଏ। ରୋଡାମାଇନ୍ ବିଷାକ୍ତକରଣ କ୍ଷେତ୍ରରେ କର୍କଟ ତଥା ବିଭିନ୍ନ ବଂଶାନୁକ୍ରମିକ ରୋଗ ପ୍ରକାଶ ପାଇବାର ସମ୍ଭାବନା ଥାଏ।

ଏହାଛଡ଼ା ରଞ୍ଜକକୁ ଧାରଣ କରୁଥିବା ବେସ୍‌ରେ ବ୍ୟବହୃତ ଆଜ୍‌ବେଷ୍ଟସ୍, ସିଲିକା ଏବଂ କାଚଗୁଣ୍ଡ ମଧ୍ୟ ଶରୀର ପାଇଁ ହାନିକାରକ। ଆଜ୍‌ବେଷ୍ଟସ୍‌ର କର୍କଟ ରୋଗ ସୃଷ୍ଟି କରିବାର କ୍ଷମତା ଥିଲାବେଳେ ସିଲିକା ଏବଂ କାଚଗୁଣ୍ଡ ଚକ୍ଷୁ ଏବଂ ଚର୍ମ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ପେଷ୍ଟ ରଙ୍ଗରେ ବ୍ୟବହୃତ ଶସ୍ତା ତୈଳ ଦ୍ୱାରା ଚର୍ମ ଆଲର୍ଜି, ଚକ୍ଷୁ କୁଣ୍ଡେଇ ହେବା ତଥା ସମ୍ପୂର୍ଣ୍ଣ ଅନ୍ଧତ୍ୱ ଭଳି ଲକ୍ଷଣମାନ ପ୍ରକାଶ ପାଏ। ଅଧିକାଂଶ ତରଳ ରଙ୍ଗରେ ବେସ୍ ରୂପେ 'କ୍ଷାରକ' ବ୍ୟବହାର କରାଯାଏ। ଏହା ଆଖିରେ ପଡ଼ିଲେ ଚକ୍ଷୁ ବ୍ୟଥା ଭଳି ସମସ୍ୟାମାନ ସୃଷ୍ଟି କରେ। ହୋଲିରେ ବ୍ୟବହୃତ ଖଇରିଆ ମୁଣ୍ଡଫଟା ରଙ୍ଗ ଚର୍ମ ସହିତ ପ୍ରତିକ୍ରିୟା କରି ଚର୍ମର ବର୍ଣ୍ଣଶୂନ୍ୟତା, ଚର୍ମ କୁଣ୍ଡେଇ ହେବା ତଥା ସ୍ୱେଦଗ୍ରନ୍ଥୀ କ୍ଷତିଗ୍ରସ୍ତ ଇତ୍ୟାଦି ପ୍ରତିକୂଳ ପ୍ରଭାବମାନ ପକାଏ। ଲୋକଙ୍କର ହୋଲି ଖେଳିବା ପଦ୍ଧତି ମଧ୍ୟ ବିପଜ୍ଜନକ। ଲୋକେ ସାଧାରଣତଃ ଶୁଖିଲା ଗୁଣ୍ଡ ରଙ୍ଗରେ ପାଣି ମିଶାଇ ଅନ୍ୟର ଗାଲରେ ବୋଳିଥାଆନ୍ତି। ଶୁଖିଲା ରଙ୍ଗ ଗୁଣ୍ଡରେ ଥିବା କାଚ ଭଳି ସରୁସରୁ କଣିକା ବ୍ୟକ୍ତିର ଚକ୍ଷୁରେ ପ୍ରବେଶ କଲେ ଚକ୍ଷୁ ବ୍ୟଥା ସୃଷ୍ଟି କରେ। ସେହିପରି ମୁହଁରେ ଶସ୍ତା ଅବିର ଘଷିବା ଦ୍ୱାରା କୋମଳ ଚର୍ମରେ ଆଞ୍ଚୁଡ଼ା ଦାଗମାନ ସୃଷ୍ଟି ହେବାର ଆଶଙ୍କା ଥାଏ।

**ପରିବେଶ ସମସ୍ୟା:** ହୋଲି ରଙ୍ଗରେ ଥିବା ବିଭିନ୍ନ ଅଜୈବିକ ଉପାଦାନ ବିଘଟିତ ହୋଇ ମାଟିରେ ମିଶିପାରେ ନାହିଁ। ତେଣୁ ଏସବୁ ରଙ୍ଗକୁ ପାଣିରେ ଧୋଇ ହେଲେ ଏହା ପାଣିରେ ମିଶି ଜଳ ପ୍ରଦୂଷଣ ସୃଷ୍ଟି କରେ। ଏହା ମଧ୍ୟ ଜଳୀୟ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ସମସ୍ତ ପରିସଂସ୍ଥାକୁ ପ୍ରଭାବିତ କରେ।

**ପ୍ରତିକାର:** ଏସବୁ ସ୍ୱାସ୍ଥ୍ୟଗତ ଓ ପରିବେଶଗତ ସମସ୍ୟାର ପ୍ରତିକାର ସ୍ୱରୂପ ହୋଲି ପର୍ବକୁ ପାରମ୍ପରିକ ଉତ୍ସାହ ଓ ଉଦ୍ଦୀପନାରେ ଉପଭୋଗ କରିବାକୁ ହେଲେ କୃତ୍ରିମ ରାସାୟନିକ ରଙ୍ଗ ପରିବର୍ତ୍ତେ ପ୍ରାକୃତିକ ହର୍ବାଲ୍ ରଙ୍ଗ ବ୍ୟବହାର ଆବଶ୍ୟକ। ଗଛର ଫୁଲ, ପତ୍ର ଇତ୍ୟାଦି ଅଂଶରୁ ଶରୀର ତଥା ପରିବେଶପ୍ରିୟ ବିଭିନ୍ନ ରଙ୍ଗ ପ୍ରସ୍ତୁତ କରିହେବ। ନିରାପଦ ହୋଲି ନିମନ୍ତେ ବିଭିନ୍ନ ଅର୍ଗାନିକ୍ ରଙ୍ଗ ପ୍ରସ୍ତୁତି ନିମନ୍ତେ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଅବ୍ୟାହତ ରହିଛି।



ନିକୁଞ୍ଜ ବିହାରୀ ସାହୁ

*– ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ*
*ମୋ: ୮୦୧୮୭୦୮୮୫୮*

# ଚର୍ମ ରୋଗର ଆୟୁର୍ବେଦୀୟ ଉପଚାର



ଡା. ଆଶିଷ ବାନାର୍ଜୀ

"ଅତ୍ୟଧିକ ଆମିଷ ଦ୍ରବ୍ୟ ସେବନ, ଅପରିଷ୍କାର ରହିଲେ ବା ପ୍ରତ୍ୟହ ସଫା ଲୁଗାପଟା ନ ପିନ୍ଧିଲେ, ଗାଁ ଗହଳିରେ ଥିବା ଅପରିଷ୍କାର ଦଳ ଭର୍ତ୍ତି ଗାଡ଼ିଆ ପୋଖରୀ ଏବଂ ଯେଉଁଥିରେ ଗାଈ, ମଇଁଷି, ଗୃହପାଳିତ ପଶୁମାନେ ଗାଧୋଇଥାନ୍ତି, ସେହି ପାଣିରେ ଗାଧୋଇଲେ ଚର୍ମରୋଗ ବେଶି ହେବାର ଆଶଙ୍କା ଥାଏ।"

କଥାରେ ଅଛି, ଆଜ୍‌ମା ଓ ଏକ୍‌ଜିମା ଭଲ ହୁଏ ନାହିଁ। ଏହା ଥରେ ଆରମ୍ଭ ହେଲେ ଜୀବନ ସାରା କଷ୍ଟଦିଏ ଏବଂ ରୋଗୀକୁ ସବୁଦିନ ପାଇଁ ଆବଶ୍ୟକ ଅନୁଯାୟୀ ଔଷଧ ସେବନ ସହ ମଲମ ବା ଲୋଶନ୍ ଲଗାଇବାକୁ ହୁଏ। ପ୍ରାୟତଃ ଅପରିଷ୍କାର ଅପରିଚ୍ଛନ୍ନତାରୁ ଗାଁ ଗହଳିରେ ବେଶି ହୋଇଥିବା ଏହି ରୋଗ। ଏହି ରୋଗୀ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ମଧ୍ୟ ରୋଗ ହେବା ଯୋଗୁଁ ଏହାକୁ ଡିଆଁରୋଗ ବୋଲି କୁହାଯାଏ। ଏହା ପ୍ରାୟତଃ ଜଂଘସନ୍ଧି, ଜଂଘ, ହାତ ଇତ୍ୟାଦି ଝାଳ ବହୁଥିବା ସ୍ଥାନରେ ବେଶି ହୋଇଥାଏ।

ଅତ୍ୟଧିକ ଆମିଷ ଦ୍ରବ୍ୟ ସେବନ, ଅପରିଷ୍କାର ରହିଲେ ବା ପ୍ରତ୍ୟହ ସଫା ଲୁଗାପଟା ନ ପିନ୍ଧିଲେ, ଗାଁ ଗହଳିରେ ଥିବା ଅପରିଷ୍କାର ଦଳ ଭର୍ତ୍ତି ଗାଡ଼ିଆ ପୋଖରୀ ଏବଂ ଯେଉଁଥିରେ ଗାଈ, ମଇଁଷି, ଗୃହପାଳିତ ପଶୁମାନେ ଗାଧୋଇଥାନ୍ତି, ସେହି ପାଣିରେ ଗାଧୋଇଲେ ଚର୍ମରୋଗ ବେଶି ହେବାର ଆଶଙ୍କା ଥାଏ। ଚର୍ମରୋଗ ବର୍ଷଯାକ ଦେହରେ ଥାଏ ମାତ୍ର ଗ୍ରୀଷ୍ମ ଓ ବର୍ଷା ଋତୁରେ ଗରମ ଓ ଆର୍ଦ୍ରତା କାରଣରୁ ପ୍ରକୋପ ବଢ଼ି ରୋଗୀର ଚର୍ମ କୁଣ୍ଡାଇ ଛିଣ୍ଡି ବିବ୍ରତ କରିପକାଏ ଏବଂ ଆସ୍ତେ ଆସ୍ତେ ଗୋଟିଏ ସ୍ଥାନରୁ ଦେହ ସାରା ମାଡ଼ି ଯାଇଥାଏ। ଆରମ୍ଭରୁ ରୋଗୀ ଅବହେଳା କରି ଟିକିଏ ମଲମ, ତେଲ ବା ଔଷଧ ବ୍ୟବହାର କରି ସାମୟିକ ଉପଶମ ପାଇଲେ ମଧ୍ୟ ରକ୍ତରେ ଥିବା ଜୀବାଣୁ ଦେହସାରା ମାଡ଼ି ବଂଶବିସ୍ତାର କରି ସ୍ଥାନେସ୍ଥାନେ ଚକଡ଼ା ଆକାରରେ ଯାଦୁ, କାଛୁ ବାହାରେ ଏବଂ ଶେଷରେ ଫଳିଯାଏ, କାତି ପରି ଛାଡ଼େ ଓ ଲସି ଭଳି ତରଳ ପଦାର୍ଥ ନିର୍ଗତ ହୋଇଥାଏ।

ଏଥିରେ ସ୍ପର୍ଶ ଉତ୍ତାପ ଓ ସୂଚୀ ଭେଦନବତ ଯନ୍ତ୍ରଣା ସହ ଚର୍ମ କୁଣ୍ଡାଇ ହୋଇ ସ୍ନାୟୁର ଅଗ୍ରଭାଗରେ ଥିବା ସମ୍ବେଦନଶୀଳ ତନ୍ତୁ ବା ରିସେପ୍ଟର ଦ୍ୱାରା ପ୍ରଥମେ ସୃଷ୍ଟି ହୋଇଥାଏ। ସ୍ନାୟୁରେ ଥିବା "ଅଜମାଇ ରିନେଟଡସି" ତନ୍ତୁ ମଧ୍ୟରେ ଅନ୍ତର୍ଗାମୀ ଗତି (ଆଫାରେଣ୍ଟ ପାଥୱେ) ଦେଇ ମେରୁଦଣ୍ଡରେ ଥିବା ସ୍ନାୟୁଗୁଚ୍ଛରେ ପ୍ରବେଶ କରି ଉପରକୁ ଅନୁଭୂତି ସ୍ନାୟୁ ଦ୍ୱାରା ମସ୍ତିଷ୍କରେ ପହଞ୍ଚେ, ପରେ କାର୍ଯ୍ୟବାହୀ ନାଡ଼ି ଦ୍ୱାରା ତା'ର କାର୍ଯ୍ୟ ସମ୍ପାଦକ କରିଥାଏ। ଏହିପରି କିଛି ଦିନ କୁଣ୍ଡାଇବା ଦ୍ୱାରା ସେଠାରେ ବିର୍ ବିର୍ ପରି ଫଳି ବାହାରି ଆସ୍ତେଆସ୍ତେ ଛିଣ୍ଡି ଫୋଟକା ହୋଇ ପାର୍ଶ୍ୱରେ ଶୁଷ୍କ କାତି ପରି ଚର୍ମ ଛାଡ଼େ ଓ ସେଥିମଧ୍ୟରୁ ଲସି ପରି ତରଳ ପଦାର୍ଥ ନିର୍ଗତ ହୋଇ ଏପରି ଶୁଷ୍କ ଓ ପିଚ୍ଛିଳ ଯାଦୁ ବା ଏକ୍‌ଜିମା ଆକାର ଧାରଣ କରେ। କେତେକ ରୋଗୀଙ୍କ ଦେହସାରା ଶ୍ୱେତବର୍ଣ୍ଣର ମାଛ କାତି ପରି ବାହାରିବା ସହ ପ୍ରବଳ କୁଣ୍ଡାଇ ହୁଏ, ତାହାକୁ "ସୋରିଆସିସ୍" ବୋଲି କୁହାଯାଏ। କୁଣ୍ଡାଇବା ସହ ଜଳିଯାଉଥିବା ସ୍ଥାନକୁ "ଡର୍ମାଟାଇଟିସ" କୁହାଯାଏ।



**ସାବଧାନତା:** ରୋଗୀ ନିଜ ଲୁଗାପଟା ନିମ୍ବ ପତ୍ର ସିଝା ପାଣି/ ଡେଟଲ ପାଣିରେ ଧୋଇବା ସହ ସଂକ୍ରମିତ ସ୍ଥାନକୁ ମଧ୍ୟ ଦୁଇବେଳା ସଫା କରିବେ। ମାଛ, ମାଂସ, ଅଣ୍ଡା ଇତ୍ୟାଦି ପୁଷ୍ଟିସାର ଖାଦ୍ୟ ବର୍ଜନୀୟ, ଆଣ୍ଟିଫଙ୍ଗଲ ଟେଲକମ୍ ପାଉଡର (ହର୍ବାଲ) ଦେହରେ ସିଞ୍ଚନ କରିବେ। ପିଲାମାନେ ଥଣ୍ଡା ପାନୀୟ, କୁଲ୍‌ଫି, ଆଇସ୍‌କ୍ରିମ୍ ଖାଇବା ଅନୁଚିତ। ଶୀତଦିନେ ମଶ୍ଚରାଇଜର, ନଡ଼ିଆ ତେଲରେ ଗନ୍ଧକର୍ପୂର ମିଶାଇ ଚାଲ ମୁଗୁରା ତେଲ, ନିମ୍ବ ତେଲ ବା କରଞ୍ଜ ତେଲ ଏଥିମଧ୍ୟରୁ ଗୋଟିଏ ଲଗାଇଲେ କୁଣ୍ଡାଇବା ବନ୍ଦ ହୁଏ। ଚାଷୀ ଭାଇମାନେ ପାଣିରେ ପଶି କାମ କରିବା ପୂର୍ବରୁ ହାତଗୋଡ଼ରେ ସୋରିଷତେଲ/ ନିମ୍ବତେଲ ଲଗାଇବା ପରେ ହାତ ଓ ଗୋଡ଼ରେ ଜରି ବା ଗ୍ଲୋଭ୍‌ସ ଓ ଫୁଲ୍ ଶୋ ପ୍ଲାଷ୍ଟିକ୍ ଯୋତା ଆଣ୍ଠୁ ପର୍ଯ୍ୟନ୍ତ ପିନ୍ଧି କାମ କଲେ ଏହି ରୋଗରୁ ମୁକ୍ତି ପାଇବେ।

*–ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*
*ମୋ: ୯୮୬୧୩୭୪୩୮୫*

# ବ୍ୟାୟାମ ପୂର୍ବରୁ ଓ ପରେ



ବ୍ୟାୟାମ କରିବା ପୂର୍ବରୁ ଆମେ ଫିଟ୍ ରହିବା ନିହାତି ଜରୁରୀ। ଯଦି ଅସୁସ୍ଥ ରହିବା ସତ୍ତ୍ୱେ ଆମେ ବ୍ୟାୟାମ କରୁ ତେବେ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେଣୁ ଏହାପୂର୍ବରୁ ନିଜକୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖନ୍ତୁ। ପ୍ରତିଦିନ କେତେବେଳେ ଏବଂ କେତେ ସମୟ ବ୍ୟାୟାମ କରିବେ ସେ ନେଇ ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ। ଯଦି ବ୍ୟାୟାମ ସମ୍ପର୍କିତ ଆପଣଙ୍କର ସବିଶେଷ ଜ୍ଞାନ ନାହିଁ ତେବେ ଜଣେ ବ୍ୟାୟାମ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରନ୍ତୁ। ଏହାପୂର୍ବରୁ ଅଳ୍ପ ପାଣି ପିଇପାରନ୍ତି। ହେଲେ କିଛି ଖାଆନ୍ତୁ ନାହିଁ। ଏପରି ବ୍ୟାୟାମ କରନ୍ତୁ ନାହିଁ, ଯାହାର କୁପ୍ରଭାବ ଶରୀର ଉପରେ ପଡ଼ିବ। ବ୍ୟାୟାମ କରିବା ସମୟରେ ଯଦି ହାଲିଆ ଲାଗିଲା ତେବେ କିଛି ସମୟ ବିଶ୍ରାମ ନିଅନ୍ତୁ। ସକାଳୁ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ। ସବୁଠାରୁ ଖାସ୍ କଥା ହେଲା, ପ୍ରଦୂଷଣମୁକ୍ତ ଅଞ୍ଚଳରେ ହିଁ ବ୍ୟାୟାମ କରନ୍ତୁ। ବ୍ୟାୟାମ ଶେଷ କରିବାର କିଛି ସମୟ ପରେ ଆପଣ ଜୁସ୍ କିମ୍ବା ପାଣି ପିଇପାରନ୍ତି। ଯଦି ପାଗ ଖରାପ ଅଛି ତେବେ ଘରେ ହାଲକା ଫୁଲକା ବ୍ୟାୟାମ କରନ୍ତୁ।



“ ଇଯାନ କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ରହିବା ଲାଗି ଯୋଜନା ରହିଛି। ଆଗାମୀ ଗୋଟିଏ ବର୍ଷ ମଧ୍ୟରେ ୧୨୦ ନିୟୁତ ଡଲାର ରାଜସ୍ୱ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

– ଆନନ୍ଦ ଆୟାଦୁରାଇ, ଭୋଗୋ ସିଇଓ



“ ନିରନ୍ତର ଭିତ୍ତିରେ ଭାରତରେ ବାଣିଜ୍ୟ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଆସନ୍ତା ବର୍ଷ ଦେଶ ମଧ୍ୟରେ କିଛି ବଡ ବାଇକ୍ ଉତ୍ପାଦନ କରାଯିବ।

– ୟଦବିନ୍ଦର ସିଂ ଗୁଲେରିଆ, ବରିଷ୍ଠ ଉପସଭାପତି, ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ

# ଭୂତ କମ୍ପାନୀ ସହ ରାଣାଙ୍କ ଲିଙ୍କ୍

ମୁମ୍ବାଇ,୮–୩

ୟେସ୍ ବ୍ୟାଙ୍କର ପ୍ରତିଷ୍ଠାତା ରାଣା କପୁରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବେଆଇନ ଅର୍ଥ କାରବାର ନିରୋଧି ଆଇନ(ପିଏମ୍ଏଲ୍ଏ) ଅଧୀନରେ ରବିବାର ଗିରଫ କରିଛି। ୨୦ ଭୂତ କମ୍ପାନୀଙ୍କ ସହ ରାଣାଙ୍କ ଲିଙ୍କ ରହିଥିବା ଅଭିଯୋଗ ଆସିଛି। ଏହି କମ୍ପାନୀଗୁଡିକ ପ୍ରତିଷ୍ଠା ଦ୍ୱାରା ବେଆଇନ ନିବେଶ ଏବଂ ଅର୍ଥ ହେରଫେର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହିଭଳି ଭାବେ ୨ ହଜାର କୋଟି ଟଙ୍କାର ନିବେଶ ଏବେ ଇଡି ସ୍କାନରରେ ରହିଛି। ତାଙ୍କ ପାଖରେ ପ୍ରାୟ ୪୪ ବହୁମୂଲ୍ୟ ପେଣ୍ଟିଂ ରହିଛି। ଇଡି ସୂଚନା ମୁତାବକ, ସେଥି ମଧ୍ୟରୁ କିଛି ଭାରତୀୟ ରାଜନେତାଙ୍କ ସହ ସମ୍ପର୍କ ରଖିଥିବା ଜଣା ପଡିଛି।

### ଟଣାହେଲେ ଡିଏଚ୍ଏଫ୍ଏଲ୍ ପ୍ରମୋଟର

ୟେସ୍ ବ୍ୟାଙ୍କ ମାମଲାରେ ସିବିଆଇ ରାଣା କପୁରଙ୍କ ସହ ଡିଏଚ୍ଏଫ୍ଏଲ୍‌ର ପୂର୍ବତନ ଏମ୍‌ଡି ତଥା ସିଇଓ ଏବଂ ପ୍ରମୋଟର କପିଲ ୱାଧୱାନ ମଧ୍ୟ ଟଣାହୋଇଛନ୍ତି। ତାଙ୍କ ନାମରେ ସିବିଆଇ ମାମଲା ରୁଜୁ କରିଛି।

### ଇଡି କାର୍ଯ୍ୟାଳୟରେ ହାଜର ହେଲେ ରାଣାଙ୍କ ସ୍ତ୍ରୀ

ରାଣା କପୁରଙ୍କ ସ୍ତ୍ରୀ ବିନ୍ଦୁ କପୁର ରବିବାର ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ।

### ୟେସ୍ ବ୍ୟାଙ୍କ ସଙ୍କଟ



- ଇଡି ସ୍କାନରରେ ୨ହଜାର କୋଟି ଟଙ୍କାର ନିବେଶ
- ପାଖରେ ରଖିଛନ୍ତି ୪୪ ଦାମୀ ପେଣ୍ଟିଂ
- ରାଣାଙ୍କ ୩ ଝିଅ, ସ୍ତ୍ରୀ ତଦନ୍ତ ପରିସରରେ



ରାଣାଙ୍କ ପରିବାର ଲଣ୍ଡନରେ ସମ୍ପତ୍ତି ହାସଲ କରିଛନ୍ତି। କେଉଁ ସୂତ୍ରରୁ ଅର୍ଥରେ ଏହି ସମ୍ପତ୍ତି ସେଠାରେ କିଣା ଯାଇଛି ତାହା ଇଡି ତଦନ୍ତ ଘେରରେ ରହିଛି। ସାଉଥ ମୁମ୍ବାଇରେ ରହିଥିବା ତାଙ୍କ ବାସଭବନ ଉପରେ ଇଡି ପ୍ରଥମେ ଚଢାଉ କରିଥିଲା। ଏବେ ତଦନ୍ତ ଘେରରେ ତାଙ୍କର ୩ ଝିଅ ଏବଂ ସ୍ତ୍ରୀ ରହିଛନ୍ତି। ରାଣାଙ୍କ ସ୍ତ୍ରୀ ବିନ୍ଦୁ ଏବଂ ୩ ଝିଅଙ୍କୁ ଜେରା ବେଳେ ଇଡି ବିଭିନ୍ନ ଘଟଣା ଜାଣିବାକୁ ପାଇଛି। ରାଣାଙ୍କ ପରିବାର ୨ ହଜାର କୋଟି ଟଙ୍କା ନିବେଶ କରିଥିବା ବେଳେ ପ୍ରାୟ ୧୨ରୁ ଅଧିକ ଭୂତ କମ୍ପାନୀ ଏବଂ ଡମି କମ୍ପାନୀ ଦ୍ୱାରା ଅର୍ଥ ହେରଫେର କରିଥିବା ତଦନ୍ତ ଏଜେନ୍ସି ପକ୍ଷରୁ କୁହାଯାଇଛି। ରାଣା ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନିକଟରେ ଯେଉଁ ଦାମୀ ପେଣ୍ଟିଂ ରହିଛି

ଏହି ମାମଲାରେ ରାଣାଙ୍କ ସହ ସମ୍ପୃକ୍ତି ନେଇ ବିଭିନ୍ନ ପ୍ରଶ୍ନ ବିନ୍ଦୁଙ୍କୁ ଅଧିକାରୀମାନେ କରିଛନ୍ତି। ରବିବାର ସକାଳେ ବିନ୍ଦୁ ଇଡି କାର୍ଯ୍ୟାଳୟରୁ ବାହାରୁଥିବା ଦେଖାଯାଇଥିଲା ତାଙ୍କ ସହ ଇଡିର ଦୁଇ ଜଣ ଅଧିକାରୀ ରହିଥିଲେ।

### ଏୟାରପୋର୍ଟରେ ରାଣାଙ୍କ ଝିଅ ଅଟକ

ଏକ ନ୍ୟୁଜ ଏଜେନ୍ସି ତଥ୍ୟ ମୁତାବକ ରାଣାଙ୍କ ଝିଅ ରୋଶନୀ କପୁରଙ୍କୁ ମୁମ୍ବାଇ ଏୟାରପୋର୍ଟରେ ରବିବାର ଅଟକ ରଖାଯାଇଥିଲା। ବ୍ରିଟିଶ ଏୟାରୱେଜର ଏକ ବିମାନରେ ସେ ଲଣ୍ଡନ ଯିବାର କାର୍ଯ୍ୟକ୍ରମ ରହିଥିଲା। ଦିୱାନ ହାଉସିଂ ଫାଇନାନ୍ସ ଲିମିଟେଡ (ଡିଏଚ୍ଏଫ୍ଏଲ୍)କୁ ବେଆଇନ ଋଣ ଯୋଗାଣ ଅଭିଯୋଗରେ ତାଙ୍କ ବାପା ରାଣା କପୁରଙ୍କୁ ଇଡି ଗିରଫ କରିବା ପରେ ଏଭଳି ଘଟଣା ସାମ୍ନାକୁ ଆସିଛି। ରାଣା ଏବଂ ତାଙ୍କ ପରିବାର ସଦସ୍ୟ ବିରୋଧରେ ଇଡି ଲୁକ୍ ଆଉଟ ନୋଟିସ ଜାରି କରିଛି। ଇଡିର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ରାଣାଙ୍କ ସ୍ତ୍ରୀ ବିନ୍ଦୁ, ଝିଅ ରାକ୍ଷୀ କପୁର ଟଣ୍ଡନ, ରଶନୀ କପୁର ଏବଂ ରାଧା କପୁର ମଧ୍ୟ ଇଡି ନଜରରେ ରହିଛନ୍ତି।

### ଅସୁବିଧାରେ ବ୍ୟାଙ୍କର ଫରେକ୍ସକାର୍ଡଧାରୀ

ୟେସ୍ ବ୍ୟାଙ୍କ ଉପରେ କଟକଣା ଲାଗିବା ଯୋଗୁ ଏହି ବ୍ୟାଙ୍କର ଫରେକ୍ସ କାର୍ଡ ବ୍ୟବହାର କରୁଥିବା ଟ୍ରାଭେଲର ଏବଂ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ ଉପରେ ୫୦ ହଜାର ଟଙ୍କାର ଉଠାଣ କଟକଣା ଲାଗିବା ଯୋଗୁ ଲୋକମାନେ ଗତ ୩ ଦିନ ଧରି ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ଜଣାପଡିଛି। ୟେସ୍ ବ୍ୟାଙ୍କ ସହ ଫୋନ୍‌ପେର ଅନୁବନ୍ଧନ ରହିଥିଲା। କଟକଣା ଯୋଗୁ ଏହା ନେଣଦେଣରେ ଅସୁବିଧା ସାମ୍ନା କରିବା ଯୋଗୁ ଆଇସିଆଇସିଆଇ ନିଜ ସହ ସାମିଲ କରିବା ପରେ ଫୋନପେରେ ନେଣଦେଣ ସ୍ୱାଭାବିକ ହୋଇଛି। ବୁକ୍‌ମାଇଁ ଫରେକ୍ସ ଡଟ୍ କମ୍ ଭଳି ସଂସ୍ଥା ୟେସ୍ ବ୍ୟାଙ୍କ ସହ ସହବନ୍ଧିତଥିବାରୁ ଏହାର ଗ୍ରାହକମାନେ ବିଦେଶରେ ହଇରାଣ ହେଉଛନ୍ତି।

### ସିବିଆଇର ତଦନ୍ତ ଆରମ୍ଭ

ୟେସ୍ ବ୍ୟାଙ୍କ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ତଦନ୍ତ ଆରମ୍ଭ କରିଥିବା କୁହାଯାଇଛି। ଏହି ଘଟଣା ଉପରେ ରବିବାର ଠାରୁ ସିବିଆଇ ଅଧିକାରୀମାନେ କାଗଜପତ୍ର ଖୋଳତାଡ ଆରମ୍ଭ କରିଥିବା ଜଣାପଡିଛି। ତଦନ୍ତ ଉପରେ ଅଧିକାରୀମାନେ କିଛି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି। ଆଗାମୀ କାର୍ଯ୍ୟପନ୍ଥା କ’ଣ ରହିବ ତାକୁ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଛି। ମାତ୍ର ପ୍ରାଥମିକ ଭିତ୍ତିରେ ତଦନ୍ତ ଆରମ୍ଭ କରାଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଘଟଣାର ଆପରାଧିକ ଦିଗ, ଠକେଇ ଏବଂ ଦୁର୍ନୀତି ଭଳି ପ୍ରସଙ୍ଗକୁ ସିବିଆଇ ବିଚାର କରିବ।

### ଜମାକାରୀଙ୍କ ଟଙ୍କା ସୁରକ୍ଷିତ: ଆର୍‌ବିଆଇ



ୟେସ୍ ବ୍ୟାଙ୍କ ଘଟଣା ଉପରେ ରିଜର୍ଭ ବ୍ୟାଙ୍କ ରବିବାର ପୁଣି ଥରେ ସ୍ପଷ୍ଟୀକରଣ ଦେଇଛି। ଜମାକାରୀ ବର୍ତ୍ତମାନ ବ୍ୟାଙ୍କର ସ୍ଥିତିକୁ ନେଇ ଆଶଙ୍କାରେ ରହିଛନ୍ତି। ଏଭଳି ସ୍ଥିତିରେ ଆର୍‌ବିଆଇ ଲୋକମାନଙ୍କୁ ଆଶ୍ୱାସନା ଦେଇଛି। ଲୋକଙ୍କୁ ଭରସା ଦେଇ କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ, ଜମାକାରୀଙ୍କ ଟଙ୍କା ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଏହାକୁ ନେଇ କୌଣସି ଚିନ୍ତା ନ କରିବା ଆବଶ୍ୟକ। ବ୍ୟାଙ୍କର ସମ୍ପୂର୍ଣ୍ଣ ଘଟଣା ଉପରେ ନଜର ରଖାଯାଇଥିବା କେନ୍ଦ୍ରୀୟ ବ୍ୟାଙ୍କ ସ୍ପଷ୍ଟ କରିଛି। ଜମାକାରୀଙ୍କ ଅର୍ଥର ସୁରକ୍ଷା ନେଇ କେତେକ ଗଣମାଧ୍ୟମରେ ବାହାରିଥିବା ଏକ ରିପୋର୍ଟକୁ ନେଇ ରିଜର୍ଭ ବ୍ୟାଙ୍କ ଟୁଇଟ ଯୋଗେ ଏଭଳି ସ୍ପଷ୍ଟୀକରଣ ଦେଇଛି। କେବଳ ୟେସ୍ ବ୍ୟାଙ୍କ ନୁହେଁ ସବୁ ବ୍ୟାଙ୍କର ସ୍ଥିତି ଉପରେ ଆର୍‌ବିଆଇ ନଜର ରଖିଥିବା କହିଛି। ଏଣୁ ଲୋକମାନେ ଜମାର ସୁରକ୍ଷା ନେଇ ବେଶି ଚିନ୍ତିତ ନ ହେବାକୁ ଏହା ସ୍ପଷ୍ଟ କରିଛି।

### ଚିନ୍ତାର କାରଣ ନାହିଁ, ବ୍ୟାଙ୍କଗୁଡିକରେ ପୁଞ୍ଜି ଦୃଢ ରହିଛି: ସିଇଏ



ଏହାବାଦ ୟେସ୍ ବ୍ୟାଙ୍କ ଘଟଣା ଉପରେ ମଧ୍ୟ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ବ୍ୟାଙ୍କଗୁଡିକ ଦୃଢ ରହିଛନ୍ତି। ବ୍ୟାଙ୍କଗୁଡିକରେ ସରକାର ଉନ୍ନତ ପୁଞ୍ଜି ଯୋଗାଣ କରୁଛନ୍ତି। ଏଣୁ ଲୋକମାନେ କୌଣସି ମତେ ଚିନ୍ତା ନ କରିବାକୁ ସେ ଭରସା ଦେଇଛନ୍ତି। ଏହାବାଦ ବ୍ୟାଙ୍କଗୁଡିକର ଆର୍ଥିକ ସ୍ୱାସ୍ଥ୍ୟ ମାପିବା ପଦ୍ଧତିକୁ ସେ ଭୁଲ୍ ବୋଲି କହିଛନ୍ତି। ବଜାର ପୁଞ୍ଜୀକରଣ ଅନୁସାରେ ଜମା ଅନୁପାତ କେତେ ରହିଛି ସେ ପଦ୍ଧତିକୁ ସୁବ୍ରମଣ୍ୟନ ଭୁଲ୍ ଣାଁଇଛନ୍ତି।

## ସାମ୍‌ସଙ୍ଗ ଆଣିଲା ୨ ନୂଆ ସ୍ମାର୍ଟଫୋନ୍



ଭୁବନେଶ୍ୱର,୮–୩

ସାମ୍‌ସଙ୍ଗ ପକ୍ଷରୁ ୨ ନୂଆ ସ୍ମାର୍ଟଫୋନ୍ ଗାଲାକ୍ସି ଏସ୍୨୦ ଏବଂ ଗାଲାକ୍ସି ଏସ୍୨୦ ପ୍ଲସ ବଜାରକୁ ଆସିଛି। ଏସ୍‌ପିଡି ପପୁ ହଂସ ଏବଂ ଜେଡ୍ଏସ୍ଏମ୍ ଆଶୁତୋଷ ଶର୍ମା ଏହି ମଡେଲଗୁଡିକୁ ବଜାର ପ୍ରବେଶ କରାଇଥିଲେ। ଏହି ସମୟରେ ଶର୍ମା ୨ଟି ଫୋନର ଫିଚର ସମ୍ପର୍କରେ ସୂଚନା ଦେଇଥିଲେ। ୩୩ ମେଗା ପିକ୍ସେଲ ଏବଂ ୬୪ ମେଗାପିକ୍ସେଲ କ୍ୟାମେରା ସହିତ ଏବଂ ଫୋନରେ ୩୦ଏକ୍ସ ଜୁମ, ୮କେ ଭିଡିଓ ଶୁଟିଂ ସହ ଦେଖିବାର ସୁବିଧା ଗ୍ରାହକଙ୍କ ପାଇଁ ରହିଛି। ଗାଲାକ୍ସି ଏସ୍ ୨୦ ପ୍ଲସ ସ୍ମାର୍ଟଫୋନ ୪୫୦୦ ଏମ୍ଏଏଚଜେଡ ବ୍ୟାଟେରୀ, ୨୫ ୱାଟ୍ସ ସୁପରଫାଷ୍ଟ ଚାର୍ଜିଂ, ୮ଜିବି,୧୨୮ ଜିବି ମେମୋରୀ କ୍ଷମତା ରହିଛି। ଏହାକୁ ୧ଟିବି ପର୍ଯ୍ୟନ୍ତ ବୃଦ୍ଧି କରିହେବ। ଗାଲାକ୍ସି ଏସ୍୨୦ ପ୍ଲସର ବଜାର ଦର ୬୬,୯୯୯ ଟଙ୍କା ରହିଥିବା ବେଳେ ଗାଲାକ୍ସି ଏସ୍ ୨୦ର ବଜାର ଦର ୭୩,୯୯୯ ଟଙ୍କା ରହିଥିବା ପପୁ ହଂସ କହିଛନ୍ତି।

## ହିରୋର ମେଗା ସର୍ଭିସ କାର୍ନିଭାଲ

ଭୁବନେଶ୍ୱର,୮–୩

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ସାରା ଦେଶରେ ମେଗା ସର୍ଭିସ କାର୍ନିଭାଲ ଆୟୋଜିତ ହୋଇଯାଇଛି। ଗ୍ରାହକ କେନ୍ଦ୍ରିକ ପ୍ରତିବଦ୍ଧତାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି। ସାରା ଦେଶର ୧୦୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ କମ୍ପାନୀ ସର୍ଭିସ କ୍ୟାମ୍ପମାନ ଆୟୋଜନ କରିଥିଲା। ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଏହି କ୍ୟାମ୍ପରେ କମ୍ପାନୀ ଟୁହ୍ୱିଲର୍ସ ଉପରେ ଗ୍ରାହକମାନେ ପଲ୍ଟିପୁଲ ପରଚେଜ ଏବଂ ଏକ୍ସଚେଞ୍ଜ ଲାଭ କରିଛନ୍ତି। ଏହି ଅବସରରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ପ୍ରଦାନ କରାଯାଇଛି। ସଡକ ନିରାପତ୍ତା, ପ୍ରକୃତ ଅଏଲ, ପାର୍ଟସ ଏବଂ ଆସେସୋରିଜ ଉପରେ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।

## ବିଓବିରେ ଅନ୍ତର୍ଜାତୀୟ ମହିଳା ଦିବସ



ଭୁବନେଶ୍ୱର,୮–୩

ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସୂଚନା ଆୟୋଗର ଅଧିକାରୀ ଶଶିପ୍ରଭା ବିନ୍ଧାଣୀ ମହିଳାଙ୍କ ଶସକ୍ତିକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମହିଳାମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଉପରେ ବିନ୍ଧାଣୀ ମତ ରଖିଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ମୁଖ୍ୟ ସୋମନାଥ ନନ୍ଦ, ଡିଆର୍ଏମ୍–୧ ଭାରତ ଭୂଷଣ, ଡିଆର୍ଏମ୍–୨ ହରିଷ ସିହ୍ନା, କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ନିକଟବର୍ତ୍ତୀ ଶାଖାଗୁଡିକରୁ ମହିଳା କର୍ମଚାରୀମାନେ ଯୋଗଦେଇଥିଲେ।

## ୟୋନୋରେ ୨୦ ନିୟୁତ ପଞ୍ଜୀକୃତ ୟୁଜର

ନୂଆଦିଲ୍ଲୀ,୮–୩

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ବିବିଧ ଡିଜିଟାଲ୍ ସେବା ପ୍ଲାଟଫର୍ମ ୟୋନୋ (ୟୁ ଓନଲି ନିଡ୍ ୱାନ) ୨୦ ନିୟୁତ ପଞ୍ଜୀକୃତ ବ୍ୟବହାରକାରୀଙ୍କ ମାଇଲଖୁଣ୍ଟ ଛୁଇଁଛି। ୨୦୧୭ ନଭେମ୍ବରରେ ଶୁଭାରମ୍ଭ ହେବା ପରଠାରୁ ଗ୍ରାହକମାନଙ୍କୁ ସେମାନଙ୍କ ବ୍ୟାଙ୍କିଙ୍ଗ, ସପିଙ୍ଗ, ଜୀବନଶୈଳୀ ଓ ନିବେଶ ଆବଶ୍ୟକତା ପାଇଁ ଅଲ୍–ଇନ୍–ୱାନ୍ ସମାଧାନ ପ୍ରଦାନ କରି ୟୋନୋ ସେମାନଙ୍କ ମଧ୍ୟରେ ବେଶ ଲୋକପ୍ରିୟତା ହାସଲ କରିଛି। ଦୁଇ ବର୍ଷରୁ ମାତ୍ର କିଛି ଅଧିକ ସମୟ ଭିତରେ ୟୋନୋ ପ୍ରାୟ ୨୦ ରୁ ଅଧିକ ବର୍ଗର ୧୦୦ରୁ ଅଧିକ ଇ–କମର୍ସ ସଂସ୍ଥା ସହିତ ସହଯୋଗିତା ସ୍ଥାପନ କରିଛି। ସବୁ ବର୍ଗର ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ୟୋନୋ ଜରିଆରେ ଏସ୍‌ବିଆଇ ବିଭିନ୍ନ ପ୍ରକାର ଅଭିଯାନ ଯଥା ୟୋନୋ କୃଷି, ୟୋନୋ ଗ୍ଲୋବାଲ, ୟୋନୋ କ୍ୟାଶ ୟୋନୋ ସପିଙ୍ଗ ଫେଷ୍ଟିଭାଲ ଓ ସେହି ଭଳି ଧରଣର ଅଭିଯାନ ଆଣିଛି। କେୱାଇସି ପାଇଁ ଶାଖାକୁ ମାତ୍ର ଥରେ ପରିଦର୍ଶନକରି୨୪ ଘଣ୍ଟାର ଯେକୌଣସି ସମୟରେ ଡିଜିଟାଲ୍ ସଞ୍ଚୟ ଖାତା ଖୋଲିବାର ବିକଳ୍ପକୁ ଗ୍ରାହକ ମାନଙ୍କୁ ପ୍ରଦାନ କରୁଥିବା ୟୋନୋ ଜରିଆରେ ଏସବିଆଇ ପକ୍ଷରୁ ୬.୮ ନିୟୁତରୁ ଅଧିକ ଏସ୍‌ବି ଖାତା ଖୋଲାଯାଇଛି। ୟୋନୋ ଏସିବଆଇ ଜରିଆରେ ବ୍ୟାଙ୍କ ପ୍ରତିଦିନ ୨୦,୦୦୦ ଖାତା ଖୋଲୁଛି। ୟୋନୋ କ୍ୟାଶ ବର୍ତ୍ତମାନ ଏଟିଏମ ଓ ମର୍ଚାଣ୍ଟ ଆଉଟଲେଟ୍‌କୁ ମିଶାଇ ୨୫୦୦୦୦ ଟଚ୍ ପଏଣ୍ଟରେ ୫ନିୟୁତରୁ ଅଧିକ ସୁରକ୍ଷିତ ଏବଂ ନିରାପଦ କାର୍ଡ–ଲେସ୍ ଏଟିଏମ୍ କାରବାର ପ୍ରଦାନ କରୁଛି। ବିଗତ ଦୁଇ ବର୍ଷରେ ୟୋନୋ ଜରିଆରେ ବ୍ୟାଙ୍କ ପକ୍ଷରୁ ୧ ଲକ୍ଷରୁ ଅଧିକ ଏସ୍‌ବିଆଇ କ୍ରେଡିଟ କାର୍ଡ ଜାରି କରାଯାଇଛି।

## ବିଏଫଆଇଏନ–ଜେଏନଆଇବିଏଫ ଏମ୍‌ଓୟୁ



ମୁମ୍ବାଇ,୮–୩

ତାଲିମ ଓ ଆନୁଷଙ୍ଗିକ କ୍ଷେତ୍ରରେ ପାରସ୍ପରିକ ସହଯୋଗ ଲାଗି ବ୍ୟାଙ୍କିଙ୍ଗ ଫାଇନାନ୍ସ ଆଣ୍ଡ ଇନସ୍ୟୁରାନ୍ସ ଇନଷ୍ଟିଚ୍ୟୁଟ ଅଫ ନେପାଳ ଲିମିଟେଡ଼ ( ବିଏଫଆଇଏନ) ସହ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼ର ଅଗ୍ରଣୀ ତାଲିମ ପ୍ରତିଷ୍ଠାନ ଜବାହରଲାଲ ନେହେରୁ ଇନଷ୍ଟିଚ୍ୟୁଟ ଅଫ ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍ସ (ଜେଏନଆଇବିଏଫ), ହାଇଦ୍ରାବାଦ, ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଜେଏନଆଇବିଏଫ ପକ୍ଷରୁ ନିର୍ଦ୍ଦେଶକ କୁମାର ନିଲ ଲୋହିତ ଓ ବିଏଫଆଇଏନ ପକ୍ଷରୁ ଏମଡ଼ି ବିନୋଦ ଅତ୍ରେୟ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଏହି ଅବସରରେ ଉଭୟ ବ୍ୟାଙ୍କର ସଦସ୍ୟ ଓ ଆଇଡ଼ିବିଆଇ ବ୍ୟାଙ୍କର ମାନବ ସମ୍ବଳ ଓ ତାଲିମ ଇଡ଼ି ଭି.ନାରାୟଣମୂର୍ତ୍ତି ଉପସ୍ଥିତ ଥିଲେ । ଆଲୋଚନାଚକ୍ର, ସମ୍ମିଳନୀ, ତାଲିମ ଓ କର୍ମଶାଳା ଆଦି ଜରିଆରେ ଦୁଇ ରାଷ୍ଟ୍ରର ପେଶାଦାରଙ୍କ ମଧ୍ୟରେ ପରିଚାଳନାଗତ ଦକ୍ଷତା ବୃଦ୍ଧି ଏହି ବୁଝାମଣାପତ୍ର ସ୍ୱାକ୍ଷରର ଲକ୍ଷ୍ୟ ଅଟେ।

## ଏଚ୍‌ଡିଏଫ୍‌ସି–ଇଣ୍ଡିଗୋର ନୂଆ ଟ୍ରାଭେଲ କ୍ରେଡିଟ କାର୍ଡ

ନୂଆଦିଲ୍ଲୀ,୮–୩: ଇଣ୍ଡିଗୋ, ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ସହ ମିଳିତ ହୋଇ ମାଷ୍ଟରକାର୍ଡ଼ ଦ୍ୱାରା ସଂଚାଳିତ ଏହାର ପ୍ରଥମ ଟ୍ରାଭେଲ କ୍ରେଡ଼ିଟ୍ କାର୍ଡ଼ ‘କା–ଚିଙ୍ଗ୍’ର ଶୁଭାରମ୍ଭ କରିଛି । ଏହା ୬ଇ ରିୱାର୍ଡ଼ସ୍ ଏବଂ ୬ଇ ରିୱାର୍ଡ଼ସ୍ ଏକ୍ସଏଲ୍ ନାମକ ଦୁଇ ପ୍ରକାରର କାର୍ଡ଼ରେ ଉପଲବ୍ଧ । ଯାହା ଗ୍ରାହକମାନଙ୍କୁ ଉଭୟ ଦେଶ ମଧ୍ୟରେ ଏବଂ ଆନ୍ତର୍ଜାତୀୟ ସ୍ତରର ଯାତ୍ରାରେ ବିଭିନ୍ନ ସୁବିଧା ଯୋଗାଇବ ।


**ଜଗତସିଂହପୁର ପୌର ପରିଷଦ ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

- ଟିକସ ଯଥା ସମୟରେ ପୌର ପରିଷଦରେ ପଇଠ କରନ୍ତୁ।
- ସରକାରୀ ତଥା ପୌର ପରିଷଦ ଜାଗା ଓ ଡ୍ରେନକୁ ଅବରୋଧ କରନ୍ତୁ ନାହିଁ।
- ପୌର ପରିଷଦରେ ଜନ୍ମ ମୃତ୍ୟୁର ପଞ୍ଜୀକରଣ ଯଥା ସମୟରେ କରନ୍ତୁ।
- ପୌରାଞ୍ଚଳରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପୌର ପରିଷଦର ଅନୁମତି ନେଇ କରନ୍ତୁ।
- ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁସାରେ ପ୍ଲାଷ୍ଟିକ୍ ଥଳି ବିକ୍ରି ଓ ବ୍ୟବହାର ବାରଣ କରାଯାଇଅଛି, ଏଣୁ ପ୍ଲାଷ୍ଟିକ୍ ଥଳି ବ୍ୟବହାର କରନ୍ତୁ ନାହିଁ।
- ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକୀକରଣ କରି ବ୍ଲୁ ଏବଂ ଗ୍ରୀନ ଡଷ୍ଟବିନ୍‌ରେ ରଖନ୍ତୁ।
- ଗାଇ, ଗୋରୁ, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପଶୁଙ୍କୁ ରାସ୍ତା ଉପରକୁ ଛାଡ଼ି ରାସ୍ତା ଅବରୋଧ କରନ୍ତୁ ନାହିଁ।
- ସମସ୍ତ କାର୍ଯ୍ୟ ପାଇଁ ଆପଣଙ୍କ ସହଯୋଗ ଆମର ଏକାନ୍ତ କାମ୍ୟ।

ଶ୍ରୀଯୁକ୍ତ ବିମଳ କୁମାର ଲେଙ୍କା (ଓ.ଏ.ଏସ୍, ଜେବି) ନିର୍ବାହୀ ଅଧିକାରୀ ପୌର ପରିଷଦ, ଜଗତସିଂହପୁର

ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଓ.ଏ.ଏସ୍. (ଏସ୍.ଏ.ଜି.) ପ୍ରଶାସକ ପୌର ପରିଷଦ, ଜଗତସିଂହପୁର

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in
**INVITATION FOR BIDS (e-Procurement)**
Bid identification no:- VI-32(10)/SERIFED/2019-20/240/Dt.06.03.2020
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE Only, for the 3 nos. of works at different location in Bargarh dist of individual Tender value of Rs.32,14,900/- (Excluding GST). The bid documents such as DTCN/BOQ etc. can be seen / downloaded from the government website : www.tendersodisha.gov.in during the period dt.13.03.2020 to 17.00 hours upto dt.26.03.2020. Online bids shall be received till 17.00 hours till dt.26.03.2020 & shall be opened at 3.30 PM on Dt.27.03.2020. Any addendum / corrigendum / cancellation of tender can also be seen in the said website.
Sd/- Managing Director

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in
**INVITATION FOR BIDS (e-Procurement)**
Bid identification no:- VI-32(9)/SERIFED/2019-20/242/Dt.06.03.2020
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE Only, for the work Renovation of Godown cum office Building of Sambalpuri Bastralaya at Bargarh, Tender value of Rs.60,27,487/- (Excluding GST). The bid document such as DTCN/BOQ etc. can be seen / downloaded from the government website : www.tendersodisha.gov.in during the period dt.13.03.2020 to 17.00 hours upto dt.31.03.2020. Online bids shall be received till 17.00 hours till dt.31.03.2020 & shall be opened at 3.30 PM on Dt.03.04.2020. Any addendum / corrigendum / cancellation of tender can also be seen in the said website.
Sd/- Managing Director

**CLASSIFIED DISPLAY**

ALL EDITION - B/W (Everyday)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

GANPATI FINANCE
GANPATI ଋଣ ୨%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

BUSINESS BUSINESS

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା – ୯୦,୦୦୦/–, ଆଡଭାନ୍ସ – ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ Online ସୁବିଧା
CONTACT
90783-45815
gmail-fusionmicrofinance2020@gmail.com

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

“ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ଫାଇନାଲରେ ପରାଜୟର କାରଣ ନେଇ ଆତ୍ମସମୀକ୍ଷା ଆବଶ୍ୟକ।
– ସ୍ମୃତି ମନ୍ଧାନା, ଭାରତର ସିନିୟର ମହିଳା କ୍ରିକେଟର



“ଫେଡ୍ କପ୍ ପ୍ଲେ-ଅଫ୍‌ରେ ପ୍ରବେଶ ମୋର ଏକ ସ୍ୱପ୍ନ ଥିଲା। ଏହା ସାକାର ହୋଇପାରିବ ବୋଲି ମୋର ବିଶ୍ୱାସ ନ ଥିଲା।
–ଅଙ୍କିତା ରାଇନା, ଭାରତୀୟ ଟେନିସ ଖେଳାଳି



## ସଂକ୍ଷେପରେ

### ମହିଳା କ୍ରିକେଟ୍‌ରେ ରେକର୍ଡ ଦର୍ଶକ

**ମେଲବୋର୍ନ, ୮।୩ (ପି.ଟି.):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ରବିବାର ସ୍ଥାନୀୟ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଖେଳାଯାଇଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍‌କୁ ରେକର୍ଡ ସଂଖ୍ୟକ ଦର୍ଶକ ଉପଭୋଗ କରିଛନ୍ତି। ଏମ୍‌ସିଜିର ମୋଟ୍ ଦର୍ଶକ ଧାରଣ କ୍ଷମତା ଏକ ଲକ୍ଷ ୨୪ ଜଣ ରହିଛି। ତେବେ ଏହି ଫାଇନାଲ ମ୍ୟାଚ୍‌କୁ ମୋଟ୍ ୮୬,୧୭୪ ଜଣ ଦର୍ଶକ ଷ୍ଟାଡିୟମରେ ବସି ଉପଭୋଗ କରିଛନ୍ତି। ଫଳରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ କୌଣସି ମହିଳା କ୍ରୀଡ଼ା ତଥା ବିଶ୍ୱ ମହିଳା କ୍ରିକେଟ୍‌ରେ ଦର୍ଶକଙ୍କ ଉପସ୍ଥିତି ଦୃଷ୍ଟିରୁ ଏହା ନୂତନ ରେକର୍ଡ ସୃଷ୍ଟି କରିଛି। ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ରହିଥିବାରୁ ଫାଇନାଲକୁ ରେକର୍ଡ ସଂଖ୍ୟକ ଦର୍ଶକ ଦେଖିବେ ବୋଲି ଆଶା କରାଯାଉଥିଲା। ଶନିବାର ସୁଦ୍ଧା ୭୫ ହଜାର ଟିକେଟ୍ ବିକ୍ରି ସରିଥିବା ନେଇ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ପୂର୍ବ ୬ ସଂସ୍କରଣ ଫାଇନାଲ ମଧ୍ୟରୁ ୨୦୦୯ରେ ସର୍ବାଧିକ ଦର୍ଶକ ମ୍ୟାଚ୍ ଦେଖିଥିଲେ। ସିଡ୍‌ନୀରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ମୋଟ୍ ୧୨ ହଜାର ୭୧୭ ଦର୍ଶକ ଉପସ୍ଥିତ ରହିଥିଲେ। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଇଂଲଣ୍ଡ ଟାଇଟଲ୍ ବିଜୟୀ ହୋଇଥିଲା। ତେବେ ଏହାର ୧୧ ବର୍ଷ ପରେ ସେହି ସମାନ ଇଭେଣ୍ଟର ଫାଇନାଲକୁ ଅଧିକ ୭୩ ହଜାର ଦର୍ଶକ ଉପଭୋଗ କରିଛନ୍ତି ବୋଲି ଆଇସିସି ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ରବିବାର ଏହି ମ୍ୟାଚ୍ ପ୍ରଥମ ବଲ୍ ବୋଲିଂ କରାଯିବାର ୭ ଘଣ୍ଟା ପୂର୍ବରୁ ଦର୍ଶକଙ୍କ ଲାଗି ଏମ୍‌ସିଜି ଗେଟ୍ ଖୋଲାଯାଇଥିଲା।

### ପୂଜା, ବିକାଶଙ୍କୁ ଅଲିମ୍ପିକ ଯୋଗ୍ୟତା

**ଅମ୍ମାନ (ଜୋର୍ଡାନ), ୮।୩ (ପି.ଟି.):** ଦୁଇ ଭାରତୀୟ ବକ୍ସର ପୂଜାରାଣୀ (୭୫ କିଗ୍ରା) ଓ ବିକାଶ କ୍ରିଷ୍ଣନ (୬୯ କିଗ୍ରା) ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏଠାରେ ଚାଲିଥିବା ଏସିଆନ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟର ଉଭୟ ସେମିଫାଇନାଲରେ ପ୍ରବେଶ କରିବା ସହ ଏହି ସଫଳତା ପାଇଛନ୍ତି। ପ୍ରଥମ ସେଟ୍ ଭାରତୀୟ ବକ୍ସର ଭାବେ ପୂଜାରାଣୀ ଓ ବିକାଶ ଅଲିମ୍ପିକ୍ସ ଟିକେଟ୍ ଲାଭ କରିଛନ୍ତି।

ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଏସିଆନ୍ ଚାମ୍ପିୟନ ପୂଜା ୫-୦ରେ ଥାଇଲାଣ୍ଡ ବକ୍ସର ପୋର୍ନିପା ଚୁଟେଙ୍କୁ ପରାସ୍ତ କରି ପ୍ରଥମଥର ଲାଗି କ୍ରୀଡ଼ାର ମହାକୁମ୍ଭକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲରେ ବିକାଶ ଜଜ୍‌ଙ୍କ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ଜାପାନର ସେୱନରେଟ୍ସ ଓକାଜାୱାଙ୍କୁ ହରାଇଛନ୍ତି। ଏଥିସହ ବିକାଶ କ୍ୟାରିୟରର ୩ୟ ଥର ଲାଗି ଅଲିମ୍ପିକ୍ସ ଖେଳିବାର ସୌଭାଗ୍ୟ ପାଇଛନ୍ତି। ତେବେ ପୁରୁଷ ବିଭାଗ ୮୧ କିଗ୍ରାର ଏକ କ୍ୱାର୍ଟର ଫାଇନାଲ ଲଢ଼େଇରେ ଭାରତର ସଚିନ କୁମାର ଜଜ୍‌ଙ୍କ ବିଭାଜିତ ନିଷ୍ପତ୍ତିକ୍ରମେ ଚାଇନାର ଡାକ୍ସିଙ୍ଗ୍ ଚେନ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ତେବେ ପରାଜିତ ହୋଇଥିଲେ ମଧ ସଚିନଙ୍କ ପାଖରେ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ ପାଇଁ ସୁଯୋଗ ରହିଛି।

# ଭାରତର ବିଶ୍ୱକପ୍ ଆଶା ଅଧୁରା



ବିଶ୍ୱକପ ବିଜୟୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି ।

## ଶେଫାଳିଙ୍କୁ ଦୋଷ ଦେଇ ପାରିବା ନାହିଁ: କୌର

ମେଲବୋର୍ନ, ୮।୩ (ପି.ଟି.): ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲରେ ଭାରତ ୮୫ ରନରେ ଶୋଚନୀୟ ଭାବେ ଘରୋଇ ଅଷ୍ଟ୍ରେଲିଆ ନିକଟରୁ ହାରି ରନର୍ସଅପ୍ ହୋଇଛି। ଅଷ୍ଟ୍ରେଲିଆ ଇନିଂସରେ ବିସ୍ଫୋରକ ଇନିଂସ ଖେଳିଥିବା ଏଲିସା ହିଲି (୭୫ ରନ, ୩୯ ବଲ)ଙ୍କ କ୍ୟାଚ୍ ଶେଫାଳି ବର୍ମା ପ୍ରଥମ ଓଭରରେ ଡ୍ରପ୍ କରିଥିଲେ। କିନ୍ତୁ ଏହି ପରାଜୟ ଲାଗି ଶେଫାଳିଙ୍କୁ ଆମେ ଦୋଷ ଦେଇପାରିବା ନାହିଁ ବୋଲି ଭାରତୀୟ ଦଳର ଅଧିନାୟିକା ହର୍‌ମନ୍‌ପ୍ରୀତ୍ କୌର କହିଛନ୍ତି। ‘ଶେଫାଳିଙ୍କୁ ମାତ୍ର ୧୬ ବର୍ଷ ହୋଇଛି। ସେ ତାଙ୍କର ପ୍ରଥମ ବିଶ୍ୱକପ୍ ଖେଳିଥିଲେ। ପ୍ରକୃତରେ ସେ ଆମ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ମାତ୍ର ୧୬ ବର୍ଷର ଜଣେ ବାଳିକା ପାଇଁ ସକାରାତ୍ମକ ଚିନ୍ତା କରିବା ଏବଂ ଖେଳରେ ଜମି ରହିବା କଷ୍ଟସାଧ୍ୟ’ ବୋଲି ଖବରଦାତା ସମ୍ମିଳନୀରେରେ ହର୍‌ମନପ୍ରୀତ୍ ଏହା କହିଛନ୍ତି। ଏହା ତାଙ୍କ ପାଇଁ ଏକ ଶିକ୍ଷା ଅଟେ। କିନ୍ତୁ ଏହା କାହା ସହିତ ମଧ୍ୟ ହୋଇପାରେ। ତେଣୁ ଆମେ ତାଙ୍କୁ ଦୋଷ ଦେଇପାରିବା ନାହିଁ। ଭଲ ଫର୍ମରେ ଥିବା ଅଷ୍ଟ୍ରେଲିଆ ବ୍ୟାଟ୍ସ‌ମ୍ୟାନଙ୍କୁ ଆମେ ସୁଯୋଗ ଦେଇଥିଲୁ। ଯେତେବେଳେ ଏହିଭଳି ଘଟିଥାଏ ସେତେବେଳେ ବୋଲର୍‌ଙ୍କୁ ପ୍ରତ୍ୟାବର୍ତ୍ତନ କରିବା କଷ୍ଟକର ହୋଇଥାଏ ବୋଲି ଭାରତୀୟ ମହିଳା ଦଳର ଏହି ଷ୍ଟାର୍ ଖେଳାଳି ପ୍ରକାଶ କରିଛନ୍ତି।

**ମେଲବୋର୍ନ, ୮।୩(ପି.ଟି.)**

ଘରୋଇ ପରିବେଶରୁ ଫାଇଦା ଉଠାଇ ଅଷ୍ଟ୍ରେଲିଆ ରେକର୍ଡ ପଞ୍ଚମଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ମହିଳା ବିଶ୍ୱକପ୍ ଟାଇଟଲ ହାସଲ କରିଛି। ପ୍ରଥମେ ଦମ୍‌ଦାର ବ୍ୟାଟିଂ ଓ ପରେ ଉଚ୍ଚକୋଟୀର ବୋଲିଂ ସହାୟତାରେ ରବିବାର ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବୃହତ୍ ୮୫ ରନରେ ଭାରତକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ତେବେ ଫାଇନାଲ ମ୍ୟାଚ୍‌ରେ ଏହି ପ୍ରଦର୍ଶନକୁ ଦୋହରାଇବାରେ ଭାରତ ବିଫଳ ହୋଇଥିଲା। ଏହି ନିର୍ଣ୍ଣାୟକ ତଥା ହାଇଭୋଲ୍‌ଟେଜ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ଚାପର ମୁକାବିଲା କରି ନ ପାରି ଆତ୍ମସମର୍ପଣ କରିଥିଲେ। ଐତିହାସିକ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ଦୁଇ ଓପନର ଏଲିସା ହିଲି ଓ ବେଥ ମୁନୀଙ୍କ ଧୂଆଁଧାର ବ୍ୟାଟିଂ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୮୪ ରନ ସଂଗ୍ରହ କରିଥିଲା। ଜବାବରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଭାରତ ୧୯.୧ ଓଭରରେ ୯୯ ରନରେ ଅଲଆଉଟ ହୋଇ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଯାଇଥିଲା। ୩୯ ବଲରୁ ୭ ଚୌକା ଓ ୫ ଛକା ସହ ୭୫ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଅଷ୍ଟ୍ରେଲିଆ ଓପନର ଏଲିସା ହିଲି ପ୍ଲେୟର ଅଫ୍ ଦି ଫାଇନାଲ ବିବେଚିତ ହୋଇଛନ୍ତି। ସେହିପରି ସାରା ଟୁର୍ନାମେଣ୍ଟରେ ସ୍ଥିର ପ୍ରଦର୍ଶନ କରିଥିବା ଅନ୍ୟତମ ଓପନର ବେଥ ମୁନୀ ପ୍ଲେୟାର ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଛନ୍ତି।

> **ଆଇସିସି ମହିଳା ଟି୨୦ ବିଶ୍ୱକପ୍**
> - ଅଷ୍ଟ୍ରେଲିଆକୁ ରେକର୍ଡ ପଞ୍ଚମ ଟାଇଟଲ
> - ହିଲି ପ୍ଲେୟର ଅଫ୍ ଦି ଫାଇନାଲ: ମୁନୀ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ
> - ଭାରତ ୮୫ ରନରେ ପରାସ୍ତ

୧୮୫ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ଭାରତ ୧୮ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ୧୬ ବର୍ଷୀୟା ଓପନର ଶେଫାଳୀ ବର୍ମା ମାତ୍ର ୨ ରନ କରି ମେଗାନ ସ୍କଟଙ୍କ ବଲ୍‌ରେ ଉଇକେଟକିପର ହିଲିଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ଭାରତୀୟ ଇନିଂସ ତାସ ଘରପରି ଭୁଶୁଡି ପଡିଥିଲା। ବେକରେ ବଲ୍ ବାଜିବା କାରଣରୁ ଉଇକେଟକିପର ବ୍ୟାଟ୍ସ‌ମ୍ୟାନ ତାନିୟା ଭାଟିଆ ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଜେମିମା ରୋଡ୍ରିଗୁଏଜ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଫର୍ମରେ ନ ଥିବା ଅଭିଜ୍ଞ ଓପନର ସ୍ମୃତି ମାନ୍ଧନା ୧୧ ରନ କରିଥିବା ବେଳେ ସୋଫି ମୋଲିନିକ୍ସଙ୍କ ବଲ୍‌ରେ ମିଡ୍ ଅଫ୍‌ରେ ନିକୋଲା କାରେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ପାଳି ପଡିଥିଲା ଅଧିନାୟିକା ହରମନପ୍ରୀତ କୌରଙ୍କର। ସେ ମାତ୍ର ୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ବେଦା କ୍ରିଷ୍ଣମୂର୍ତ୍ତି ୧୯, ଦୀପ୍ତି ଶର୍ମା ସର୍ବାଧିକ ୩୩, ଶିଖା ପାଣ୍ଡେ ୨, ରିଚା ଘୋଷ ୧୮, ରାଧା ଯାଦବ ୧ ଓ ପୁନମ ଯାଦବ ୧ ରନ କରି ଆଉଟ ହୋଇଥିଲେ। ରାଜେଶ୍ୱରୀ ଗାଏକ୍ୱାଡ ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମେଗାନ ସ୍କଟ ସର୍ବାଧିକ ୪, ଜେସ୍ ଜୋନାସିନ ୩, ମୋଲିନିକ୍ସ, ଡେଲିସା କିମିନ୍ସ ଓ ନିକୋଲା କେରୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ମୁନୀ- ହିଲିଙ୍କ ବିସ୍ଫୋରକ ବ୍ୟାଟିଂ

ପୂର୍ବରୁ ଟସ୍ ଜିତି ବ୍ୟାଟିଂ କରିବା ନିଷ୍ପତ୍ତି ଅଷ୍ଟ୍ରେଲିଆ ପାଇଁ ବେଶ୍ ଲାଭଦାୟକ ସାବ୍ୟସ୍ତ ହୋଇଥିଲା। ଦୁଇ ଓପନର ଏଲିସା ହିଲି ଓ ବେଥ ମୁନୀ ଭାରତୀୟ ବୋଲରଙ୍କୁ ନିର୍ମମ ପ୍ରହାର କରିବା ସହ ପଡିଆର ଚତୁର୍ଦ୍ଦିଗକୁ ଶଟ୍‌ମାନ ଖେଳିଥିଲେ। ଭାରତୀୟ ଦୁର୍ବଳ ଫିଲ୍ଡିଂର ଫାଇଦା ଉଠାଇ ଏହି ଦୁଇ ଖେଳାଳି ପ୍ରଥମ ଉଇକେଟରେ ୭୧ ବଲରେ ୧୧୫ ରନ ସଂଗ୍ରହ କରିଥିଲେ। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରି ଆସିଥିବା ଭାରତୀୟ ବୋଲର ଫାଇନାଲ ମ୍ୟାଚ୍‌ରେ ନିହାତି ମାମୁଲି ସାବ୍ୟସ୍ତ ହୋଇଥିଲେ। ଇନିଂସର ପଞ୍ଚମ ବଲ୍‌ରେ ହିଲି ଜୀବନଦାନ ପାଇଥିଲେ। ଦ୍ରୁତ ବୋଲର ଦୀପ୍ତି ଶର୍ମାଙ୍କ ବଲ୍‌ରେ ସେ ଶେଫାଳୀ ବର୍ମାଙ୍କୁ କ୍ୟାଚ୍ ଦେଇଥିଲେ। ତେବେ ଶେଫାଳୀ ଏହି କ୍ୟାଚ୍ ହାତଛଡ଼ା କରିଥିଲେ। ଏହାର ଭରପୂର ଫାଇଦା ଉଠାଇ ଥିଲେ ଉଇକେଟକିପର ବ୍ୟାଟ୍ସ‌ମ୍ୟାନ ହିଲି। ସେ ମାତ୍ର ୩୯ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୫ ଛକା ସହ ୭୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶତକ ଆଡକୁ ଅଗ୍ରସର ହେଉଥିବା ବେଳେ ରାଧା ଯାଦବଙ୍କ ବଲ୍‌ରେ ଲଙ୍ଗ୍ ଅନ୍‌ରେ ବେଦା କ୍ରିଷ୍ଣମୂର୍ତ୍ତିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟିକା ମେଗ୍ ଲାନିଂ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ୧୫ ବଲରେ ୨ ଚୌକା ସହ ୧୬ ରନ ସଂଗ୍ରହ କରି ଦୀପ୍ତି ଶର୍ମାଙ୍କ ବଲ୍‌ରେ ସ୍କୋୟାର ଲେଗ୍‌ରେ ଶିଖା ପାଣ୍ଡେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଆଶଲେ ଗାର୍ଡନର ୨ ରନ କରିଥିବା ବେଳେ ଉଇକେଟକିପର ତାନିୟା ଭାଟିଆଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇ ଦୀପ୍ତିଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଶେଷରେ ରାଚେଲ ହେନ୍ସ ୪ ରନ କରି ଲାଇନ୍ ମିସ୍ କରିବା ସହ ସ୍ପିନର ପୁନମ ଯାଦବଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଓପନର ମୁନୀ ୫୪ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ସହ ୭୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ନିକୋଲା କ୍ୟାରୀ ୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଦୀପ୍ତି ୨, ପୁନମ ଓ ରାଧା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।




ଆଉଟ୍ ହେବା ପରେ ମର୍ମାହତ ଦୁଇ ଭାରତୀୟ ଖେଳାଳି ଅଧିନାୟିକା ହରମନପ୍ରୀତ କୌର ଓ ଶେଫାଳି ବର୍ମା।

> **ସଂକ୍ଷିପ୍ତ ସ୍କୋର**
> - ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୪/୪ (ମୁନୀ- ୭୮*, ହିଲି- ୭୫, ଲାନିଂ- ୧୬, ଦୀପ୍ତି- ୨/୩୮, ପୁନମ- ୧/୩୦, ରାଧା-୧/ ୩୪)।
> - ଭାରତ ୧୯.୧ ଓଭରରେ ୯୯ରେ ଅଲ୍‌ଆଉଟ (ଦୀପ୍ତି- ୩୩, କ୍ରିଷ୍ଣମୂର୍ତ୍ତୀ- ୧୯, ଘୋଷ- ୧୮, ସ୍କଟ- ୪/୧୮, ଜୋନାସିନ- ୩/୨୦)।

## ପାଣ୍ଡ୍ୟା, ଧାୱନ, ଭୁବନେଶ୍ୱର ଫେରିଲେ

**ଅହମଦାବାଦ, ୮।୩(ପି.ଟି.)**

ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି। ନୂଆ ଚୟନ କମିଟି ମୁଖ୍ୟ ସୁନୀଲ ଜୋଷୀଙ୍କ ଅଧ୍ୟକ୍ଷତାରେ ଏହି ଦଳ ଘୋଷଣା କରାଯାଇଛି। ଦୀର୍ଘ ଦିନ ଧରି ଆଘାତ ସମସ୍ୟା ଦେଇ ଗତିକରିଆସୁଥିବା ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଅଭିଜ୍ଞ ଓପନର ଶିଖର ଧାୱନ ଓ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଏହି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ଉପ-ଅଧିନାୟକ ରୋହିତ ଶର୍ମା ସମ୍ପୂର୍ଣ୍ଣ ଫିଟ୍ ହୋଇ ନ ଥିବାରୁ ଦଳରେ ସ୍ଥାନ ପାଇନାହାନ୍ତି। ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପୂର୍ବରୁ ସେ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି।

ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁର ଓ ଅଲରାଉଣ୍ଡର ଶିବମ୍ ଦୁବେଙ୍କୁ ଦଳରୁ ବାଦ୍ ଦିଆଯାଇଛି। ସେହିପରି ଅଭିଜ୍ଞ କେଦାର ଯାଦବଙ୍କ ବଦଳରେ ଯୁବ ବ୍ୟାଟ୍ସ‌ମ୍ୟାନ ଶୁବମନ ଗିଲଙ୍କୁ ସୁଯୋଗ ଦିଆଯାଇଛି। ଶୁବମନ ପାଖାପାଖି ଗୋଟିଏ ବର୍ଷ ତଳେ ଶେଷଥର ପାଇଁ ଦିନିକିଆ ଖେଳିଥିଲେ। ଇଞ୍ଜୁରି କାରଣରୁ ପାଣ୍ଡ୍ୟା ପିଠିରେ ଅସ୍ତ୍ରୋପଚାର କରାଇଥିଲେ। ଡିୱାଇ ପାଟିଲ କର୍ପୋରେଶନ ଟି୨୦ ଟୁର୍ନାମେଣ୍ଟରେ ସେ ଦମ୍‌ଦାର ବ୍ୟାଟିଂ କରି ନିଜ ଫିଟ୍‌ନେସର ପ୍ରମାଣ ଦେଇଛନ୍ତି। ସେହିପରି ଧାୱନ ଗତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଖେଳିବା ଅବସରରେ ଆହତ ହୋଇଥିଲେ। ଅନ୍ୟପଟେ ଭୁବନେଶ୍ୱର ଲଣ୍ଡନରେ ସ୍ପୋର୍ଟ୍ସ ହର୍ନିଆ ସର୍ଜରୀ କରାଇଥିଲେ। ଧାୱନଙ୍କ ପ୍ରତ୍ୟାବର୍ତ୍ତନ ସହ ମୟଙ୍କ ଅଗ୍ରୱାଲ ତାଙ୍କ ସ୍ଥାନ ଦଳରେ ହରାଇଛନ୍ତି। ୩ଟି ଯାକ ଦିନିକିଆ ଯଥାକ୍ରମେ ୧୨, ୧୫ ଓ ୧୮ ତାରିଖରେ ଧର୍ମଶାଳା, ଲକ୍ଷ୍ନୌ ଓ କୋଲକାତାରେ ଖେଳାଯିବ।

> **ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ**



**ଘୋଷିତ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଲୋକେଶ ରାହୁଲ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ନବଦୀପ ସଇନି, କୁଲଦୀପ ଯାଦବ ଓ ଶୁବମନ ଗିଲ।

## ସୌରାଷ୍ଟ୍ର-ବେଙ୍ଗଲ ଫାଇନାଲ ଆଜି

**ରାଜକୋଟ,୮।୩(ପି.ଟି.)**

> **ରଣଜୀ ଟ୍ରଫି**

ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ(ଏସ୍‌ସିଏ) ଷ୍ଟାଡିୟମରେ ଦେଶର ସର୍ବବୃହତ୍ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ଫାଇନାଲ ମ୍ୟାଚ୍ ସୋମବାରଠାରୁ ଆରମ୍ଭ ହେବ। ଟାଇଟଲ ପାଇଁ ଘରୋଇ ସୌରାଷ୍ଟ୍ର ଓ ବେଙ୍ଗଲ ପରସ୍ପରକୁ ଭେଟିବେ। ଜୟଦେବ ଉନାଡକଟଙ୍କ ନେତୃତ୍ୱରେ ସୌରାଷ୍ଟ୍ର ଘରୋଇ ପରିବେଶରୁ ଫାଇଦା ଉଠାଇ ପୁଣି ଥରେ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ଅନ୍ୟପଟେ ୧୩ ବର୍ଷ ପରେ ବେଙ୍ଗଲ ରଣଜୀ ଟ୍ରଫି ଫାଇନାଲରେ ପ୍ରବେଶ କରିଥିବାରୁ ଏଥର ସୁଯୋଗ ହାତଛଡ଼ା କରିବାକୁ ଚାହିଁବ ନାହିଁ।

ଗତ ୮ଟି ସେସନରେ ସୌରାଷ୍ଟ୍ର ଚତୁର୍ଥଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଶେଷଥର ପାଇଁ ଦୁଇ ଦଶନ୍ଧି ପୂର୍ବରୁ ବେଙ୍ଗଲ ୧୯୮୯- ୯୦ରେ ରଣଜୀ ଟ୍ରଫି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ସେମିଫାଇନାଲରେ ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱରେ ବେଙ୍ଗଲ୍ ଶକ୍ତିଶାଳୀ କର୍ଣ୍ଣାଟକକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ସୌରାଷ୍ଟ୍ର ଗୁଜରାଟକୁ ଏହି ଏସ୍‌ସିଏ ଗ୍ରାଉଣ୍ଡରେ ହରାଇ ଫାଇନାଲ ଟିକେଟ ହାସଲ କରିଥିଲା।

ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ଉଇକେଟକିପର ବ୍ୟାଟ୍ସ‌ମ୍ୟାନ ଋଦ୍ଧିମାନ ଶାହା ଯଥାକ୍ରମେ ସୌରାଷ୍ଟ୍ର ଓ ବେଙ୍ଗଲ ଦଳରେ ଯୋଗ ଦେଇଛନ୍ତି। ପୂଜାର ଦଳରେ ଯୋଗ ଦେବା ପରେ ସୌରାଷ୍ଟ୍ର ଦଳ ଆହୁରି ଶକ୍ତିଶାଳୀ ହୋଇପାରିବ। ଉନାଡକଟ ଚଳିତ ସେସନରେ ଦମ୍‌ଦାର ପ୍ରଦର୍ଶନ କରି ୧୨.୧୭ ରନ ହାରରେ ୬୫ଟି ଉଇକେଟ ହାସଲ କରିଛନ୍ତି। ଆଉ ୩ଟି ଉଇକେଟ ହାସଲ କଲେ ସେ ସର୍ବକାଳୀନ ରେକର୍ଡ (୬୮ ଉଇକେଟ)ର ସମକକ୍ଷ ହେବେ। ଗତ ସେସନରେ ବିହାର ସ୍ପିନର ଆଶୁତୋଷ ଅମନ ୬୮ ଟି ଉଇକେଟ ହାସଲ କରି ରେକର୍ଡ ସୃଷ୍ଟି କରିଥିଲେ। ବାମହାତୀ ଦ୍ରୁତ ବୋଲର ଉନାଡ଼କଟ ୭ ଉଇକେଟ ହାସଲ କରି ଦଳକୁ ସେମିରେ ବିଜୟୀ କରାଇଥିଲେ। ବେଙ୍ଗଲର ପେସ୍ ଆଟାକ ନେଇ ସୌରାଷ୍ଟ୍ର ସାମାନ୍ୟ ଚିନ୍ତିତ ରହିଛି। ଦମ୍‌ଦାର ଦ୍ରୁତ ବୋଲିଂ ସହାୟତାରେ ସେମିଫାଇନାଲରେ ବେଙ୍ଗଲ ୮ଥର ଚାମ୍ପିୟନ କର୍ଣ୍ଣାଟକକୁ ପରାସ୍ତ କରିଥିଲା। ବେଙ୍ଗଲର ବ୍ୟାଟିଂ ବିଭାଗ ମଧ୍ୟ ବେଶ୍ ଦୃଢ଼ ମନେ ହେଉଛି। ଅଭିଜ୍ଞ ମନୋଜ ତିୱାରୀ ୧୦ଟି ମ୍ୟାଚ୍ ଖେଳି ଏପର୍ଯ୍ୟନ୍ତ ୬୭୨ ରନ ସଂଗ୍ରହ କରି ଦଳର ସର୍ବାଧିକ ସ୍କୋରର ସାବ୍ୟସ୍ତ ହୋଇଛନ୍ତି।


ଋଦ୍ଧିମାନ ଶାହା ଓ ଚେତେଶ୍ୱର ପୂଜାରା।

**ସୌରାଷ୍ଟ୍ର ଦଳ:** ଜୟଦେବ ଉନାଡକଟ (ଅଧିନାୟକ), ଚେତେଶ୍ୱର ପୂଜାରା, ଚିରାଗ ଜାନୀ, କମଲେଶ ମାକଭାନା, ଶେଲଡନ ଜ୍ୟାକ୍‌ସନ, ଅର୍ପିତ ଭାସଭାଡା, କୁଶଙ୍ଗ ପଟେଲ, ଧର୍ମେନ୍ଦ୍ରସିନ ଜାଡେଜା, ଅଭି ବାରୋଟ, ଦିବ୍ୟାରାଜ ଚୌହାନ, ସ୍ନେନ ପଟେଲ, ଭନ୍ଦିତ ଜିଭରାଜାନୀ, ସମର୍ଥ ବ୍ୟାସ, ପ୍ରେରକ ମଙ୍କଡ, ଜୟ ଚୌହାନ, ହାର୍ଭିକ ଦେଶାଇ (ଉଇକେଟକିପର), କିଶାନ ପରମାର, ବିଶଭରାଜ ଜାଡେଜା, ଚେତନ ସାକାରିୟା ଓ ପାର୍ଥ ଭୁଟ୍।

**ବେଙ୍ଗଲ ଦଳ:** ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ମନୋଜ ତିୱାରୀ, ଋଦ୍ଧିମାନ ଶାହ, ଅଶୋକ ଡିଣ୍ଡା, ଶ୍ରୀବତ୍ସ ଗୋସ୍ୱାମୀ, ଅନୁଷ୍ଟୁପ ମଜୁମ୍‌ଦାର, ଅର୍ଣ୍ଣବ ନନ୍ଦୀ, ସୁଦୀପ ଚାଟାର୍ଜୀ, ଋତ୍ତିକ ଚାଟାର୍ଜୀ, କୌଶିକ ଘୋଷ, ଈଶାନ ପୋରେଲ, ନୀଳକାନ୍ତ ଦାସ, ଅଗ୍ନୀଭ ପାନ, ଆୟାନ ଭଟ୍ଟାଚାର୍ଜୀ, ଅଭିଷେକ ରମନ, ବୋଡୁପାଲି ଅମିତ୍, ଋତ୍ୱିକ ଚୌଧୁରୀ, ପ୍ରୟାସ ବର୍ମନ, ଶାହାବାଜ ଅହମ୍ମଦ, କରନ ଲାଲ, ଆକାଶ ଦୀପ, ଶ୍ରେୟାନ ଚକ୍ରବର୍ତ୍ତୀ, କାଜି ସୈଫି ଓ ରମେଶ ପ୍ରସାଦ।

**ମ୍ୟାଚ୍ ଆରମ୍ଭ: ସକାଳ ୯.୩୦**
**ସ୍ଥାନ: ରାଜକୋଟ**

# ଏପ୍ରିଲରେ ମିଳିପାରେ ଖୁସି ଖବର



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କମଲ ଗାଙ୍ଗୁଲି ସ୍ମାରକୀ କ୍ରୀଡ଼ା ପୁରସ୍କାର ବିଜେତା ଅଶୋକ ମହାନ୍ତି ଓ ଶିବପ୍ରସାଦ ଦାସ।

କରୋନା ଭୟ ଯୋଗୁ କ୍ରୀଡ଼ା ଜଗତ ପ୍ରଭାବିତ ହୋଇଛି। ଆଥଲେଟଙ୍କ ସୁରକ୍ଷା ଦୃଷ୍ଟିରୁ ଅନେକ କ୍ରୀଡ଼ା ଇଭେଣ୍ଟ ବାତିଲ ହୋଇଛି କିମ୍ବା ସ୍ଥଗିତ ରହିଛି। କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଉପରେ ଏହାର ପ୍ରଭାବ ପଡ଼ିବା ମଧ୍ୟ ସମ୍ଭାବନା ରହିଛି। ଏଥର ପାରା ଅଲିମ୍ପିକ୍ସରେ ଭାଗନେବା ପାଇଁ ଦୃଢ଼ ଆଶା ରଖିଛନ୍ତି ଅର୍ଜୁନ ପୁରସ୍କାରପ୍ରାପ୍ତ ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ। ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରି ସେ ୫୪୨୦ ପଏଣ୍ଟ ପାଇ ବିଶ୍ୱର ଅନ୍ୟ ସମସ୍ତ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ ପଛରେ ପକାଇ ଦେଇଛନ୍ତି। ଇଂଲଣ୍ଡର ଡାନିଏଲ ବିଥେଲ ୪୨୨୦ ପଏଣ୍ଟ ସହ ପ୍ରମୋଦଙ୍କ ପଛକୁ ରହିଛନ୍ତି। ବିଶ୍ୱର ଶ୍ରେଷ୍ଠ ୬ ଖେଳାଳି ପାରା ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନରେ ଭାଗ ନେବାକୁ ଥିବାରୁ ନିଶ୍ଚିନ୍ତ ଅଛନ୍ତି ପ୍ରମୋଦ। ଆସନ୍ତା ଏପ୍ରିଲରେ ରାଜ୍ୟବାସୀ ଶୁଭ ଖବର ପାଇବା ସମ୍ଭାବନା ଅଛି ବୋଲି ରବିବାର ସହିଦ ସ୍ପୋର୍ଟିଂ ପ୍ରଦତ୍ତ କମଲ ଗାଙ୍ଗୁଲି ସ୍ମାରକୀ କ୍ରୀଡ଼ା ପୁରସ୍କାର ଉତ୍ସବରେ ଯୋଗଦେବା ଅବସରରେ ପ୍ରକାଶ କରିଛନ୍ତି।

**ପ୍ର: ଏବେ ନିକଟରେ କ'ଣ ଟୁର୍ଣ୍ଣାମେଣ୍ଟ ଅଛି ?**

ଉ: ଆଗକୁ ଅଲିମ୍ପିକ୍ସ ଆସୁଥିବାରୁ କରୋନା ଭୟ ଯୋଗୁ ସ୍ପେନରେ ହେବାକୁଥିବା ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟକୁ ବାତିଲ କରାଯାଇଛି। ଟୋକିଓ ପାରା ଅଲିମ୍ପିକ୍ସ ପୂର୍ବରୁ ସ୍ପେନରେ ମୋର ଶେଷ ଟୁର୍ଣ୍ଣାମେଣ୍ଟ ଥିଲା। ମୁଁ ଗତ ଶନିବାର ସ୍ପେନ ଯାଇ ପ୍ରତିଯୋଗିତାରେ ଭାଗ ନେବାର ଥିଲା। ମାତ୍ର ବାତିଲ ହୋଇଯିବାରୁ ତାହା ସମ୍ଭବ ହୋଇନାହିଁ।

**ପ୍ର: ଅଲିମ୍ପିକ୍ସରେ ଭାଗନେବାର କେତେ ସମ୍ଭାବନା ରହିଛି ?**

ଉ: ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟଗୁଡ଼ିକରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ମୁଁ ୫ ହଜାରରୁ ଊର୍ଦ୍ଧ୍ୱ ପଏଣ୍ଟ ପାଇଛି। ବିଶ୍ୱରେ ନମ୍ବର ୱାନରେ ଅଛି। ତେଣୁ ଅଲିମ୍ପିକ୍ସରେ ଭାଗନେବା ଶତ ପ୍ରତିଶତ ସମ୍ଭାବନା ଅଛି। କେବଳ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା ରହିଛି।

**ପ୍ର: ପାରା ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ପାଇଁ ଚୟନ ପ୍ରକ୍ରିୟା କିପରି ରହିଛି ?**

ଉ: ପାରା ଅଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନକୁ ପ୍ରଥମଥର ପାଇଁ ସାମିଲ କରାଯାଇଛି। ତେଣୁ ଏଥର କେବଳ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ଅନୁଷ୍ଠିତ ହେବ। ବିଶ୍ୱର ଶ୍ରେଷ୍ଠ ୬ ଖେଳାଳି (ସେମାନେ ନିଜ ଦେଶର ଶ୍ରେଷ୍ଠ ଖେଳାଳି ହୋଇଥିବା ଆବଶ୍ୟକ) ଏଥିରେ ଭାଗନେବେ। ମୁଁ ଭାରତରେ ଏବଂ ବିଶ୍ୱରେ ନମ୍ବର ୱାନରେ ଥିବାରୁ ଭାଗନେବା ଏକପ୍ରକାର ନିଶ୍ଚିତ ରହିଛି। ଏପର୍ଯ୍ୟନ୍ତ ଯେତେଗୁଡ଼ିଏ ଟୁର୍ଣ୍ଣାମେଣ୍ଟ ହୋଇଯାଇଛି ସେଥିରେ ପଏଣ୍ଟ ଓ ର୍‍ୟାଙ୍କିଙ୍ଗ୍ ଦୃଷ୍ଟିରୁ ମୁଁ ଆଗରେ ରହିଛି। ତେଣୁ ଅଲିମ୍ପିକ୍ସରେ ଭାଗନେବା ନେଇ ଦୃଢ଼ ଆଶାୟୀ ରହିଛି।

**ପ୍ର: ପାରା ଅଲିମ୍ପିକ୍ସ ପାଇଁ କେବେ ଖେଳାଳି ତାଲିକା ଘୋଷଣା ହେବ ?**

ଉ: ଅଲିମ୍ପିକ୍ସ ପାଇଁ ୧୩ଟି କ୍ୱାଲିଫାଇଙ୍ଗ୍ ରାଉଣ୍ଡ ମଧ୍ୟରୁ ଶେଷରେ ସ୍ପେନ୍ ଟୁର୍ଣ୍ଣାମେଣ୍ଟ ହେବାର ଥିଲା। ତାହା ବାତିଲ ହେବା ସହ ସମସ୍ତ ରାଉଣ୍ଡ ଶେଷ ହୋଇଯାଇଛି। ଏବେ ଏପ୍ରିଲ ୯ରେ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନକାରୀ ପ୍ରଥମ ୩ ଜଣଙ୍କ ନାମ ଘୋଷଣା କରାଯିବ। ଆଶା କରୁଛି ମୁଁ ଏହି ପ୍ରଥମ ତାଲିକାରେ ରହିଥିବି। ଆସନ୍ତା ଏପ୍ରିଲରେ ଓଡ଼ିଶାବାସୀ ଖୁସି ଖବର ଶୁଣିବା ସମ୍ଭାବନା ରହିଛି।



ପ୍ରମୋଦ ଭଗତ

**ପ୍ର: ପ୍ରସ୍ତୁତି କେମିତି ରହିଛି?**

ଉ: ଅଲିମ୍ପିକ୍ସ ପାଇଁ ମୁଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଷ୍ଟାଡିୟମରେ ଚଳିତ ମାସ ୧୯ରୁ ୨୧ ପର୍ଯ୍ୟନ୍ତ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ହେବାର ଅଛି। କରୋନା ଭୟ ଯୋଗୁ ଗୋଟିଏ ସ୍ଥାନରେ ବହୁ ବ୍ୟକ୍ତିଙ୍କ ସମାଗମ ଉପରେ ଅଙ୍କୁଶ ଲାଗିଛି। ତେଣୁ ସରକାରଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି। ପ୍ରତିଯୋଗିତା ହେଲେ ସେଠାରେ ଭାଗନେବି। ଏହା ବ୍ୟତୀତ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଲକ୍ଷ୍ନୌରେ ଆମର ଜାତୀୟ କ୍ୟାମ୍ପ ଚାଲିଛି। ଅନ୍ୟ ସମୟରେ ଟ୍ରେନିଂ ୬ ଘଣ୍ଟା ହେଉଥିବାବେଳେ ଏବେ ୧୨ ଘଣ୍ଟା ଦିଆଯାଉଛି। ଏହା ସକାଳ ୬ଟାରୁ ଆରମ୍ଭ ହେଉଛି ଏବଂ ରାତି ୯ଟାରେ ସରୁଛି। ମଝିରେ ବ୍ରେକ୍‌ଫାଷ୍ଟ, ଲଞ୍ଚ୍ ଓ ଡିନର ବ୍ରେକ୍ ହେଉଛି।

**–ସାକ୍ଷାତ: ତପନ ସ୍ୱାଇଁ**

# ଶିବପ୍ରସାଦ, ଅଶୋକଙ୍କୁ କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କ ପରି ଅର୍ଜୁନ ପୁରସ୍କାରପ୍ରାପ୍ତ ଖେଳାଳିଙ୍କ ମାର୍ଗ ଦର୍ଶକ ସାଜିଥିବା ଶିବପ୍ରସାଦ ଦାସ ଏବଂ ଓଡ଼ିଶା କ୍ରୀଡ଼ାର ଅନ୍ୟତମ ପ୍ରମୁଖ ବ୍ୟକ୍ତିତ୍ୱ ତଥା ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି କମଲ ଗାଙ୍ଗୁଲି ସ୍ମାରକୀ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସହିଦସ୍ପୋର୍ଟିଂ ଆନୁକୂଲ୍ୟରେ ରବିବାର ଅପରାହ୍ନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ଦୁଇଜଣଙ୍କୁ ପୁରସ୍କୃତ କରାଯାଇଛି। ଓଡ଼ିଶାରେ ଏକାଧିକ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଇ ଜାତୀୟସ୍ତରରେ ରାଜ୍ୟକୁ ଗର୍ବିତ କରିଥିବା ଶିବପ୍ରସାଦ ୭ମ କମଲ ଗାଙ୍ଗୁଲି ଶ୍ରେଷ୍ଠ କୋଚ୍ ପୁରସ୍କାର ହାସଲ କରିଛନ୍ତି। ପୁରସ୍କାର ସ୍ୱରୂପ ତାଙ୍କୁ ମାନପତ୍ର ସହିତ ୨୦,୦୦୦ଟଙ୍କା ପ୍ରଦାନ କରାଯାଇଛି। ସେହିପରି ପୂର୍ବତନ ହକି ଖେଳାଳି ତଥା ଓଡ଼ିଶା କ୍ରୀଡ଼ା ପ୍ରଶାସନିକ ଜଗତର ଚର୍ଚ୍ଚିତ ବ୍ୟକ୍ତି ଅଶୋକ ମହାନ୍ତି ୫ମ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପାଇଛନ୍ତି। ତାଙ୍କୁ ମାନପତ୍ର ସହ ଏକ ଟିଭି ଉପହାର ଦିଆଯାଇଛି।

ସହିଦ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜାତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ବିଧାୟକ ଅନନ୍ତ ନାରାୟଣ ଜେନା, ମାରୁତି ଇଷ୍ଟେଟ ଇଣ୍ଡିଆ ଏମଡି ଜିତେନ୍ଦ୍ର ପ୍ରସାଦ ସିଂ ଓ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଏମ୍‌ଡି ରାଜେଶ ଗୁପ୍ତା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ସମ୍ପାଦକ ସମ୍ବିତ ମହାପାତ୍ର ସଂଯୋଜନା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ବିଶେଷ ସଫଳତା ପାଇଁ କ୍ଲବ ପକ୍ଷରୁ ଓଡ଼ିଶା ରଣଜୀ ଦଳର କୋଚ୍ ରଶ୍ମିରଞ୍ଜନ ପରିଡ଼ା, ଟ୍ରେନର ମନୋଜ ବିଶ୍ୱାଳ, ଜୁନିୟର ଓଡ଼ିଶା ଚୟନକର୍ତ୍ତା ସୌରଭ ସେହଗଲଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ପ୍ରୋତ୍ସାହନ ପାଇଁ ଜିତେନ୍ଦ୍ର ପ୍ରସାଦ ପାଇଥିଲେ 'ସହିଦ ସ୍ପୋର୍ଟିଂ ଗୌରବ' ସମ୍ମାନ। ଏହା ବ୍ୟତୀତ ଓଡ଼ିଶା ୨୩ ବର୍ଷରୁ କମ୍ ଦଳର ସଦସ୍ୟ ଶୁଭମ୍ ଶତ୍ରୁଜିତ, ଜ୍ୟୋତି ରଞ୍ଜନ ବେହେରା, ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରିୟମ ପ୍ରିୟଜିତ, ଓଡ଼ିଶା ୧୯ ବର୍ଷରୁ କମ୍ ଦଳର ସଦସ୍ୟ ମାନସ ରଞ୍ଜନ ନାୟକ, ସନ୍ଦୀପ ଚୌହାନ, ଆର୍ଯ୍ୟ ଜେନା, ବିଶ୍ୱ ମୁଦୁଲି, ଅନ୍ୱେଷ ତ୍ରିପାଠୀ ଓ ରିତେଶ ସିଂଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହରେ ବିଶିଷ୍ଟ ଫିଜିଓ ମୁକ୍ତି ପ୍ରସାଦ ଦାଶ, ପ୍ରଦୋଷ ପଟ୍ଟନାୟକ, ନିକୁଞ୍ଜ ମହାନ୍ତି, ବବିନ ମହାନ୍ତି, ସି.ପି. ଶର୍ମା, ସରୋଜ ବାରିକ, ଉମାନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜନ୍ମଦିନ ଶୁଭେଚ୍ଛା



କଶ୍ୟପ୍
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମର ଭବିଷ୍ୟତ ଚଲାପଥ କୁସୁମିତ ହେଉ।
–:ଶୁଭେଚ୍ଛା ସହ:–
ଆଈ, ମାମୁ, ମାଇଁ, ମାଉସୀ ବନ୍ଧୁ ଓ ପରିବାରବର୍ଗ।
ଧ–୧୭୧୦୧

# ଫେଡ୍ କପ୍: ଭାରତ ପ୍ରଥମଥର ପ୍ଲେ–ଅଫ୍‌ରେ

ଦୁବାଇ, ୮।୩ (ପି.ଟି.)–ପ୍ରଥମ ଥର ପ୍ଲେ–ଅଫ୍‌ରେ ପ୍ରବେଶ କରି ଭାରତୀୟ ଫେଡ୍ କପ୍ ଟିମ୍ ଇତିହାସ ସୃଷ୍ଟି କରିଛି। ଅଙ୍କିତା ରାଇନାଙ୍କ ନେତୃତ୍ୱାଧୀନ ଦଳ ଏଠାରେ ଇଣ୍ଡୋନେସିଆ ବିପକ୍ଷରେ ୨–୧ରେ ବିଜୟ ହାସଲ କରିଛି। ପ୍ରଥମ ସିଙ୍ଗଲ୍ସରେ ଋତୁଜା ଭୋସ୍‌ଲେ ହାରିବା ପରେ ଅଙ୍କିତା ଅନ୍ୟ ସିଙ୍ଗଲ୍ସରେ ବିପକ୍ଷ ଦଳର ପ୍ରତିଭାସମ୍ପନ୍ନ ଅଲ୍‌ଦିଲା ସୁତ୍‌ଜିଆଦିଙ୍କୁ ୬–୩, ୬–୩ରେ ପରାସ୍ତ କରି ମୁକାବିଲାକୁ ୧–୧ ସ୍ତରକୁ ନେଇ ଆସିଥିଲେ। ପରେ ଡବଲ୍ସରେ ଅଙ୍କିତା ଓ ପୁରୁଖା ଖେଳାଳି ସାନିଆ ମିର୍ଜା ଯୋଡ଼ି ସୁତ୍‌ଜିଆଦି ଏବଂ ପ୍ରିସ୍କା ମାଡେଲିନ୍ ନୁଗ୍ରୋହୋ ଯୋଡ଼ିଙ୍କୁ ୭–୬ (୪), ୬–୦ରେ ପରାସ୍ତ କରି ଭାରତକୁ ୨–୧ରେ ବିଜୟୀ କରାଇଥିଲେ। ୬ଟି ଦଳକୁ ନେଇ ଗ୍ରୁପରେ ଭାରତ ଏହାର ଓପନିଂ ମ୍ୟାଚ ଚାଇନାଠାରୁ ପରାଜିତ ହେବାପରେ କ୍ରମାଗତ ୪ଟି ବିଜୟ ସହ ଟେବୁଲ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏପ୍ରିଲରେ ଖେଳାଯିବାକୁଥିବା ପ୍ଲେ–ଅଫ୍‌ରେ ଭାରତ ଲାଟଭିଆ କିମ୍ବା ନେଦରଲାଣ୍ଡ୍ସକୁ ଭେଟିବ।

# ଫାଇନାଲରେ ଚେନ୍ନାଇନ୍ ଏଫ୍‌ସି

**ମାରଗାଓ, ୮।୩(ପି.ଟି.)**

ପୂର୍ବରୁ ୨ଥର ଟାଇଟଲ ହାସଲ କରିଥିବା ଚେନ୍ନାଇନ ଏଫ୍‌ସି ପ୍ରଥମ ଦଳ ଭାବେ ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଜବାହାରଲାଲ ନେହରୁ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ସେକେଣ୍ଡ ଲେଗ ସେମିଫାଇନାଲରେ ଚେନ୍ନାଇନ ୨–୪ ଗୋଲରେ ଏଫ୍‌ସି ଗୋଆଠାରୁ ପରାସ୍ତ ହୋଇଥିଲେ ମଧ୍ୟ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି। ମ୍ୟାଚରେ ପ୍ରଥମାର୍ଦ୍ଧରେ ଗୋଆ ପ୍ରଭାବ ବିସ୍ତାର କରି ଖେଳିଥିଲା। ଚେନ୍ନାଇନର ଲୁସିଆନ ଗୋଇଆନ୍ସ ୧୦ ମିନିଟ୍‌ରେ ଆତ୍ମଘାତୀ ଗୋଲ ସ୍କୋର କରି ଗୋଆକୁ ୧–୦ରେ ଅଗ୍ରଣୀ କରାଇଥିଲେ। ପୂର୍ବରୁ ଫାଷ୍ଟ ଲେଗ୍ ସେମିଫାଇନାଲରେ ଚେନ୍ନାଇନ ୪–୧ ଗୋଲରେ ଗୋଆକୁ ହରାଇଥିଲା। ଫଳରେ ଏଗ୍ରିଗେଟ୍‌ରେ ଚେନ୍ନାଇନ ୬–୫ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉଠିଛି। ଫାଇନାଲରେ ଏବେ ଚେନ୍ନାଇନ ଏଟିକେ କିମ୍ବା ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବ।

# ପ୍ରଗତି ଚାମ୍ପିୟନ

**ଓସିଏ ଭିଜନ-୨୦୨୪**

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଭିଜନ–୨୦୨୪ ଅନ୍ତର୍ଗତ ଭୁବନେଶ୍ୱରରେ ଆୟୋଜିତ ଆନ୍ତଃ କ୍ଲବ ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଗତି ସ୍ପୋର୍ଟିଂ ଚାମ୍ପିୟନ ଓ ଟାଉନ୍ କ୍ଲବ ରନର୍ସଅପ୍ ହୋଇଛି। ଇଷ୍ଟକୋଷ୍ଟ ରେଲୱେ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ ପ୍ରଗତି ୫ ଉଇକେଟରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ବର୍ଷା ଯୋଗୁ ମ୍ୟାଚକୁ ୨୫ ଓଭର ବିଶିଷ୍ଟ କରାଯାଇଥିବାବେଳେ ଟାଉନ୍ କ୍ଲବ ୨୧ ଓଭରରେ ୮୮ ରନକରି ଅଲଆଉଟ ହୋଇ ଯାଇଥିଲା। ଜବାବରେ ପ୍ରଗତି ୨୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟଅତିଥି, ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍ସ ଆସୋସିଏଶନ (ଇକୋର୍ସା) ଉପସଭାପତି ବିଜୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ଅଶୋକ କୁମାର ମିଶ୍ର ଓ ଯୁଗ୍ମ ସମ୍ପାଦକ ରାଧା ମୋହନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାଉଣ୍ଡର ଇନ୍‌ଚାର୍ଜଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ବ୍ରହ୍ମାନନ୍ଦ ବେହେରା, ସୁଧାଂଶୁ ଶେଖର ସିହ୍ନା, ଅଭିଳାଷ ହରିଚନ୍ଦନ, ଶଶାଙ୍କ ଶେଖର ଦାସ, ନିହାରକାନ୍ତ ପଟ୍ଟନାୟକ ଓ ପ୍ରମୋଦ କୁମାର ଦାସ। ରାମେଶ୍ୱର ସ୍ପୋର୍ଟିଂର ବିଶ୍ୱଜିତ ଭୂୟାଁ ଟପ୍ ସ୍କୋରର(୨୮୦ ରନ), ପ୍ରଗତିର ସୁକାନ୍ତ କୁମାର ହାତୀ ସର୍ବାଧିକ ଉଇକେଟ (୧୮) ହାସଲକାରୀ, ବିବେଚିତ ହୋଇଥିଲେ। ଅଶୋକ କୁମାର ମହାନ୍ତି ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ ଓପନ ଚେସ୍ ଜିତିଲେ ଆରିନ

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଟଙ୍କପାଣି ରୋଡସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିରରେ ଅନୁଷ୍ଠିତ ସ୍କୁଲ ଓପନ ଚେସ୍‌ରେ ଲୟୋଲା ସ୍କୁଲର ଆରିନ ଅନ୍ୱେଷ ସ୍ୱାଇଁ ଚାମ୍ପିୟନ ଓ ସୁଧାଂଶୁ ଶେଖର ବାରିକ ରନର୍ସଅପ୍ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଆରିନ ୬ ପଏଣ୍ଟ ପାଇ ପ୍ରଥମ ଓ ସୁଧାଂଶୁ ୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ମିଶ୍ର, ବିକାଶ କୁମାର ଲେଙ୍କା, ସିଦ୍ଧାର୍ଥ ଭୂୟାଁ, ସାଇ ଅମୃତ ପରିଜା, ତ୍ରିଦେବ ତୀର୍ଥଙ୍କର, ସିଦ୍ଧାର୍ଥ ମିଶ୍ର, ଅଦଭିକା ଦାସ, ନିୟତି ନିହାରିକା ମହାପାତ୍ର ଟପ୍–୧୦ ଫିନିଶ୍ କରିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୮, ୧୦, ୧୨ ବର୍ଷରୁ କମ୍, ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ୩ ଜଣ ଖେଳାଳିଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ମିଳିଛି। ଶ୍ରୁତିକାନ୍ତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭବାନୀ ଶଙ୍କର ମହାପାତ୍ର, ମମତା ମହାପାତ୍ର, ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।




ରେଡ୍‌ବୁଲ୍ ନେମାର ଜୁନିୟର୍ସ ଫାଇଭ୍–ଏ ସାଇଡ୍ ଫୁଟବଲ ଅନ୍ତର୍ଗତ ଭୁବନେଶ୍ୱର ଯୋଗ୍ୟତା ପର୍ଯ୍ୟାୟରେ ରବିବାର କିଟ୍ ପରିସରରେ ଅନୁଷ୍ଠିତ ମ୍ୟାଚ।

# ରାଣୀ, ମନପ୍ରୀତ ଶ୍ରେଷ୍ଠ ଖେଳାଳି

- ଦୀପଗ୍ରେସ୍‌ଙ୍କୁ ମାଇଲ୍‌ଷ୍ଟୋନ୍ ଆୱାର୍ଡ
- ଓଡ଼ିଶା କ୍ରୀଡ଼ା, ଯୁବସେବା ବିଭାଗକୁ ହକି ପ୍ରେସିଡେଣ୍ଟ୍ସ ଆୱାର୍ଡ

**ହକି ଇଣ୍ଡିଆର ବାର୍ଷିକ ପୁରସ୍କାର**

**ନୂଆଦିଲ୍ଲୀ, ୮।୩ (ପି.ଟି.)**

ରବିବାର ହକି ଇଣ୍ଡିଆର ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ଏଠାରେ ଅନୁଷ୍ଠିତ ହୋଇଯାଇଛି। ରାଣୀ ରାମପାଲ ଓ ମନ୍‌ପ୍ରୀତ ସିଂ ଯଥାକ୍ରମେ ମହିଳା ଓ ପୁରୁଷ ବିଭାଗରେ ୨୦୧୯ ବର୍ଷ ପାଇଁ ଧ୍ରୁବ ବାତ୍ରା ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି। ଓଡ଼ିଶାର ଦୀପ୍‌ଗ୍ରେସ୍ ଏକ୍କାଙ୍କୁ ମାଇଲଷ୍ଟୋନ ଆୱାର୍ଡ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗକୁ ହକି ପ୍ରେସିଡେଣ୍ଟ୍ସ ଆୱାର୍ଡ ମିଳିଛି। ଏବାବଦରେ ୫ ଲକ୍ଷ ଟଙ୍କା ବ୍ୟତୀତ ଏକ ଆକର୍ଷଣୀୟ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଛି।

ମନପ୍ରୀତ ଓ ରାଣୀ ଉଭୟ ଟ୍ରଫି ବ୍ୟତୀତ ପୁରସ୍କାର ବାବଦରେ ୨୫ ଲକ୍ଷ ଟଙ୍କା ଲେଖାଏଁ ପାଇଛନ୍ତି। ଆଡମ୍ବରପୂର୍ଣ୍ଣ ଉତ୍ସବରେ କେତେଜଣ ପୂର୍ବତନ ହକି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହକି ଇଣ୍ଡିଆର ମୋଟ ପୁରସ୍କାର ରାଶି ୧.୬୪ କୋଟି ରହିଛି। ମନପ୍ରୀତ ଓ ରାଣୀଙ୍କ ନେତୃତ୍ୱରେ ଉଭୟ ପୁରୁଷ ଓ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତ ମାସରେ ମନପ୍ରୀତ ପ୍ରଥମ ଭାରତୀୟ ଭାବେ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ସେହିପରି ଜାନୁୟାରୀରେ ରାଣୀ ପ୍ରଥମ ଖେଳାଳି ଭାବେ 'ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ୍ ଦି ଇୟର' ପୁରସ୍କାର ଜିତିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଅନ୍ୟ ପୁରସ୍କାରଗୁଡ଼ିକ ମଧ୍ୟରେ ଖେଳ ପାଇଁ ଉଲ୍ଲେଖନୀୟ ଅବଦାନ ଲାଗି ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ହରବିନ୍ଦର ସିଂ ୨୦୧୯ ବର୍ଷ ପାଇଁ ମେଜର ଧ୍ୟାନଚାନ୍ଦ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଲାଭ କରିଥିଲେ। ତାଙ୍କୁ ଏକ ଟ୍ରଫି ସହ ୩୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବାରୁ ଦୀପ୍‌ଗ୍ରେସ୍‌ଙ୍କ ବ୍ୟତୀତ କୋଥାଜିତ୍ ସିଂ ଏବଂ ସବିତାଙ୍କୁ ମାଇଲ ଷ୍ଟୋନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରତ୍ୟେକେ ଗୋଟିଏ ଲେଖାଏଁ ଟ୍ରଫି ବ୍ୟତୀତ ୧ଲକ୍ଷ ଟଙ୍କାର ଚେକ୍ ପାଇଥିଲେ। ସେହିପରି ଭାରତ ପାଇଁ ୧୦୦ ମ୍ୟାଚ ଖେଳିସାରିଥିବାରୁ ହରମନପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ ଏବଂ ନିକ୍କି ପ୍ରଧାନଙ୍କୁ ୫୦,୦୦୦ ଟଙ୍କାର ଚେକ୍ ଏବଂ ଗୋଟିଏ ଲେଖାଏଁ ଟ୍ରଫି ପ୍ରଦାନ କରାଯାଇଥିଲା। ଏଫ୍‌ଆଇଏଚ୍ ପୁରୁଷ ପ୍ଲେୟାର ଅଫ୍ ଦି ଇୟର ୨୦୧୯ ପାଇଁ ମନପ୍ରୀତ ଆହୁରି ମଧ୍ୟ ପୁରସ୍କାର ବାବଦରେ ୧୦ ଲକ୍ଷ ଟଙ୍କା ପାଇଛନ୍ତି। ସେହିପରି ପୁରୁଷ ଓ ମହିଳା ବିଭାଗରେ ୨୦୧୯ ବର୍ଷର ଏଫ୍‌ଆଇଏଚ୍ ରାଇଜିଂ ଷ୍ଟାର ଅଫ୍ ଦି ଇୟର ପୁରସ୍କାର ଜିତିଥିବାରୁ ବିବେକ ସାଗର ପ୍ରସାଦ ଏବଂ ଲାଲ୍‌ରେମସିଆମି ୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପାଇଛନ୍ତି। ସେହିପରି ୨୦୧୯ର ଶ୍ରେଷ୍ଠ ଗୋଲକିପର ଭାବେ ବଲ୍‌ଜିତ୍‌ସିଂ ଆୱାର୍ଡ କ୍ରିଷନ ବି. ପାଠକ ପାଇଥିବାବେଳେ ହରମନପ୍ରୀତଙ୍କୁ ଡିଫେଣ୍ଡର ଅଫ୍ ଦି ଇୟର ପୁରସ୍କାର ମିଳିଛି। ବର୍ଷର ଶ୍ରେଷ୍ଠ ମିଡ୍ ଫିଲ୍‌ଡର ପୁରସ୍କାର ଅଜିତ ପାଲ୍ ସିଂ ଆୱାର୍ଡ ନେହା ଗୋଏଲ ଏବଂ ଶ୍ରେଷ୍ଠ ଫରୱାର୍ଡ ପାଇଁ ମନଦୀପ ସିଂଙ୍କୁ ଧନରାଜ ପିଲ୍ଲେ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ଉଭୟେ ଗୋଟିଏ ଲେଖାଏଁ ଟ୍ରଫି ଏବଂ ୫ ଲକ୍ଷ ଟଙ୍କା ପାଇଥିଲେ। ଏହି ଅବସରରେ ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଫ୍‌ଆଇଏଚ୍ ସଭାପତି ନରିନ୍ଦର ବାତ୍ରା କହିଥିଲେ ଯେ, ଅନ୍ତର୍ଜାତୀୟ ମହାସଂଘର ମୁଖ୍ୟ ଭାବେ ଭାରତୀୟ ଦଳଗୁଡ଼ିକର ଅଗ୍ରଗତିରେ ମୁଁ ଖୁବ୍ ଆନନ୍ଦିତ।





କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ୍ ରିଜିଜୁ ମନପ୍ରୀତ ସିଂଙ୍କୁ ପୁରସ୍କୃତ କରୁଛନ୍ତି। ପୁରସ୍କାର ସହ ରାଣୀ ରାମପାଲ।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବଂଶୀଧର ସାହୁ
ସ୍ତ୍ରୀ: ସ୍ୱର୍ଗତା ଗୋଲାପ ସାହୁ
କାକରୁଦ୍ରପୁର, ବାଲିଅନ୍ତା
ଆବିର୍ଭାବ: ୧୯୪୪
ତିରୋଧାନ: ୨୮।୦୨।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛୁ।
–:ଶୋକସନ୍ତପ୍ତ:–
ସାହୁ ପରିବାର ଓ ବନ୍ଧୁବର୍ଗ
ପୁଅ: ରଞ୍ଜନ, ପ୍ରସନ୍ନ (ଗେଟୁ) ଓ ସରୋଜ
ବୋହୂ: ମୁକ୍ତାଞ୍ଜଳୀ, ମୋନାଲିସା ଓ ପୂଜା
ନାତି: ବଣ୍ଟି, ଜଣ୍ଟି ଓ ମଣ୍ଟି
ନାତୁଣୀ: ବର୍ଷା ଓ ଡୋନା
ଧ–୪୬୨୮୧

# ନୀଳାଚଳ ଇସ୍ପାତକୁ ବନ୍ଦ କରିବାକୁ ମସୁଧା

ଭୁବନେଶ୍ୱର,୮।୩(ବ୍ୟୁରୋ)

ଭାରତର ବୃହତ୍ ପିଗ୍ ଆଇରନ୍ ରପ୍ତାନିକାରୀ କମ୍ପାନୀ ଭାବେ ଖ୍ୟାତି ଅର୍ଜନ କରିଥିବା ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)କୁ ବନ୍ଦ କରିବାକୁ କେନ୍ଦ୍ର ସରକାର ମସୁଧା କରୁଛନ୍ତି। ଭାରତ ସରକାରଙ୍କ ମେଟାଲ ଆଣ୍ଡ୍ ମିନେରାଲ୍‌ସ ଟ୍ରେଡିଂ କର୍ପୋରେଶନ(ଏମ୍‌ଏମ୍‌ଟିସି) ଏବଂ ଓଡ଼ିଶା ସରକାରଙ୍କ ଇପିକଲ୍ ଏବଂ ଓଏମ୍‌ସି ସହଭାଗିତାରେ କଳିଙ୍ଗନଗରରେ ଥିବା ଏହି ଏକମାତ୍ର ରାଷ୍ଟ୍ରାୟତ୍ତ ସଂସ୍ଥା ଏବେ ତାଲା ଝୁଲିବା ଅବସ୍ଥାକୁ ଆସିଛି। ନିକଟରେ କେନ୍ଦ୍ର ସରକାର ନୀଳାଚଳରୁ ସମ୍ପୂର୍ଣ୍ଣ ପୁଞ୍ଜି ପ୍ରତ୍ୟାହାର କରିବାର ନିଷ୍ପତ୍ତି ନେଇଥିବା ବେଳେ ନିବେଶ ଏବଂ ଲୋକପରିସମ୍ପତ୍ତି ପ୍ରବନ୍ଧନ ବିଭାଗ ଏହି ପ୍ରକ୍ରିୟା ସମ୍ପାଦନ କରିବାର ଦାୟିତ୍ୱ ନେଇଛି। ୧.୧ ମିଲିୟନ୍ ଟନ୍ କ୍ଷମତା ବିଶିଷ୍ଟ ଏହି ଇସ୍ପାତ କାରଖାନା ଯଦି ବନ୍ଦ ହୁଏ ତା' ହେଲେ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଜୀବିକା ହରାଇବେ। ନୀଳାଚଳ ଏକ୍‌ଜିକ୍ୟୁଟିଭ୍ ଆସୋସିଏଶନ୍ ପକ୍ଷରୁ ଏଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନର ସାଧାରଣ ସମ୍ପାଦକ ଅଜିତ କୁମାର ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ନୀଳାଚଳରେ ଏମ୍‌ଏମ୍‌ଟିସିର ସର୍ବାଧିକ ୪୯.୭୮% ଅଂଶଧନ ଏବଂ ଓଡିଶା ସରକାରଙ୍କର ୩୨.୪୭% ଅଂଶଧନ ରହିଛି। କମ୍ପାନୀ ନିକଟରେ ନିଜସ୍ୱ ୧୧୦ ମିଲିୟନ୍ ଟନ୍ ଲୁହାପଥର ଥିବା ଏକ ବୃହତ୍ ଲୁହାପଥର ଖଣି ରହିଛି। ପିଗ୍ ଆଇରନ୍ ସହ କାମଧେନୁ ସାର ଏବଂ ଅଶୋଧିତ ପିଚୁ ଉତ୍ପାଦନ କରି ନୀଳାଚଳ ଅନେକ ସୁନାମ ଅର୍ଜନ କରିଛି। ମାତ୍ର କାରଖାନା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ଆବଶ୍ୟକ ଅର୍ଥ ବିନିଯୋଗ କରାଯାଉ ନ ଥିବାରୁ ଯନ୍ତ୍ରାଂଶ କିଣା ଏବଂ କଞ୍ଚାମାଲ୍ ଅଭାବରୁ ଅନେକ ସମୟରେ ଅନିଚ୍ଛାକୃତ ଭାବେ ଉତ୍ପାଦନ ବନ୍ଦ ହେଉଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବାଧାବିଘ୍ନ ସତ୍ତ୍ୱେ ଏହି କାରଖାନା ୨୦୧୧-୧୨ ପର୍ଯ୍ୟନ୍ତ ଲାଭଜନକ ସଂସ୍ଥା ରହିଥିବାବେଳେ ସବୁ ଆର୍ଥିକବର୍ଷରେ ଅପରେଶନାଲ ପ୍ରଫିଟ୍ କରିଛି। ମାତ୍ର ଏମ୍‌ଏମ୍‌ଟିସି ପାଇଁ ୫,୭୧୨ କୋଟିର ଋଣବୋଝ କମ୍ପାନୀକୁ ଏବେ କ୍ଷତିରେ ପହଞ୍ଚାଇଛି। ଏପଟେ ୨୦୧୯ରେ ଅନୁମୋଦନ ମିଳିଥିଲେ ମଧ୍ୟ ଅର୍ଥାଭାବ ଯୋଗୁଁ ନୀଳାଚଳ ନିଜ ଖଣିରୁ ଲୁହାପଥର ଉତ୍ତୋଳନ କରିବାରେ ଅକ୍ଷମ ହୋଇଛି। ଫଳରେ ବାହାରୁ ଲୁହାପଥର ଚଢ଼ାଦରରେ ଆମଦାନୀ କରିବାରୁ ପାଖାପାଖି ୧,୫୦୦ କୋଟିରୁ ଅଧିକ କ୍ଷତି ସହିବାକୁ ପଡୁଛି। ଅର୍ଥାଭାବ, କଞ୍ଚାମାଲର ଅଭାବ, ଯନ୍ତ୍ରାଂଶ କିଣାରେ ଅଭାବ ପାଇଁ କାରଖାନା ନିଜ କ୍ଷମତା ମୁତାବକ ଉତ୍ପାଦନ କରିପାରୁନାହିଁ ବୋଲି ଆସୋସିଏଶନ୍ ପକ୍ଷରୁ କୁହାଯାଇଛି।

ତେବେ ସେଲ୍ କିମ୍ବା ଆର୍‌ଆଇଏନ୍‌ଏଲ୍ ସହ ସମ୍ମିଶ୍ରଣ କରି ନୀଳାଚଳର ଆଧୁନିକୀକରଣ ତଥା ସମ୍ପ୍ରସାରଣ କରାଗଲେ ଏହାର ୧୧୦ ମିଲିୟନ ଟନ୍‌ର ଗଚ୍ଛିତ ଲୁହାପଥର ସେଲ୍ କିମ୍ବା ଆର୍‌ଆଇଏନ୍‌ଏଲ୍‌କୁ ମିଳିପାରିବ ବୋଲି ଆସୋସିଏଶନ ତରଫରୁ କୁହାଯାଇଛି। ଫଳରେ ନୀଳାଚଳ କାରଖାନା ଉପରେ ନିର୍ଭର କରୁଥିବା ପାଖାପାଖି ୧୦ ହଜାର ପରିବାରର ଜୀବିକା ସୁରକ୍ଷିତ ରହିବା ସହ ବହୁ ବେକାର ଯୁବତୀଯୁବକ ନିଯୁକ୍ତି ପାଇପାରନ୍ତେ। ଏହାସହ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଲାଭାନ୍ୱିତ ହୁଅନ୍ତେ। ଦୁର୍ଭାଗ୍ୟର ବିଷୟ ହେଉଛି, ନୀଳାଚଳ କାରଖାନାର ଦୁଇଟି ୟୁନିଟ୍‌କୁ ଛାଡ଼ି ବାକି ସବୁ ବନ୍ଦ ହୋଇଯାଉଛି। ତେଣୁ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଆସୋସିଏଶନର ସଭାପତି ଅଭିଜିତ କୋଲି, ଉପସଭାପତି ସ୍ୱରୂପାନନ୍ଦ ମହାପାତ୍ର, ଚିତ୍ତରଞ୍ଜନ ପ୍ରଧାନ ଏବଂ ସଦସ୍ୟ ମାନସରଞ୍ଜନ ଖଟେଇ ଦାବି କରିଛନ୍ତି।



ନୀଳାଚଳ ଏକ୍‌ଜିକ୍ୟୁଟିଭ୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

**ଜୀବିକା ହରାଇବେ ୧୦ ହଜାର କର୍ମଚାରୀ**

# ସର୍ବସାଧାରଣ ରାସ୍ତାକୁ ନେଇ ୨ ପରିବାର ମୁହାଁମୁହିଁ: ୫ ଗୁରୁତର

ଯାଜପୁର ଟାଉନ,୮।୩(ଡିଏନଏ)

ସର୍ବସାଧାରଣ ରାସ୍ତା ଜବରଦଖଲ କରିବାକୁ ବିରୋଧ କରି ଗୋଟିଏ ଗ୍ରାମର ୨ ପରିବାର ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୫ଜଣ ଗୁରୁତର ହୋଇ ଯାଜପୁର ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ୨ଜଣଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ବିବରଣୀରୁ ପ୍ରକାଶ ଯେ, ଯାଜପୁର ବ୍ଲକ ବୈଦ୍ୟେରାଜପୁର ଗ୍ରାମର ରାଉତ ସାହିରେ ସର୍ବସାଧାରଣ ରାସ୍ତାକୁ ନେଇ ଦୀର୍ଘଦିନରୁ ବିବାଦ ଲାଗି ରହିଛି। ଏହା ୧୯୫୫ ମସିହାରୁ ସର୍ବସାଧାରଣ ରାସ୍ତା ହୋଇଥିବାରୁ ଏହା ଉପରେ ୧୦ରୁ ୧୨ ପରିବାର ନିର୍ଭର କରୁଛନ୍ତି। କିନ୍ତୁ କିଛିଦିନ ହେବ ଏହି ରାସ୍ତାକୁ ଅବରୋଧ କରି ସ୍ଥାନୀୟ କରୁଣାକର ବେହେରା ଘର କରିବାକୁ ଉଦ୍ୟମ କରିଥିବାବେଳେ ଉକ୍ତ ଗ୍ରାମର ନୃସିଂହ ମହାଲା ବିରୋଧ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଉଭୟଙ୍କ ପରିବାର ମଧ୍ୟରେ ମାଡପିଟ ହୋଇଛନ୍ତି। ଏହି ମାଡପିଟରେ କରୁଣାକରଙ୍କ ପୁଅ ଆକାଶ, ବାବୁଆ ଏବଂ କରୁଣାକରଙ୍କ ଭଣଜା ଠେଙ୍ଗାରେ ନୃସିଂହ ମହଲାଙ୍କ ଦୁଇ ପୁଅ ପ୍ରହଲ୍ଲାଦ, ପୂର୍ଣ୍ଣଚନ୍ଦ୍ର, ବୋହୂ ଦମୟନ୍ତୀ, ସଂଯୁକ୍ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ପରିବାରର ୫ଜଣ ଗୁରୁତର ହୋଇ ଯାଜପୁର ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସଂଯୁକ୍ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ଯାଜପୁର ଟାଉନ୍ ଥାନାରେ ନୃସିଂହଙ୍କ ପକ୍ଷରୁ ଅଭିଯୋଗ ହୋଇଥିବାବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ପକ୍ଷରୁ ଅଭିଯାଗକୁ ଗ୍ରହଣ କରାଯାଇ ନ ଥିବା ଜଣାଯାଇଛି। ତେବେ ପୂର୍ବରୁ ଏହି ରାସ୍ତାକୁ ନେଇ ଉପଜିଲାଙ୍କ କୋର୍ଟରେ ଏକାଧିକ ଅଭିଯୋଗ ହୋଇଥିବାବେଳେ ପୋଲିସର ନିଷ୍କ୍ରିୟତା ଅଞ୍ଚଳବାସୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

# ୨ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ: ଶିକ୍ଷକ ଗିରଫ

କୋରେଇ,୮।୩(ସ୍ୱ.ପ୍ର)

ଯାଜପୁର ଜିଲା କୋରେଇ ଅଞ୍ଚଳର କରଦାସ୍ଥିତ ଏକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପଢୁଥିବା ୨ଜଣ ଛାତ୍ରୀ ଉକ୍ତ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିବା ନେଇପରିବାର ପକ୍ଷରୁ କୋରେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ରବିବାର ଅଭିଯୁକ୍ତ ଶିକ୍ଷକ ମୋହନ କୁମାର ଭୂୟାଁ(୩୦)ଙ୍କୁ ଗିରଫ କରିଛି। ଦୁଇ ପୀଡିତାଙ୍କ ବୟାନ ନେବା ପରେ ପୋଲିସ ସେମାନଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ପ୍ରକାଶ ଯେ, ଶିକ୍ଷକ ମୋହନ ୨ ମାସ ଧରି ବିଦ୍ୟାଳୟର ଉକ୍ତ ଦୁଇ ଛାତ୍ରୀଙ୍କୁ ଟିଉସନ ସମୟରେ ବିଦ୍ୟାଳୟରେ ବଳାତ୍କାର କରିଚାଲିଥିଲେ। ଫଳରେ ପୀଡ଼ିତା ଛାତ୍ରୀଦ୍ୱୟ ସ୍କୁଲ ଆସିବାକୁ ଅମଙ୍ଗ ହୋଇଥିଲେ। ଏପରିକି ସ୍କୁଲ ଯିବାକୁ ବାଧ୍ୟ କଲେ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଶିକ୍ଷକ ତାଙ୍କୁ ବଳାତ୍କାର କରିଥିବା ନେଇ ପରିବାର ଲୋକଙ୍କ ଆଗରେ ପ୍ରକାଶ କରିଥିଲେ।

# ରାଜ୍ୟସ୍ତରୀୟ ଧର୍ମଶାଳା କପ୍ ଫୁଟବଲ ଟୁର୍ନାମେଣ୍ଟ: ଜୟଦୁର୍ଗା କ୍ଲବ ଫାଇନାଲରେ

**ଧର୍ମଶାଳା,୮।୩(ଡିଏନଏ):** ଧର୍ମଶାଳା ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ବାଣୀପୀଠ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଷଷ୍ଠ ବାର୍ଷିକ ଧର୍ମଶାଳା କପ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଖୋର୍ଦ୍ଧାର ଜୟଦୁର୍ଗା କ୍ଲବ ବିଜୟୀ ହୋଇଛି। ମ୍ୟାଚରେ ଖୋର୍ଦ୍ଧାର ଜୟଦୁର୍ଗା କ୍ଲବ ୨/୦ ଗୋଲରେ ଧର୍ମଶାଳା ସ୍ପୋର୍ଟସ୍ ଏକାଡେମୀକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ତେବେ ଦ୍ୱିତୀୟାର୍ଦ୍ଧରେ ଖେଳ ଚିତାକର୍ଷକ ହୋଇଥିଲାବେଳେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଫଳରେ ୨/୦ ଗୋଲରେ ଖୋର୍ଦ୍ଧା ଟିମ୍ ବିଜୟୀ ହୋଇଥିଲା। ମ୍ୟାଚକୁ ଇଲିୟାସ କାଦିର ପରିଚାଳନା କରିଥିବାବେଳେ ଅଭୟ ଦାସ ଓ ଆସିଫ ଅଲ୍ଲି ଲାଇନ ମ୍ୟାନଭାବେ ସହାୟତା କରିଥିଲେ। ଖେଳରେ ଅତିଥିଭାବେ ପରିବେଶବିତ ଶ୍ରୀନିବାସ ଜେନା ଓ ଯାଜପୁର କ୍ରୀଡା ସଂସଦ କୋଷାଧ୍ୟକ୍ଷ ସୁରେଶ ପଣ୍ଡା ଯୋଗଦେଇ ବିଜୟୀ ଖୋର୍ଦ୍ଧା ଟିମର ଏସକେ ସୋରେନଙ୍କୁ ମ୍ୟନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ଫାଇନାଲ ମ୍ୟାଚ ୟୁନାଇଟେଡ କ୍ଲବ କଟକ ଓ ଜୟଦୁର୍ଗା କ୍ଲବ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସଭାପତି ଆଲୋକ କୁମାର କର ଓ ସମ୍ପାଦକ ଅୟସକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି।



ଖେଳାଳିଙ୍କ ଗହଣରେ ଅତିଥି ।




Regd. Office: Hero MotoCorp Ltd. The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Cash Bonus of ₹5000/- on all BS IV Scooter models and on select Motorcycle models in Central, East & North Zones till 31st Mar'20 or till stock lasts, whichever is earlier. Hero MotoCorp reserves the right to modify / alter / withdraw offers without any prior intimation. #Finance scheme is at the sole discretion for the Financier & subject to its respective T&Cs. Finance schemes cannot be clubbed together. For details, please contact your nearest Authorized Hero outlet.*Loyalty/Exchange benefit of ₹12,500, Cash Benefit ₹10,000. Offer is valid till 9th March 2020 for women customers. T& C Apply.
HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

For Institutional and Bulk Sales please write to bhubaneshwar@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799766329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 8448389695.
ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 9238551897. ବାଲୁଗାଁ: ମହାମାୟୀ ମୋଟର୍ସ - 8327793865. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 9853471301. ଖୋର୍ଦ୍ଧା: ବିନେଶ ଟ୍ରେଡିଂ କମ୍ପାନୀ - 9861242100. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 9437185858. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 9438139116. ପିପିଲି: ଶ୍ରୀରାମ ମୋଟର୍ସ - 9437110789. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 9437055552. ରାହାମା: ଶରଣ୍ୟା ଅଟୋମୋବାଇଲ୍ସ - 9937018532. ରାଇରଙ୍ଗପୁର: ନା ସାକନରୀ ମୋଟର୍ସ - 7978560171. ସୋରୋ: ତୁଲକିଲ ମୋଟର୍ସ - 9861594852. ଉଦଳା: ମହାବୀର ମୋଟର୍ସ - 9853290346.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୯ ମାର୍ଚ୍ଚ, ୨୦୨୦



## ସଂକ୍ଷେପରେ

### ମୋବାଇଲ ଲୁଟେରାଙ୍କୁ ଧରିଲେ ଲୋକେ

**ନୟାଗଡ଼ ଅଫିସ,୮।୩:** ନୟାଗଡ଼ ସଦର ଥାନା ବାରବାଟି ଛକରୁ ଜଣେ ମୋବାଇଲ ଲୁଟେରାଙ୍କୁ ଯଦୁପୁରର କିଛି ଲୋକ ଅଟକ ରଖିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ କାରନାମା ଏକ ଦୋକାନର ସିସିଟିଭି କ୍ୟାମରାରେ କଏଦ ହୋଇଥିଲା। ଫୁଟେଜକୁ ଦେଖି ଚୋରକୁ ଅଟକ କରାଯାଇ ୨ଟି ଫୋନ ଉଦ୍ଧାର କରାଯାଇଛି । ଆଉ ଏକ ଫୋନ ଉଦ୍ଧାର ପାଇଁ ଚେଷ୍ଟା ଜାରି ରହିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଏ ନେଇ ଅଭିଯୋଗ ହୋଇ ନାହିଁ । ଅଟକ ବ୍ୟକ୍ତିଙ୍କ ଘର ବାଲୁଗାଁରେ ବୋଲି ଜଣାପଡିଛି।

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

**ନୟାଗଡ଼ ଅଫିସ,୮।୩:** ନୟାଗଡ଼ ବ୍ଲକ ଗମ୍ଭାରଡିହି ପଞ୍ଚାୟତରେ ରବିବାର ନୟାଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁରଠାରେ ୫୭ ଲକ୍ଷ ୫୪ ହଜାର ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ ଓ ଗମ୍ଭାରିଡିହିରେ ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ୩୨ ଲକ୍ଷ ଟଙ୍କା ବ୍ୟୟରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ଗମ୍ଭାରଡିହିରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡା. ପୋମା ଟୁଡୁ, ଜିଲା ପରିଷଦ ସଭ୍ୟ ଅରୁଣା ନାୟକ, ନୟାଗଡ଼ ବ୍ଲକ ଚେୟାରମ୍ୟାନ ଗୋଲାପ ଦଳବେହେରା, ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜୀବ କୁମାର ପାଣିଗ୍ରାହୀ, ନୟାଗଡ଼ ବିଡିଓ ମନୋଜ ପାତ୍ର, ସରପଞ୍ଚ ଦିବାକର ମିଶ୍ର, ସମିତିସଭ୍ୟ ସଞ୍ଜୁ ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

### ୫ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରଣପୁର,୮।୩ (ସ୍ୱ.ପ୍ର.):** ରଣପୁରର ପ୍ରସିଦ୍ଧ ମା' ମଣିନାଗଙ୍କ ପୀଠରେ ରବିବାର ରଣପୁର ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ୫ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ଯୋଜନା କମିଟି ଅଧକ୍ଷ ତଥା ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକମାନେ ଶିଶୁମାନଙ୍କୁ ଉଚିତ୍ ଶିକ୍ଷା ପ୍ରଦାନ କରି ଗୋଟିଏ ସୁନ୍ଦର ସମାଜ ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ଲକ୍ଷ୍ମୀଧର ସାହୁ, ଦେବେନ୍ଦ୍ର ତ୍ରିପାଠୀ, ପୁଷ୍ପଲତା ମିଶ୍ର, ବାଉରୀବନ୍ଧୁ ସାହୁ ଓ କୃଷ୍ଣଚନ୍ଦ୍ର ରଣବୀରସିଂ ପ୍ରମୁଖ ୫ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା, ରତ୍ନାକର ପାଣି, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ ଦାଶ, ବ୍ଲକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସମ୍ପାଦକ ଜଗନ୍ନାଥ ଦାଶ, ମଧ ଇଂରାଜୀ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଅଶୋକ କୁମାର ଦାଶ, ନୀଳକଣ୍ଠ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ମହିଳାଙ୍କ ପ୍ରତି ମାନସିକତାରେ ପରିବର୍ତ୍ତନ ଲୋଡ଼ା

**ଅନ୍ତର୍ଜାତୀୟ ମହିଳା ଦିବସ**

**ଖଣ୍ଡପଡ଼ା,୮।୩(ସ୍ୱ.ପ୍ର.)**



ରଣପୁରଠାରେ ମହିଳାଙ୍କ ସଚେତନତା ଶୋଭାଯାତ୍ରା।


ଓଡ଼ଗାଁରେ ଅନ୍ତର୍ଜାତୀୟ ମହିଳା ଦିବସରେ ସମବେତ ମହିଳାମାନେ।

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସଭାଗୃହରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। କଲେଜ ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡସ୍ଥିତ ସେବା ସଂସ୍ଥାର ଅଧ୍ୟାପକ ଆଶୀର୍ବାଦ ଚୌଧୁରୀ, ଅଧ୍ୟାପିକା ସୁଜାତା ସାହୁ, ଅଧ୍ୟାପକ ରାଜୀବ ଲୋଚନ ମିଶ୍ର, ଅକ୍ଷୟ କୁମାର ସାହୁ, ଅଶୋକ କୁମାର ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହିଳାମାନଙ୍କୁ ସମ୍ମାନ ଦେବା, ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ସହଯୋଗ ସହ ସୁରକ୍ଷା ଯୋଗାଇଦେବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ। ଏହାଛଡା ମହିଳାମାନଙ୍କ ପ୍ରତି ଥିବା ମାନସିକତାର ପରିବର୍ତ୍ତନ ଘଟିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ ମତ ରଖିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ହୃଷୀକେଶ ମିଶ୍ର ଓ ମାନଗୋବିନ୍ଦ ରାଉତ ଏହାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା, ଛାତ୍ରୀଛାତ୍ର ଯୋଗଦେଇଥିଲେ।

ଖଣ୍ଡପଡ଼ା ତାଲୁକ ଆଇନସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ କାର୍ଯ୍ୟାଳୟ ପରିସରରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଖଣ୍ଡପଡା ସହର ପରିକ୍ରମା କରିଥିଲା। ଖଣ୍ଡପଡା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପକ କୁମାର ସାଥୁଆ କୋର୍ଟ କାର୍ଯ୍ୟାଳୟ ପରିସରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହିଳାମାନଙ୍କ ପାଇଁ ଆଇନରେ ଥିବା ବିଧିବ୍ୟବସ୍ଥା ସମ୍ପର୍କରେ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଗିରିଜା ଶଙ୍କର ମିଶ୍ର, ବାବୁଲି ଚରଣ ସାହୁ, ସରକାରୀ ଓକିଲ ମନୋଜ କୁମାର ମିଶ୍ର ପ୍ରମୁଖ ସୂଚନା ଦେଇଥିଲେ। ସମାଜରେ ମହିଳାମାନଙ୍କୁ ସମ୍ମାନଦେବା, କନ୍ୟାଭ୍ରୁଣ ହତ୍ୟା ପରି ଘୃଣ୍ୟ ପ୍ରଥାରୁ ଦୂରେଇ ରହିବା, କନ୍ୟା ସନ୍ତାନଙ୍କ ଯତ୍ନ ନେବା ନେଇ ମତ ରଖିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି।

**ଓଡ଼ଗାଁ,(ସ୍ୱ.ପ୍ର.):** ଓଡ଼ଗାଁ ଓରିକମ ଏଜୁକେଶନ ଆନୁକୂଲ୍ୟରେ ରବିବାର ଅନ୍ତର୍ଜାତିୟ ମହିଳା ଦିବସ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଝୋଟି ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଚାଳନା ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିପ୍ରିୟା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାଙ୍କ ସଶକ୍ତୀକରଣ ହିଁ ସମାଜ ସଂସ୍କାର ଓ ଉନ୍ନତିର ମୂଳମନ୍ତ୍ର ବୋଲି ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବାଶା ପ୍ରହରାଜ ଓ ରଞ୍ଜିତା ପ୍ରିୟଦର୍ଶିନୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିଲା। ପ୍ରତାପ କୁମାର ମହାନ୍ତି, ସୁପ୍ରିୟା ସାହୁ ଓ ପ୍ରଣତି ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରଣପୁର,(ସ୍ୱ.ପ୍ର.):** ନୟାଗଡ଼ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ରବିବାର ରଣପୁର ବ୍ଲକ ବଜ୍ରକୋଟ ପଞ୍ଚାୟତରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ରଣପୁର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ବଜ୍ରକୋଟ ସରପଞ୍ଚ ବନିତା ବଳିଆରସିଂ ମୁଖ୍ୟଅତିଥି, ସୁପରଭାଇଜର ପୁଷ୍ପଲତା ସାହୁ ମୁଖ୍ୟବକ୍ତା, ବଜ୍ରକୋଟ ସମିତି ସଭ୍ୟା କାମିନି ପ୍ରଧାନ, ଶିକ୍ଷକ ସୁଶୀଳ କୁମାର ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ନାରୀ ସୁରକ୍ଷା ଓ ଅଧିକାର ଏବଂ ବାଲ୍ୟ ବିବାହ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବଜ୍ରକୋଟ ଅଙ୍ଗନୱାଡି କର୍ମୀ ପୁଷ୍ପ ମଞ୍ଜରୀ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା, ଆଶାକର୍ମୀ, ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟ ଉପସ୍ଥିତ ବାଲ୍ୟବିହାର ରୋକିବା ପାଇଁ ଶପଥପାଠ କରିଥିଲେ। ଏହି ଅବସରରେ ଏକ ସଚେତନା ରାଲି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା।

## ୧୮ରେ ନୀଳାଦ୍ରି ଭକ୍ତ ନିବାସରେ ଜନଶୁଣାଣି

**ପୁରୀ ଅଫିସ, ୮।୩**

ଶ୍ରୀମନ୍ଦିର ସୁରକ୍ଷା ବଳୟ ଉନ୍ନତୀକରଣ ନିମନ୍ତେ ସାମାଜିକ ପ୍ରଭାବ ବିବରଣୀ ପ୍ରସ୍ତୁତ କରାଯାଇଛି। ପ୍ରଭାବିତ ହେଉଥିବା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବାସେଲିସାହି, ଦୋଳମଣ୍ଡପ ସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି ଏବଂ ଗୁଡ଼ିଙ୍ଗସାହି ଅଧୀନ ୱାର୍ଡ ୨, ୩, ୪, ୯, ୧୨, ୧୫ ଏବଂ ୧୭ର ଅଧିବାସୀଙ୍କ ଅବଗତି ନିମନ୍ତେ ଏହି ବିବରଣୀ ଜାରି ହୋଇଛି। ଏ ସମ୍ପର୍କରେ ଉକ୍ତ ୱାର୍ଡବାସୀଙ୍କ ମତାମତ ନେବା ପାଇଁ ଆସନ୍ତା ୧୮ ତାରିଖରେ ନୀଳାଦ୍ରି ଭକ୍ତ ନିବାସରେ ଜନଶୁଣାଣି ହେବ। ଏଥିରେ ପ୍ରଭାବିତ ୱାର୍ଡବାସୀ ଜମି ଅଧିଗ୍ରହଣ ଓ ତଜ୍ଜନିତ ପ୍ରସଙ୍ଗ ଉପରେ ସେମାନଙ୍କ ମତାମତ ଉପସ୍ଥାପନ କରିବେ। ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଜମି ଅଧିଗ୍ରହଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୫ ପ୍ରତିଶତ ଜମିର ବିକ୍ରି କବଲା ସରିଥିବାବେଳେ ସୁରକ୍ଷା ଜୋନରେ ଉଚ୍ଛେଦ ଚାଲିଛି। ଅଧିଗ୍ରହଣ ଜମି ମଧ୍ୟରେ ବାସେଲି ସାହି ମୌଜାର ୩ ଏକର ୨୮ ଡେସିମିଲ ବେସରକାରୀ ଓ ୬୪ ଡେସିମିଲ ସରକାରୀ ଜମି ରହିଛି। ସେହିପରି ମଣିକର୍ଣ୍ଣିକା ସାହିର ୩ ଏକର ୬୨୭ ଡେସିମିଲ ବେସରକାରୀ ଓ ୧୩୩ ଡେସିମିଲ ସରକାରୀ ଜମି ରହିଛି।

## ଓଡ଼ଗାଁ ଏନ୍‌ଏସିକୁ ପୁଣି ଫେରିଲା ଗୁଟ୍‌ଖା, ପଲିଥିନ

**ଓଡ଼ଗାଁ,୮।୩(ସ୍ୱ.ପ୍ର.)**

କିଛିଦିନର ବ୍ୟବଧାନ ପରେ ଓଡଗାଁ ଏନ୍‌ଏସି ସମେତ ନିକଟ ବଜାରକୁ ପୁଣି ଥରେ ଗୁଟ୍‌ଖା ଓ ପଲିଥିନ ଫେରିଥିବା ନେଇ ଚର୍ଚ୍ଚା ହେଉଛି । ପଲିଥିନ ପୂର୍ବପରି ବ୍ୟବହାର ହେଉଥିବା ବେଳେ ଦୋକାନ ବଜାର ଏପରି କି ଶିକ୍ଷାନୁଷ୍ଠାନ ଓ ସରକାରୀ ଅଫିସ ନିକଟରେ ଖୁଲମଖୁଲା ଗୁଟ୍‌ଖା ବିକ୍ରି ଚାଲିଛି। ସରକାରୀ ସ୍ତରରେ ଗୁଟ୍‌ଖା ବିକ୍ରି ଓ ପ୍ରସ୍ତୁତ ନିଷେଧାଦେଶ ଜାରି କରାଯାଇଛି। ଏହାସହ ଗାନ୍ଧୀ ଜୟନ୍ତୀଠାରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ, ପଲିଥିନ ବିକ୍ରି ଓ ବ୍ୟବହାରକୁ ସରକାର ନିଷେଧ ଘୋଷଣା କରିବା ସହିତ ପଲିଥିନ ମୁକ୍ତ ଅଭିଯାନର ଆରମ୍ଭ କରିଥିଲେ। ଏହା ପରେ ଏନ୍‌ଏସି ଓ ପୋଲିସ ତରଫରୁ ସ୍ଥାନୀୟ ବଜାରରେ ଚଢାଉ କରାଯାଇ ବହୁ ପରିମାଣର ପଲିଥିନ ଜବତ କରିବା ସହିତ ସେମାନଙ୍କୁ ଚେତାବନୀ ସଦୃଶ ପ୍ରାଥମିକ ସ୍ତରରେ ଆର୍ଥିକ ଦଣ୍ଡ ବିଧାନ କରାଯାଇଥିଲା। ହେଲେ କିଛିଦିନର ବ୍ୟବଧାନ ପରେ ପ୍ରଶାସନ ଏ ନେଇ କୋହଳ ମନୋଭାବ ଗ୍ରହଣ କରିଥିବାରୁ ସ୍ଥାନୀୟ ବଜାରରେ ବ୍ୟବସାୟୀ ପୁଣି ଥରେ ପଲିଥିନ ପ୍ରଚଳନ କରୁଥିବା ଦେଖାଯାଇଛି । ଏପରି କି ସ୍ଥାନୀୟ ରଘୁନାଥ ମନ୍ଦିର ଲକ୍ଷ୍ମୀବଜାରରେ ପ୍ରଚୁର ପରିମାଣର ଗୁଟ୍‌ଖା ଓ ପଲିଥିନ ମହଜୁଦ ରହିଥିବା ଚର୍ଚ୍ଚା ହେଉଛି । ରବିବାର ସ୍ଥାନୀୟ ବଜାରରୁ ଜଣେ ବ୍ୟବସାୟୀ ବେଆଇନ ଘୋଷଣା କରାଯାଇଥିବା ଏକବସ୍ତା ଗୁଟ୍‌ଖା ନେଉଥିବା ବେଳେ ହନୁମାନ ଛକରେ ବାଇକ୍‌ରୁ ଖସି ପଡିଥିଲା। ଘଟଣାସ୍ଥଳରେ ମୁତୟନ ଥିବା ପୋଲିସ ସମସ୍ତ ଗୁଟ୍‌ଖା ଜବତ କରିବା ସହିତ ସମ୍ପୃକ୍ତ ବ୍ୟବସାୟୀଙ୍କୁ ପଚରାଉଚୁରା କରିଥିଲା। ପୋଲିସ ଉକ୍ତ ଗୋଦାମ ସମ୍ପର୍କରେ ସୁରାକ ପାଇଥିବା ଜଣାଯାଇଛି। ଏ ନେଇ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପ୍ରକାଶ କରିଛି। ଅନ୍ୟପକ୍ଷେ ସ୍ଥାନୀୟ ଏନ୍‌ଏସିର ନିର୍ବାହୀ ଅଧିକାରୀ ଭାବେ ଯୁଗ୍ମ ଦାୟିତ୍ୱ ବହନ କରିଥିବା ନୟାଗଡ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ଅନୁରୂପ ଭାବେ ଆଗାମୀ ଦିନରେ ଚଢାଉକୁ ଜୋରଦାର କରିବାକୁ ସୂଚନା ଦେଇଛନ୍ତି।

## ଇ-ଷ୍ଟାମ୍ପ ବ୍ୟବସ୍ଥା ଉଚ୍ଛେଦ ଦାବି

**ପୁରୀ ଅଫିସ, ୮।୩**

ଓଡ଼ିଶା ଷ୍ଟାମ୍ପ ଭେଣ୍ଡର ମହାସଂଘର ରାଜ୍ୟସ୍ତରୀୟ ବୈଠକ ରବିବାର ବଡଶଙ୍ଖ ନାରାୟଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ସଭାପତି ଆଇନଜୀବୀ ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିଲେ। ସେ କହିଥିଲେ, ଇ-ଷ୍ଟାମ୍ପ ବ୍ୟବସ୍ଥା ପ୍ରଚଳନ ଦ୍ୱାରା ଗରିବ ଷ୍ଟାମ୍ପଭେଣ୍ଡରଙ୍କ ପ୍ରତି ଅନ୍ୟାୟ କରାଯାଇଛି। ତେଣୁ ରାଜ୍ୟ ସରକାର ଏହି ନିଷ୍ପତ୍ତିର ତର୍ଜମା କରିବାକୁ ସେ ଦାବି କରିଛନ୍ତି। ଏ ନେଇ ସରକାରଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ। ଇ-ଷ୍ଟାମ୍ପରେ କମିଶନ ଧାର୍ଯ୍ୟ କରି ଷ୍ଟାମ୍ପଭେଣ୍ଡରଙ୍କୁ ସାମିଲ କରାଯିବା, କୋର୍ଟ ଫି ଷ୍ଟାମ୍ପରେ କ୍ରୟ ବିକ୍ରୟ, କ୍ଷମତା ଓ କମିଶନ ବୃଦ୍ଧି, ଷ୍ଟାମ୍ପ ଭେଣ୍ଡରଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ ପାଇଁ ସଂଘ ଦାବି କରିଛି।

## ସ୍ୱାସ୍ଥ୍ୟ ସେବା ଶିବିର



ଶିବିରରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ନୟାଗଡ଼ ଅଫିସ,୮।୩**

ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ଅବସରରେ ନୟାଗଡ ଜିଲା ପୋଲିସ କର୍ମଚାରୀ ଓ ତାଙ୍କ ପରିବାରବର୍ଗ ପାଇଁ ଏକ ସ୍ୱାସ୍ଥ୍ୟ ଶିବର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ଡା. ପୋମା ଟୁଡୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଦିଲୀପ କୁମାର ସାହାଣୀ, ସିଡିଏମ୍‌ଓ ଶ୍ୱେତ ମହାପାତ୍ର, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସଞ୍ଜୟ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

## କରୋନା ପାଇଁ ଜୟୀ ରାଜଗୁରୁଙ୍କ ସ୍ମାରକୀ ଉତ୍ସବ ବନ୍ଦ

**ପୁରୀ ଅଫିସ, ୮।୩:** କରୋନାକୁ ଦୃଷ୍ଟିରେ ରଖି ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବାରବାଟୀ ଯାତ୍ରା ୨୧୭ତମ ସ୍ମାରକୀ ଉତ୍ସବ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଛି। ଆସନ୍ତା ୧୧ତାରିଖରେ ଏହି ଅବସରରେ ସିଂହଦ୍ୱାରରୁ ପାଇକ ଆଖଡ଼ା, ସଂକୀର୍ତ୍ତନ ସହ ବିରାଟ ଶୋଭାଯାତ୍ରା ବାହାରିଥାନ୍ତା। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସଭାକକ୍ଷରେ ଆଲୋଚନାଚକ୍ର ଓ ଶ୍ରଦ୍ଧାଞ୍ଜଳି ସଭା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସଂକୀର୍ତ୍ତନ କଳାକାର, ପାଇକ ଆଖଡ଼ା ଦଳ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ବର୍ତ୍ତମାନ କରୋନା ଭାଇରସ୍‌ର ଭୟାବହତାକୁ ନେଇ ସରକାରଙ୍କ ସଚେତନତାକୁ ଦୃଷ୍ଟିରେ ରଖି ତଥା ସମସ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ପରିଷଦ ସ୍ମାରକୀ ଯାତ୍ରାରେ କେତେକ ପରିବର୍ତ୍ତନ ଲାଗି ନିଷ୍ପତ୍ତି ନେଇଛି। ଶୋଭାଯାତ୍ରା ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ହେବାକୁ ଥିବା ଆଲୋଚନାଚକ୍ର ଓ ଶ୍ରଦ୍ଧାଞ୍ଜଳି ସଭାକୁ ସ୍ଥଗିତ ରଖାଯାଇଛି। ସ୍ମାରକୀ ଉପଲକ୍ଷେ ବଳଗଣ୍ଡି ଛକସ୍ଥିତ ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ସେହିଦିନ ଅପରାହ୍ନ ୫ଟାରେ କେବଳ ଶ୍ରଦ୍ଧାଞ୍ଜଳି ସଭା ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

## ପୋଲିସ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ପୁରୀ ଅଫିସ, ୮।୩**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ପୁରୀ ପୋଲିସ ଓ ଜିଲା ସ୍ୱାସ୍ଥ୍ୟ ସମିତି ମିଳିତ ଆନୁକୂଲ୍ୟରେ ପୋଲିସ ରିଜର୍ଭ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର ଉଦଘାଟିତ ହୋଇଛି। ଏସ୍‌ପି ଉମାଶଙ୍କର ଦାଶ ଏହାକୁ ଉଦଘାଟନ କରିଥିଲେ। ଡା. ଭାସ୍କର ସାମନ୍ତରାୟ ଉପସ୍ଥିତ ଥିଲେ। ପୁରୀ ଜିଲାରେ କାର୍ଯ୍ୟରତ ମହିଳା ପୋଲିସ ଏବଂ ପୋଲିସ ଅଧିକାରୀମାନଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଶିବିର ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ।

## ସିବିଆଇକୁ ଦିଆଯିବ ଭକ୍ତଙ୍କ ଦସ୍ତଖତ ପତ୍ର

**ପୁରୀ ଅଫିସ, ୮।୩**

- ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି
- ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ରଖାଯିବା ପ୍ରସଙ୍ଗ

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଛି। ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଥିବାରୁ ଆର୍‌ବିଆଇ ଏହି ପଦକ୍ଷେପ ନେଇଛି। ଏଭଳି ସ୍ଥିତିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଫେରିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରିଚାଳନା କମିଟି ଏବଂ ଗଜପତି ମହାରାଜଙ୍କୁ କାହିଁକି ଆଡୁଆଳରେ ରଖାଯାଇଥିଲା ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ ପ୍ରଶ୍ନ କରିଛନ୍ତି। ଉକ୍ତ ଟଙ୍କାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପରିବର୍ତ୍ତେ ଘରୋଇ ବ୍ୟାଙ୍କରେ ରଖିବା ପଛରେ ନିଶ୍ଚିତ ଭାବେ ମନ୍ଦ ଉଦ୍ଦେଶ୍ୟ ରହିଛି। ପରିଚାଳନା କମିଟି ଓ ଅର୍ଥ ସବ୍ କମିଟି ଅଗୋଚରରେ ଏହି ଟଙ୍କା ଏକ ଘରୋଇ ବ୍ୟାଙ୍କରେ ରଖାଯାଇଥିଲା। ଏହି ଘଟଣାର ସିବିଆଇ ତଦନ୍ତ ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ ଓ ଗିରଫ କରାଯିବାକୁ ରଥ ଦାବି କରିଛନ୍ତି। ଏ ନେଇ ୯ତାରିଖଠାରୁ ଭକ୍ତଙ୍କ ଦସ୍ତଖତ ଅଭିଯାନ ଆରମ୍ଭ କରାଯିବ। ୧୦ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ର ସିବିଆଇକୁ ଦିଆଯିବ। ସେହିପରି ଆଇନମନ୍ତ୍ରୀଙ୍କ ମନ୍ତବ୍ୟ ହାସ୍ୟାସ୍ପଦ ବୋଲି ସେ କହିଛନ୍ତି। ତାଙ୍କୁ ହଟାଯିବାକୁ ସେ ଦାବି କରିଛନ୍ତି। ୟେସ୍ ବ୍ୟାଙ୍କରେ ଏତେ ଟଙ୍କା ରଖିବା ପଛରେ ଅଧିକ ସୁଧ ଲୋଭ ନା ଆଉ କିଛି ରହସ୍ୟ ରହିଛି ତାହାର ତଦନ୍ତ ପାଇଁ ରଥ ଏକ ପ୍ରେସ ବିବୃତିରେ ଦାବି କରିଛନ୍ତି।

## ବସନ୍ତ ମିଳନ ସାରସ୍ୱତ ସମାରୋହ

**ପୁରୀ ଅଫିସ, ୮।୩**

ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ଓ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ସଭାଗୃହରେ ରବିବାର ବସନ୍ତ ମିଳନ ସାରସ୍ୱତ ସମାରୋହ ଓ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସଦାଶିବ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ସେବାୟତ ସୌମେନ୍ଦ୍ର ମୁଦୁଲି ଏହାକୁ ଉଦ୍‌ଘାଟନ କରି କହିଥିଲେ, ବସନ୍ତ ହେଉଛି ଯୌବନର ପ୍ରତୀକ। ମଣିଷ ନିଜ ଭିତରେ ଯୁବ ଭାବନା ଜାଗ୍ରତ କରିପାରିଲେ ଶରୀର ସୁସ୍ଥ ଓ ମନ ଶାନ୍ତ ରହିପାରିବ। ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ଡ. ଶୁଭେନ୍ଦୁ ମୁଣ୍ଡ ଓଡ଼ିଶାର ସାରସ୍ୱତ ବାଣୀଭଣ୍ଡାରକୁ ଶ୍ରୀକ୍ଷେତ୍ରର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର, ସେବାୟତ ଭଗବାନ ସୁଆର ଓ ଲକ୍ଷ୍ମୀଧର ଖୁଣ୍ଟିଆ ଏବଂ ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ରଖିଥିବା ବେଳେ ଉପସଭାପତି ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନାରୀ ପ୍ରତିଭା ସମ୍ମାନ ଓ ବସନ୍ତ ମିଳନ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ଗହଣରେ ସମ୍ମାନିତ ମହିଳା ପ୍ରତିଭା।

## ଜିଲା ଗଠନରେ ବିଜୁବାବୁଙ୍କ ଭୂମିକା ସ୍ମରଣୀୟ

**ନୟାଗଡ଼ ଅଫିସ,୮।୩**

ନୟାଗଡ଼ ବସ୍‌ଷ୍ଟପଠାରେ ବଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ନୟାଗଡ ନିର୍ବାଚନମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ, ବିଜୁ ବାବୁଙ୍କ ସ୍ୱପ୍ନକୁ ନବୀନ ପଟ୍ଟନାୟକ ପୂରଣ କରୁଛନ୍ତି। ମାର୍ଚ୍ଚ ୫ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ ହେଉଥିବା ଜୟନ୍ତୀ ବିଜୁ ବାବୁଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଜିଲା ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କହିଥିଲେ ନୟାଗଡ ଜିଲା ଗଠନରେ ବିଜୁ ବାବୁଙ୍କ ଭୂମିକା ସ୍ମରଣୀୟ। ଅନ୍ୟମାନଙ୍କ ମଧ୍ୟରେ ଇଟାମାଟିର ପୂର୍ବତନ ସରପଞ୍ଚ ଶ୍ରବଣ ରାମ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ନୟାଗଡ଼ ବ୍ଲକ ଚେୟାରମ୍ୟାନ ଗୋଲାପ ଦଳବେହେରା, ଅମୂଲ୍ୟ ମହାନ୍ତି, ନୀଳମାଧବ ପଣ୍ଡା, ରାମକୃଷ୍ଣ ରଥ, ପ୍ରଭାସିନୀ ନନ୍ଦ, ଲୋକନାଥ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।



ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

### ମଞ୍ଚରେ ନବୀନଙ୍କ ଫଟୋ ନ ଥିଲା

ବିଜୁ ଜୟନ୍ତୀ ପାଳନ ପାଇଁ କରାଯାଇଥିବା ମଞ୍ଚରେ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ନ ଥିବାବେଳେ ବିଜୁ ପଟ୍ଟନାୟକଙ୍କ ଫଟୋ ରହିଥିଲା। ସଭାରେ କହିବା ପାଇଁ ବକ୍ତାମାନେ ଆଗ୍ରହୀ ଥିଲେ। ହେଲେ ଭାଷଣ ଅଧିକ ହୋଇଗଲେ ଶର୍ଟକଟ୍ କରିବାକୁ ତାଗିଦ୍ କରାଯାଉଥିବା ଦେଖିବାକୁ ମିଳିଥିଲା।

### କରୋନା ଭୟ ନ ଥିଲା

କରୋନା ପାଇଁ ଚାରିଆଡେ ଭୟର ବାତାବରଣ ଲାଗିରହିଛି। ଏ ନେଇ ସତର୍କତା ଜାରି ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୋଲି ପାଳନ କରିବେ ନାହିଁ । ଅନ୍ୟପକ୍ଷେ ସଭାସମିତି ନ କରିବାକୁ ପରାମର୍ଶ ଦିଆଯାଇଛି। ତେବେ ନୟାଗଡରେ ବହୁ ସଂଖ୍ୟକ ଲୋକଙ୍କୁ ଏକାଠି କରି ସଭା କରାଯିବା ଘଟଣାକୁ ଜିଲା କଂଗ୍ରେସର ପୂର୍ବତନ ସଭାପତି ରଣଜିତ୍ ଦାଶ ପ୍ରତିବାଦ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କୁ ଏକାଠି କରିବାକୁ ବାରଣ କରୁଥିବାବେଳେ ମନ୍ତ୍ରୀ ନିଜେ ଆଇନ ଭଙ୍ଗ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ଆକ୍ରମଣରେ ଜଣେ ଗୁରୁତର, ଥାନାରେ ମାମଲା



**ଖଣ୍ଡପଡ଼ା,୮।୩(ସ୍ୱ.ପ୍ର.):** ଏକ ରାସ୍ତା କାମ ବାବଦ ଟଙ୍କା ଦେଣନେଣକୁ କେନ୍ଦ୍ର କରି ଖଣ୍ଡପଡା ଥାନା ରୟତ ଢୋଲମରା ଗ୍ରାମରେ ଗଣ୍ଡଗୋଳ ହୋଇ ଆକ୍ରମଣ ହୋଇଛି। ଏଥିରେ ଗ୍ରାମର ମୁନା ପରିଡା ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏବେ ସେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଘଟଣା ସମ୍ପର୍କରେ ତାଙ୍କ ସ୍ତ୍ରୀ ସସ୍ମିତା ପରିଡା ଶନିବାର ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୭୦/୨୦ରେ ଏକ ମାମଲା ରୁଜୁ କରିଥିବା ଆଇଆଇସି ବିମଳ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ। ଅଭିଯୋଗକ୍ରମେ ଗତ ଶୁକ୍ରବାର ସନ୍ଧ୍ୟାରେ ମୁନା ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଗାଁ ଦାଣ୍ଡରେ ବୁବୁନା ପଣ୍ଡା ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଏକ ଟାଙ୍ଗିଆ ଆଣି ତାଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା ମୁନାଙ୍କୁ ଉଦ୍ଧାର କରି ପ୍ରଥମେ ଗଣିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

### ଜେଲ ଗଲେ ଲୁଟେରା, ରିମାଣ୍ଡରେ ନେବ ପୋଲିସ

**ଖଣ୍ଡପଡ଼ା,୮।୩ (ସ୍ୱ.ପ୍ର.):** ଖଣ୍ଡପଡ଼ା ଓ ଫତେଗଡ ଥାନା ଅଞ୍ଚଳରେ ଏକାଧିକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜିତୁ ବସ୍ତିଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର



ହେବାରୁ ତାଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ ଖଣ୍ଡପଡା ଡାକ୍ତରଖାନା ନିକଟରେ ଥିବା ଲୋକନାଥ ମେଡିକାଲ ଷ୍ଟୋରରୁ ୩ଦିନ ତଳେ ଚୋରି ହୋଇଥିଲା। ସିସିଟିଭି ଫୁଟେଜ ଆଧାରରେ ଖଣ୍ଡପଡା ପୋଲିସ ଅନୁସନ୍ଧାନ ଆରମ୍ଭ କରିଥିଲା। ଶୁକ୍ରବାର ରାତିରେ ଖଣ୍ଡପଡାରୁ ଜିତୁ ବାଇକ୍ ଯୋଗେ ଭାପୁର ଅଞ୍ଚଳକୁ ଯାଉଥିବା ବେଳେ ଖଣ୍ଡପଡା ବଜାରରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ହୋମଗାର୍ଡଙ୍କ ଦ୍ୱାରା ଧରାପଡିଥିଲେ। ଖଣ୍ଡପଡା ଥାନାରେ ପୋଲିସ ଜେରା କରିବା ପରେ ଜିତୁ ଚୋରି ସମ୍ପର୍କିତ ସମସ୍ତ ସୂଚନା ଦେଇଥିଲେ । ତାଙ୍କ ସୂଚନା କ୍ରମେ ପୋଲିସ ବିଭିନ୍ନ ସ୍ଥାନରୁ ଚୋରି ଯାଇଥିବା ମୂଲ୍ୟବାନ ସାମଗ୍ରୀ ଜବତ କରିଥିଲା। ଫତେଗଡ ପୋଲିସ ଜିତୁଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବ ବୋଲି ଜଣାପଡିଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଖଣ୍ଡପଡ଼ା,୮।୩(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ କୋସକା ପଞ୍ଚାୟତ ମଧୁପୁର ଗ୍ରାମର ଧର୍ମପରାୟଣା ମହିଳା ମାଳତୀ ସୁବୁଦ୍ଧି(୭୦)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସୁରେନ୍ଦ୍ରନାଥ ସୁବୁଦ୍ଧିଙ୍କ ସ୍ତ୍ରୀ ମାଳତୀ ଶ୍ୱାସ, ରକ୍ତଚାପ ଓ ମଧୁମେହ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପୁତ୍ର ମଦନ ମୁଖାଗ୍ନି ଦେଇଥିଲେ।

# ମହିଳା ଶ୍ରମିକଙ୍କୁ ଅଣଦେଖା

## ମିଳୁନି ନିର୍ମାଣ ଶ୍ରମିକର ପରିଚୟ

## କୃଷି ଶ୍ରମିକ କହି କରାଯାଉନି ପଞ୍ଜୀକୃତ

**ନୟାଗଡ଼ ଅଫିସ,୮।୩**

ନୟାଗଡ଼ ଜିଲାରେ ମହିଳା ଶ୍ରମିକମାନଙ୍କୁ ନିର୍ମାଣ ଶ୍ରମିକର ପରିଚୟ ମିଳୁନି। ଏଥିରେ ବାଧକ ସାଜୁଛି ଜିଲା ଶ୍ରମ କାର୍ଯ୍ୟାଳୟ। କୃଷି ଶ୍ରମିକ କହି ଅଧିକାଂଶ ମହିଳାଙ୍କୁ ପଞ୍ଜୀକୃତ ନ କରି ଫେରାଇ ଦିଆଯାଉଛି ବୋଲି ଅଭିଯୋଗ ହୋଇ ଆସୁଛି। ଏଣୁ ମହିଳାମାନେ ନିର୍ମାଣ ଶ୍ରମିକ ପାଇଁ ଆବେଦନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜଣେ ମହିଳା ଶ୍ରମିକଙ୍କ ସୂଚନା ଅନୁସାରେ ପରିଚୟ ପାଇବା ପାଇଁ ପଞ୍ଜୀକୃତ କରିବାକୁ ଗଲେ ଅନେକ ଦିନ ରୋଜଗାର ବନ୍ଦ ରୁହେ । ଯାଉ ଯାଉ ଶୁଣିବାକୁ ମିଳେ ଜିଲାରେ ନିର୍ମାଣ ଶ୍ରମିକ କେହି ନାହାନ୍ତି। ଯେଉଁମାନେ ଅଛନ୍ତି ସେମାନେ କୃଷି ଶ୍ରମିକ। ଏଭଳି ଘଟଣା ବାରମ୍ବାର ଘଟିବା ପରେ ମହିଳା ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରି ପଞ୍ଜୀକୃତ କରିବାକୁ ଯାଉନାହାନ୍ତି। ଅନ୍ୟପକ୍ଷେ ଯଦି ହାତଗୁଞ୍ଜା ଦିଆଯାଉଛି ସେଠାରେ ଆଇନକାନନୁର ଆବଶ୍ୟକ ପଡୁନି। ପୁଣି କୃଷି ଶ୍ରମିକର ନାଁ ମଧ୍ୟ ଉଠୁନି। ହେଲେ ସବୁ ମହିଳା ହାତଗୁଞ୍ଜା କାରବାରରେ ସାମିଲ ହୋଇପାରୁ ନ ଥିବାରୁ ଏମାନଙ୍କ ପଞ୍ଜୀକୃତ ସଂଖ୍ୟା କମିବା ସ୍ୱାଭାବିକ।

### ପଞ୍ଜୀକୃତ ମାତ୍ର ୧୩%

ଜିଲା ଶ୍ରମ ବିଭାଗର ରିପୋର୍ଟ ଅନୁଯାୟୀ ଜିଲାରେ ମହିଳା ଶ୍ରମିକଙ୍କ ଅଭାବ ରହିଛି। କାରଣ ପଞ୍ଜୀକୃତ ମହିଳାଙ୍କ ସଂଖ୍ୟା ମାତ୍ର ୧୩ ପ୍ରତିଶତ। ଏଠାରେ ୫୪ ହଜାର ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ମହିଳା ଶ୍ରମିକ କମିବାର କାରଣ ଖୋଜାଯାଉନି। ତ୍ରୁଟି କେଉଁଠି ରହୁଛି ତା'ର ସମୀକ୍ଷା ନାହିଁ । ଫଳରେ ମହିଳାମାନେ ନିଜ ଜିଲାର ଭିଟାମାଟି ଛାଡି ଅନ୍ୟତ୍ର କାମ କରୁଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଯେଉଁ ମହିଳା ଶ୍ରମିକ କୋଠାବାଡି ପରି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେଥିରୁ ପ୍ରାୟ ୮୦ ପ୍ରତିଶତଙ୍କ ଘର ନୟାଗଡ଼ ଜିଲାରେ ବୋଲି ଜଣାପଡିଛି। ନୟାଗଡର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଜଷ୍ଟିସ ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟ କହୁଛି, ମହିଳା ଶ୍ରମିକଙ୍କୁ ଅଣଦେଖା କରାଯାଉଥିବାରୁ ସେମାନେ ବାହାରକୁ ଚାଲି ଯାଉଛନ୍ତି। ଭୁବନେଶ୍ୱରରେ ଏମାନଙ୍କ ସଂଖ୍ୟା ଅଧିକ। ଜିଲା ପ୍ରଶାସନ ପକ୍ଷରୁ ଏଭଳି କଥାକୁ ନିର୍ମାଣ ଶ୍ରମିକ ସେବା ସପ୍ତାହରେ ସ୍ୱୀକାର କରାଯାଇଛି।

### ୯୦ଦିନ କାମ କରିଥିଲେ ପଞ୍ଜୀକୃତ ହୋଇପାରିବ

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବର୍ଷକୁ ଅତି କମରେ ୯୦ଦିନ କାମ କରିଥିଲେ ଜଣେ ମହିଳାଙ୍କ ନାଁ ନିର୍ମାଣ ଶ୍ରମିକ ଭାବେ ପଞ୍ଜୀକୃତ ହୋଇପାରିବ। ଆଇନ ଏହା କହୁଥିଲେ ହେଁ କାର୍ଯ୍ୟକ୍ଷେତ୍ରରେ ଓଲଟା ଦେଖିବାକୁ ମିଳୁଛି। ଜଣେ ମହିଳା ଜବକାର୍ଡଧାରୀଙ୍କ ସୂଚନା ଅନୁସାରେ କାମ ମାଗିଲେ ମିଳୁନି। କାମ ନ ମିଳିଲେ ବେରୋଜଗାରୀ ଭତ୍ତା ଦିଆଯିବାର ନିୟମ ରହିଛି। ହେଲେ ଆବେଦନପତ୍ର ଗ୍ରହଣ କରୁ ନ ଥିବାରୁ ବେରୋଜଗାର ଭତ୍ତା ଦିଆଯାଉନି। ସେହିଭଳି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଯନ୍ତ୍ର କରୁଛି। ମିଥ୍ୟା ଶ୍ରମ ଦିବସ ସୃଷ୍ଟି କରାଯାଇ ସବୁ କିଛି ଠିକ୍ ଚାଲୁଥିବା କାଗଜପତ୍ର ଦର୍ଶାଯାଉଛି। ଏଥିରେ ନିଜକୁ ସୁହାଇବା ଭଳି ଜବ୍‌କାର୍ଡଧାରୀଙ୍କ ନାଁ ସାମିଲ କରାଯାଉଛି। ଯେଉଁମାନେ ପ୍ରତିବାଦ କରିବେ ନାହିଁ, କାମକୁ ନ ଆସି ସ୍ୱଳ୍ପ ଟଙ୍କାରେ ସନ୍ତୁଷ୍ଟ ରହିବେ। ସେଭଳି ପୁରୁଷ ଲୋକଙ୍କ ନାଁ ସାମିଲ ହେଉଛି। କ୍ୱଚିତ୍ ମହିଳାଙ୍କ ନାଁ ରଖାଯାଉଛି । ଏଣୁ ମହିଳା ଶ୍ରମିକ କସ୍ମିନ୍‌କାଳେ ୯୦ ଦିନର କାମ ପାଇପାରିବନି କି ନିର୍ମାଣ ଶ୍ରମିକର ପରିଚୟ ପାଇବ ନାହିଁ। ଏହା ଜାଣିବା ପରେ ଯଦି କେହି ପ୍ରତିବାଦ କରୁଛନ୍ତି ତାଙ୍କୁ ଅଯଥାରେ ମାରପିଟ, ଗାଳିଗୁଲଜ ସହିବାକୁ ପଡୁଛି। ଏଣୁ ମହିଳାମାନେ ରାଜନୀତିଠାରୁ ଦୂରେଇ ବାହାରେ କାମ କରି ପେଟ ପୋଷୁଛନ୍ତି।

### କଣ୍ଟ ପୂରିଲା, ସରିଲାନି ତଦନ୍ତ

ଶ୍ରମ ବିଭାଗ କିପରି ମହିଳା ଶ୍ରମିକମାନଙ୍କୁ ହଇରାଣ କରୁଛି ତାହା ଜିଲା ଶ୍ରମ ଅଧିକାରୀଙ୍କ ତଦନ୍ତ ପାଇଁ ଉଦ୍ଦିଷ୍ଟ ଲିଖିତ ପ୍ରତିଶ୍ରୁତି ରିପୋର୍ଟ ପ୍ରମାଣ କରୁଛି। କଣ୍ଟ ପୂରିଥିଲେ ବି ତଦନ୍ତ କରାଯାଉ ନ ଥିବାରୁ ୧୨ଜଣ ମହିଳା ଶ୍ରମିକ ସରକାରୀ ଯୋଜନାର ସୁଫଳ ନେଇ ପାରୁ ନାହାନ୍ତି। ଅଭିଯୋଗ ଅନୁସାରେ ୨୦୧୭ ଜୁଲାଇ ୭ରେ ନୂଆଗାଁ ବ୍ଲକ ବେରୁଆଁବାରିର ୧୨ଜଣ ମହିଳା ଶ୍ରମିକ ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇବା ପାଇଁ ବ୍ଲକ କ୍ୟାମ୍ପରେ ଆବେଦନ କରିଥିଲେ। ସେମାନଙ୍କୁ ସେହିବର୍ଷ ଜୁଲାଇ ୧୮ ତାରିଖରେ ପରିଚୟପତ୍ର ମିଳିବାର ଥିଲା। ହେଲେ ଦିଆଯାଇ ନ ଥିଲା। ୨ବର୍ଷ ପରେ ୨୦୧୯ ଜୁଲାଇ ୧୬ରେ ସେହି ୧୨ଜଣ ମହିଳା ଶ୍ରମିକଙ୍କୁ ଭେରିଫିକେଶନ ପାଇଁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଡକାଯାଇଥିଲା। ହେଲେ ପୁଣି ସେମାନଙ୍କୁ ୨ମାସର କଣ୍ଟ ଦେଇଥିଲେ ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା। ଇତିମଧ୍ୟରେ ୫ମାସ ବିତିଯାଇଥିଲେ ବି ତଦନ୍ତ ଶେଷ ହେଉନି କି ପରିଚୟ ପତ୍ର ମିଳୁନି। ଏ ନେଇ ବେରୁଆଁବାରିର ଝରୀ ଦେଇ, ଭଞ୍ଜ ନାୟକ ଓ କୁମୁଦିନୀ ସାହୁ କୁହନ୍ତି, ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇବା ପାଇଁ ଆବେଦନର ୩ବର୍ଷ ଶେଷ ହୋଇଗଲାଣି । ଆମର ଯିବାଆସିବା, ଖାଦ୍ୟପେୟରେ ଜଣ ପିଛା ୨ରୁ ୩ ହଜାର ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ପରିଚୟ ପତ୍ର ପାଇବୁ ବୋଲି ଆଉ ଆଶା ରଖିନୁ। ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା ପ୍ରାୟ ଦେଢ଼ମାସ ପାଇଁ ଛୁଟିରେ ଥିବାରୁ ଯୋଗାଯୋଗ କରିବା ସମ୍ଭବ ହୋଇନାହିଁ। ଜିଲାପାଳ ଡା. ପୋମା ଟୁଡୁଙ୍କ ସୂଚନା ଅନୁସାରେ ଜିଲାରେ ମହିଳା ଶ୍ରମିକ ଅଧିକ ଥିବା ପ୍ରମାଣ ମିଳିଛି। ପୁଣି ସେମାନେ ନିର୍ମାଣ ଶ୍ରମିକ ଭାବେ ନାଁ ପଞ୍ଜୀକୃତ କରିପାରୁ ନ ଥିବା ଜଣାପଡିଛି। ସେମାନଙ୍କୁ ପଞ୍ଜୀକୃତ କରାଯିବାର ବ୍ୟବସ୍ଥା କରାଯିବ। ଜବ୍‌କାର୍ଡଧାରୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବର୍ଷକୁ ଅତି କମ୍‌ରେ ୯୦ଦିନ କାମ କରିଥିଲେ ନିର୍ମାଣ ଶ୍ରମିକର ପରିଚୟପତ୍ର ମିଳିବ।

## ପୋକରା ଚାଉଳ ବଣ୍ଟନକୁ ବିରୋଧ: ଧାରଣା ପରେ ବଦଳାଗଲା

**ନୟାଗଡ଼ ଅଫିସ,୮।୩**

ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତରେ ରବିବାର ପୋକରା ଚାଉଳ ବଣ୍ଟନକୁ ରାଶନ କାର୍ଡ ହିତାଧିକାରୀ ବିରୋଧ କରିଥିଲେ। ପରେ ସେମାନେ ପୋକଡା ଚାଉଳ ଧରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଖବର ପାଇ ଅତିରିକ୍ତ ଯୋଗାଣ ଅଧିକାରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାକୁ ବଦଳାଇ ଉତ୍କୃଷ୍ଟ ମାନର ଚାଉଳ ଦିଆଯିବ ବୋଲି କହିବା ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଆନ୍ଦୋଳନ ହଟିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ହିତାଧିକାରୀମାନେ ଭଲ ଚାଉଳ ପାଇଥିବା ଜଣାପଡିଛି। ଅଭିଯୋଗ ଅନୁସାରେ ଖୁଣ୍ଟୁବନ୍ଧରେ କିଛିଦିନ ହେଲା ହିତାଧିକାରୀଙ୍କୁ ପୋକରା ଚାଉଳ ବଣ୍ଟନ କରାଯାଉଥିଲା। ରବିବାର ବେଗୁନିଆପାଟଣାର ହିତାଧିକାରୀଙ୍କୁ ଏହି ଚାଉଳ ଦେବା ପରେ ସେମାନେ ଫେରାଇ ଦେଇଥିଲେ ବୋଲି ପୂର୍ବତନ ସରପଞ୍ଚ ଫକୀର ମଲ୍ଲ କହିଛନ୍ତି। ଫକୀରଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା । ଏ ନେଇ ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର କୁହନ୍ତି, ଅଭିଯୋଗ ପରେ ଚାଉଳ ପରିବର୍ତ୍ତନ କରି ଭଲ ଚାଉଳ ଦିଆଯାଇଥିଲା। ଚାଉଳ ମାନ ଖରାପ ଥିବା ଅଭିଯୋଗ ପରେ ଆମେ ପରିବର୍ତ୍ତନ କରିଥାଉ ବୋଲି ସେ ପ୍ରକାଶ କରିଛନ୍ତି।

## ଶିଳ୍ପୋଦ୍ୟୋଗୀ ସପ୍ତାହ: ଉଦ୍ୟୋଗୀ ହେବାକୁ ପରାମର୍ଶ

**ଖଣ୍ଡପଡ଼ା,୮।୩(ସ୍ୱ.ପ୍ର.)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଗତ ୫ତାରିଖରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ଅବସରରେ ରାଜ୍ୟସାରା ଶିଳ୍ପୋଦ୍ୟୋଗୀ ସପ୍ତାହ ପାଳିତ ହେଉଛି। ନୟାଗଡ ଜିଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ଖଣ୍ଡପଡା ବ୍ଲକ ଖଳିସାହି ଦଶଦୋଳ ପଡିଆସ୍ଥିତ କାରିଗରି ସମିତିଗୃହ ପରିସରରେ ରବିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିଳ୍ପ ବିକାଶ ଅଧିକାରୀ ସମୀର ମୁଦୁଲୀ ଅଧ୍ୟକ୍ଷତା କରିଥିବାବେଳେ ଶିଳ୍ପ ଉଦ୍ୟୋଗୀ ତଥା ନିଖିଳ ଉତ୍କଳ କଂସାରୀ ସମାଜ ଓଡିଶାର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ କନ୍ଧିଆ ବେହେରା କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନୟାଗଡ଼ ଜିଲାରେ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରତିଷ୍ଠା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ପ୍ରୋତ୍ସାହନ ସହ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେଇଥିବାରୁ ଶିଳ୍ପୋଦ୍ୟୋଗୀମାନେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜିଲା ଶିଳ୍ପକେନ୍ଦ୍ର ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଖଳିସାହି ପିତଳ ମୂର୍ତ୍ତି କାରିଗରି ପାଇଁ ଓ କଣ୍ଟିଲୋ କଂସା ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିବାରୁ ଏହି ଧରଣର ଶିଳ୍ପ ପ୍ରତିଷ୍ଠା ହେଲେ ବେକାରି ଦୂରୀକରଣ ହେବା ସହ ରାଜ୍ୟର ଅର୍ଥନୈତିକ ବିକାଶ ହୋଇପାରିବ ବୋଲି ବିଭାଗୀୟ ଅଧିକାରୀମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ ପିତଳ ମୂର୍ତ୍ତି କାରିଗର ସାରଙ୍ଗଧର ମହାପାତ୍ରଙ୍କ ସମେତ ବହୁ କୁଶଳୀ କାରିଗର ଉପସ୍ଥିତ ଥିଲେ । ଶିଳ୍ପ ପ୍ରତିଷ୍ଠା ପାଇଁ ଜଣେ ଉଦ୍ୟୋଗୀ ହେବାକୁ ଅଧିକାରୀମାନେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ବାଲ୍ୟ ବିବାହ ବିରୋଧରେ ଶପଥପାଠ

### ନୂଆଗାଁରେ ଅନ୍ତର୍ଜାତୀୟ ମହିଳା ଦିବସ

**ନୂଆଗାଁ,୮।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲ୍ୟ ବିବାହ ବିରୋଧରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ବ୍ଲକ ସିଡିପିଓ ଶୁଭ୍ରକେଶୀ ମଳିକ, ଅଙ୍ଗନୱାଡି ସୁପରଭାଇଜରମାନଙ୍କ ସହ ବିଭିନ୍ନ ପଞ୍ଚାୟତ ବୁଲି ଅନୁଷ୍ଠିତ ବୈଠକରେ ଶପଥ ପାଠ କରାଇଥିଲେ। ପ୍ରତି ପଞ୍ଚାୟତରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଲୋକ ପ୍ରତିନିଧି ଓ ମହିଳାମାନଙ୍କୁ ନେଇ ଏହି ଦିବସ ପାଳିତ ହୋଇଛି। ଅତିଥିମାନେ ବାଲ୍ୟ ବିବାହ ବିରୋଧରେ ଟିପ୍ପଣୀ ଦେବା ସହ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଲୋକଙ୍କୁ ବୁଝାଇଥିଲେ। ସେହିପରି ନୂଆଗାଁଠାରେ ଥିବା ଆଦିବାସୀ ହରିଜନ ମଙ୍ଗଳ ସମିତି (ହାମସ୍) ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି।



ବାଲ୍ୟ ବିବାହ ବିରୋଧରେ ଶପଥ କରୁଛନ୍ତି।

## ନୀଳମାଧବ ଜୀଉଙ୍କ ଦୋଳ ଉତ୍ସବ

**ଖଣ୍ଡପଡ଼ା,୮।୩(ସ୍ୱ.ପ୍ର.)**

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଅନ୍ୟାନ୍ୟ ପର୍ବ ଭଳି ଦୋଳ ଓ ମେଣ୍ଢାଶାଳ ପୋଡି ଉତ୍ସବ ଅନ୍ୟତମ। ଫଗୁଦଶମୀଠାରୁ ଶ୍ରୀଜୀଉଙ୍କ ଦୋଳ ଉତ୍ସବ ଆରମ୍ଭ ହୋଇଥାଏ । ରବିବାର ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ସିଂହଦ୍ୱାରସ୍ଥିତ ଦୋଳବେଦୀକୁ ବିଜେ କରାଇ ପୂଜାର୍ଚ୍ଚନା ପରେ ଠାକୁରଙ୍କ ଫଗୁ ଖେଳ ନୀତି ସମ୍ପନ୍ନ ହୋଇଥିଲା। ପରେ ଦୋଳବେଦୀ ନିକଟରେ ଦେବୋତ୍ତର ବିଭାଗ ଦ୍ୱାରା ନିର୍ମିତ ଏକ ଚାଳ ଘରକୁ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ସମୟରେ ଶ୍ରୀଜୀଉଙ୍କୁ ପୋଡି ଯାଉଥିବା ଗୃହର ଚତୁଃପାର୍ଶ୍ୱରେ ୭ଥର ପରିକ୍ରମା କରାଯାଇଥିଲା। ପରେ ଠାକୁର ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଲୋକ କଥାନୁଯାୟୀ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଅତ୍ୟାଚାରୀ ମେଷାସୁର (ମେଣ୍ଢାସୁର)ର ମୁଖ ଗହ୍ୱର ମଧ୍ୟକୁ ପ୍ରବେଶ କରି ତାକୁ ବଧ କରିଥିଲେ। ଏହି ସମୟରେ ଶ୍ରୀକୃଷ୍ଣଙ୍କ ଅଙ୍ଗରେ ଲାଗିଥିବା ରକ୍ତ ଛିଟାକୁ ଭୂମିରେ ପଡିବାକୁ ନ ଦେଇ ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କ ଦେହରେ ଫଗୁ ବା ଅବିର ବୋଳିଥିଲେ। ମେଣ୍ଢାସୁର ବଧ ପରେ ଗୋପାଙ୍ଗନାମାନେ ଅସୁରର ଗୃହକୁ ପୋଡି ଦେଇଥିଲେ।

## ଭିତ୍ତିପ୍ରସ୍ତର ସ୍ଥାପନ

**ନୟାଗଡ଼ ଅଫିସ,୮।୩**

ନୟାଗଡ଼ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଉପଖଣ୍ଡ କାର୍ଯ୍ୟାଳୟ ପାଇଁ ନବୋଦୟ ବିଦ୍ୟାଳୟ ନିକଟରେ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ନୟାଗଡ ବିଧାୟକ ତଥା କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ ୧କୋଟି ୯ ଲକ୍ଷ ୮ ହଜାର ଟଙ୍କା ମଞ୍ଜୁର ହୋଇଛି। ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ରାଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଗୀରଥି ସାର୍‌ଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ

**ନୂଆଗାଁ,୮।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ସ୍ୱର୍ଗତ ଭାଗୀରଥି ସାହୁଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୯୬୪ ମସିହାରେ ନୂଆଗାଁ ହାଇସ୍କୁଲ ପ୍ରତିଷ୍ଠାରେ ଭାଗୀରଥି ସାହୁଙ୍କର ରହିଛି ପ୍ରମୁଖ ଭୂମିକା।



ପ୍ରତିମୂର୍ତ୍ତି ଅନାବରଣ କରୁଛନ୍ତି ଅତିଥି।

୧୯୬୪ରେ ସେ ଶିକ୍ଷକତା ଜୀବନ ଆରମ୍ଭ କରି ୧୯୯୧ରେ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ୨୦୧୮ରେ ୮୭ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ହାଇସ୍କୁଲର ପୁରାତନ ଛାତ୍ରସଂସଦ ଦ୍ୱାରା ଆୟୋଜିତ ଉତ୍ସବରେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୂଆଗାଁ ବ୍ଲକ ଚେୟାରମ୍ୟାନ ଅନ୍ତର୍ଯାମୀ ସ୍ୱାଇଁ, ନୂଆଗାଁ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍ମରଣିକା ଭାଗୀରଥି ଓ ତାଙ୍କ ରଚିତ କବିତା ପୁସ୍ତକ 'କଥାଟା ହେଲେ ହେଁ ବଢିଆ'ର ଶୁଭ ଉନ୍ମୋଚନ କରାଯାଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ଓ ନୂଆଗାଁ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଉତ୍ସବରେ ତତ୍କାଳୀନ ଶିକ୍ଷକମାନଙ୍କ ସମେତ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସ୍କୁଲର କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନୟାଗଡ଼ରେ ଅନ୍ତର୍ଜାତୀୟ ମହିଳା ଦିବସ

**ନୟାଗଡ ଅଫିସ,୮।୩**

ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତ ଇଟାମାଟିଠାରେ ଆଞ୍ଚଳିକ ମହିଳା ଉନ୍ନୟନ କମିଟି, ନୟାଗଡ଼ ଜିଲା ଆଇନସେବା ପ୍ରାଧିକରଣ ଓ ଢେଙ୍କଣା ପଲ୍ଲିବନ୍ଧୁ ଅନୁଷ୍ଠାନ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ହୋଇଯାଇଛି। ଆଞ୍ଚଳିକ ମହିଳା ଉନ୍ନୟନ କମିଟି ସଙ୍ଗଠିକା ଅମିତା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବରିଷ୍ଠ ଖବରଦାତା ପ୍ରଦୀପ୍ତ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଓ ପ୍ରଫେସର ବିଜୟ କୁମାର ଚୌଧୁରୀ, ପ୍ରଫେସର ରଙ୍ଗନାଥ ବେହେରା, ଆଜାଦ୍‌ହିନ୍ଦ୍ ଯୁବସଂସଦ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, ବରିଷ୍ଠ ନାଗରିକ ଉମେଶ ପଟ୍ଟନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା ରାଲି କୋର୍ଟ ପରିସରରୁ ବାହାରି ବଜାର ପରିକ୍ରମା କରିଥିଲା। ଏହାକୁ ସିଜେଏମ୍ ମାନସ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ସେହିପରି ଢେଙ୍କଣା ପଲ୍ଲିବନ୍ଧୁ ଅନୁଷ୍ଠାନରେ ସିଜେଏମ୍ ମାନସ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ପାଇଁ ଆଇନରେ ଥିବା ବିଧିବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଚିବ ରଞ୍ଜୁଲତା ଲେଙ୍କା, ସବ୍‌ଜଜ୍ ମୁସାରତ୍ ଜାହିନ୍ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପଲ୍ଲିବନ୍ଧୁ ସମ୍ପାଦକ ଗଣେଶ ଭାଇ ଧନ୍ୟବାଦ ଦେଇଥିଲେ।

## ନିର୍ମାଣ ଶ୍ରମିକ ସେବା ସପ୍ତାହ ସମାରୋହ

**ନୟାଗଡ଼ ଅଫିସ,୮।୩**

ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମରେ ରବିବାର ନିର୍ମାଣ ଶ୍ରମିକ ସେବା ସପ୍ତାହ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଓ ରଣପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସତ୍ୟ ନାରାୟଣ ପ୍ରଧାନ, ନୟାଗଡ଼ ବ୍ଲକ ଚେୟାରମ୍ୟାନ ଗୋଲାପ ଦଳବେହେରା, ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ ଦାଦନ ଶ୍ରମିକଙ୍କୁ ରୋକିବାକୁ ପଡିବ। ନିର୍ମାଣ ଶ୍ରମିକ ଯେପରି ସରକାରୀ ସୁବିଧାସୁଯୋଗ ପାଇପାରିବେ




ନିର୍ମାଣ ଶ୍ରମିକ ପରିବାରଙ୍କୁ ଚେକ୍ ବଣ୍ଟନ କରାଯାଉଛି।

ସେଥିପ୍ରତି ଦୃଷ୍ଟି ଦେବାକୁ ହେବ। ମହିଳା ଶ୍ରମିକଙ୍କ ପଞ୍ଜୀକରଣକୁ ଗୁରୁତ୍ୱ ଦିଆଯିବ। ମନ୍ତ୍ରୀ ସାହୁ କହିଥିଲେ, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ତେବେ ନିର୍ମାଣ ଶ୍ରମିକମାନେ ଯେପରି ସରକାରୀ ସୁବିଧାସୁଯୋଗରୁ ବଞ୍ଚିତ ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉ। ଏଥିରେ ୧୨୧୦ ହିତାଧିକାରୀଙ୍କୁ ସେମାନଙ୍କ ପିଲାଙ୍କ ଶିକ୍ଷା ସହାୟତା ବାବଦକୁ ୫୮ ଲକ୍ଷ ୪୯ ହଜାର, ବିବାହ ପାଇଁ ୭୫ ହିତାଧିକାରୀଙ୍କୁ ୨୦ ଲକ୍ଷ ୯୫ ହଜାର, ମୃତ୍ୟୁକାଳୀନ ବାବଦରେ ୨୧ ଜଣଙ୍କୁ ୩୬ ଲକ୍ଷ, ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୨୧ ଜଣଙ୍କୁ ୧ ଲକ୍ଷ ୫ହଜାର, ଜନ୍ମକାଳୀନ ୧୧ଜଣଙ୍କୁ ୧ ଲକ୍ଷ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି।